

୧୦। ଅକଳରେ ପଡ଼ିଲେ ଦିଦି

# ଓଡ଼ିଶା ଭାସ୍କର

ODISHA BHASKAR

ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar
GET IT ON Google Play | Download on the App Store




ବୁମରାଙ୍କୁ ୫ ୱିକେଟ ସଫଳତା। ୧୧

RNI Regd. No.ORI ORI 2004/12956 Postal Regd. No. BN/294/21-23 Published Simultaneously from Bhubaneswar, Angul & Berhampur. www.odishabhaskar.com

ଊନବିଂଶ ବର୍ଷ ସଂଖ୍ୟା-୦୨ Vol. 19 No-02 14 MARCH 2022 MONDAY BHUBANESWAR ସୋମବାର, ୧୪ ମାର୍ଚ୍ଚ ୨୦୨୨ ପୃଷ୍ଠା-୧୨ ମୂଲ୍ୟ:୭.୦୦

## ଓଡ଼ିଶା ଇତିହାସରେ ପ୍ରଥମ

# ବିଜେଡି ଦଖଲରେ ୩୦ ଜିଲ୍ଲା ପରିଷଦ

**ସ୍ୱଚ୍ଛ, ନିର୍ମଳ ଭାବମୂର୍ତ୍ତି ଥିବା ଉଚ୍ଚଶିକ୍ଷିତ ଯୁବବର୍ଗଙ୍କୁ ପ୍ରାଧାନ୍ୟ**

**ପରିଷଦ ଅଧ୍ୟକ୍ଷଙ୍କ ହାରାହାରି ବୟସ ୪୧**

**ସ୍ୱାଭିମାନ ଅଞ୍ଚଳର ମହିଳା ହେଲେ ଅଧ୍ୟକ୍ଷା**

**ମହିଳାଙ୍କ ହାତରେ ୭୦ ପ୍ରତିଶତ ଜିଲ୍ଲାପରିଷଦ ଦାୟିତ୍ୱ**



ଭୁବନେଶ୍ୱର, ୧୩।୩ (ଭାସ୍କର ନ୍ୟୁଜ୍) : ଓଡ଼ିଶା ଇତିହାସରେ ପ୍ରଥମ ଥରପାଇଁ ଏବଂ ବୋଧହୁଏ ସମଗ୍ର ଦେଶରେ କୌଣସି ଏକ ଆଞ୍ଚଳିକ ଦଳ ରାଜ୍ୟର ସମସ୍ତ ଜିଲ୍ଲାରେ ଜିଲ୍ଲାପରିଷଦ ଗଠନ କରିବାରେ ସଫଳ ହୋଇଛି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ବିଜୁ ଜନତାଦଳର ଏହା ଏକ ଐତିହାସିକ ବିଜୟ ଓ ଶକ୍ତିଶାଳୀ ଭୋଟରଙ୍କ ଅପାର ବିଶ୍ୱାସର ଫଳ ବୋଲି କୁହାଯାଉଛି । ଏକ ପ୍ରମୁଖ ନିଷ୍ପତ୍ତିକ୍ରମେ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ଶିକ୍ଷିତ ଯୁବକ ତଥା ଦଳର ଦକ୍ଷ କର୍ମୀଙ୍କୁ ଜିଲ୍ଲା ପରିଷଦର ସଭାପତି ଭାବେ ମନୋନୀତ କରିଛନ୍ତି । ସବୁଠାରୁ କନିଷ୍ଠ ଜିଲ୍ଲାପରିଷଦ ସଭାପତି ଭାବେ ମାତ୍ର ୨୩ ବର୍ଷ ବୟସ୍କା ସରସ୍ୱତୀ ମାଝୀ ମନୋନୀତ ହୋଇଛନ୍ତି । ବିଏସ୍‌ସିରେ ସ୍ନାତକ ହାସଲ କରିଥିବା ଏହି ଶିକ୍ଷିତା ଯୁବତୀ ରାୟଗଡ଼ା ଜିଲ୍ଲାର ବିକାଶ କାର୍ଯ୍ୟର ଦାୟିତ୍ୱ ନେବେ । ସେହିପରି ଦୁର୍ଗମ ଅଞ୍ଚଳ ଉପରେ ଗୁରୁତ୍ୱ ଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ମାଲକାନଗିରି ଜିଲ୍ଲାପରିଷଦ ସଭାପତି ଭାବେ ସ୍ୱାଭିମାନ ଅଞ୍ଚଳର ସମାରୀ ଟାଙ୍ଗୁଲୁଙ୍କୁ ମନୋନୀତ କରିଛନ୍ତି । ୨୬ବର୍ଷ ବୟସର ଏହି ଯୁବତୀ ଯୁକ୍ତଦୁଇ କଳା ପାସ୍ କରିଛନ୍ତି । ୩୦ଟି ଜିଲ୍ଲା ମଧ୍ୟରୁ ୧୫ଟିରେ ୪୦ବର୍ଷରୁ କମ୍ ବୟସର ଜିଲ୍ଲା ସଭାପତି ଆସନ ଅଳଙ୍କୃତ କରିଛନ୍ତି । ୨୩ଟିରେ ୫୦ ବର୍ଷରୁ କମ୍ ବୟସର ଜିଲ୍ଲା ସଭାପତି • ପୃଷ୍ଠା ୮ ଦେଖନ୍ତୁ

## ଜିଲ୍ଲା ପରିଷଦ ଅଧ୍ୟକ୍ଷ ପଦ

| ଜିଲ୍ଲା | ଅଧ୍ୟକ୍ଷଙ୍କ ନାମ | ଜିଲ୍ଲା | ଅଧ୍ୟକ୍ଷଙ୍କ ନାମ |
|---|---|---|---|
| ଅନୁଗୋଳ | ବବିତା ପ୍ରଧାନ | କଳାହାଣ୍ଡି | ପୁଷ୍ପେନ୍ଦ୍ର ସିଂହଦେଓ |
| ବାଲେଶ୍ୱର | ନାରାୟଣ ପ୍ରଧାନ | କେନ୍ଦୁଝର | ସାଗରୀକା ସାହୁ |
| ବଲାଙ୍ଗୀର | ଦେବକୀ ସାହୁ | କେନ୍ଦ୍ରାପଡ଼ା | ଗୀତାଞ୍ଜଳି ସେଠୀ |
| ବରଗଡ଼ | ମାନିନୀ ଭୋଇ | କୋରାପୁଟ | ସସ୍ମିତା ମେଲେକା |
| ଭଦ୍ରକ | ପ୍ରଫୁଲ୍ଲ ଜେନା | ଖୋର୍ଦ୍ଧା | ରୂପଶ୍ରୀ ଗୁମାନସିଂ |
| ବୌଦ୍ଧ | ପ୍ରଭାସିନୀ ଦାସ | ମାଲକାନଗିରି | ସମାରୀ ଟାଙ୍ଗୁଲୁ |
| କଟକ | କିଶୋର ମିଶ୍ର | ମୟୂରଭଞ୍ଜ | ଭାରତୀ ହାଁସଦା |
| ଦେବଗଡ଼ | କୌଶିକ ପ୍ରଧାନ | ନବରଙ୍ଗପୁର | ମୋତିରାମ ନାଏକ |
| ଢେଙ୍କାନାଳ | ଅର୍ଚ୍ଚନା ପୁହାଣ | ନୟାଗଡ଼ | ଦେବାଶିଷ ପଟ୍ଟନାୟକ |
| ଗଜପତି | ଜି.ତିରୁପତି ରାଓ | ନୂଆପଡ଼ା | ଡଲି ମାଝୀ |
| ଗଞ୍ଜାମ | ଅଞ୍ଜଳି ସ୍ୱାଇଁ | ପୁରୀ | ସ୍ୱପ୍ନାରାଣୀ ସ୍ୱାଇଁ |
| ଯାଜପୁର | ନଳିନୀପ୍ରଭା ଜେନା | ରାୟଗଡ଼ା | ସରସ୍ୱତୀ ମାଝୀ |
| ଜଗତସିଂହପୁର | ମନୋଜ ଭୋଇ | ସମ୍ବଲପୁର | କୁମୁଦିନୀ ନାଏକ |
| ଝାରସୁଗୁଡ଼ା | ତୁଳାବତୀ ମିଞ୍ଜ | ସୁନ୍ଦରଗଡ଼ | କୁନ୍ତୀ ପ୍ରଧାନ |
| କନ୍ଧମାଳ | ନନ୍ଦିନୀ ମଲ୍ଲିକ | ସୁବର୍ଣ୍ଣପୁର | ସୁପାର ଠେଲା |

## ପାଣିପାଗ ବିଭାଗର ସୂଚନା

# ୧୬ରୁ ଅସମ୍ଭାଳ ତାତି



ଭୁବନେଶ୍ୱର, ୧୩।୩ (ଭାସ୍କର ନ୍ୟୁଜ୍) : ରାଜ୍ୟରେ ଗତ କିଛିଦିନ ହେବ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଲାଗି ରହିଛି । ଯାହାଫଳରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି । ସକାଳ ୮ଟାରୁ ଖରାର ପ୍ରାଦୁର୍ଭାବ ଅନୁଭୂତ ହେଉଛି । ଏପରିକି ଦିନ ୧୨ଟା ପରେ ଘରୁ ବାହାରିବା ଅସମ୍ଭବ ହୋଇପଡୁଛି । ଦୋକାନ ବଜାର ବନ୍ଦ ରହୁଛି । ରାସ୍ତାଘାଟ ମଧ୍ୟ ଖାଁ ଖାଁ ଲାଗୁଛି । ଏପରି ସ୍ଥିତିରେ ଦୁଇଦିନ ପରେ ଅର୍ଥାତ୍ ୧୬ ଓ ୧୭ ତାରିଖରେ ଅସମ୍ଭାଳ ତାତି ଅନୁଭୂତ ହେବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି । ଏହି କାରଣରୁ ରାଜ୍ୟରେ ୟେଲୋ ୱାର୍ଣ୍ଣିଂ ଏହି ଦୁଇଦିନ ପାଇଁ ଜାରି କରାଯାଇଛି । ଏହି ସମୟରେ ତାପମାତ୍ରା ୩ରୁ ୪ ଡିଗ୍ରୀ ବୃଦ୍ଧି ଘଟିବାର ସମ୍ଭାବନା ରହିଛି । ପଶ୍ଚିମ- ଉତ୍ତରପଶ୍ଚିମ ଦିଗରୁ ଶୁଷ୍କ ଉତ୍ତପ୍ତ ବାୟୁ ବହୁଥିବାରୁ ଏହାର ପ୍ରଭାବରେ ତାତି ବଢ଼ିବ ବୋଲି କୁହାଯାଇଛି । ଏ ନେଇ ସତର୍କ ରହିବାକୁ ପାଣିପାଗ ବିଭାଗ ପକ୍ଷରୁ ପରାମର୍ଶ ମଧ୍ୟ ଦିଆଯାଇଛି । ଅନ୍ୟପକ୍ଷରେ ସମ୍ଭାବ୍ୟ ତାତି ଓ ଅଂଶୁଘାତକୁ ଆଖିଆଗରେ ରଖି ରାଜ୍ୟ ସରକାରଙ୍କ ପକ୍ଷରୁ ବିଭିନ୍ନ ହସ୍ପିଟାଲରେ ବ୍ୟାପକ ବ୍ୟବସ୍ଥା କରାଯାଇଛି । ଏପରିକି ବିଭିନ୍ନ ସ୍ଥାନରେ ଜଳଛତ୍ର ଖୋଲିବା ପାଇଁ ପରାମର୍ଶ ଦିଆଯାଇଛି । ସେହିପରି ଘରୁ ବାହାରିବା ସମୟରେ ଓଦା ଗାମୁଛା ସହ ପାଣି ବୋତଲ ଓ ଛତା ନେବାକୁ କୁହାଯାଇଛି ।

**ଦୁଇଦିନ ପାଇଁ ୟେଲୋ ୱାର୍ଣ୍ଣିଂ ଜାରି**

## ସଂକ୍ଷେପରେ

### ଗୋଟିଏ ଦିନରେ ୮୧ଜଣଙ୍କୁ ଫାଶୀ

ନୂଆଦିଲ୍ଲୀ, ୧୩।୩: ଦୁଷ୍କର୍ମ, ହତ୍ୟା, ଧାର୍ମିକସ୍ଥଳରେ ହମଲା, ଆତଙ୍କବାଦୀଙ୍କ ସହ ସମ୍ବନ୍ଧ ପରି ଅନେକ ସଙ୍ଗୀନ ଅପରାଧରେ ଜଡ଼ିତ ୮୧ ଜଣଙ୍କୁ ଗୋଟିଏ ଦିନରେ ଫାଶୀ ଦିଆଯାଇଛି ବୋଲି ସାଉଦି ଆରବ ସରକାର ଘୋଷଣା କରିଛନ୍ତି । ଫାଶୀ ପାଇଥିବା ଲୋକଙ୍କ ମଧ୍ୟରେ ଅଧିକାଂଶ ଆତଙ୍କବାଦ ସହ ସମ୍ପୃକ୍ତ ଥିଲେ। ଅଲକାଏଦା ଓ ଇସଲାମିକ ଷ୍ଟେଟ ସହ ଏମାନଙ୍କର ସମ୍ପର୍କ ଥିଲା। ଆଉ କିଛି ହତ୍ୟା ତଥା ଦୁଷ୍କର୍ମ ପରି ଘଟଣାରେ ସଂପୃକ୍ତ ଥିଲେ ବୋଲି ସାଉଦି ପ୍ରେସ ଏଜେନ୍ସିରେ ପ୍ରକାଶ ପାଇଛି। ଫାଶୀ ପାଇଥିବା ଲୋକଙ୍କ ମଧ୍ୟରେ କିଛି ବିଦେଶୀ ମଧ୍ୟ ସାମିଲ୍ ଅଛନ୍ତି। ଏଥିରୁ ଅଧିକାଂଶ ୟେମନର ନାଗରିକ ଥିବାବେଳେ କିଛି ହୁତି ବିଦ୍ରୋହୀ ମଧ୍ୟ •ପୃଷ୍ଠା ୮ ଦେଖନ୍ତୁ

### ଏୟାର ଏସିଆର ଜରୁରି ଅବତରଣ ଜଣେ ଯାତ୍ରୀଙ୍କ ମୃତ୍ୟୁ

ଭୁବନେଶ୍ୱର, ୧୩।୩ (ଭାସ୍କର ନ୍ୟୁଜ୍): ରବିବାର ସକାଳେ ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ଏୟାର ଏସିଆର ଏକ ବିମାନ ଜରୁରି ଅବତରଣ କରିଥିଲା। କୋଲକାତାର ଜଣେ ଯାତ୍ରୀଙ୍କ ସ୍ୱାସ୍ଥ୍ୟବସ୍ଥା ଗୁରୁତର ହୋଇପଡ଼ିବାରୁ ବିମାନଟି ଜରୁରି ଅବତରଣ କରିଥିଲା। ତେବେ ଗୁରୁତର ଯାତ୍ରୀ ଜଣଙ୍କୁ ତୁରନ୍ତ ଚିକିତ୍ସା ପାଇଁ କ୍ୟାପିଟାଲ ହସ୍ପିଟାଲକୁ ପଠାଯାଇଥିଲା। ହେଲେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିବା ଡାକ୍ତର କହିଛନ୍ତି। ମୃତ ଯାତ୍ରୀଙ୍କ ନାମ ହବିବୁଲ୍ ଖାନ୍ ବୋଲି ଜଣାପଡିଛି।

**ସେନ୍‌ସେକ୍ସ: ୫୫,୫୫୦.୩୦**
**ତାପମାତ୍ରା: ଭୁବନେଶ୍ୱର**
**ସର୍ବାଧିକ: ୩୬ ଡିଗ୍ରୀ**
**ସର୍ବନିମ୍ନ: ୨୧ ଡିଗ୍ରୀ**

**୧୩।୩ ର ମତାମତ**

ଲୋକଙ୍କ ସହ ବିଶ୍ୱାସଘାତ କରୁଥିବା ବିଧାୟକଙ୍କୁ ଜେଲ ପଠାଇବା ଉଚିତ୍ ନୁହେଁ କି ?




**ଆଜିର ପ୍ରସଙ୍ଗ**

କଂଗ୍ରେସର ବିପର୍ଯ୍ୟୟ ସମୟରେ ଦଳର ଅଧ୍ୟକ୍ଷା ପଦରେ ସୋନିଆଙ୍କୁ ପୁଣିଥରେ ମନୋନୀତ କରାଯିବା ଉଚିତ୍ କି ?

ମତାମତ ଦେବା ପାଇଁ ଲଗ୍‌ଅନ୍ କରନ୍ତୁ
www.odishabhaskar.com

## କଂଗ୍ରେସ କାର୍ଯ୍ୟକାରିଣୀ ବୈଠକ

# ଅଧ୍ୟକ୍ଷା ରହିବେ ସୋନିଆ



ନୂଆଦିଲ୍ଲୀ, ୧୩।୩ : ନିକଟରେ ସମାପ୍ତ ହୋଇଥିବା ୫ ରାଜ୍ୟ ବିଧାନସଭା ନିର୍ବାଚନରେ କଂଗ୍ରେସ ଲଜ୍ଜାଜନକ ପରାଜୟ ବରଣ କରିଛି । ଉତ୍ତରପ୍ରଦେଶ, ଗୋଆ, ଉତ୍ତରାଖଣ୍ଡ, ମଣିପୁରରେ ବିଜେପି ସରକାର ଗଠନ କରିବାକୁ ଯାଉଥିବାବେଳେ ପଞ୍ଜାବରେ ପୂର୍ବରୁ ଥିବା କଂଗ୍ରେସ ସରକାରକୁ ହଟାଇ ଆମ୍ ଆଦ୍‌ମୀ ପାର୍ଟି ସରକାର ଗଠନ କରିବାକୁ ଯାଉଛି। ଏଭଳି ସ୍ଥିତିରେ କାହିଁକି କଂଗ୍ରେସର ବିପର୍ଯ୍ୟୟ ଘଟିଲା ସେ ନେଇ ରବିବାର କଂଗ୍ରେସ କାର୍ଯ୍ୟକାରିଣୀ ବୈଠକରେ ଘମାଘୋଟ ଆଲୋଚନା ହୋଇଥିଲା। କଂଗ୍ରେସର ଅନ୍ତରୀଣ ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଦଳର ବହୁ ବରିଷ୍ଠ ନେତାଙ୍କ ସମେତ ରାହୁଲ ଗାନ୍ଧୀ ଓ ପ୍ରିୟଙ୍କା ଗାନ୍ଧୀ ମଧ୍ୟ ଉପସ୍ଥିତ ଥିଲେ। ଯଦି ଦାୟିତ୍ୱରୁ ସୋନିଆ ଓ ୟୁପି ଦାୟିତ୍ୱରେ ଥିବା ପ୍ରିୟଙ୍କା ଇସ୍ତଫା ଦିଅନ୍ତି ତେବେ ଦଳ କାହାକୁ ଦାୟିତ୍ୱ ଦେବ ସେ ନେଇ ମଧ୍ୟ ବିଶଦ ଆଲୋଚନା କରାଯାଇଥିଲା। ବୈଠକରେ ରାହୁଲଙ୍କୁ ନେତୃତ୍ୱ ଦେବାପାଇଁ ଅଧିକାଂଶ ନେତା ଦାବି ଉପସ୍ଥାପନ କରିଥିଲେ। ତେବେ ସୋନିଆ ବର୍ତ୍ତମାନ ପାଇଁ ଅଧ୍ୟକ୍ଷା ପଦବୀରେ ରହିବେ ବୋଲି ସର୍ବସମ୍ମତ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା । କଂଗ୍ରେସର ବରିଷ୍ଠ ନେତା ତଥା ରାଜସ୍ଥାନର ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ୍ କହିଥିଲେ ଯେ ରାହୁଲଙ୍କୁ ନେତୃତ୍ୱ ଦେଲେ ଦଳ ଆଗାମୀ ଦିନରେ ଉତ୍ତମ ପ୍ରଦର୍ଶନ କରିପାରିବ । ଏହି ଅବସରରେ ସେ ବିଜେପିକୁ ଟାର୍ଗେଟ କରିଥିଲେ । କହିଥିଲେ ଯେ ନିର୍ବାଚନରେ ବିଜୟ ପରାଜୟ ଲାଗି ରହିଥାଏ । ସମୟ ଥିଲା ଦେଶରେ ୫୪୨ ଆସନରୁ ବିଜେପି ମାତ୍ର ଦୁଇଟି ପାଇବାକୁ ସକ୍ଷମ ହୋଇଥିଲା । ବିଜେପି ଧର୍ମର ଦୁହାଇ ଦେଇ ଭୋଟ ହାତେଇବାକୁ ଉଦ୍ୟମ କରୁଥିବାବେଳେ ଜନସାଧାରଣ ମଧ୍ୟ ସେଥିରେ ଭଳି ଯାଉଛନ୍ତି । ଆଜି ନ ହେଲେ ବି କାଲି ଜନସାଧାରଣ ସେ ନେଇ ବୁଝିପାରିବେ ବୋଲି କହିଥିଲେ । • ପୃଷ୍ଠା ୮ ଦେଖନ୍ତୁ

**ବିପର୍ଯ୍ୟୟ ନେଇ ମାନସମନ୍ଥନ**

# ୟୁକ୍ରେନ୍‌ର ଏୟାରବେସ୍, ମିଲିଟାରୀ ଟ୍ରେନିଂ କ୍ୟାମ୍ପ ଧ୍ୱଂସ

- ଲିଭିଭ୍‌ରେ ମିସାଇଲ ମାଡ଼, ୩୫ ମୃତ
- କିଭ୍ ନିକଟବର୍ତ୍ତୀ ରୁଷ ସେନା
- ଭାରତୀୟ ଦୂତାବାସ ପୋଲାଣ୍ଡ ସ୍ଥାନାନ୍ତର




କିଭ୍ ୧୩।୩ : ରଷିଆ ଓ ୟୁକ୍ରେନ ମଧ୍ୟରେ ଲାଗିଥିବା ଯୁଦ୍ଧ ଭୟଙ୍କର ରୂପ ଧାରଣ କରିଛି । ୟୁକ୍ରେନର ରାଜଧାନୀ 'କିଭ୍'କୁ ଦଖଲ କରିବା ପାଇଁ ଋଷସେନା ଆପ୍ରାଣ ଉଦ୍ୟମ ଜାରି ରଖିଛନ୍ତି । ଋଷସେନା କିଭ୍‌ର ଯେତିକି ନିକଟତର ହେଉଛନ୍ତି, ଆକ୍ରମଣ ସେହି ଅନୁସାରେ ଜୋରଦାର ହେଉଛି । ହଜାର ହଜାର ଲୋକ ଜୀବନ ବିକଳରେ ବିଭିନ୍ନ ସୁରକ୍ଷିତ ସ୍ଥାନରେ ଆଶ୍ରୟ ନେଉଛନ୍ତି । ଶନିବାର ଋଷସେନା ମାରିୟୁପୋଲର ପୂର୍ବାଞ୍ଚଳକୁ ଅକ୍ତିଆର କରିନେଇଥିବା ବେଳେ ଏବେ ପୁରା ସହରକୁ ନିଜ ଦଖଲକୁ ନେବାପାଇଁ ପ୍ରୟାସ ଚଲାଇଛନ୍ତି । ଯୁଦ୍ଧ ଲାଗି ରହିଥିବାରୁ ସ୍ଥାନୀୟ ଅଧିବାସୀ ପାଣି, ଖାଦ୍ୟ ଓ ବିଦ୍ୟୁତ ବିନା ବହୁ ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି । ମାରିୟୁପୋଲକୁ ଦଖଲ କରିବା ଋଷ ପାଇଁ ଜରୁରି ଥିବାରୁ ଏବେ ସେଠାରେ ଘନ ଘନ ଆକ୍ରମଣ ଜାରି ରହିଛି । ଅନ୍ୟପକ୍ଷରେ ଖାରକିଭ୍, ଚେର୍ଣ୍ଣିହିବ ଓ ସୁମି ଇତ୍ୟାଦି ସହରକୁ ଋଷସେନା ଘେରାବନ୍ଦୀ କରି ରଖିଛନ୍ତି । ପ୍ରାୟ ୨୫ଲକ୍ଷ ଲୋକ ବର୍ତ୍ତମାନ ସୁଦ୍ଧା ୟୁକ୍ରେନ ଛାଡ଼ିଥିବା ଜାତିସଂଘ ପକ୍ଷରୁ ସୂଚନା ଦିଆଯାଇଛି । ସେପଟେ ଜର୍ମାନ ଚ୍ୟାନସେଲର ଓ ଫ୍ରାନ୍ସ ରାଷ୍ଟ୍ରପତିଙ୍କ ସହ ୟୁକ୍ରେନ ରାଷ୍ଟ୍ରପତି ଜେଲେନସ୍କି ଆଲୋଚନା କରିଛନ୍ତି । ୟୁକ୍ରେନବାସୀଙ୍କ ଉପରେ ବର୍ବର ଆକ୍ରମଣକୁ ରୁଷିଆ ତୁରନ୍ତ ବନ୍ଦ କରିବା ଉଚିତ ବୋଲି ସେମାନେ ଦାବି ଦୋହରାଇଛନ୍ତି । ଆଲୋଚନା ପରେ ଫ୍ରାନ୍ସ ରାଷ୍ଟ୍ରପତି କହିଛନ୍ତି ଯେ, ଋଷ ନିଜ ଜିଦ୍‌ରେ ଅଟଳ ରହିଥିବାରୁ ଯୁଦ୍ଧରୁ ଓହରିବା ସମ୍ଭାବନା ନାହିଁ । ତେବେ ଋଷସେନା ହାତରେ ବନ୍ଦୀ ଥିବା ମାରିୟୁପୋଲ ମେୟରଙ୍କୁ ତୁରନ୍ତ ମୁକ୍ତି ପାଇଁ ଏହି ଦୁଇ ନେତାଙ୍କୁ ଅନୁରୋଧ କରିଛନ୍ତି ଜେଲେନସ୍କି । ଅନ୍ୟପଟେ ଜର୍ମାନ ଚ୍ୟାନସେଲର ଓ ଫ୍ରାନ୍ସ ରାଷ୍ଟ୍ରପତି ଋଷ ରାଷ୍ଟ୍ରପତି ପୁଟିନଙ୍କ ସହ ମଧ୍ୟ ଆଲୋଚନା କରିଛନ୍ତି । ଅନ୍ୟପକ୍ଷରେ ଋଷର ରକେଟ ମାଡରେ ୟୁକ୍ରେନର ଏକ ଏୟାରବେସ ସଂପୂର୍ଣ୍ଣ ଧ୍ୱଂସ ପାଇଯାଇଛି । ସେଠାରେ ବିସ୍ଫୋରଣ ହେବା ସହ ଭୟଙ୍କର ଅଗ୍ନିକାଣ୍ଡ ଘଟିଛି । ସେହିପରି ଏକ ମିଲିଟାରୀ ଟ୍ରେନିଂ ବେସ ଉପରେ ମଧ ଋଷ ପକ୍ଷରୁ ୮ଟି ମିସାଇଲ ମାଡ କରାଯାଇଛି । ତେବେ ଉଭୟ ପ୍ରତିଷ୍ଠାନ ସଂପୂର୍ଣ୍ଣ ଧ୍ୱଂସ ପାଇଯାଇଥିବା ସୂଚନା ମିଳିଛି । ଏ ସବୁ ଭିତରେ ୟୁକ୍ରେନ ସେନା ମଧ୍ୟ ଋଷସେନାକୁ କଡା ଜବାବ ଦେଉଛନ୍ତି । ରାଜଧାନୀ କିଭ୍‌କୁ ଋଷସେନାକୁ ପୁରେନଦେବା ପାଇଁ ୟୁକ୍ରେନ ସେନା ଜୋରଦାର ଉଦ୍ୟମ ଚଳାଇଛନ୍ତି । ରୁଷ ସେନା କିଭ୍ ଦଖଲ ପାଇଁ ଉଦ୍ୟମ କରୁଥିବାବେଳେ ୟୁକ୍ରେନର ବିଭିନ୍ନ ସ୍ଥାନରେ ଘନଘନ ବୋମା ଓ ମିସାଇଲ ମାଡ଼ ଚଳାଇଛି । ୟୁକ୍ରେନର ଲିଭିଭ୍‌ରେ ୩୦ରୁ ଅଧିକ ମିସାଇଲ ମାଡ଼ ଫଳରେ ପ୍ରାୟ ୩୫ରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି । ୟୁକ୍ରେନ ସଂକଟ ଦିନକୁ ଦିନ ଘନୀଭୂତ ହେଉଥିବାରୁ ଭାରତ ସେଠାରେ • ପୃଷ୍ଠା ୮ ଦେଖନ୍ତୁ

## ତୀର୍ଯ୍ୟକ

ଅର୍ଚ୍ଚିତ ଅନିର୍ବାଣ



ଖରା ତାତି ପରି ତାତି ଉଠିଲାଣି
ପୌର ନିର୍ବାଚନ ଏବେଠୁଁ,
ସହରେ, ବଜାରେ, ଗଳିରେ, କନ୍ଦିରେ
ନେତା ବୁଲିଲେଣି କେବେଠୁଁ ।
ପଞ୍ଚାୟତ ଫଳ ଯେବେଠୁଁ,
ଘୋଷଣା ସରିଛି କିଏ ସେ ଆସିବ
ଭୋଟର ଭାବିଛି ସେବେଠୁଁ !

## ଧରାପଡିଲେ ପୋଲିସ ବାବୁ

# ଖାକି ଆଳରେ ସାଜିଥିଲେ ଗଞ୍ଜେଇ ମାଫିଆ



ଏଏସ୍‌ଆଇ ଜୟଦାଶ ଖରା

ମାଲକାନଗିରି ୧୩।୩ (ଭାସ୍କର ନ୍ୟୁଜ୍) : ଆଶ୍ଚର୍ଯ୍ୟ ହେଲେ ବି ସତ। ପୁଲିସ ବାବୁ କରୁଥିଲେ ଚୋରାରେ ଗଞ୍ଜେଇ ବେପାର। ଖାକି ପୋଷାକ ଆଳରେ ସାଜିଥିଲେ ଗଞ୍ଜେଇ ମାଫିଆ। ଗଞ୍ଜେଇର ଚୋରାଚାଲାଣ ପାଇଁ ଗଢିଥିଲେ ଏକ ଗ୍ୟାଙ୍ଗ। ଏହି ଗ୍ୟାଙ୍ଗ ବିଭିନ୍ନ ସ୍ଥାନରୁ ଗଞ୍ଜେଇ ସଂଗ୍ରହ କରିବା ସହ ରାଜ୍ୟ ବାହାରକୁ ପଠାଉଥିଲେ। ଏହି ଚୋରାଚାଲାଣର ମାଷ୍ଟରମାଇଣ୍ଡ ଥିଲେ ଜଣେ ପୋଲିସ ବାବୁ। ଧରାପଡିବା ପରେ ଖୋଲିଯାଇଛି ତାଙ୍କର ଅସଲ ଗୁମର। ମାଲକାନଗିରି ଜିଲ୍ଲା ମାଥିଲି ଥାନା କର୍ତ୍ତନପାଲ୍ଲୀ ଫାଣ୍ଡିର ଏଏସ୍‌ଆଇ ଜୟଦାଶ ଖରା ଏହି ବେପାରର ମୁଖ୍ୟ ଥିଲେ। ଦୀର୍ଘଦିନ ହେବ ତାଙ୍କ ଉପରେ ନଜର ରଖିଥିଲା ପୋଲିସ। ଶେଷରେ ତାଙ୍କୁ ଗିରଫ କରାଯାଇ ଏହି ଚୋରାଚାଲାଣର ତଥ୍ୟ ସଂଗ୍ରହ କରାଯାଇଛି। ଶ୍ରୀ ଖରାଙ୍କ ବ୍ୟତୀତ ଆଉ ୩ଜଣଙ୍କୁ ବି ପୋଲିସ ଗିରଫ କରିବା ସହ ସେମାନଙ୍କ ଠାରୁ ଜବତ କରିଛି ୪୨୦କେଜି ଗଞ୍ଜେଇ। ସେ ଅଞ୍ଚଳର ଗଞ୍ଜେଇ ବେପାରୀଙ୍କ ସହ ପୋଲିସ ବାବୁ ଖରା ମିଶିଯାଇ ବେପାର କରୁଥିଲେ। ତେବେ ଗୁଇନ୍ଦା ସୂଚନା ମିଳିବା ପରେ ଜିଲ୍ଲାର ଦୁଇ ଏସ୍‌ଡିପିଓ ଶୁଭେନ୍ଦୁ ପାତ୍ର ଓ ଅଂଶୁମାନ ଦ୍ୱିବେଦୀଙ୍କ ନେତୃତ୍ୱରେ ଏକ ସ୍କ୍ୱାଡ ଗଠନ କରାଯାଇ ତୀକ୍ଷ୍ଣନଜର ରଖାଯାଇଥିଲା। ଏପରିକି ଖରାଙ୍କ ୩ ସହଯୋଗୀ ଜିଲ୍ଲାର ଏକ ସ୍ଥାନରେ ଗଞ୍ଜେଇ ଗୁପ୍ତ ଭାବରେ ରଖିଥିବାର ଖବର ମିଳିବା ପରେ ଚଢଉ ଆରମ୍ଭ ହୋଇଥିଲା। ଏତେ ପରିମାଣର ଗଞ୍ଜେଇକୁ ଏଏସଆଇ ଶ୍ରୀ ଖରା ଛତିଶଗଡ ବାଟ ଦେଇ ଚୋରାଚାଲାଣ କରିବା ନିମନ୍ତେ ଗାଡି ଖୋଜୁଥିବା ବେଳେ ସ୍କ୍ୱାଡ ହାତରେ ଧରାପଡିଥିଲେ ୪ଜଣ। ସେମାନଙ୍କ ଭିତରେ ଖରାବି ସାମିଲ ଥିଲେ। ପଚରାଉଚରା ବେଳେ ଖରା ସବୁ ସତ କଥା ମାନିଯାଇଥିଲେ। ତାଙ୍କଠାରୁ ଗୋଟିଏ ଲ୍ୟାପଟପ, ଦୁଇଟି ବାଇକ, ଗୋଟିଏ କାର, ମୋବାଇଲ ଓ ନଗର ୧୦ହଜାର ଟଙ୍କା ଜବତ କରାଯାଇଛି। ଏହି ଗ୍ୟାଙ୍ଗ କିଭଳି କେଉଁ ଉପାୟରେ ଚୋରାଚାଲାଣ କରୁଥିଲା ସେ ନେଇ ତଦନ୍ତ ଆରମ୍ଭ ହୋଇଛି। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଆଲୋଡନ ସୃଷ୍ଟି କରିଛି।

## ୨୦ଘଣ୍ଟା ପରେ ବି ଲିଭୁନି ନିଆଁ

# ମୁଖ୍ୟମନ୍ତ୍ରୀଙ୍କ ତଦନ୍ତ ନିର୍ଦ୍ଦେଶ

କୋଲକାତା ୧୩।୩ : ଶନିବାର ରାତିରୁ କୋଲକାତା ଟାଙ୍ଗରା ଅଞ୍ଚଳରେ ଥିବା ଏକ ଚମଡା ଗୋଦାମରେ ଲାଗିଥିବା ନିଆଁ ଇତିମଧ୍ୟରେ ୨୦ଘଣ୍ଟା ବିତିଯାଇଥିଲେ ମଧ୍ୟ ଲିଭିବାର ନାଁ ଧରୁନାହିଁ। ଶନିବାର ରାତିରୁ ୧୫ଟି ଦମକଳ ନିୟୋଜିତ ହୋଇଥିଲେ ମଧ୍ୟ ନିଆଁକୁ ଏ ପର୍ଯ୍ୟନ୍ତ ଆୟତ୍ତ କରାଯାଇପାରିନାହିଁ। ଶନିବାର ସନ୍ଧ୍ୟା ସାଢେ ୬ଟାରେ ଟାଙ୍ଗରା ମେହେର ଅଲ୍ଲୀ ରୋଡରେ ଥିବା ଏକ ଚମଡା ଗୋଦାମରେ ଅଚାନକ ନିଆଁ ଲାଗିବା ଫଳରେ ଏହା ଆଖପାଖକୁ ତୀବ୍ର ବେଗରେ ବ୍ୟାପୀଯାଇଥିଲା। ଫଳରେ ସେଠାରେ ଭୟଙ୍କର ପରିସ୍ଥିତି ସୃଷ୍ଟି ହୋଇଥିଲା। ନିଆଁ ଉଗ୍ରରୂପ ଧାରଣ କରି ମାଡି ଚାଲିଥିବା ବେଳେ ୧୫ଟି ଦମକଳବାହିନୀ ନିଆଁକୁ ଆୟତ୍ତ କରିବା ପାଇଁ ପ୍ରୟାସ ଆରମ୍ଭ କରିଥିଲେ। ନିଆଁଲିଭା କାର୍ଯ୍ୟରେ ନିୟୋଜିତ ଥିବା ୨ ଅଗ୍ନିଶମ କର୍ମଚାରୀ ଆହତ ହେବାପରେ ସେମାନଙ୍କୁ ହସ୍ପିଟାଲରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି। ଖବର ଲେଖା ହେବା ପର୍ଯ୍ୟନ୍ତ ଘଟଣାସ୍ଥଳରେ ନିଆଁଲିଭା କାର୍ଯ୍ୟ ଜାରି ରହିଛି। ଅଗ୍ନିକାଣ୍ଡ ପରେ ପରେ ସ୍ଥାନୀୟ ଲୋକଙ୍କୁ ସୁରକ୍ଷିତ ଭାବେ ସ୍ଥାନାନ୍ତର କରାଯାଇଥିବାରୁ ଜୀବନ ହାନୀ ଘଟିନଥିବା ସୂଚନା ମିଳିଛି। ଅଗ୍ନିକାଣ୍ଡରେ ଗୋଦାମଟି ସଂପୂର୍ଣ୍ଣ ଜଳିଯାଇଥିବା ବେଳେ କୋଟି କୋଟି ଟଙ୍କାର ସାମଗ୍ରୀ ନଷ୍ଟ ହୋଇଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଅନ୍ୟପକ୍ଷରେ ଅଗ୍ନିକାଣ୍ଡର କାରଣ ସ୍ପଷ୍ଟ ହୋଇନଥିବା ବେଳେ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରି ତଦନ୍ତ କରିବା ନିମନ୍ତେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ନିର୍ଦ୍ଦେଶ ଦେଇଛନ୍ତି। ଅଗ୍ନିକାଣ୍ଡର କାରଣ ସ୍ପଷ୍ଟ ହୋଇନଥିବାବେଳେ ହଠାତ୍ କିଭଳି ଗୋଦାମରେ ନିଆଁ ଲାଗିଲା ତାକୁ ନେଇ ବିଭିନ୍ନ ମହଲରେ ବିଭିନ୍ନ ଚର୍ଚ୍ଚା ମଧ୍ୟ ଲାଗି ରହିଛି । ତେବେ ତଦନ୍ତ ପରେ ସବୁକିଛି ସ୍ପଷ୍ଟ ହେବ ବୋଲି କୁହାଯାଉଛି ।



କାକଟପୁର (ଭାସ୍କର ନ୍ୟୁଜ):ନିକଟସ୍ଥ ନୟାହାଟ ବଜାର ସ୍ଥିତ ମଞ୍ଚ ଗୃହରେ ମଧୁସୂଦନ ବରିଷ୍ଠ ନାଗରିକ ମଞ୍ଚର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ସ୍ଥାୟୀ ସଭାପତିଙ୍କ ଅନୁପସ୍ଥିତିରେ ବରିଷ୍ଠ ସଭ୍ୟ ତଥା ବରୁଣେଇଁ ଉଚ୍ଚ ବିଦ୍ୟାଳୟ ପାଟପୁରର ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ଭ୍ରମର ବର ଓଝା ବୈଠକରେ ସଭାପତିତ୍ୱ କରିଥିଲେ । ବୈଠକ ପ୍ରାରମ୍ଭ ରେ ସମ୍ପାଦକ କୈଳାଶ ଚନ୍ଦ୍ର ଦାଶ ସମସ୍ତ ସଭ୍ୟମାନଙ୍କୁ ସ୍ୱାଗତ କରିବା ସହିତ ବୈଠକର ଆଭିମୁଖ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ଯୁଗ୍ମ ସମ୍ପାଦକ କୃଷ୍ଣ ଚନ୍ଦ୍ର ବାରିକ ନୂତନ ଭାବେ (୭୦) ଜଣ ସଭ୍ୟ ନାଗରିକ ମଞ୍ଚରେ ଯୋଗଦେଇଥିବା ପ୍ରକାଶ କରିଥିଲେ । ଆଗାମୀ ଦିନରେ ଦୁସ୍ଥ, ପୀଡିତ ଓ ଅସହାୟ ବ୍ୟକ୍ତିମାନଙ୍କୁ ସାହାଯ୍ୟ ସହଯୋଗ କରିବା ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା । ସଭ୍ୟ ଜୟରାମ ମଲ୍ଲିକ ଡାକ ବିଭାଗରୁ ଦୀର୍ଘ ଦିନ ଧରି ଅବସର ନେଇଥିଲେ ସୁଦ୍ଧା ଏପର୍ଯ୍ୟନ୍ତ ତାଙ୍କର ପେନସନ ଓ ସରକାରୀ ସୁବିଧା ସୁଯୋଗ ମିଳିନଥିବା ବିଷୟ ସେ ବୈଠକରେ ପ୍ରକାଶ କରିଥିଲେ ।



### ଶିକ୍ଷା ବିଭାଗର ନିୟମକୁ ବଦଳାଇଲେ ପ୍ରଧାନ ଶିକ୍ଷକ

# ଦିନ ୧୧ଟା ସମୟରେ ତାଲା ପକାଇ ଶିକ୍ଷକ ଛୁ'

ରାଜନଗର (ଭାସ୍କର ନ୍ୟୁଜ୍): ମହାମାରୀ କରୋନା ସମୟରେ ବିଦ୍ୟାଳୟଗୁଡିକରେ ପାଠପଢା ବନ୍ଦ ଥିଲା । ଛାତ୍ରଛାତ୍ରୀଙ୍କ ପାଠପଢା ଠପ୍ ହୋଇଯାଇଥିଲା । ବହୁତ ଦିନ ପରେ ଫେବୃଆରୀ ୨୮ତାରିଖ ଦିନ ବିଦ୍ୟାଳୟ ଖୋଲିବା ଗଣଶିକ୍ଷା ବିଭାଗ ପକ୍ଷରୁ ନିର୍ଦ୍ଦେଶ ଜାରି କରାଗଲା । ଶିକ୍ଷକ ଶିକ୍ଷୟିତ୍ରୀମାନେ ଦିନ ୧୦ଟାରେ ବିଦ୍ୟାଳୟ ଖୋଲିବା ସହ ମଧ୍ୟାହ୍ନ ୧ଟା ଯାଏ ପାଠ ପଢାଇବେ । ଛାତ୍ରଛାତ୍ରୀମାନେ ଏହି ସମୟରେ ବିଦ୍ୟାଳୟରୁ ଘରକୁ ଚାଲିଯିବେ, କିନ୍ତୁ ଶିକ୍ଷକ ଶିକ୍ଷୟିତ୍ରୀମାନେ ମଧ୍ୟାହ୍ନ ବିରତି ଅପରାହ୍ନ ୪ଟା ଯାଏ ବିଦ୍ୟାଳୟରେ ଉପସ୍ଥିତ ରହିବା ସହ ଅନୁପସ୍ଥିତ ରହିଥିବା ଛାତ୍ରାଭିଭାବକଙ୍କ ସହିତ କାହିଁକି ଛାତ୍ର ବା ଛାତ୍ରୀଟିଏ ଅନୁପସ୍ଥିତ ରହିଲା ଏନେଇ ଆଲୋଚନା କରିବେ । ମାତ୍ର ଗଣଶିକ୍ଷା ବିଭାଗର ନିର୍ଦ୍ଦେଶ ଓ ନିୟମ ଯେପରି ଫାଇଲ ଭିତରେ ବନ୍ଧା ପଡିଯାଇଛି । ଏହି ନିୟମକୁ କିଛି ଶିକ୍ଷକ ସେମାନଙ୍କ ମର୍ଜି ଅନୁସାରେ ବିଦ୍ୟାଳୟ ଖୋଲିବା ଓ ବନ୍ଦ କରିଦେବା ଅଭିଯୋଗ ହେଉଛି ।




ରାଜନଗର ବ୍ଲକ ସାନବଡଗୋପାଳପୁର ପଞ୍ଚାୟତର ସରକାରୀ ଭାଟପଡା-କୁଶାଇଲୋ ନୋଡାଲ ଉ.ପ୍ରା.ବିଦ୍ୟାଳୟରେ ଶନିବାର ଦିନ ୧୧ଟା ସୁଦ୍ଧା ତାଲା ପକାଇ ଶିକ୍ଷକ ଶିକ୍ଷୟିତ୍ରୀମାନେ ଛୁ ମାରିଥିବା ଦେଖିବାକୁ ମିଳିଛି । ଏହି ବିଦ୍ୟାଳୟରେ ୨ଜଣ ଶିକ୍ଷକ ଓ ୨ଜଣ ଶିକ୍ଷୟିତ୍ରୀ ଥିବାବେଳେ ପ୍ରଥମ ଶ୍ରେଣୀରୁ ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ୧୨୭ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି । ଏଭଳି ଏକ ଶିକ୍ଷାନୁଷ୍ଠାନରେ ସରକାରଙ୍କ ନିର୍ଦ୍ଦେଶକୁ ଫୁ.କରି ଶିକ୍ଷକ ଶିକ୍ଷୟିତ୍ରୀ ଉଡାଇ ଦେବା ଘଟଣା ଶିକ୍ଷା ବିଭାଗର ପାରିବା ପଣିଆ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଏହି ଶିକ୍ଷାନୁଷ୍ଠାନରେ ପ୍ରଧାନ ଶିକ୍ଷକ ଥିବା ଜୟନ୍ତ କୁମାର ଦାଶ ଏହା ପୂର୍ବରୁ ମଙ୍ଗରାଜପୁର ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଥିବା ବେଳେ ମାସରେ ୩ ରୁ ୪ଦିନ ବିଦ୍ୟାଳୟକୁ ଆସୁଥିବା ନେଇ ବାରମ୍ବାର ଅଭିଯୋଗ ହୋଇ ଆସୁଥିଲା । ଏବେବି ତାଙ୍କର ସେହି ମାନସିକତା ବଦଳିନାହିଁ ବୋଲି ଭାଟପଡା ଓ କୁଶାଇଲୋ ଗ୍ରାମର ଛାତ୍ର ଅଭିଭାବକମାନେ ଅଭିଯୋଗ କରିଛନ୍ତି । ଏନେଇ ବ୍ଲକ ଶିକ୍ଷାଧିକାରୀ ମନୋରଞ୍ଜନ ସେଠୀଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ସେ ସିଆରସିସିଙ୍କୁ ପଠାଇ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି କହିଛନ୍ତି ।

## କାର୍‌କୁ ଧକ୍କା ଦେଇ ଚମ୍ପଟ୍ ମାରିଲା ଟ୍ରକ୍



ବାଲିପାଟଣା (ଭାସ୍କର ନ୍ୟୁଜ୍ ): ରବିବାର ସକାଳ ପ୍ରାୟ ୯.୪୦ ରେ ଏକ କାର୍‌କୁ ଏକ ଟ୍ରକ୍ ଧକ୍କା ଦେଇ ଖସି ଚାଲିଯାଇଥିବାର ସୂଚନା ମିଳିଛି । ସୂଚନା ଅନୁଯାୟୀ ଗତକାଲି ସକାଳ ପାଖାପାଖି ୯.୪୦ରେ ବାପିନା ସେଠି ଓଡି-୦୨-ବିଏନ୍-୫୪୩୩ ନମ୍ବର ଯୁକ୍ତ ଏକ ନାଲି ରଙ୍ଗର ଫୋର୍ଡ଼ ଆସ୍ପାୟର୍ କାର୍‌କୁ ନିମାପଡ଼ା ସରଦେଇପୁର ରାସ୍ତାରେ ଭୁବନେଶ୍ୱର ପଟୁ ବାଲିପାଟଣା ଆଡକୁ ଆସୁଥିବା ବେଳେ ମଧୁବନ ଛକ ନିକଟରେ ସାମ୍ନା ପଟୁ ଦ୍ରୁତ ଗତିରେ ଆସୁଥିବା ଏକ ଟ୍ରକ୍ ଉକ୍ତ କାର୍‌ର ଡାହାଣ ପାର୍ଶ୍ୱରେ ଘଷି ହୋଇ ଚାଲିଯାଇଥିଲା । ସ୍ଥାନିୟ କିଛି ଯୁବକ ଖବର ପାଇ ଟ୍ରକ୍‌କୁ ପିଛା କରିଥିଲେ ମଧ୍ୟ ଟ୍ରକ୍‌ର ଟେର୍ ପାଇନଥିଲେ । ଦୁର୍ଘଟଣାରେ ଡ୍ରାଇଭର୍ ଜଣଙ୍କ ଆହତ ହୋଇ ନଥିଲେ ମଧ୍ୟ ଗାଡିର ଡାହାଣ ପାର୍ଶ୍ୱ ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ହୋଇଛି ।

## ରଣପୁର ପ୍ରେସ୍ କ୍ଲବ ତରଫରୁ ନୂତନ ଜିଲ୍ଲା ଅଧ୍ୟକ୍ଷଙ୍କୁ ସମ୍ବର୍ଦ୍ଧନା

ରଣପୁର (ଭାସ୍କର ନ୍ୟୁଜ୍): ନୟାଗଡ ଜିଲ୍ଲା ଗଠନ ହେବା ପରଠାରୁ ରଣପୁର ବ୍ଲକ ସର୍ବବୃହତ ବ୍ଲକ ହୋଇଥିଲେ ମଧ କେହି ଜିଲ୍ଲା ପରିଷଦ ଆସନ ଅଳଂକୃତ କରିପାରିନଥିଲେ । ଚଳିତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ରଣପୁର ବ୍ଲକର ଇଂ ଦେବାଶିଷ ପଟ୍ଟନାୟକ ବିଜୟ ଲାଭ କରିଥିବା ଜଣାପଡିଛି । ତେଣୁ ନୂତନ ଜିଲ୍ଲା ପରିଷଦ ଅଧକ୍ଷ ଇଂ ଦେବାଶିଷ ପଟ୍ଟନାୟକ (କାଳୁ ଭାଇ)ଙ୍କୁ ରଣପୁର ପ୍ରେସକ୍ଲବ ତରଫରୁ ମାର୍ଚ୍ଚ ୧୩ ତାରିଖ ଅପରାହ୍ନରେ ମା ମଣିନାଗଙ୍କ ପୀଠରେ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିବା ଜଣାପଡିଛି । ଦେବାଶିଷ ରଣପୁର ୨୨ନଂ ଜିଲ୍ଲା ପରିଷଦ ଜୋନ୍ ରାଜସୁନାଖଳାରୁ ନିର୍ବାଚିତ ହୋଇଥିଲେ । ସେ ଇଞ୍ଜିନିୟର ଚାକିରି ଛାଡି ପ୍ରଥମେ ଏକ ଉପନିର୍ବାଚନରେ ବ୍ରଜରାଜପୁର



ପଞ୍ଚାୟତର ସରପଞ୍ଚଓ ପରେ ପରେ ସମିତିସଭ୍ୟ ଭାବେ ନିର୍ବାଚିତ ହୋଇ ୫ ବର୍ଷ ପର୍ଯ୍ୟନ୍ତ ରଣପୁର ବ୍ଲକ ଅଧକ୍ଷ ପଦରେ ରହି ଜନସେବା କରିଥିଲେ । ତାଙ୍କର ବଳିଷ୍ଠ ନେତୃତ୍ୱ ବିଜୁ ଜନତା ଦଳକୁ ସମୃଦ୍ଧ ଓ ସୁଦୃଢ କରିଥିବା ଯୋଗୁଁ ତାଙ୍କ ନେତୃତ୍ୱ ପ୍ରତି ଆସ୍ଥା ପ୍ରକଟ କରି ମନ୍ତ୍ରୀ ଅରୁଣ କୁମାର ସାହୁ ଓ ରଣପୁର ବିଧାୟକ ସତ୍ୟ ନାରାୟଣ ପ୍ରଧାନ ତାଙ୍କୁ ଅଧକ୍ଷ ପଦବୀ ପାଇଁ ଯୋଗ୍ୟ ବିବେଚିତ କରିଥିବା ଜଣାପଡିଛି । ଏହି ସମ୍ବର୍ଦ୍ଧନା ଉତ୍ସବରେ ରଣପୁର ପ୍ରେସକ୍ଲବର କାର୍ଯ୍ୟକାରୀ ସଭାପତି ଆଚାର୍ଯ୍ୟ ବିଶ୍ୱରଞ୍ଜନ , ସଭାପତି ସୁକାନ୍ତ ପଟ୍ଟନାୟକ, ସମ୍ପାଦକ ବ୍ରଜ ରଣସିଂ, ସାମ୍ବାଦିକ ଚନ୍ଦ୍ରଭାନୁ ପରିଡା , କୃଷ୍ଣଚନ୍ଦ୍ର ଦାଶ ଓ ଅନ୍ୟମାନେ ଯୋଗ ଦେଇଥିଲେ । ପରେ ପରେ ମଣିନାଗ ପୀଠରୁ ଏକ ବିରାଟ ଶୋଭାଯାତ୍ରାରେ ଶ୍ରୀ ପଟ୍ଟନାୟକଙ୍କୁ ରଣପୁର ପରିକ୍ରମା କରି ଦୋଳ ପଡିଆରେ ଥିବା ସହିଦ୍ ରଘୁଦିବାକର ମଣ୍ଡପକୁ ନିଆଯାଇଥିଲା। ସେଠାରେ ସହିଦ୍‌ଙ୍କ ପ୍ରତିମୂର୍ତ୍ତୀରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା । ରଣପୁର ଅଞ୍ଚଳର ଶିକ୍ଷା, ସ୍ୱାସ୍ଥ୍ୟ ଓ ପାନୀୟ ଜଳ ବ୍ୟବସ୍ଥାକୁ ଉନ୍ନତି କରିବେ ବୋଲି ସେ ଗଣମାଧ୍ୟମକୁ ସୂଚନା ଦେଇଥିବା ଜଣାପଡିଛି । ବିଜୁ ଜନତା ଦଳ ରଣପୁର ବ୍ଲକ ଅଧକ୍ଷ ପଦକୁ ହାତଛଡା କରିଥିବାର ଦୁଃଖ ନୟାଗଡ ଜିଲ୍ଲା ପରିଷଦ ଅଧକ୍ଷ ପଦ ହାସଲ ପରେ କର୍ମୀମାନେ ଭୁଲି ଯାଇଥିବା ଜଣାପଡିଛି ।

## ବିଦ୍ୟାଳୟ ସ୍ୱାସ୍ଥ୍ୟ ଓ ନିରାମୟ ତାଲିମ ଶିବିର

ଭଣ୍ଡାରିପୋଖରୀ (ଭାସ୍କର ନ୍ୟୁଜ୍): ଭଣ୍ଡାରିପୋଖରୀ ଡାକ୍ତରଖାନା ସମ୍ମିଳନୀ କକ୍ଷ ଓ ହାରାମଣୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ବିଦ୍ୟାଳୟ ସ୍ୱାସ୍ଥ୍ୟ ଓ ନିରାମୟ ତାଲିମ ଶିବିର ଶନିବାର ଅନୁଷ୍ଠିତ ହୋଇଯାଇଛି । ୫ ଦିନ ବ୍ୟାପି ଅନୁଷ୍ଠିତ ହେଉଥିବା ଏହି ତାଲିମ ଶିବିରରେ ସାଧନକର୍ମୀ ତଥା ପ୍ରଧାନଶିକ୍ଷକ ରବିନ୍ଦ୍ର କୁମାର ମହାରଣା, ପ୍ରଧାନଶିକ୍ଷକ ସୁବଳ ଚରଣ ପତ୍ରୀ, ଡାକ୍ତର ଦେବାଶିଷ ପତି, ଡାକ୍ତର ଆଦିତ୍ୟ କୁମାର ସାହୁ, ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରିଣୀ ଅନିତାରାଣୀ ରାଉତ, ଶିକ୍ଷା ସଂଯୋଜକ ରଞ୍ଜନ କୁମାର ମହାନ୍ତି ପ୍ରଥମ ପର୍ଯ୍ୟାୟରେ ୧୨୦ ଜଣ ଶିକ୍ଷକ ଶିକ୍ଷୟତ୍ରୀଙ୍କୁ ତାଲିମ ପ୍ରଦାନ କରିଥିଲେ । କିଶୋର ସ୍ୱାସ୍ଥ୍ୟ, ମାନସିକ ସ୍ୱାସ୍ଥ୍ୟ, ଏଚ.ଆଇ.ଭି./ଏଡସ, ଇଣ୍ଟରନେଟର ସୁରକ୍ଷିତ




ବ୍ୟବହାର, ପୌଷ୍ଟିକ ଆହାର ଆଦି ବିଷୟରେ ଶିଶୁମାନଙ୍କୁ ବିଦ୍ୟାଳୟରେ ପରିଚାଳନା କରିବା ସମ୍ପର୍କରେ ତାଲିମ ପ୍ରଦାନ କରାଯାଇଥିଲା । ତାଲିମପ୍ରାପ୍ତ ଶିକ୍ଷକ ଶିକ୍ଷୟିତ୍ରୀମାନେ ଆଗାମୀ ଦିନ ସ୍ୱାସ୍ଥ୍ୟ ଆମ୍ବାସଡର ଭାବେ ନିଜ ବିଦ୍ୟାଳୟରେ ଦାୟିତ୍ୱ ତୁଲାଇବାକୁ ସୂଚୀତ କରାଯାଇଥିଲା । ପ୍ରତି ମଙ୍ଗଳବାର ସ୍ୱାସ୍ଥ୍ୟ ସଚେତନତା ସମ୍ପର୍କରେ ପିଲାମାନଙ୍କୁ ଶିକ୍ଷା ପ୍ରଦାନ କରାଯିବ ବୋଲି ମଧ ସ୍ପଷ୍ଟ କରାଯାଇଥିଲା । ମେଡିକାଲ ପକ୍ଷରୁ ବ୍ଲକ ପ୍ରୋଗାମ ଅଫିସର ରଶ୍ମିରେଖା ପୃଷ୍ଟି, ଏବିଇଓ ଅକ୍ଷୟ କୁମାର ଜେନା, ଅନିଲ କୁମାର ବଳ ଓ ଉମେଶ ଜେନା, ପ୍ରଧାନଶିକ୍ଷୟିତ୍ରୀ କଳ୍ପନା ଧଳ, ଶିକ୍ଷାସଂଯୋଜକ ଉମାକାନ୍ତ ସାହୁ, ପୁଷ୍ତକ ଭାରତୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ବୟୋବୃଦ୍ଧଙ୍କ ନିଧନରେ ସ୍ଥାନୀୟ ଅଞ୍ଚଳରେ ଶୋକ

ଜଗତସିଂହପୁର(ଭାସ୍କର ନ୍ୟୁଜ୍) : ଜଗତସିଂହପୁର ସଦର ବ୍ଲକ ଅନ୍ତର୍ଗତ କଣ୍ଟିଲୋ ପଞ୍ଚାୟତର ଘଡ଼ିମଳ ଗ୍ରାମର ବୟୋବୃଦ୍ଧ ତଥା ସଂକୀର୍ତ୍ତନ ମଣ୍ଡଳୀ ସଦସ୍ୟ, ସର୍ବୋପରି ଠାକୁର ଶ୍ରୀ ଶ୍ରୀ ଅନୁକୂଳ ଚନ୍ଦ୍ରଙ୍କ ପରମ ଭକ୍ତ ଚୈତନ୍ୟ ଚରଣ ମହାନ୍ତିଙ୍କର ଗତ ମାର୍ଚ୍ଚ ୯ ତାରିଖ ବୁଧବାର ଦିନ ନିଧନ ହୋଇଯାଇଛି । ଜଣେ ଧର୍ମ ପରାୟଣ, ବଦାନ୍ୟ, ସ୍ପଷ୍ଟବାଦୀ, ପରୋପକାରୀ,ମେଳାପୀ ତଥା ଜଣେ ଆମାୟିକ ବ୍ୟକ୍ତିତ୍ୱ ଭାବେ ସ୍ଥାନୀୟ ଅଞ୍ଚଳରେ ସେ ବେଶ ପରିଚିତ ଥିଲେ । ଅଞ୍ଚଳର ବହୁ ଉନ୍ନତି ମୂଳକ କାର୍ଯ୍ୟରେ ତାଙ୍କର ଢ଼େର ଅବଦାନ ରହିଥିଲା । ସେ ୧୯୩୪ ମସିହା ଜୁଲାଇ ମାସ ୧୪ ତାରିଖରେ ଜନ୍ମ ଗ୍ରହଣ କରିଥିଲେ । ମୃତ୍ୟୁ ବେଳକୁ ତାଙ୍କୁ ୮୮ ବର୍ଷ ବୟସ ହୋଇଥିଲା । ତାଙ୍କର ମୃତ୍ୟୁ ସମୟରେ ପତ୍ନୀ ମକୀ ମହାନ୍ତି, ୩ ପୁଅ ବେଣୁଧର ମହାନ୍ତି, ତପନକାନ୍ତି ମହାନ୍ତି,ବ୍ରଜ କିଶୋର ମହାନ୍ତି, ୩ ବୋହୂ ନଳିନୀ ପ୍ରଭା,ନନ୍ଦିନୀ, ରିନିବାଳା ଏବଂ ନାତି ନାତୁଣୀ ମାନେ ଉପସ୍ଥିତ ରହିଥିଲେ ।

## ଭଞ୍ଜନଗରରେ ନରୀ, ଜଗନ୍ନାଥପ୍ରସାଦରୁ ଜୟଶ୍ରୀ , ବେଲଗୁଣ୍ଠା ବ୍ଲକ୍‌ରେ ପ୍ରଶାନ୍ତ ହେଲେ ଅଧକ୍ଷ








ଭଞ୍ଜନଗର (ଭାସ୍କର ନ୍ୟୁଜ୍):ପଞ୍ଚାୟତ ନିର୍ବାଚନର ଶେଷ ତଥା ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟାୟ , ବ୍ଲକ ଅଧକ୍ଷ ନିର୍ବାଚନ ଶେଷ ହୋଇଛି । ଭଞ୍ଜନଗର , ବେଲଗୁଣ୍ଠା , ଓ ଜଗନ୍ନାଥପ୍ରସାଦ ବ୍ଲକରେ ବ୍ଲକ୍ ଅଧକ୍ଷ ନିର୍ବାଚନ ଶେଷ ହୋଇଛି । ଭଞ୍ଜନଗର ବ୍ଲକ୍‌ର ବାଇବାଲି ପଞ୍ଚାୟତରୁ , ବିଜୁଜନତା ଦଳ ସମର୍ଥନ ରେ ସମିତିସଭ୍ୟ ପ୍ରାର୍ଥୀ ଭାବେ ବିଜୟୀ ହୋଇଥିବା , ନରୀ ସଭାନାୟକ ଅଧକ୍ଷ ନିର୍ବାଚିତ ହୋଇଛନ୍ତି । ଭଞ୍ଜନଗର ବ୍ଲକର ୨୨ ଟି ପଞ୍ଚାୟତ ମଧ୍ୟରୁ , ବିଜେଡି ସମର୍ଥିତ ୧୩ ଜଣ ସମିତି ସଭ୍ୟ ପ୍ରାର୍ଥୀ ଭୋଟ ଦେବାପରେ ନରୀ ବିଜୟୀ ହୋଇଥିଲେ । ସେହିଭଳି ଜଗନ୍ନାଥ ପ୍ରସାଦ ବ୍ଲକ ଅନ୍ତର୍ଗତ ବରଗାଁ ପଞ୍ଚାୟତରୁ ନିର୍ବାଚିତ ହୋଇଥିବା ସମିତି ସଭ୍ୟା ଜୟଶ୍ରୀ ସାହୁ ବ୍ଲକ ଅଧକ୍ଷ ଭାବେ ନିର୍ବାଚିତ ହୋଇଥିଲେ । ଜଗନ୍ନାଥପ୍ରସାଦ ବ୍ଲକର ୨୫ ପଞ୍ଚାୟତ ମଧ୍ୟରୁ , ନିର୍ବାଚିତ ୨୦ ସମିତି ସଭ୍ୟଙ୍କ ସମର୍ଥନ ପାଇ ବିଜୟୀ ହୋଇଥିଲେ । ସେହିଭଳି ବେଲଗୁଣ୍ଠା ବ୍ଲକର ୧୮ ଟି ପଞ୍ଚାୟତ ମଧ୍ୟରୁ , ଧୁମୁଛାଇ ପଞ୍ଚାୟତର ବିଜେଡି ସମର୍ଥନରେ ନିର୍ବାଚିତ ସମିତି ସଭ୍ୟ , ନିଜର ୧୦ ଜଣ ସମର୍ଥକଙ୍କ ସମର୍ଥନରେ ଅଧକ୍ଷ ପଦ ପାଇଁ , ନାମାଙ୍କନ ପତ୍ର ଦାଖଲ କରିଥିଲେ । କିନ୍ତୁ ବିରୋଧୀ ବିଜେପି ଦଳ ହାତରେ ଥିବା ୭ ଜଣ ସମିତି ସଭ୍ୟଙ୍କ ମଧ୍ୟରୁ କେହି ମଧ ନାମାଙ୍କନ ପତ୍ର ଦାଖଲ ନକରିବାରୁ , ପ୍ରଶାନ୍ତ କୁମାର ନାୟକ ଅଧକ୍ଷ ଭାବେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିଲେ । ନବ ନିର୍ବାଚିତ ସମସ୍ତ ଅଧକ୍ଷଙ୍କୁ ଦଳୀୟ ନେତା ଓ ସମର୍ଥକମାନେ ଶୁଭେଚ୍ଛା ଜଣାଇବା ସହ ଓ ବିଜୟ ଉତ୍ସବ ମନାଇଥିଲେ ।

## ସାଂସ୍କୃତିକ ଜାଗରଣ ଯାତ୍ରା ଓ ମହାରାଜା ଶ୍ରୀରାମଚନ୍ଦ୍ର ଜ୍ୟୋତି ରଥକୁ କରଞ୍ଜିଆରେ ସମ୍ବର୍ଦ୍ଧନା

କରଞ୍ଜିଆ (ଭାସ୍କର ନ୍ୟୁଜ୍): ବଳାଙ୍ଗୀ ସାଂସ୍କୃତିକ ଜାଗରଣ ଯାତ୍ରା ଓ ମହାରାଜା ଶ୍ରୀରାମଚନ୍ଦ୍ର ଜ୍ୟୋତି ରଥକୁ ଶନିବାର ଦିନ କରଞ୍ଜିଆଠାରେ ଭବ୍ୟପୂର୍ଣ୍ଣ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ରବିବାର ଖିଚିଙ୍ଗ ମା କିଚକେଶ୍ୱରୀ ମନ୍ଦିରରୁ ପୂଜାର୍ଚ୍ଚନା କରି ରଥ କରଞ୍ଜିଆ ଅଭିମୁଖେ ଯାତ୍ରା କରିଥିଲା । ଜ୍ୟୋତି ରଥ କରଞ୍ଜିଆ ନେତାଜୀ ଛକ ଠାରେ ପହଂଚିବା କ୍ଷଣି କରଞ୍ଜିଆର ଆଇଆଇସି ରଞ୍ଜନ କୁମାର ସେଠି, କରଞ୍ଜିଆ ପ୍ରେସ କ୍ଲବର ସାଧାରଣ ସମ୍ପାଦକ କର୍ଣ୍ଣାର୍ଜୁନ ସାହା, ଓକିଲ ସଂଘ ସଭାପତି ଦୀପକ କୁମାର ଦାସ ଅଧିକାରୀ, ମୋ କରଞ୍ଜିଆର ସଂଜୀବ କୁମାର ସାହୁ, ଅଧାପକ ଦିଲ୍ଲୀପ କୁମାର ରାମ,



ଏନଏସିର ପୂର୍ବତନ ନଗରପାଳ ବାଞ୍ଛାନିଧି ପୃଷ୍ଟି, ହିଉମେନ ରାଇଟର ସମ୍ପାଦକ ଭାଗବତ ଚନ୍ଦ୍ର ଦାସ, ବରିଷ୍ଠ ନାଗରିକ ସଂଘର ସର୍ବେଶ୍ୱର ମିଶ୍ର ଯୁବ ନେତା ରୋହିତ କୁମାର ପୃଷ୍ଟି, ମହେଶ୍ୱର ନାୟକ, ବିଜେଡିର ନଗରପାଳ ପ୍ରାଥୀ ପୋପି ପୃଷ୍ଟି, ବେଜେପିର ନଗରପାଳ ପ୍ରାଥୀ ଜ୍ୟୋସ୍ନାରାଣୀ ମହାନ୍ତ, ଭାରତୀ ରାଜ ପ୍ରମୁଖ ଉପସ୍ଥିତ ରହି ମୟୁରଭଞ୍ଜ ମହାରାଜାଙ୍କ ଜ୍ୟୋତିରେ ପୁଷ୍ପମାଲ୍ୟ ଦେଇ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ । ଜ୍ୟୋତିକୁ କରଞ୍ଜିଆ ସହର ପରିକ୍ରମା କରିବା ପରେ ସ୍ଥାନୀୟ ରାମବାଟିକା ପରିସରରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ରଖାଯାଇଥିଲା । ଏହି କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ ସମସ୍ତ ସ୍ୱାଭିମାନୀ ମୟୁରଭଞ୍ଜବାସୀ ଆଞ୍ଚଳିକତା ଭୁଲି ଏକଜୁଟ ହେବା ଏବଂ ଗୌରବମୟ ଭଞ୍ଜମାଟିର ପୂର୍ବ ଗାରିମାକୁ ଅକ୍ଷୁର୍ଣ୍ଣ ରଖିବା ପାଇଁ ଏହି ଜ୍ୟୋତିକୁ ମୟୁରଭଞ୍ଜର ପ୍ରତେକ କଣ ଅନୁକୋଣକୁ ନେଇ ଯାଉଥିବା ଅନୁଷ୍ଠାନ ତରଫରୁ ପ୍ରକାଶ କରିଥିଲେ । ଅନୁଷ୍ଠାନର ଦୀପକ କୁମାର ନାୟକ,ଏହି କାର୍ଯ୍ୟକ୍ରମରେ କରଞ୍ଜିଆ ଓକିଲ ସଂଘ,କରଞ୍ଜିଆ ସାମ୍ବାଦିକ ସଂଘ, ଜାତୀୟ ଯୁବ ପ୍ରକଳ୍ପ, କରଞ୍ଜିଆ ସାହିତ୍ୟ ସଂସଦ, ମୟୁରଭଞ୍ଜ ବଞ୍ଚାଅ ମଞ୍ଚ, ମହିଳା ସଂଗଠନ, ବିଜୁ ଯୁବ ଜନତା ଦଳ,ଭାରତୀୟ ଜନତା ପାର୍ଟି, ରୋଟାରୀ କ୍ଲବର କର୍ମକର୍ତ୍ତା, ପୂର୍ବତନ କରଞ୍ଜିଆ ପୌରପରିଷଦ ଏବଂ ଗଣମାଧ୍ୟମ ପ୍ରତିନିଧିଙ୍କ ସମେତ ବହୁ କରଞ୍ଜିଆ ବାସି ଏହି ରାଲିରେ ଯୋଗଦେଇଥିଲେ । କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ସାମ୍ବାଦିକ ବିନ୍ଦୁସାର ଦାଶ ।

## ଧରାଧରପୁର ସରପଞ୍ଚଙ୍କ ଦାୟିତ୍ୱ ଗ୍ରହଣ

ରଘୁନାଥପୁର(ଭାସ୍କର ନ୍ୟୁଜ୍) ରଘୁନାଥପୁର ବ୍ଲକ ଅନ୍ତର୍ଗତ ଧରାଧରପୁର ପଞ୍ଚାୟତର ନବନିର୍ବାଚିତ ସରପଞ୍ଚ ନଳିନୀପ୍ରଭା ମୁଦୁଲି ରବିବାର ପଞ୍ଚାୟତ କାର୍ଯ୍ୟାଳୟରେ ପୂର୍ବତନ ସରପଞ୍ଚ ପ୍ରମିଳା ମଲ୍ଲିକଙ୍କ ଠାରୁ ଦାୟିତ୍ୱ ନେଇଛନ୍ତି । ରବିବାର ସରପଞ୍ଚ ମୁଦୁଲି ପଞ୍ଚାୟତ କାର୍ଯ୍ୟାଳୟରେ ପହଞ୍ଚିବା ମାତ୍ରେ ତାଙ୍କୁ ନାୟବ ସରପଞ୍ଚ କ୍ଷିରୋଦ ଚନ୍ଦ୍ର ମଲ୍ଲିକ, ଓ୍ୱାର୍ଡଶଭ୍ୟ ଅନୁଶୟା ମହାନ୍ତି, ସ୍ୱର୍ଣ୍ଣଲତା ଦାସ, ବିଣା ଦେଇ, ସରସ୍ୱତୀ ଭୋଇ, ସାବିତ୍ରୀ ମଲ୍ଲିକ, ରବିନ୍ଦ୍ର ମଲ୍ଲିକ, ପ୍ରଭାତି ବେହେରା, ପୂର୍ଣ୍ଣିମା ସେଠୀ, ସୁଜାତା ବେହେରା, ଲଳିତା ସାହୁ, ରାଜେଶ କୁମାର ସ୍ୱାଇଁ, ଅର୍ଚ୍ଚନା ମଲ୍ଲିକ, ନିମାଇଁ ଚରଣ ବସ୍ତିଆ, ପ୍ରଶାନ୍ତ ବେହେରା, ସୁଷମା ସ୍ୱାଇଁ, ବସନ୍ତ ସାହୁ, ପ୍ରଭାତ ରାଉତ, ମୁରଲୀଧର ସ୍ୱାଇଁ, ଜତିନ ଦାଶ, ହେମନ୍ତ କୁମାର ସାହୁ, ଜ୍ୟୋତିରଞ୍ଜନ ନାୟକ, ସିକାନ୍ତ ମହାପାତ୍ର, ସନାତନ ସ୍ୱାଇଁ, ରବିନ୍ଦ୍ର ମଲ୍ଲିକ, ଅରକ୍ଷିତ ମଲ୍ଲିକ, କିରଣବାଳା ସ୍ୱାଇଁ, ରେଖାରାଣୀ ମୁଦୁଲି ଓ ସମର୍ଥକମାନେ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ । ମୁଦୁଲି ଧରାଧରପୁର ପଞ୍ଚାୟତକୁ ଏକ ଆଦର୍ଶ ପଞ୍ଚାୟତ ଭାବରେ ଗଢିତୋଳିବା ସହିତ ପଞ୍ଚାୟତର ରାସ୍ତାଘାଟ, ପାନୀୟ ଜଳ, ପରିମଳ, ବାର୍ଦ୍ଧକ୍ୟ ଭତ୍ତା ଉପରେ ଯେଉଁ ସବୁ ଅସୁବିଧା ରହିଛି ତାହା ଦୂର କରାଯିବ ବୋଲି ଗଣମାଧମରେ ପ୍ରକାଶ କରିଛନ୍ତି ।

### ରାସ୍ତା କଡରେ ବିତୁଥିଲା ଜୀବନ

## ଟିମ୍ କ୍ଲିନ୍ ସିଟି ପକ୍ଷରୁ ମିଳିଲା ଶିବଙ୍କୁ ସହାୟତା

ବ୍ରହ୍ମପୁର (ଭାସ୍କର ନ୍ୟୁଜ୍):ଶିବଙ୍କ ଘର ବ୍ରହ୍ମପୁର ସହର ହୋଇଥିବା ବେଳେ ତାଙ୍କ ପରିବାର ଲୋକ ବି ଅଛନ୍ତି । ତଥାପି ରାସ୍ତା କଡରେ ବିତୁଛି ଅସହାୟ ଓ ନିରାଶ୍ରୟ ଶିବଙ୍କ ଜୀବନ । ଶାନ୍ତ ସ୍ୱଭାବର ଶିବଶଙ୍କର ନିଜ ପାଖରେ ଥିବା ସାମଗ୍ରୀ ପ୍ରତି ଯେତିକି ଯତ୍ନବାନ ମାନସିକ ଭାରସାମ୍ୟ ହରାଇ ବସିଥିବାରୁ ନିଜ ଶରୀର ପ୍ରତି ସେତିକି ଧ୍ୟାନ ଦେଇପାରୁନାହାନ୍ତି ସେ । ଦୀର୍ଘ ବର୍ଷ ଧରି ଗାଧୋଇ ନାହାନ୍ତି କି ଦାନ୍ତ ମଧ ଘଷି ନାହାନ୍ତି, ଆଉ ପୋଷାକ କଥା ନକହିବା ଭଲ । ଏମିତି ଜଣେ ବ୍ୟକ୍ତିଙ୍କ ଉପରେ ନଜର ପଡିଥିଲା ବ୍ରହ୍ମପୁରର ଟିମ୍ କ୍ଲିନ ସିଟି ସଦସ୍ୟଙ୍କର । ତୁରନ୍ତ ଗ୍ରୁପରେ ଆଲୋଚନା କରି ଆଗେଇ ଆସିଥିଲେ ଶିବଙ୍କୁ ସହାୟତା ପ୍ରଦାନ କରିବାକୁ ଟିମ୍ ସଦସ୍ୟ । ଅବିଳମ୍ବେ ବ୍ରହ୍ମପୁର ସବ୍-ରେଜିଷ୍ଟ୍ରାରଙ୍କ କାର୍ଯ୍ୟାଳୟ ନିକଟରେ ପହଞ୍ଚିଥିଲେ ଶିବଙ୍କୁ ସହାୟତା ପ୍ରଦାନ କରିବାକୁ । ପ୍ରଥମେ ଯଦିଓ ଶିବ ଅମଙ୍ଗ ଓ ଭୟ କରୁଥିଲେ ତଥାପି ଶିବଙ୍କୁ ମନାଇବାରେ ଟିମ୍ ସଦସ୍ୟଙ୍କ



ଚେଷ୍ଟା ସଫଳ ହୋଇଥିଲା । ଶିବଙ୍କ ସହମତି ପରେ ଆରମ୍ଭ ହୋଇଥିଲା ସେବାକାର୍ଯ୍ୟ ।ଶିବଙ୍କ ନଖ ଓ ଚୁଟି କାଟି ସଫା କରିବା ସହ ଭଲ ଭାବରେ ଗଧୋଇ ଦିଆଯାଇଥିଲା । ଏବଂ ନୂତନ ବସ୍ତ୍ର ପରିଧାନ କରି ଟିଫିନର ବ୍ୟବସ୍ଥା କରାଯାଇଥିଲା । ଟିମ୍ ସଦସ୍ୟଙ୍କ ସହାୟତା ପରେ ଶିବଙ୍କର ପରିବର୍ତ୍ତନ ଦେଖି ସ୍ଥାନୀୟ ଲୋକେ ଆଚମ୍ବିତ ହୋଇପଡିଥିଲେ । ସମସ୍ତେ ଟିମ୍ କ୍ଲିନ ସିଟିର ଏଭଳି ନିଃସ୍ୱାର୍ଥପର ସେବାକାର୍ଯ୍ୟକୁ ଭୂୟସୀ ପ୍ରସଂଶା କରିଛନ୍ତି । ଶିବଙ୍କ ସହିତ ଦକ୍ଷିଣ ଓଡ଼ିଶାର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ଏହା ୧୦୮ତମ ଉଦ୍ଧାର କାର୍ଯ୍ୟ । ଆଗକୁ ଏଭଳି କାର୍ଯ୍ୟ ସହିତ ନୂତନ ପ୍ରକଳ୍ପକୁ ମଧ ଟିସିସି ହାତକୁ ନେଇ ସାମାଜିକ ସେବା କାର୍ଯ୍ୟକୁ ଆଗକୁ ନେଇ ଅନ୍ୟମାନଙ୍କ ପାଇଁ ପ୍ରେରଣା ଯୋଗାଇବ ବୋଲି ଟିମ୍ କ୍ଲିନ ସିଟି ପକ୍ଷରୁ ସୂଚନା ଦିଆଯାଇଛି ।

## ନର୍ସ ନିବେଦିତା ଜେନାଙ୍କ ସନ୍ଦେହଜନକ ମୃତ୍ୟୁ

ପାରାଦୀପ (ଭାସ୍କର ନ୍ୟୁଜ୍): ବନ୍ଦର ନଗରୀ ପାରାଦୀପର ମୁଖ୍ୟ ହସ୍ପିଟାଲ ପୋର୍ଟ ଟ୍ରଷ୍ଟ ହସ୍ପିଟାଲରେ ନର୍ସ ନିବେଦିତା ଜେନାଙ୍କ ସନ୍ଦେହ ଜନକ ମୃତ୍ୟୁକୁ ନେଇ ଦିନ ତମାମ ମେଡିକାଲ ପରିସରରେ ଉତ୍ତେଜନା ଲାଗିରହିବା ସହିତ ତିନୋଟି ରାଜନୈତିକ ଦଳର ନେତାମାନେ ପୋର୍ଟ ହସ୍ପିଟାଲରେ ପହଞ୍ଚିବା ସହିତ ବନ୍ଦର ଅଧିକାରୀମାନଙ୍କ ସହିତ ଆଲୋଚନା ଜାରି ରହିଥିଲା । ତେବେ ଉତ୍ତ୍ୟକ୍ତ ସାଧାରଣ ଜନତାଙ୍କ ଦାବିକୁ ନେଇ ନେତାମାନେ ଆଲୋଚନା ହୋଇଥିଲା । ପୋର୍ଟ ହସ୍ପିଟାଲର ମୁଖ୍ୟ ଚିକିତ୍ସା ଅଧିକାରୀ ଓ ଅଭିଯୁକ୍ତ ଡାକ୍ତରଙ୍କୁ କାର୍ଯ୍ୟରୁ ନିଲମ୍ବନ କରାଯିବା ସହିତ ପରିବାରର ଜଣଙ୍କୁ ନିଯୁକ୍ତି ଓ




ମୃତ୍ୟୁବରଣ କରିଥିବା ନର୍ସଙ୍କ ଛୋଟ ଝିଅ ବିଷୟରେ ଆଲୋଚନା କରି ଆସନ୍ତା କାଲି ପଦକ୍ଷେପ ନେବାପାଇଁ ଆଲୋଚନା ହୋଇଥିଲା । ତେବେ ଆଲୋଚନାରେ ଅସନ୍ତୁଷ୍ଟ ଉତ୍ତ୍ୟକ୍ତ ଲୋକମାନେ ଦୁଇ ଡାକ୍ତରଙ୍କୁ ତୁରନ୍ତ ଗିରଫ କରିବାକୁ ଦାବି ରଖି ଶବ ରଖି ବଡ଼ପଡ଼ିଆ ମୁଖ୍ୟ ରାସ୍ତାରେ ଟାୟାର ଜାଳି ରାସ୍ତା ଅବରୋଧ କରିଛନ୍ତି । ଗତବର୍ଷ ଅଗଷ୍ଟ ୯ ତାରିଖରେ ଜଣେ ନର୍ସ ଡିୟୁଟିରେ ଥିବା ସମୟରେ ଜଣେ ଡାକ୍ତର କାର୍ଯ୍ୟରତ ମହିଳା ନର୍ସଙ୍କୁ ଅସଦାଚରଣ କରିଥିଲେ । ଯାହାକୁ ନେଇ ବନ୍ଦର ପ୍ରଶାସନ ତରଫରୁ ଏକ କମିଟି ଗଠନ କରାଯାଇ ଏହାର ତଦନ୍ତ ଜାରି ରହିଥିବା ବେଳେ ଚାରିଦିନ ତଳେ ତଦନ୍ତରେ ଥିବା ଅଧିକାରୀମାନେ ପୀଡିତା ନର୍ସ ଓ ସାଥିରେ ଥିବା ଏକାଧିକ ନର୍ସ ମାନଙ୍କୁ ବିଭିନ୍ନ ପ୍ରକାର ମାନସିକ ନିର୍ଯାତନା ଦେଉଥିବା ନେଇ ଗଣମାଧ୍ୟମ ପ୍ରତିନିଧିଙ୍କୁ ନିଜର ବିବୃତି ରଖିଥିଲେ । ଘଟଣାର ଗୋଟିଏ ଦିନ ପରେ ନିବେଦିତା ଜେନା ମେଡିକାଲରେ ଡିୟୁଟିରେ ଥିବା ସମୟରେ ତାଙ୍କର ସନ୍ଦେହଜନକ ଭାବରେ ମୃତ୍ୟୁ ହୋଇଥିଲା । ପରେ ପୋଲିସ ପହଞ୍ଚି ଉତ୍ୟକ୍ତ ଜନତାଙ୍କୁ ବୁଝାବୁଝା କରିବା ପରେ ରାସ୍ତାରୁ ଶବ ହଟାଇବା ସହିତ ଧାରଣାରୁ ଉଠିଥିଲେ ।

## ସିଆର୍‌ପିଏଫ୍ ତରଫରୁ ଜନ ସମ୍ପର୍କ ଶିବିର

ଝରିଗାଁ (ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲା ଝରିଗାଁ ବ୍ଲକରେ ଥିବା ସିଆରପିଏଫ ଯବାନ ବେଟେଲିଆନ ୧୨ ତରଫରୁ ଝରିଗାଁ ସ୍ଥିତ ସିଆରପିଏଫ କ୍ୟାମ୍ପଠାରେ ଏକ ଜନ ସମ୍ପର୍କ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ନବରଙ୍ଗପୁର ଜିଲ୍ଲା ସିଆରପିଏଫ ମୁଖ୍ୟ ଏନ ରତନ ସିଂ ତାଙ୍କ ଧର୍ମ ପତ୍ନୀ ଅଲିଭ୍ୟାଙ୍କ ସହ କାର୍ଯ୍ୟ କ୍ରମରେ ଯୋଗଦେଇ ସିଆରପିଏଫ ଏବଂ ଜନ ସାଧାରଣଙ୍କ ମଧ୍ୟରେ ଥିବା ଦୂରତାକୁ କମାଇବା ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ବୋଲି କହିଥିଲେ । ସେହିପରି ଜନ ସାଧାରଣଙ୍କ ସହଯୋଗ ବିନା ଉପାନ୍ତ ଅଞ୍ଚଳର ବିକାଶ ଅସମ୍ଭବ ତେଣୁ ପୋଲିସ ଓ ସିଆରପିଏଫକୁ ସହଯୋଗ କରିବା ସହ ଯୋଗ୍ୟ ଯୁବକ ମାନେ ଦେଶ ସେବା ପାଇଁ ଆଗେଇ ଆସି ଯୋଗଦେବା ପାଇଁ କହିଥିଲେ । ଓ ଲୋକଙ୍କୁ ପୋଲିସ ଓ ଉଜଚର ସହ ସମ୍ପର୍କ ଦୃଢ ରଖିବା ପାଇଁ ମତ ଦେଇଥିଲେ । ଯାହା କି ଉପାନ୍ତ ଅଞ୍ଚଳ ଗୁଡ଼ିକରେ ମାଓ ଦମନ ଲାଗି ସହାୟକ ହୋଇ ପାରିବ । ତେବେ ଉକ୍ତ କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ସିଆରପିଏଫ ଇନ୍ସପେକ୍ଟର ଜୟସିଂ ନାୟକ,ଇନ୍ସପେକ୍ଟର ପ୍ରଦୀପ ପାଲ, ଉମରକୋଟ ଏସଡ଼ିପିଓ ଡ ଦିନେଶ ଚନ୍ଦ୍ର ନାୟକ, ଝରିଗାଁ ଥାନା ଅଧିକାରୀ ନଟବର ନନ୍ଦ,ଗୋଷ୍ଠୀ ଚିକିତ୍ସାଧିକାରୀ ପ୍ରକାଶ ଚନ୍ଦ୍ର ନାୟକ, ଝରିଗାଁ କଲେଜ ଅଧକ୍ଷ ଶିବ ପ୍ରସାଦ ପଟ୍ଟନାୟକ, ବ୍ଲକ୍ ଅଧକ୍ଷ ଦୁର୍ଗା ମାଝୀ,ସରପଞ୍ଚ ଜାଗେଶ୍ୱର ପୂଜାରୀ ପ୍ରମୁଖ ଯୋଗ ଦେଇଥିଲେ ।

# ମହାନଗର



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଭୁବନେଶ୍ୱରରେ ରବିବାର ଦିନ ଆଉ ୨ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେମାନେ ସମସ୍ତେ ସ୍ଥାନୀୟ ସଂକ୍ରମିତ ବୋଲି ବିଏମ୍‌ସି ପକ୍ଷରୁ ଟୁଇଟ୍ କରି ସୂଚନା ଦିଆଯାଇଛି। ସେହିପରି ଗତ ୨୪ ଘଣ୍ଟାରେ ଆଉ ୮ ଜଣ ଆକ୍ରାନ୍ତ ସୁସ୍ଥ ହୋଇଛି। ଏଥିସହ ଭୁବନେଶ୍ୱରରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୧୫୬୩୯୯ ରେ ପହଞ୍ଚିଥିବା ବେଳେ ୧୫୪୯୧୯ ଜଣ ସୁସ୍ଥ ହୋଇଛନ୍ତି। ଅପରପକ୍ଷରେ ୧୧୯୧ ଆକ୍ରାନ୍ତ ମୃତ୍ୟୁବରଣ କରିଛନ୍ତି। ବର୍ତ୍ତମାନ ଆଉ ୨୬୮ ସକ୍ରିୟ ଆକ୍ରାନ୍ତ ଚିକିତ୍ସାଧୀନ ଅଛନ୍ତି।ତେବେ ବର୍ତ୍ତମାନ ସଂକ୍ରମଣ ହାର ନିମ୍ନଗାମୀ ହେଉଥିବାବେଳେ ସହରବାସୀ ଆଶ୍ୱସ୍ତ ଲାଭ କରୁଛନ୍ତି। ଅପରପକ୍ଷରେ ବିଶେଷଜ୍ଞମାନେ କହିଛନ୍ତି ଯେ, ସଂକ୍ରମଣ ହାର କମୁଥିବାବେଳେ ସମସ୍ତେ ସତର୍କତା ରହିବା ସହ କରୋନା ନିୟମ ମାନି ଚଳିବା ଜରୁରୀ ହୋଇପଡିଛି।



## 'ପ୍ରୟାସ' ପକ୍ଷରୁ ୮ମ ସାମୂହିକ ବିବାହ ମହୋତ୍ସବ

ଭୁବନେଶ୍ୱର (ଭାସ୍କର ନ୍ୟୁଜ୍) : ସମାଜର ସବୁବର୍ଗ, ଗୋଷ୍ଠୀ, ଜାତି ତଥା ବିଧବା, ଅକର୍ମଣ୍ୟ ତଥା ଅବହେଳିତଙ୍କୁ ଏକାଠି କରି ସାମୂହିକ ବିଭାହକୁ ଏକ ସାମାଜିକ ମହୋତ୍ସବର ମାନ୍ୟତା ଦେବାକୁ 'ପ୍ରୟାସ' କରିଛି ପ୍ରୟାସ। ୧୨ତାରିଖ ଶନିବାର ଏହି ଅବସରରେ ସନ୍ଧ୍ୟାରେ ମଙ୍ଗନ, ମେହେନ୍ଦୀ ଓ ସଂଗୀତ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିବା ବେଳେ ରବିବାର ୟୁନିଟ ୩ସ୍ଥିତ ଶ୍ରୀରାମ ମନ୍ଦିର ପରିସରରେ ଏକ ସାମୂହିକ ବିବାହ ମହୋତ୍ସବ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ଆବେଦନ କରିଥିବା ବରବଧୂ, ସେମାନଙ୍କ ପରିବାର ଉପସ୍ଥିତିରେ ବିବାହ ସଂପନ୍ନ ହେବାନେଇ ଆଇନ ଅନୁଯାୟୀ, ରେଜିଷ୍ଟ୍ରି ଭୂକ୍ତ ହୋଇଥିଲେ। ପୂର୍ବାହ୍ନ ୧୧ଟାରେ ୟୁନିଟ ୨ ଆର୍ଯ୍ୟସଂସ୍କୃତି ମନ୍ଦିରଠାରୁ ୨୫ଜଣ ବର ବାହାରି ଶ୍ରୀରାମ ମନ୍ଦିରକୁ ଯାଇଥିଲେ। ସେଠାରେ ବିବାହ ସଂପନ୍ନ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଡ. ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର, ସମାଜସେବୀ ନମ୍ରତା ଚଢା, କମଳ ମହାନ୍ତି, ସୋନାଲି ପ୍ରିୟଦର୍ଶିନୀ, ଜୟନ୍ତ ମହାନ୍ତି, ମହାମାୟୀ ଚେଜାନୀ, ଡ. ସୁରେନ୍ଦ୍ର ମହାପାତ୍ର, ବୃନ୍ଦାବନ ପଡିଆରୀ, ପ୍ରେମ ଅଗ୍ରୱାଲ, ଶିଶିର ମହାପାତ୍ର, ଦିଲ୍ଲିପ ପଣ୍ଡା ଓ ଆଇନଜୀବୀ ଉମାକାନ୍ତ ତାଣ୍ଡିଙ୍କ ସମେତ ଅନ୍ୟ କାର୍ଯ୍ୟକର୍ତ୍ତା ସହଯୋଗ ଚ୍ରୋଗାଇ ଦେଇଥରଲେ। ବିବାହ ସମୟରେ ବର-ବଧୂଙ୍କୁ ସାଧାରଣ ଚଳଣି ପାଇଁ ଯାହା ଆବଶ୍ୟକ, ପ୍ରୟାସ ପକ୍ଷରୁ ସମସ୍ତ ସାମଗ୍ରୀ ସହ ଗୋଟିଏ ବର୍ଷର ଗ୍ରସରୀ ପ୍ରଦାନ କରାଯାଇଥିଲା। ସରକାରଙ୍କ କୋଭିଡ ଗାଇଡଲାଇନ ଅନୁଯାୟୀ ଏହି ବିବାହ ଉତ୍ସବ ଅନୁଷ୍ଠିତ ହୋଇଥିଲା ବୋଲି ପ୍ରୟାସର ଅଧ୍ୟକ୍ଷ ବନ ମହାନ୍ତି କହିଛନ୍ତି। ସୂଚନାଯୋଗ୍ୟ ଯେ, ଦୀର୍ଘ ୮ବର୍ଷ ମଧ୍ୟରେ ପ୍ରୟାସ ୨ଶହ ଯୋଡା ସାମୂହିକ ବିବାହ ସଫଳତାର ସହ ଆୟୋଜନ କରିପାରିଛି।



## ବିଏମ୍‌ସି ନିର୍ବାଚନ ପ୍ରଚାର ଜୋର୍‌ଦାର୍

# ଭୋଟରଙ୍କ ମନ କିଣିବାକୁ ପ୍ରାର୍ଥୀଙ୍କ ପ୍ରୟାସ

### ବଢୁଛି ହିଂସାକାଣ୍ଡ, ଚିନ୍ତାରେ ପୋଲିସ

ଭୁବନେଶ୍ୱର (ଭାସ୍କର ନ୍ୟୁଜ୍): ଭୁବନେଶ୍ୱର ମହାନଗର ନିଗମ ନିର୍ବାଚନ ନେଇ ଏବେ ପ୍ରଚାର କାର୍ଯ୍ୟ ଜୋର୍‌ଦାର୍ ହୋଇଛି। ଚଳିତ ବର୍ଷ ୩ ପ୍ରମୁଖ ଦଳ ମଧ୍ୟରେ କଡା ଟକ୍କର ମଧ୍ୟରେ ଏହି ନିର୍ବାଚନ ସମାପ୍ତ ହେବ। ଏବେ ସବୁ ଦଳର ପ୍ରାର୍ଥୀମାନେ ଭୋଟ ହାତେଇବାକୁ ନିଜ ସ୍ତରରେ ଉଦ୍ୟମ କରିଛନ୍ତି। ଦିନ ରାତିକୁ ଏକ କରି ପ୍ରାର୍ଥୀମାନେ ଭୋଟରଙ୍କ ନିକଟତର ହେବା ସହ ସେମାନଙ୍କ ଆସ୍ଥା ଭାଜନ ହେବାକୁ ପ୍ରୟାସ କରିଛନ୍ତି। ଏବେ ଏହାରି ଭିତରେ ଭୋଟ୍ ଗ୍ରହଣ ଯେତିକି ପାଖେଇ ଆସୁଛି ନିର୍ବାଚନ ପ୍ରଚାର ଜୋର୍‌ଦାର୍ ହେବା ସହ ବିଭିନ୍ନ ସ୍ଥାନରେ ହିଂସାକାଣ୍ଡ ଘଟୁଥିବା ଦେଖିବାକୁ ମିଳିଛି। କେଉଁଠି ପୋଷ୍ଟରମରାକୁ କେନ୍ଦ୍ରକରି ହିଂସାକାଣ୍ଡ ଘଟୁଛି ତ ଆଉ କେଉଁଠି କଥା କଟାକଟି ହୋଇ କର୍ମୀଙ୍କ ମଧ୍ୟରେ ମାରପିଟ୍ ହେଉଥିବା ଏବେ ଦେଖିବାକୁ ମିଳିଲାଣି। ଏବେଠାରୁ ଭୋଟ୍ ଗ୍ରହଣ ପର୍ଯ୍ୟନ୍ତ ଏହା ପୋଲିସ ପାଇଁ ଚାଲେଞ୍ଜ ପାଲଟିଛି। ଏବେ କମିଶନରେଟ୍ ପୋଲିସ ପକ୍ଷରୁ ଭୁବନେଶ୍ୱରର କିଛି ସମ୍ବେଦନଶୀଳ ୱାର୍ଡରେ ପୋଲିସ ଫ୍ଲାଗ୍‌ମାର୍ଚ୍ଚ ଆରମ୍ଭ କରିବା ସହ ହିଂସାକାଣ୍ଡ ରୋକିବା ଉପରେ ତୀକ୍ଷ୍ଣ ନଜର ରଖିଛି। ସଂଧ୍ୟା ପ୍ରହରରୁ ରାତ୍ର ତମାତ ସହରର ଗଳି କନ୍ଦି ଓ ଛକ ଗୁଡିକରେ ପୋଲିସ ପଇତରା ମାରୁଛି। ଆସନ୍ତା ୨୪ ତାରିଖରେ ଭୋଟ୍ ଗ୍ରହଣ ହେବାକୁ ଥିବାବେଳେ ଏହା କିପରି ଶାନ୍ତି ଶୃଙ୍ଖଳାରେ ସମାପନ ହେବ ସେ ଦିଗରେ ପ୍ରଶାସନ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଛି। ନିର୍ବାଚନ ମଇଦାନକୁ ଚଳିତ ବର୍ଷ ୧୨ ମେୟର ପ୍ରାର୍ଥୀ ଓହ୍ଲାଇଥିବାବେଳେ ଏବେ ସେମାନେ ଘର ଘର ବୁଲି ଲୋକଙ୍କ ଆଶୀର୍ବାଦ ନେବା ସହ ଭୋଟ୍ ଭିକ୍ଷା କରୁଛନ୍ତି। ୬୭ ୱାର୍ଡରେ କର୍ପୋରେଟର ପ୍ରାର୍ଥୀମାନେ ମଧ୍ୟ ଦିନକୁ ୧୦ରୁ ୧୨ ଘଣ୍ଟା ପର୍ଯ୍ୟନ୍ତ ଲୋକଙ୍କ ସାଥିରେ ରହି ଭୋଟ୍ ଭିକ୍ଷା କରୁଛନ୍ତି। ତେବେ ସମୟ କହିବ କାହା ମୁଣ୍ଡରେ ବିଜୟର ଟିକା ଲାଗିବ। ଏବେଠାରୁ ସମସ୍ତେ ସେହି ବିଜୟର ମୁହୂର୍ତ୍ତକୁ ଦେଖିବା ପାଇଁ ଅପେକ୍ଷା କରି ରହିଛନ୍ତି। ୧୨ ମେୟର ପ୍ରାର୍ଥୀଙ୍କ ମଧ୍ୟରେ ଫୋକସରେ ରହିଛନ୍ତି ବିଜେଡିର ସୁଲୋଚନା ବିଜେପିର ସୁନୀତି ମୁଣ୍ଡ ଓ କଂଗ୍ରେସର ଆଚାର୍ଯ୍ୟ। ସେମାନେ ଏବେ ଭୋଟ୍ ହାତେଇବା ପାଇଁ ନିଜ ସ୍ତରରେ ଉଦ୍ୟମ ଚଳାଇଛନ୍ତି। ତେବେ ଦେଖିବାର ବାକି ମୁଣ୍ଡରେ ଲାଗିବ ବିଜୟର ଟିକା।

ଚିଲିକା ବିଧାୟକଙ୍କ ଅମାନବୀୟ ଘଟଣା

# ସହରାଞ୍ଚଳରେ ସତ୍ୟାଗ୍ରହ କରିବ ବିଜେପି: ଗୋଲକ ମହାପାତ୍ର

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଚିଲିକା ବିଧାୟକ ପ୍ରଶାନ୍ତ ଜଗଦ୍ଦେବ ବିଜେପି କର୍ମୀଙ୍କୁ ମାରିବାକୁ ଉଦ୍ୟମ କରି ଗଣତନ୍ତ୍ରକୁ ହତ୍ୟା କରିଛନ୍ତି। ଅତୀତରେ ମଧ୍ୟ ଜଗଦ୍ଦେବ ବିଜେପି କର୍ମୀଙ୍କୁ ମରଣାନ୍ତକ ଆକ୍ରମଣ କରିଛନ୍ତି। ଗତ କାଲି ଅନୁଷ୍ଠିତ ହୋଇଥିବା ବ୍ଲକ ଅଧ୍ୟକ୍ଷ ନିର୍ବାଚନରେ ନିଜ ପରାଜୟକୁ ଗ୍ରହଣ କରିପାରୁନଥିବା ବିଧାୟକ ଶ୍ରୀ ଜଗଦ୍ଦେବ ବିଜେପି କର୍ମୀଙ୍କୁ ସଂଘବଦ୍ଧ ଭାବେ ମରଣାନ୍ତକ ଆକ୍ରମଣ କରିବା ସଂପୂର୍ଣ୍ଣ ସତ୍ୟ ଥିଲା। ଗତ କାଲିର ଘଟଣାକୁ ନେଇ ଏହା 'ମିଛ ନିଲମ୍ବନ, ସତ ଆକ୍ରମଣ' ବୋଲି ରାଜ୍ୟ ସାଧାରଣ ସଂପାଦକ ଗୋଲକ ମହାପାତ୍ର କହିଛନ୍ତି। ରବିବାର ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନରେ ଶ୍ରୀ ମହାପାତ୍ର କହିଛନ୍ତି ଯେ, ଗଣତନ୍ତ୍ରରେ ହିଂସାର ଆଦୌ ସ୍ଥାନ ନାହିଁ। ଶାସକ ବିଜେଡିର ହିଂସାତ୍ମକ ଆଚରଣ ପ୍ରତିବାଦରେ ଆସନ୍ତା କାଲି ବିଜେପି କାର୍ଯ୍ୟକର୍ତ୍ତାମାନେ ମୁହଁରେ କଳାପଟି ବାନ୍ଧି ରାଜ୍ୟର ସମସ୍ତ ସହରାଞ୍ଚଳରେ ଅନୁଷ୍ଠିତ ସତ୍ୟାଗ୍ରହରେ ଯୋଗ ଦେବେ ବୋଲି ଶ୍ରୀ ମହାପାତ୍ର ସୂଚନା ଦେଇଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ମୁଖପାତ୍ର ଠାକୁର ରଣଜିତ ଦାସ, ଗଣମାଧ୍ୟମ ରାଜ୍ୟ ମୁଖ୍ୟ ଦିଲୀପ ମଲ୍ଲିକ ଏବଂ ସହମୁଖ୍ୟ ସୁଜିତ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ।




ଏବେ
ଦାଶ,
ମଧୁସ୍ମିତା
ରହିଲା କାହା

# ଜଗଦେବ ବିଜେଡିରେ ନାହାନ୍ତି, ଦୃଢ କାର୍ଯ୍ୟାନୁଷ୍ଠାନ ନିଶ୍ଚିତ: ବିଜେଡି



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଚିଲିକା ବିଧାୟକ ପ୍ରଶାନ୍ତ ଜଗଦେବ ଏବେ ଦଳରେ ନାହାନ୍ତି ଏବଂ ତାଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଗତକାଲି ଠାରୁ ବିଜେଡି ଦାବି କରିଥିବା କହିଛନ୍ତି ବିଜେଡି ମୁଖପାତ୍ର ଡକ୍ଟର ସସ୍ମିତ ପାତ୍ର। ବିଜେପି ସାମ୍ବାଦିକ ସମ୍ମିଳନୀର ଜବାବ ଦେଇ ଡକ୍ଟର ପାତ୍ର କହିଛନ୍ତି ଯେ ଚିଲିକା ବିଧାୟକଙ୍କ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଆଜି ଓଡିଶା ବିଜେପି ତାହାର ସାମ୍ବାଦିକ ସମ୍ମିଳନୀରେ ଦାବି କରିଛି। ଗତକାଲି ଆମେ ମଧ୍ୟ ଏହି ଦାବି କରିସାରିଛୁ ଯେ ପୋଲିସ ଦ୍ୱାରା ଅଭିଯୁକ୍ତଙ୍କ ବିରୋଧରେ ଦୃଢ ତଥା କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ଏହା ଜାଣିବା ସତ୍ତ୍ୱେ ଏହି ବର୍ବର ଘଟଣାକୁ ରାଜନୀତିକରଣ କରିବାକୁ ବିଜେପି ଅନାବଶ୍ୟକ ଭାବରେ ବିଜେଡିକୁ ଟାଣିବାକୁ ଯେଉଁଳି ଚେଷ୍ଟା କରୁଛି ତାହା ଅତ୍ୟନ୍ତ ଦୁଃଖଦାୟକ ଏବଂ ଦୁର୍ଭାଗ୍ୟଜନକ। ଏହି ବର୍ବର ଘଟଣାକୁ ନେଇ ରାଜନୀତି କରିବାର ପ୍ରୟାସକୁ ଏଡାଇବାକୁ ହେବ। ଏହି ପ୍ରସଙ୍ଗରେ ଆମେ ରାଜନୀତି କରିବା ଉଚିତ୍ ନୁହେଁ ବୋଲି ବିଜେପି ମୁଖପାତ୍ର ଡକ୍ଟର ସମ୍ବିତ ପାତ୍ର ରବିବାର ସକାଳେ ଭୁବନେଶ୍ୱର ବିମାନବନ୍ଦରରେ ବ୍ୟକ୍ତିଗତ ଭାବେ କହିଛନ୍ତି।

# ମନସୁଖଲାଲ ସେଠିଆ ଆର୍‌ଏସ୍‌ଏସ୍‌ର ନୂତନ ସହପ୍ରାନ୍ତକାର୍ଯ୍ୟବାହ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଅଖିଳ ଭାରତୀୟ ପ୍ରତିନିଧି ସଭା ବୈଠକରେ ମନସୁଖଲାଲ ସେଠିଆଙ୍କୁ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ, ଓଡିଶା ପୂର୍ବ ପ୍ରାନ୍ତର ସହପ୍ରାନ୍ତ କାର୍ଯ୍ୟବାହ (ରାଜ୍ୟ ସହସାଧାରଣ ସଂପାଦକ) ଭାବରେ ସରକାର୍ଯ୍ୟବାହ ଦତାତ୍ରେୟ ହୋସ୍‌ବାଲେ ଦାୟିତ୍ୱ ଅର୍ପଣ କରିଛନ୍ତି। ଶ୍ରୀ ସେଠିଆ ବାଲ୍ୟାବସ୍ଥାରୁ ସ୍ୱୟଂ ସେବକ ସଂଘର ବିଭିନ୍ନ ପଦପଦବୀରେ ରହିବା ସହିତ ଓଡିଶା ପ୍ରାନ୍ତର ବ୍ୟବସ୍ଥା ପ୍ରମୁଖ ଥିଲେ। ଜରୁରୀକାଳୀନ ପରିସ୍ଥିତି ସମୟରେ ସେ କାରାବରଣ କରିଥିଲେ। ବର୍ତ୍ତମାନ ସେ ତେରାପନ୍ଥ ସମାଜର ଅଖିଳ ଭାରତୀୟ ସଭାପତି ମଧ୍ୟ ଅଛନ୍ତି। ଏହି ବୈଠକରେ ଓଡିଶା ପ୍ରାନ୍ତରୁ ୨୫ ଜଣ ପ୍ରତିନିଧି ଯୋଗଦେଇ ଥିଲେ ବୋଲି ସଂଘର ଓଡିଶା ପୂର୍ବ ପ୍ରାନ୍ତର ପ୍ରଚାର ପ୍ରମୁଖ ରବିନାରାୟଣ ପଣ୍ଡା ପ୍ରକାଶ କରିଛନ୍ତି।

## ହିଂସାତ୍ମକ ଆଚରଣ ଓଡିଶାକୁ ଲଜ୍ଜିତ କରିଛି: ଡ.ସମ୍ବିତ ପାତ୍ର

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ନିର୍ବାଚନ ହେଉଛି ଗଣତନ୍ତ୍ରର ଗୋଟିଏ ପ୍ରମୁଖ ଅଂଶ ଏବଂ ଜୟ ପରାଜୟ ନିର୍ବାଚନର ଗୋଟିଏ ଅଂଶ। ୪ଟି ରାଜ୍ୟରେ ନିର୍ବାଚନ ସମାପ୍ତ ହୋଇଛି ଏବଂ ଭାରତୀୟ ଜନତା ପାର୍ଟି ସମସ୍ତ ରାଜ୍ୟରେ ଜୟଲାଭ କରିଛି। କୌଣସି ଗୋଟିଏ ରାଜ୍ୟରେ ନିର୍ବାଚନ ପରବର୍ତ୍ତୀ ହିଂସା ଘଟିନାହିଁ ବା ବିଜେପି କାର୍ଯ୍ୟକର୍ତ୍ତା ହିଂସାକାଣ୍ଡ ଭିଆଇ ନାହାନ୍ତି। ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଦେଶ ହେଉଛି ଓଡିଶା। ଶାନ୍ତ, ବିନମ୍ରତା ହେଉଛି ଓଡିଆଙ୍କ ସ୍ୱତନ୍ତ୍ର ପରିଚୟ। କିନ୍ତୁ ଶାସକ ବିଜେଡିର ହିଂସାତ୍ମକ ଆଚରଣ ଆଜି ଓଡିଶାବାସୀଙ୍କୁ ଭୟଭୀତ କରିବା ସହିତ ସମଗ୍ର ଓଡିଶାକୁ ଲଜ୍ଜିତ କରିଛି ବୋଲି ବିଜେପି ରାଷ୍ଟ୍ରୀୟ ମୁଖପାତ୍ର ଡ.ସମ୍ବିତ ପାତ୍ର କହିଛନ୍ତି। ରବିବାର ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଡ.ପାତ୍ର କହିଛନ୍ତି ଯେ, ଗତ କାଲି ଚିଲିକା ବିଧାନସଭା ଅନ୍ତର୍ଗତ ବାଣପୁରଠାରେ ବିଜେଡି ବିଧାୟକ ଶ୍ରୀ ଜଗଦେବ ମଦ ପିଇ ଗାଡି ଚଲାଇବା ସହିତ ବିଜେପି କର୍ମୀଙ୍କୁ ମାରିବାକୁ ଉଦ୍ୟମ କରି ଗଣତନ୍ତ୍ରକୁ ହତ୍ୟା କରିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ସାଧାରଣ ସଂପାଦକ ପୃଥ୍ୱୀରାଜ ହରିଚନ୍ଦନ ଓ ଗୋଲକ ମହାପାତ୍ର, ରାଜ୍ୟ ମୁଖପାତ୍ର ବିରଞ୍ଚି ନାରାୟଣ ତ୍ରିପାଠୀ ଓ ଠାକୁର ରଣଜିତ ଦାସ, ରାଜ୍ୟ ଗଣମାଧ୍ୟମ ମୁଖ୍ୟ ଦିଲୀପ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।

# ଭୁବନେଶ୍ୱର ସୈନିକ ସ୍କୁଲରେ ଶପଥ ଗ୍ରହଣ ଉତ୍ସବ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରବିବାର ଭୁବନେଶ୍ୱର ସୈନିକ ସ୍କୁଲରେ ସ୍କୁଲ ବ୍ୟାଣ୍ଡ ଦ୍ୱାରା ପରିବେଷିତ ରଣବାଦ୍ୟର ତାଳେ ତାଳେ ବର୍ଣ୍ଣାଢ୍ୟ ପ୍ୟାରେଡ୍ ସହିତ କ୍ୟାଡେଟ୍ ମାନଙ୍କର ଶପଥ ଗ୍ରହଣ ଉତ୍ସବ ବିବେକାନନ୍ଦ ପ୍ରେକ୍ଷାଳୟରେ ଅନୁଷ୍ଠିତ ହୋଇଯାଇଛି। ଏହା ବିଦ୍ୟାଳୟର ଏକ ବିଶେଷ ଉତ୍ସବ ଯେଉଁଥିରେ କ୍ୟାଡେଟ୍ ମାନଙ୍କୁ ବିଭିନ୍ନ କାର୍ଯ୍ୟଭାର ସହିତ ତାର ପ୍ରତୀକ ସ୍ୱରୂପ ପଦକ ପ୍ରଦାନ କରାଯାଇଥାଏ। ଏହାଦ୍ୱାରା ଶିକ୍ଷାର୍ଥୀମାନଙ୍କ ଭିତରେ ଦାୟିତ୍ୱବୋଧ ଓ ନେତୃତ୍ୱ ନେବାର ଦକ୍ଷତା ବୃଦ୍ଧି ପାଇଥାଏ। ଏଥିରେ ସୈନିକ ସ୍କୁଲର ଅଧ୍ୟକ୍ଷ ଗ୍ରୁପ୍ କ୍ୟାପ୍ଟେନ୍ ଏସ୍. ଡୋମିନିକ ରାୟନ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। ଏଥିସହିତ ପ୍ରଶାସନିକ ଅଧିକାରୀ କମାଣ୍ଡର ପ୍ରୀତିକା ଶର୍ମା, ଉପାଧ୍ୟକ୍ଷ କମାଣ୍ଡର ଉଷା ସାଙ୍ଗ୍ ଭି ଯୋଗ ଦେଇଥିଲେ। ମୋଟ ୩୫ ଜଣ କ୍ୟାଡେଟଙ୍କୁ ସ୍କୁଲ ଓ ହାଉସ୍ ପାଇଁ ର୍ୟାଙ୍କ୍ ପ୍ରଦାନ କରାଯାଇଥିଲା। କ୍ୟାଡେଟ୍ ଶମ୍ଭୁ କୁମାରଙ୍କୁ ସ୍କୁଲ କ୍ୟାପ୍ଟେନ୍, କ୍ୟାଡେଟ୍ ପ୍ରୀତି ରଞ୍ଜନ, କ୍ୟାଡେଟ ଶୁଭମ୍ ସାହୁ, କ୍ୟାଡେଟ ଅଉରୋକୃପା ସାହୁ, କ୍ୟାଡେଟ ଓମ୍ ଜେନା ଏବଂ କ୍ୟାଡେଟ ସାଇପ୍ରିୟ ଦାଶଙ୍କୁ ଯଥାକ୍ରମେ ସ୍କୁଲ ଆଡଜୁଟାଣ୍ଟ,ଏକାଡେମିକ କ୍ୟାପ୍ଟେନ୍, କଲଚରାଲ କ୍ୟାପ୍ଟେନ, ସ୍ପୋର୍ଟସ୍ କ୍ୟାପ୍ଟେନ ଏବଂ ମେସ୍ କ୍ୟାପ୍ଟେନ୍ ଦାୟିତ୍ୱ ଦିଆଯାଇଥିଲା। ନିଜ ଭାଷଣରେ ମୁଖ୍ୟ ଅତିଥି ଗ୍ରୁପ୍ କ୍ୟାପ୍ଟେନ୍ ଏସ୍. ଡୋମିନିକ ରାୟନ ଭାରପ୍ରାପ୍ତ କ୍ୟାଡେଟମାନଙ୍କୁ ଅଭିନନ୍ଦନ ଜଣାଇଥିଲେ। ଦାୟିତ୍ୱବାନ୍ ହୋଇ ନିଷ୍ଠାର ସହିତ ନିଜ ନିଜର କର୍ତ୍ତବ୍ୟ ପାଳନ କରିବା ପାଇଁ ପରାମର୍ଶ ଦେଇଥିଲେ। ନିଜ କର୍ମରେ ସତ୍ୟ, ସାଧୁତା, ସମୟାନୁବର୍ତ୍ତିତା, ଉତ୍ସର୍ଗୀକୃତ ମନୋଭାବ ଏବଂ ନମ୍ରତା ପ୍ରଦର୍ଶନ କରିବା ପାଇଁ ଦିଗ୍‌ଦର୍ଶନ ଦେଇଥିଲେ। ଏହି ଉତ୍ସବରେ ସ୍କୁଲର କର୍ମଚାରୀଙ୍କ ସମେତ ୬୦୦କ୍ୟାଡେଟ୍ ଯୋଗ ଦେଇଥିଲେ ମିଷ୍ଟର ବିକାଶ ଦେବତା ଏହି ଶପଥଗ୍ରହଣ ଉତ୍ସବରେ ବିଶେଷ ସହଯୋଗ କରିଥିଲେ।

# ସରିଲା ଟାଟା ଷ୍ଟିଲ୍ ଭୁବନେଶ୍ୱର ଲିଟେରାରୀ ମିଟ୍




ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଟାଟା ଷ୍ଟିଲ୍ ଭୁବନେଶ୍ୱର ଲିଟେରାରୀ ମିଟ୍‌ର ଷଷ୍ଠ ସଂସ୍କରଣ ସାହିତ୍ୟ ଠାରୁ ପ୍ରଯୁକ୍ତି, ଚଳଚ୍ଚିତ୍ର ଠାରୁ ସଂଗୀତ ଏବଂ ଆହୁରି ଅନେକ ବିଷୟ ଉପରେ ତିନିଦିନ ବ୍ୟାପୀ ନିୟୋଜନକାରୀ ଆଲୋଚନା, କଥୋପକଥନ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ପରେ ରବିବାର ପରିସମାପ୍ତ ହୋଇଛି। ଲିଟେରାରୀ ମିଟ୍‌ର ଶେଷ ଦିବସ କାର୍ଯ୍ୟକ୍ରମ ଇନ୍‌ଫୋସିସ୍‌ର ସହ-ପ୍ରତିଷ୍ଠାତା ନନ୍ଦନ ନିଲେକାନି ଏବଂ ତାଙ୍କର ସହ-ଲେଖକ ତନୁଜ ଭୋଜୱାନିଙ୍କ ସହିତ ସେମାନଙ୍କ ନୂଆ ପୁସ୍ତକ 'ଦି ଆର୍ଟ ଅଫ୍ ବିଟ୍‌ଫୁଲନେସ୍' ଉପରେ ଏକ ଅଧିବେଶନକୁ ନେଇ ଆରମ୍ଭ ହୋଇଥିଲା। ପରେ ଭାରତ ଉପରେ ଇଟାଲୀୟ ସଂସ୍କୃତିର ପ୍ରଭାବ ସମ୍ପର୍କରେ ଭାରତରେ ଅବସ୍ଥାପିତ ଇଟାଲିର କନ୍‌ସଲ ଜେନେରାଲ ଜିଆନ୍‌ଲୁକା ରୁବାଗୋଟି ଏବଂ ବିଶିଷ୍ଟ ଓଡ଼ିଶୀ ନୃତ୍ୟଶିଳ୍ପୀ ତଥା ଛଉ ନୃତ୍ୟାଙ୍ଗନା ଇଲିଆନା ସିତାରିସ୍ତିଙ୍କୁ ନେଇ ଏକ ଆଲୋଚନା ଅନୁଷ୍ଠିତ ହୋଇଥିଲା। ଅଭିନେତା ରାହୁଲ ବୋଷ ଏବଂ ଜୟନ୍ତ କ୍ରିପାଳିନି ବର୍ତ୍ତମାନ ସମୟରେ ୱେବ୍ ସିରିଜ କିଭଳି ମନୋରଞ୍ଜନ ଶିଳ୍ପରେ ରାଜୁତି କରୁଛି ଏବଂ ବଡ ପରଦା ଉପରେ ତାହାର ପ୍ରଭାବ ପଡୁଛି, ସେ ସମ୍ପର୍କରେ ଆଲୋଚନା କରିଥିଲେ। ବିଶିଷ୍ଟ ବନ୍ୟପ୍ରାଣୀ ଲେଖକ ବିକ୍ରମ ଗ୍ରେୱାଲ ତାଙ୍କର ନୂଆ ପୁସ୍ତକ 'ୱାଇଲ୍‌ଡ ଲାଇଫ୍ ଇନ ଇଣ୍ଡିଆ' ଉନ୍ମୋଚନ କରିବା ସହିତ ମହାମାରୀ ପରବର୍ତ୍ତୀ ବିଶ୍ୱରେ ବନ୍ୟପ୍ରାଣୀ ପର୍ଯ୍ୟଟନ ସମ୍ପର୍କରେ ନିଜର ମତ ରଖିଥିଲେ। ପରେ ପୂର୍ବତନ ଆଇଏଏସ୍ ଅଧିକାରୀ ଏବଂ ସଂପ୍ରତି ଓଡ଼ିଶା ମୁଖ୍ୟମନ୍ତ୍ରୀଙ୍କ ଦପ୍ତରର ମୁଖ୍ୟ ପରାମର୍ଶଦାତା ଥିବା ଆର.ବାଲକ୍ରିଷ୍ଣନ୍‌ଙ୍କୁ ନେଇ ଏକ ଅଧିବେଶନ ଆୟୋଜିତ ହୋଇଥିଲା ଚଳିତ ସଂସ୍କରଣରେ ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ଯଶୋଧାରା ମିଶ୍ର, ମହିଳା ପ୍ରସଙ୍ଗଗୁଡିକୁ ନେଇ ଲେଖିକାମାନଙ୍କର ଲେଖା ସମ୍ପର୍କରେ ସଂଘମିତ୍ରା ମିଶ୍ର ଏବଂ ହିରଣ୍ମୟୀ ମିଶ୍ରଙ୍କ ସହିତ ଆଲୋଚନା କରିଥିଲେ। ଚଳିତ ବର୍ଷ ଲିଟେରାରୀ ମିଟ୍‌ର ଆୟୋଜନ ସ୍ଥଳ ଭୁବନେଶ୍ୱର କ୍ଲବ୍‌ଠାରେ ଅନୁଷ୍ଠିତ ଶେଷ ଅଧିବେଶନ ସତ୍ୟଜିତ ରାୟଙ୍କ ଶତବାର୍ଷିକୀ ପାଳନ ଆଲୋଚନାକୁ ନେଇ ବେଶ୍ ରୋମାଞ୍ଚକର ହୋଇଥିଲା। ବିଶିଷ୍ଟ ଅଭିନେତା ଧ୍ରିତିମାନ ଚାଟାର୍ଜୀଙ୍କ ସହିତ ସୁଶାନ୍ତ ମିଶ୍ର, କପିଳାସ ଭୂୟାଁ ଏବଂ ସୂର୍ଯ୍ୟ ଦେଓ ପ୍ରମୁଖ ପ୍ରବାଦ ଚଳଚ୍ଚିତ୍ର ବ୍ୟକ୍ତିତ୍ୱଙ୍କ କୃତି ସମ୍ପର୍କରେ ଟିକିନିଖି ଆଲୋଚନା କରିଥିଲେ। ସର୍ବେଶ କୁମାର, ଚିଫ୍ କର୍ପୋରେଟ କମ୍ୟୁନିକେସନ୍ସ, ଟାଟା ଷ୍ଟିଲ ଇଣ୍ଡିଆ ଓ ଦକ୍ଷିଣ ଏସିଆ କହିଥିଲେ, 'ଟାଟା ଷ୍ଟିଲ୍ ଭୁବନେଶ୍ୱର ଲିଟେରାରୀ ମିଟ୍‌ର ୬ଷ୍ଠ ସଂସ୍କରଣକୁ ବିପୁଳ ଆଦର ଓ ଗ୍ରହଣୀୟତା ମିଳିଛି ଏବଂ ଏହା ଭବିଷ୍ୟତ କାର୍ଯ୍ୟକ୍ରମକୁ ଅଧିକ ବୃହତ ଓ ଉତ୍ତମ କରିବା ଦିଗରେ ଆମକୁ ଉତ୍ସାହିତ କରୁଛି। ଫେଷ୍ଟିଭାଲ ଡାଇରେକ୍ଟର ମାଳବିକା ବାନାର୍ଜୀ କହିଥିଲେ, ଭୁବନେଶ୍ୱରରେ ସଂସ୍କୃତି ସମୃଦ୍ଧ ଜନସାଧାରଣଙ୍କର ଏଥିରେ ବ୍ୟାପକ ସଂପୃକ୍ତି ଏବଂ ସେମାନଙ୍କର ସାହିତ୍ୟ ଓ ସଂସ୍କୃତି ପ୍ରତି ଭଲପାଇବା ଦେଖି ଆମେ ଆନନ୍ଦିତ।

# ମାଲାବାର ସୁନା ଏବଂ ହୀରା ଭୁବନେଶ୍ୱରର ପ୍ରଥମ ବାର୍ଷିକ ଉତ୍ସବ ପାଳିତ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଦେଶର ସବୁଠାରୁ ବଡ ସୁନା ଏବଂ ହୀରା ଖୁଚୁରା ଅଳଙ୍କାର ମଧ୍ୟରୁ ମାଲାବାର ଗୋଲ୍ଡ ଆଣ୍ଡ ହୀରା ସୋ' ରୁମ୍‌ର ବାର୍ଷିକ ଉତ୍ସବ ଭୁବନେଶ୍ୱର ରୁପାଲି ସ୍କୋୟାରରେ ପାଳିତ ହୋଇଯାଇଛି। ଏହି ଉତ୍ସବରେ ଶିଖା ଗାୟତ୍ରୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ମାଲାବାର ସୁନା ଏବଂ ହୀରା ଏହାର ଶୁଦ୍ଧତା ଏବଂ ଗୁଣର ଉଚ୍ଚ ମାନ ପାଇଁ ଜଣାଶୁଣାଫ। ମାଲାବାର ସୁନା ଏବଂ ହୀରା ସବୁବେଳେ ସୁନା, ହୀରା, ରୂପା ଏବଂ ମୂଲ୍ୟବାନ ରତ୍ନଭଣ୍ଡାରରେ ବିଭିନ୍ନ ପ୍ରକାରର ଉତ୍ପାଦ ପ୍ରଦାନ କରେ। ୱାନ୍ ଇଣ୍ଡିଆ ୱାନ୍ ଗୋଲ୍ଡ ରେଟ୍,



ଫେୟାର ପ୍ରାଇସ୍ ଏବଂ ୧୦ ମାଲାବାର ଭଳି ବ୍ରାଣ୍ଡର ଗ୍ରାହକ-କେନ୍ଦ୍ରିକ ପଦକ୍ଷେପ ଅର୍ଥର ମୂଲ୍ୟ ନିଶ୍ଚିତ କରିବା ଏବଂ ବିକ୍ରୟ ପରେ ଉତ୍କୃଷ୍ଟ ସେବା ଏହି ବ୍ରାଣ୍ଡକୁ ସହରରେ ଲୋକପ୍ରିୟ କରିପାରିଛି। ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡରୁ ଆସିଥିବା ୧୦ଟି ପ୍ରତିଶୃତିରେ ପଥର ଓଜନ, ନିଟ୍ ଓଜନ ଏବଂ ଅଳଙ୍କାରର ଚାର୍ଜ, ଅଳଙ୍କାର ପାଇଁ ଆଜୀବନ ରକ୍ଷଣାବେକ୍ଷଣ, ପୁରୁଣା ସୁନା ଅଳଙ୍କାର ପୁନଃ ବିକ୍ରୟ କରିବା ସମୟରେ ସୁନା ପାଇଁ ୧୦୦ ପ୍ରତିଶତ ମୂଲ୍ୟ, ୧୦୦ ପ୍ରତିଶତ ବିଆଇଏସ୍ ହଲମାର୍କିଂ ଅନ୍ତର୍ଭୁକ୍ତ। ଏହି ଅବସରରେ ଅଶନାଫ୍ (ଷ୍ଟୋର ହେଡ୍) କହିଛନ୍ତି ଯେ ମାଲବାର ଖୁବ୍ ଶୀଘ୍ର କଟକ ଏବଂ ଚନ୍ଦ୍ରଶେଖରପୁରରେ ଦୁଇଟି ଷ୍ଟୋରର ଶୁଭାରମ୍ଭ କରିବ।

# ଡିପ୍ଲୋମା ଇଞ୍ଜିନିୟର୍ସ ସେବା ସଂଘର ବାର୍ଷିକ ଅଧିବେଶନ

ଭୁବନେଶ୍ୱର (ଭାସ୍କର ନ୍ୟୁଜ୍): ଓଡ଼ିଶା ଡିପ୍ଲୋମା ଇଞ୍ଜିନିୟର୍ସ ସେବା ସଂଘର ୭୬ ତମ ବାର୍ଷିକ ଉତ୍ସବ ଅଧିବେଶନ ଓ ସାଧାରଣ ପରିଷଦ ବୈଠକ ପ୍ଲାଟିନମ୍ ଜୁବୁଲି ହଲ୍‌ରେ ଅନୁଷ୍ଠିତ ହୋଇଯାଇଛି। ଇଂ ପ୍ରଦୀପ ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଅଧିବେଶନରେ ବରିଷ୍ଠ ସାମ୍ବାଦିକ ତଥା 'ଓଡ଼ିଶା ଭାସ୍କର'ର ମୁଖ୍ୟ ସଂପାଦକ ପ୍ରଦୋଷ ପଟ୍ଟନାୟକ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ରାଜ୍ୟର ପ୍ରଗତିରେ ଡିପ୍ଲୋମା ଇଞ୍ଜିନିୟରମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ। ଓଡେଶା ସହ ତାଙ୍କର ଦୀର୍ଘ ୫୦ ବର୍ଷର ଆତ୍ମିକ ସମ୍ପର୍କର ସ୍ମୃତିଚାରଣ କରି ଶ୍ରୀ ପଟ୍ଟନାୟକ କହିଲେ ଯେ, ସୋପାନ ପରେ ସୋପାନ ଅତିକ୍ରମ କରି ସେବା ସଂଘ ଆଜି ରାଜ୍ୟର ଅଗ୍ରଗଣ୍ୟ କର୍ମଚାରୀ ସଙ୍ଗଠନରେ ପରିଣତ ହୋଇଛି। କୋଭିଡ୍ ମହାମାରୀ ସମୟରେ ସେବା ସଂଘ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ୩୦ ଲକ୍ଷ ଟଙ୍କା ଦାନ କରିଥିବାରୁ ସେ ପ୍ରଶଂସା କରିଥିଲେ। ସେବା ସଂଘର ଉପଦେଷ୍ଟା ନରେନ୍ଦ୍ର କୁମାର ନାୟକ ସ୍ୱାଗତ ଭାଷଣ ଦେଇଥିବାବେଳେ ସାଧାରଣ ସଂପାଦକ ଇଂ ଯଶୋବନ୍ତ ନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ। ଅଭ୍ୟର୍ଥନା ସମିତିର ଅଧ୍ୟକ୍ଷ ଇଂ ସଚିତ୍ର ମୋହନ ରାଉଳ ଓ ସଂଘର ଉପସଭାପତି ଶ୍ରୀଧର ବାରିକ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ସେବା ସଂଘର ପୂର୍ବତନ ସଭାପତି ଇଂ ନିର୍ମଳ ଚନ୍ଦ୍ର ସ୍ୱାଇଁଙ୍କ ସମେତ ଅତୀତର ସଭାପତି ଓ ସାଧାରଣ ସଂପାଦକମାନେ ଉତ୍ସବରେ ଉପସ୍ଥିତ ଥିଲେ। ଏହି ଅବସରରେ 'ଦିଟେକ୍‌ନୋ ସ୍କ୍ରାଇବ' ଆନୁଷ୍ଠାନିକ ଭାବରେ ଉନ୍ମୋଚିତ ହୋଇଥିଲା।





ହିଞ୍ଜିଳିକାଟୁ (ଭାସ୍କର ନ୍ୟୁଜ୍): ପ୍ରାର୍ଥୀଙ୍କ ନାମ ଘୋଷଣା ଓ ନାମାଙ୍କନ ପତ୍ର ଦାଖଲ ପରେ ଭୋଟରଙ୍କ ମନ ଜିଣିବା ପାଇଁ ଜୋରସୋର ଉଦ୍ୟମ ଆରମ୍ଭ ହୋଇଯାଇଛି। ୧୪ ତାରିଖ ଯାଏଁ ପ୍ରାର୍ଥୀପତ୍ର ପ୍ରତ୍ୟାହାର ପାଇଁ ସମୟ ଅବଧି ରହିଛି। ଯଦିଓ ୧୪ ତାରିଖ ପରେ ଆନୁଷ୍ଠାନିକ ଭାବରେ ପ୍ରଚାର କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ତଥାପି ଅନେକ ପ୍ରାର୍ଥୀ ଏବେଠାରୁ ନିର୍ବାଚନ ପ୍ରଚାର ଆରମ୍ଭ କରିସାରିଲେଣି। ଶୁକ୍ରବାର ପୂର୍ବାହ୍ନରେ ହିଞ୍ଜିଳିକାଟୁ ବିଜେଡି ପୌରାଧକ୍ଷ ପ୍ରାର୍ଥୀ ସୁବାସ ଚନ୍ଦ୍ର ପୋଲାଇଙ୍କୁ ବିଭିନ୍ନ ଚାହା ଖଟିରେ ଦେଖିବାକୁ ମିଳିଥିଲା। ଚାହା ଖଟିରେ ସୁବାସ ଲୋକ ମାନଙ୍କ ସହ ଭାବ ବିନିମୟ କରିଥିଲେ ଏବଂ ବିଜୁ ଜନତା ଦଳ ସରକାରର ବିକାଶ ପ୍ରକ୍ରିୟାକୁ ଗତିଶୀଳ କରିବା ନିମନ୍ତେ ତାଙ୍କୁ ଭୋଟ ଦେବା ପାଇଁ ଭୋଟରଙ୍କୁ ଅପିଲ କରୁଥିବା ଦେଖିବାକୁ ମିଳିଥିଲା। ଅଧ୍ୟକ୍ଷ ପ୍ରାର୍ଥୀ ଶ୍ରୀ ପୋଲାଇଙ୍କ ସହ ପୂର୍ବତନ କାଉନସିଲର ତଥା ଯୁବ ବିଜେଡି ନେତା କିରଣ କୁମାର ପଟ୍ଟନାୟକ ଓ ଅନ୍ୟାନ୍ୟ ନେତା ଓ କର୍ମୀ ମାନେ ମଧ୍ୟ ପ୍ରଚାରରେ ସାମିଲ ହୋଇଥିଲେ।

# କରଞ୍ଜିଆ ବ୍ଲକ ଅଧକ୍ଷା ହେଲେ ସୁଭଦ୍ରା ମାରାଣ୍ଡି



କରଞ୍ଜିଆ (ଭାସ୍କର ନ୍ୟୁଜ୍): କରଞ୍ଜିଆ ବ୍ଲକ ଅଧୀନରେ ଅଛି ୧୫ ପଞ୍ଚାୟତ, ଚଳିତ ନିର୍ବାଚନରେ ପଞ୍ଚାୟତ ସମିତିର ଅଧକ୍ଷ ପଦବୀ ନିମନ୍ତେ ଏସଟି ମହିଳାଙ୍କ ପାଇଁ ସଂରକ୍ଷିତ ଥିଲା । ଆଜିଥିଲା ପଞ୍ଚାୟତ ସମିତି ର ଅଧକ୍ଷା ନିର୍ବାଚନ ଏହି ନିର୍ବାଚନରେ ବିଜେଡି ସମର୍ଥିତ ପ୍ରାଥୀନି ଦୁଧିଆଣି ପଞ୍ଚାୟତ ରୁ ସମିତି ସଭ୍ୟା ଭାବେ ନିର୍ବାଚିତ ହୋଇଥିବା ସୁଭଦ୍ରା ମାରାଣ୍ଡି ନିର୍ଦ୍ଦ୍ୱନ୍ଦ୍ୱରେ ଅଧକ୍ଷା ଭାବେ ନିର୍ବାଚିତ ହୋଇଛନ୍ତ । ସେ ନିର୍ଦ୍ଧାରିତ ସମୟ ରେ ବ୍ଲକ କାର୍ଯ୍ୟାଳୟକୁ ଯାଇ ନିଜର ପ୍ରାଥୀପତ୍ର ଦାଖଲ କରିଥିଲେ । ତେବେ ତାଙ୍କ ପ୍ରସ୍ତାବକ ଭାବେ ବୋଳା ପଞ୍ଚାୟତ ର ସଭ୍ୟ ମଧୁସୂଦନ ଖଟୁଆ ଥିଲେ ଓ ସମର୍ଥକ ଭାବେ ବାଟପଲସା ପଞ୍ଚାୟତର ସଭ୍ୟ ରଶ୍ମିତା ମହାନ୍ତ ରହିଛନ୍ତ । ନିର୍ବାଚିତ ହେବାପରେ ସେ ଓଡ଼ିଶା ଭାସ୍କରକୁ ସାକ୍ଷାତକାର ଦେଇ କହିଥିଲେ ବ୍ଲକ ର ସମସ୍ତ ପଞ୍ଚାୟତ ର ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ ଓ ଗୋମନାଗମନ ଉପରେ ପ୍ରାଧାନ୍ୟ ଦେବେ । ନିର୍ବାଚିତ ପରେ ସେ ଦଳର ବହୁ ପୁରୁଖାନେତା ଓ ସମର୍ଥକ ଙ୍କୁ ନେଇ ବିଜୟ ଶୋଭାଯାତ୍ରା କରିଥିଲେ।

## ଶାସ୍ତ୍ରୀୟ ଓଡିଆ ଭାଷା ଦିବସ ପାଳିତ

କୋରାପୁଟ (ଭାସ୍କର ନ୍ୟୁଜ୍): କୋରାପୁଟ ସରକାରୀ ମହାବିଦ୍ୟାଳୟରେ ସ୍ନାତକୋତର ଓଡିଆ ଭାଷା ଓ ସାହିତ୍ୟ ବିଭାଗ ପକ୍ଷରୁ ଶାସ୍ତ୍ରୀୟ ଓଡିଆ ଭାଷା ଦିବସ ପାଳିତ ହୋଇଯାଇଛି । ଓଡିଆ ବିଭାଗ ମୁଖ୍ୟ ଡ.ଲୋପାମୁଦ୍ରା ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଦୀପକ କୁମାର ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ । ବାଣିଜ୍ୟ ବିଭାଗ ଅଧ୍ୟାପକ ଶିବ ଶଙ୍କର ପଟ୍ଟନାୟକ ଅନ୍ୟତମ ଅତିଥି ଭାବେ ଯୋଗଦେଇଥିଲେ । ଓଡିଆ ବିଭାଗ ଅଧ୍ୟାପିକା ଡ. ପ୍ରୀତିଧାର ସାମଲଙ୍କ ଦ୍ୱାରା ପରିଚାଳିତ କାର୍ଯ୍ୟକ୍ରମରେ ଓଡିଆ ଭାଷାର ପ୍ରାଚୀନତା ଓ ଶାସ୍ତ୍ରୀୟତା ସମ୍ପର୍କରେ ଆଲୋଚନା ହୋଇଥିଲା । ୨୦୧୪ ମାର୍ଚ୍ଚ ୧୧ରେ ଭାରତ ସରକାର ଓଡିଆ ଭାଷାକୁ ଶାସ୍ତ୍ରୀୟ ଭାଷା ମାନ୍ୟତା ପ୍ରଦାନ କରିଥିବା କୁହାଯାଇଥିଲା । ଶାସ୍ତ୍ରୀୟ ଗୌରବ ଅର୍ଜନ କରିବାରେ ଓଡିଆ ଭାଷା ଷଷ୍ଠ ଭାଷା ବୋଲି ଅତିଥି ବୃନ୍ଦ ମତବ୍ୟକ୍ତି କରିଥିଲେ । କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଛାତ୍ରଛାତ୍ରୀ, ଅଧ୍ୟାପକ ଏବଂ ଅଧାପିକା ଯୋଗ ଦେଇଥିଲେ ।

# ନିର୍ଦ୍ଦ୍ୱନ୍ଦ୍ୱରେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ହେଲେ ବିଜେଡି ପ୍ରାର୍ଥୀ ମୋତିରାମ ନାୟକ



ନବରଙ୍ଗପୁର (ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲା ପରିଷଦ ଅଧ୍ୟକ୍ଷ ଭାବରେ ନିର୍ଦ୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି ବିଜେଡି ପ୍ରାର୍ଥୀ ମୋତିରାମ ନାୟକ । ଆଜି ଜିଲ୍ଲା ପରିଷଦ ଅଧ୍ୟକ୍ଷ ନିର୍ବାଚନ ପାଇଁ ପ୍ରାର୍ଥୀପତ୍ର ଦାଖଲର ସମୟ ଅବଧି ମଧ୍ୟରେ ବିଜେଡିର ମୋତିରାମ ନାୟକ ଏକମାତ୍ର ପ୍ରାର୍ଥୀ ଭାବେ ପ୍ରାର୍ଥୀପତ୍ର ଦାଖଲ କରିଥିଲେ । ଯାହାଫଳରେ ନିର୍ବାଚନ ଅଧିକାରୀ ଶ୍ରୀ ନାୟକଙ୍କୁ ଅଧ୍ୟକ୍ଷ ଭାବେ ଘୋଷଣା କରିଥିଲେ । ଏଥିପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ସମସ୍ତ ଜିଲ୍ଲାବାସୀଙ୍କୁ ଧନ୍ୟବାଦ ଦେଇଛନ୍ତି ନବନିର୍ବାଚିତ ଜିଲ୍ଲପରିଷଦ ଅଧ୍ୟକ୍ଷ ଶ୍ରୀ ନାୟକ ।ନବରଙ୍ଗପୁର ଜିଲ୍ଲାରେ ୨୬ଟି ଜିଲ୍ଲା ପରିଷଦ ଜୋନ ରହିଛି । ସେଥି ମଧ୍ୟରୁ ବିଜେଡି ୨୪ଟିରେ ବିଜୟୀ ହୋଇଥିବା ବେଳେ ଗୋଟିଏରେ କଂଗ୍ରେସ ଓ ଗୋଟିଏରେ ସ୍ୱାଧୀନ ପ୍ରାର୍ଥୀ ବିଜୟ ହାସଲ କରିଥିଲେ । ମୋତିରାମ ଦ୍ୱିତୀୟ ଥର ପାଇଁ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଭାବେ ନିର୍ବାଚିତ ହେଲେ । ଏଥିପୂର୍ବରୁ ୨୦୧୨-୧୭ ମଧ୍ୟରେ ସେ ଅଧ୍ୟକ୍ଷ ରହିଥିଲେ । ସେହିପରି ଜିଲ୍ଲାରେ ୧୦ଟି ବ୍ଲକର ଅଧ୍ୟକ୍ଷ ଆସନ ବିଜେଡି ପୋଛିନେଇଛି ।

# ରାସ୍ତା ଅବସ୍ଥା ଶୋଚନୀୟ

ଲକ୍ଷ୍ମୀପୁର (ଭାସ୍କର ନ୍ୟୁଜ୍): କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ବ୍ଲକ ବୁର୍ଜା ପଞ୍ଚାୟତ ଅନ୍ତର୍ଗତ ବନ୍ଦିକାର ଗ୍ରାମର ରାସ୍ତା ଅବସ୍ଥା ଶୋଚନୀୟ ହୋଇ ପଡିଛି। ଫଳରେ ଗ୍ରାମବାସୀଙ୍କୁ ନାହିଁ ନଥିବା ଅସୁବିଧାର ସମୁଖୀନ ହେବାକୁ ପଡୁଛି। କେନ୍ଦ୍ର ସହ ଗୋଟିଏ ପ୍ରାଥମିକ ବିଦ୍ୟାଳୟ ସାଙ୍ଗକୁ ଅନେକ ସରକାରୀ ସବ୍ ସେଣ୍ଟର୍ ରହିଛି। ହେଲେ ଜାତୀୟ ରାଜପଥ କଡରୁ ଗ୍ରାମ ଭିତରକୁ ସଂଯୋଗ କରୁଥିବା ଗୋଟିଏ କିଲୋମିଟର୍ ରାସ୍ତା ଶୋଚନୀୟ ଅବସ୍ଥାରେ



ଥିବାରୁ ଗ୍ରାମବାସୀଙ୍କ ସହ ସରକାରୀ କର୍ମଚାରୀ ଓ ଛାତ୍ର ଛାତ୍ରୀ ସମସ୍ତଙ୍କ ଚଲା ପଥରେ ଅସୁବିଧା ଦେଖା ଦେଇଛି। ସରକାର କହୁଛନ୍ତି ପ୍ରତ୍ୟେକ ଗାଁରେ ବିଜୁଳି, ଜଳ ଓ ରାସ୍ତା ଭଳି ଅନେକ ମୌଳିକ ସୁବିଧା କରାଜାଇଛି କିନ୍ତୁ ବାସ୍ତବ ଚିତ୍ର ଏଠି ପୁରା ଅଲଗା।ନିଜ ଆଖିରେ ନଦେଖିଲେ ବିଶ୍ୱାସ କରିବା କଷ୍ଟକର। ତଥାପି ବର୍ଷ ପରେ ବର୍ଷ ବିତିବାକୁ ଗଲା। ସରପଞ୍ଚ ଉପରେ ସରପଞ୍ଚ ଚାଲି ଗଲେ କିନ୍ତୁ ଏହି ରାସ୍ତା ଉପରେ କାହାରି ନଜର ଆଜି ଜାଏଁ ପଡିଲାନି। ଏଇ ରାସ୍ତା ଗ୍ରାମର ସବୁଠୁ ବଡ ସମସ୍ୟା ରୁପେ ଛିଡା ହେଇ ଥିବାରୁ ନବ ନିର୍ବାଚିତ ସରପଞ୍ଚଙ୍କ ଉପରେ ଅନେକ ଆଶା ଆମା ବାନ୍ଧିଚୁ, ସିଏ ନିଶ୍ଚିତ ଏଇ ସମସ୍ୟାରୁ ଆମକୁ ଉଦ୍ଧାର କରିବେ ବୋଲି କ୍ଷୋଭର ସହ ଗ୍ରାମବାସୀ କହିଛନ୍ତି।

ବ୍ଲକ ସଦର ଠାରୁ ମାତ୍ର ୫ କିଲୋମିଟର ଦୂରରେ ଅବସ୍ଥାପିତ ବନ୍ଦିକାର ଗ୍ରାମ। ହେଲେ ରାସ୍ତା ସମସ୍ୟାରେ ଗ୍ରାମବାସୀ ଘାଣ୍ଟି ହେଉଥିବା କାହାରି ଦୃଷ୍ଟିକୁ ଆସିନି। ଲୋକ ପ୍ରତିନିଧିଙ୍କଠୁ ଆରମ୍ଭ କରି ବ୍ଲକ ପ୍ରଶାସନ ପର୍ଯ୍ୟନ୍ତ କେହି ଜମାରୁ ଦୃଷ୍ଟି ଦେଉ ନଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଗ୍ରାମର ଘର ସଂଖ୍ୟା ୨୫୦ରୁ ଉର୍ଦ୍ଧ୍ୱ ଥିବା ବେଳେ ଲୋକ ସଂଖ୍ୟା ହଜାରେରୁ ଉର୍ଦ୍ଧ୍ୱ । ଗ୍ରାମରେ ତିନିଟି ଅଙ୍ଗନାବାଡି

## ସରସ୍ୱତୀ ସେଠୀ ଅଧକ୍ଷା ନିର୍ବାଚିତ

ହିଞ୍ଜିଳିକାଟୁ (ଭାସ୍କର ନ୍ୟୁଜ୍): ବ୍ଲକ ଅଧକ୍ଷ ନିର୍ବାଚନ ପାଇଁ ଚାଲିଥିବା ସମସ୍ତ କଳ୍ପନା ଜଳ୍ପନାରେ ପୂର୍ଣ୍ଣଛେଦ ଟାଣି ଶନିବାର ରାଜ୍ୟର ସମସ୍ତ ବ୍ଲକର ଅଧକ୍ଷ ନିର୍ବାଚନ କରାଯାଇଛି। ହିଞ୍ଜିଳିକାଟୁ ପଞ୍ଚାୟତ ସମିତି ଅନ୍ତର୍ଗତ ସମସ୍ତ ଗ୍ରାମ ପଞ୍ଚାୟତରେ ବିଜେଡି ସମର୍ଥିତ ସମିତିସଭ୍ୟ



ପ୍ରାର୍ଥୀ ମାନେ ବିଜୟ ଲାଭ କରିଥିଲେ। ନବ ନିର୍ବାଚିତ ସମିତିସଭ୍ୟ ମାନଙ୍କ ସମ୍ମତି କ୍ରମେ କଞ୍ଚୁରୁ ଗ୍ରାମପଞ୍ଚାୟତର ସମିତିସଭ୍ୟ ସରସ୍ୱତୀ ସେଠୀଙ୍କୁ ହିଞ୍ଜିଳିକାଟୁ ପଞ୍ଚାୟତ ସମିତିର ଅଧକ୍ଷ ଭାବରେ ନିର୍ବାଚିତ କରାଯାଇଛି। ସ୍ଥାନୀୟ ଗୋଷ୍ଠୀ ଉନ୍ନୟନ ଅଧିକାରୀ ତଥା ନିର୍ବାଚନ ଅଧିକାରୀ ସୁବ୍ରତ କୁମାର ଜେନା ଏନେଇ ସୂଚନା ପ୍ରଦାନ କରିଛନ୍ତି। ନିର୍ବାଚିତ ହେବା ପରେ ସରସ୍ୱତୀ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜ୍ଞାପନ କରିବା ସହ ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ଅଞ୍ଚଳର ବିକାଶ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବି ବୋଲି ପ୍ରକାଶ କରିଛନ୍ତି।

# ଦିନେ ଥିଲେ ବନ୍ଧୁ, ଆଜି ପ୍ରତିଦ୍ୱନ୍ଦ୍ୱୀ

ମାଲକାନଗିରି (ଭାସ୍କର ନ୍ୟୁଜ୍): ମାଲକାନଗିରି ପୌର ପରିଷଦରେ ବର୍ତ୍ତମାନ ନିର୍ବାଚନ ପ୍ରଚାର ପ୍ରସାର ଜୋରସୋରରେ ଲାଗିଛି । ଏହି ନିର୍ବାଚନ ନିମନ୍ତେ ମାଲକାନଗିରି ପୌର ପରିଷଦ ତିନି ପ୍ରମୁଖ ଦଳ ଯଥା ବିଜୁ ଜନତା ଦଳ , କଂଗ୍ରେସ ଦଳ ଓ ଭାରତୀୟ ଜନତା ପାର୍ଟି ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ଚାଲୁଥିବା ବେଳେ ମୁଖ୍ୟତଃ ବିଜୁ ଜନତା ଦଳ ଓ କଂଗ୍ରେସ ମଧ୍ୟରେ ଅଧ୍ୟକ୍ଷ ପଦ ପାଇଁ ଅଧିକ ପ୍ରତିଦ୍ୱନ୍ଦ୍ୱିତା ହୋଇପାରେ ବୋଲି ରାଜନୈତିକ ମହଲରେ ଆଲୋଚନା ହେଉଛି । ତେବେ ଏହାରି ଭିତରେ ଏକ ବନ୍ଧୁତ୍ୱ କିଭଳି ପ୍ରତିଦ୍ୱନ୍ଦ୍ୱିତାରେ ପରିଣତ ହୋଇଛି ତାକୁ ନେଇ ସାଧାରଣରେ ଚାଲିଛି ଚର୍ଚ୍ଚା । ଆଜକୁ ପ୍ରାୟ ୨୫ ବର୍ଷ ହେବ ମାଲକାନଗିରି ଜିଲାରେ ମନୋଜ କୁମାର ବାରିକ ଏବଂ ଜି. ଶ୍ରୀନିବାସ ରାଓଙ୍କ ମଧ୍ୟରେ ବନ୍ଧୁତା ସମସ୍ତଙ୍କୁ ଜଣା । ଦୁହିଁଙ୍କ ବନ୍ଧୁତା ଦେଖିଲେ ଏମାନେ ଦୁଇ ଭାଇ ବୋଲି ଅନେକ କହନ୍ତି । ଉଭୟେ ସମାଜସେବୀ ଭାବେ




ପରିଚିତ । ମନୋଜ ବାରିକ ପୂର୍ବତନ ପୌର ଉପାଧ୍ୟକ୍ଷ ଭାବେ ଜଣାଶୁଣା । ଅନ୍ୟପକ୍ଷରେ ଚିଟି ଭାଇ ରୂପେ ପରିଚିତ ଜି . ଶ୍ରୀନିବାସ ରାଓ ମଧ ସମାଜସେବା ପାଇଁ ଜଣାଶୁଣା । ଚଳିତ ପୌର ନିର୍ବାଚନରେ ଉଭୟ ପରସ୍ପର ବିରୋଧରେ ପ୍ରାର୍ଥୀ ହୋଇ ଛିଡ଼ା ହୋଇଛନ୍ତି । ନିର୍ବାଚନ ରଣାଙ୍ଗନରେ ଏହି ଦୁଇ ରଥୀଙ୍କୁ ନେଇ ଏବେ ଚର୍ଚ୍ଚା । ମନୋଜ ବିଜେଡି ପକ୍ଷରୁ ଅଧକ୍ଷ ପଦ ପାଇଁ ଲଢୁଥିବାବେଳେ ଜି . ଶ୍ରୀନିବାସ ରାଓ କଂଗ୍ରେସ ପକ୍ଷରୁ ଅଧକ୍ଷ ପଦ ପାଇଁ ଲଢୁଛନ୍ତି । ଦୁହେଁ ଦୁଇ ପ୍ରମୁଖ ରାଜନୈତିକ ଦଳର ପ୍ରାର୍ଥୀ ଭାବେ ଅବତୀର୍ଣ୍ଣ ହୋଇଥିବାବେଳେ ବନ୍ଧୁତ୍ୱ ଓ ରାଜନୈତିକ ବିଚାରଧାରା ସମ୍ପୂର୍ଣ୍ଣ ଭିନ୍ନ ବୋଲି ଉଭୟ କହନ୍ତି । ଏହି ଦୁଇ ବନ୍ଧୁ ପରସ୍ପର ବିରୋଧରେ କିଭଳି ପ୍ରଚାର କରୁଛନ୍ତ । ଭୋଟରଙ୍କୁ ନିଜ ପକ୍ଷକୁ ଟାଣିବା ପାଇଁ କିଏ କିଭଳି ରଣନୀତି ଆପଣାଉଛନ୍ତି ତାହାକୁ ସମସ୍ତେ ଉତ୍ସୁକତାର ସହ ଅପେକ୍ଷା କରିଛନ୍ତି । ଏହାସହ ମାଲକାନଗିରି ମୁନିସିପାଲିଟିର ୧୪ ନମ୍ବର ୱାର୍ଡର ଦୁଇ କାଉନସିଲର ପ୍ରାର୍ଥୀ ମାଣିକ ଚକ୍ରବର୍ତ୍ତୀ ଏବଂ ଗଣେଶ ସାହା । ଏ ଦୁହେଁ ବି ବାଲ୍ୟ କାଳରୁ ବନ୍ଧୁ କିନ୍ତୁ ଏବେ ବିଜେପି ଏବଂ ବିଜେଡି ରେ ଦୁହେଁ ଲଢୁଥିବା ଦେଖିବାକୁ ମିଳିଛି । ସେହି ୱାର୍ଡର ଭୋଟର ବର୍ତ୍ତମାନ ଦ୍ୱନ୍ଦରେ । ଏହି ପରିପ୍ରେକ୍ଷୀରେ ଦୁଇ ବିରାଡିଙ୍କ କଳିରେ ମାଙ୍କଡର ଲାଭ ହେଲାଭଳି କଂଗ୍ରେସ ପକ୍ଷରୁ ଲଢୁଥିବା କାଉନସିଲର ବାଜିମାତ୍ କରି ୱାର୍ଡଟିକୁ ନିଜ କବ୍‌ଜାକୁ ନେବେନିତ ?

## ବାର ଆସୋସିଏସନ୍ ନିର୍ବାଚନୀ ପ୍ରକ୍ରିୟା ଆରମ୍ଭ

ମାଲକାନଗିରି (ଭାସ୍କର ନ୍ୟୁଜ୍): ମାଲକାନଗିରି ବାରଆସୋସିଏସନର ପାଇଁ ପ୍ରାର୍ଥୀପତ୍ର ଦାଖଲ ହୋଇଯାଇଛି । ସଭାପତି ପାଇଁ ପ୍ରକାଶ ମହାନ୍ତି ନିର୍ବାଚନ ଅଧିକାରୀ ରଥକୃଷ୍ଣ ପାତ୍ରଙ୍କ ନିକଟରେ ପ୍ରାର୍ଥୀପତ୍ର ଦାଖଲ କରିଥିବା ବେଳେ ତାଙ୍କ ବିପକ୍ଷରେ କୌଣସି ପ୍ରାର୍ଥୀ ପ୍ରାର୍ଥୀପତ୍ର ଦାଖଲ କରି ନଥିବା ବେଳେ ସେ ନିର୍ଦ୍ୱନ୍ଦରେ ନିର୍ବାଚିତ ହୋଇଥିବା ଦେଖିବାକୁ ମିଳିଛି । ସେହିଭଳି କୋଷାଧକ୍ଷ ପଦବୀ ପାଇଁ ବିଭୂତି ଭୂଷଣ ବେହେରା ମଧ ନିର୍ଦ୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି । ତେବେ ସମ୍ପାଦକ ଏବଂ ଯୁଗ୍ମ ସମ୍ପାଦକ ପଦବୀ ନିମନ୍ତେ ନିର୍ବାଚନ ଆସନ୍ତା ୨୨ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ବେଳେ ସମ୍ପାଦକ ପ୍ରାର୍ଥ ଭାବେ ଲମ୍ବୋଦର ତୁରୁକ ଓ ନୃସିଂହ ଚରଣ ମହାନ୍ତିଙ୍କ ମଧରେ ପ୍ରତିଦ୍ୱନ୍ଦ୍ୱିତ ହେବ । ସେହିପରି ଯୁଗ୍ମ ସମ୍ପାଦକ ପାଇଁ ହିରଜ କୁମାର ପାଣିଗ୍ରାହୀ ଏବଂ ରାଜେଶ ପଟ୍ଟନାୟକଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହେବବୋଲି ବାର ର ନିର୍ବାଚନ ଅଧିକାରୀ ଶ୍ରୀ ପାତ୍ର କହିଛନ୍ତି । ବାରର ଉପ-ସଭାପତି ନିମନ୍ତେ ତିନିଜଣ ନୋମିନେସନ କରିଥିବା ବେଳେ ଓଡ଼ିଶ ବାର ଆସୋସିଏସନ ର ନିୟମ ଅନୁଯାୟୀ ସେହି ତିନିଜଣଙ୍କ ଓକିଲାତିରେ ୨୦ ବର୍ଷ ହୋଇନଥିବା ସତ୍ତ୍ୱେ ସେମାନଙ୍କ ରଦ୍ଦ ହୋଇ ଯାଇଥିବା ଏବଂ ସେହି ପୋଷ୍ଟର ନିର୍ବାଚନ ପାଇଁ ପୁଣି ପରେ ତାରିଖ ଧାର୍ଯ୍ୟ କରାଯିବ ବୋଲି କହିଛନ୍ତି ନିର୍ବାଚନ ଅଧିକାରୀ ।

## କଳସିଗୁଡ଼ିଠାରେ ବିଭିନ୍ନ ପର୍ବ ନିମନ୍ତେ ପ୍ରସ୍ତୁତି ବୈଠକ

ରାଇଘର (ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ସଦରମହକୁମାସ୍ଥିତ କଳସୀଗୁଡ଼ି ମନ୍ଦିର ପରିସରରେ ଆଜି ଜାନି ଯାତ୍ରା ନିମନ୍ତେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରସ୍ତୁତି ବୈଠକରେ ରାଇଘର ସାତ ପାଲିର ଗ୍ରାମ ମୁଖ୍ୟାମାନେ ଯୋଗ ଦେଇ ଆଗାମୀ ଦିନରେ ଅଞ୍ଚଳର ଜାନି ଯାତ୍ରା ପୂଜା ପର୍ବ କିପରି ସୁରୁଖୁରୁରେ ହୋଇପାରିବ ତାହା ଉପରେ ଆଲୋଚନା ହୋଇଥିଲା। ପ୍ରକାଶ ଥାଉ କି ଗତ ୨ ବର୍ଷ ହେବ କରୋନା ମହାମାରୀ ସକାଶେ ପ୍ରାୟତଃ ପୂଜା ପର୍ବ ଆଦି ଉପରେ ଅଙ୍କୁଶ ଲାଗିଥିଲା। ବର୍ତ୍ତମାନ କିଛିଟା ସୁଧାର ଆସି ଥିବା ଯୋଗୁଁ ସାତ ପାଲି ଗ୍ରାମ ମୁଖ୍ୟା ସ୍ଥାନୀୟ ଯୁବକ ସଂଘ ଆଜି ଏକତ୍ରିତ ହୋଇ ପରମ୍ପରା ଅନୁଯାୟୀ ଆସନ୍ତା ଏପ୍ରିଲ ପାଞ୍ଚ ତାରିଖ ଠାରୁ ଏପ୍ରିଲ ୧୨ ତାରିଖ ପର୍ଯ୍ୟନ୍ତ କଳସୀ ଗୁଡ଼ି ମା ଠାକୁରାଣୀଙ୍କ



କଳସ ସ୍ଥାପନା ପୂର୍ବକ କୋଭିଡ ଗାଇଡ ଲାଇନକୁ ନଜରରେ ରଖି କଳସ ସ୍ଥାପନା ନିମନ୍ତେ ନିଷ୍ପତ୍ତି ନିଆଗଲା। ଉକ୍ତ ବୈଠକରେ ସର୍ବସମ୍ମତି କ୍ରମେ ସଭାପତି ରୂପେ ଜିତେନ୍ଦ୍ର କୁମାର ଶ୍ରୀବାସ୍ତବ, ଉପ ସଭାପତି ରୁପେ କୃପାସିନ୍ଧୁ କୁମ୍ଭାର, ସଂପାଦକ ରୁପେ ମୋହିତ ଦଣ୍ଡସେନା, ସହ ସଂପାଦକ ରୁପେ ଗୋପାଲ ସୁନାନୀ, କୋଷାଧକ୍ଷା ରୂପେ ଦିଲୀପ ସିଂ ରାଜପୁତଙ୍କୁ ମନୋନୀତ କରାଯାଇଥିଲା। ତାସହ ସାତ ପାଲି ଗ୍ରାମ ମୁଖ୍ୟ ସିଆନ, କମଳ ସିଂ ରାଜପୁତ ପ୍ରମୁଖ ଉପସ୍ଥିତ ଥିଲେ।

## ବାଇକ୍ ଚୋରଙ୍କ ଟେର ପାଉନି ପୋଲିସ୍

ଚିକିଟି (ଭାସ୍କର ନ୍ୟୁଜ୍) : ଗଂଜାମ ଜିଲ୍ଲା ଅନ୍ତର୍ଗତ କେ.ନୂଆଗାଁ ଥାନା ଅଧିନସ୍ଥ ଚିକିଟି ଫାଣ୍ଡି ଇଲାକାରେ ବାଇକ ଚୋରଙ୍କ ପାର୍ଦୁଭାବ ବଢ଼ିବାରେ ଲାଗିଛି । ସୂଚନା ପ୍ରକାରେ ଏହି ଇଲାକାରେ ଫାଣ୍ଡି ପୋଲିସଙ୍କ ଅପାରଗତା ଯୋଗୁଁ ଏଭଳି ଘଟଣା ଘଟାଇବା ସକାଶେ ଚୋରଙ୍କ ଭାଉ ବେଶ ବଢି ଚାଲିଛି । ଗତ ଦୁଇଦିନ ତଳେ ଚିକିଟି ଗଡର ଏକ ବ୍ୟକ୍ତିଙ୍କ ଫାର୍ମ ହାଉସ ନିକଟରୁ ଗୋଟିଏ ବାଇକ ଚୋରି ହୋଇଥିବା ବେଳେ ଗତ ରାତିରେ ଏକ ଖ୍ୟାତିନାମା ଓକିଲଙ୍କ ବାଇକ ନିଜ ଗ୍ୟାରେଜରୁ ଚୋରି ହୋଇଥିବା ଜଣାପଡୁଛ । ଆଜକୁ ଦର୍ଘ ଦିନହେଲା ଫାଣ୍ଡି ଇଲାକାରେ ବାଇକ ଡିକି ଭାଙ୍ଗି ଟଙ୍କା ଲୁଟ ଚାଲିଆସୁଥିବା ବେଳେ ଫାଣ୍ଡି ଅଧିକାରୀଙ୍କ କୌଣସି କାର୍ଯ୍ୟାନୁଷ୍ଠାନ ନଥିବା ଯୋଗୁଁ ଚୋର ମାନେ ନିଜର କାୟା ବିସ୍ତାର କରିବାରେ ଲାଗିଛନ୍ତି । ଅପର ପକ୍ଷରେ ଅଂଚଳରେ ମାଳ ମାଳ ଜୁଆ ଅଡ୍ଡା ଚାଲିଆସିଥିବା ବେଳେ ଫାଣ୍ଡି ଇଲାକାରେ ଚୋରୀ ବଢ଼ିବାରେ ଲାଗିଥିବା ପ୍ରକାଶ ପାଉଛି । ଏଠାକାର ପୋଲିସ ଖାଲି ନିର୍ଦ୍ଦିଷ୍ଟ ରାଜନୈତିକ ଦଳକୁ ସୁରକ୍ଷା ଦେବା ସହ ସେମାନଙ୍କର ଇଂଗିତରେ ନାଚୁଥିବା କଥା ମଧ ସାଧାରଣରେ ଚର୍ଚ୍ଚା ଜୋର ଧରିବା ସହ ଜନ ସଧାରଣଙ୍କ ଧନ ଜୀବନ ଉପରେ କିଛି ଫରକ ପଡୁନଥିବା ମଧ ଚର୍ଚ୍ଚା ଜୋର ଧରିଛି ।

# ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ ୨୦୨୨ ଅନୁଷ୍ଠିତ

ନବରଙ୍ଗପୁର (ଭାସ୍କର ନ୍ୟୁଜ୍): ଜିଲ୍ଲା ଆଇନ ସେବା ପ୍ରାଧିକରଣ, ନବରଙ୍ଗପୁର ତରଫରୁ ଜିଲ୍ଲା କୋର୍ଟ ପରିସରରେ ଜିଲ୍ଲା ଦୌରା ଜଜ୍ ସଞ୍ଜୀବ ଦୁବେଙ୍କ ଅଧ୍ୟକ୍ଷତାରେ ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ ୨୦୨୨ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ଜର୍ଜ ଶ୍ରୀ ଦୁବେ ଗୋଟିଏ(୧) ଏନ୍.ଆଇ.ଆକ୍ଟ କେସ ଫଇସଲା କରି ୭୦ହଜାର ଟଙ୍କା କ୍ଷତିପୂରଣ ରାଶି ଧାର୍ଯ୍ୟ କରିଛନ୍ତି ଓ ଗୋଟିଏ ଏକ୍ସ୍ୟୁକେସନ ପିଟିସନ୍ କେସ ମଧ୍ୟ ଫଇସଲା କରିଛନ୍ତି । ସେହିପରି ପରିବାର ବିଚାରବିଭାଗୀୟ ଜର୍ଜ ସଞ୍ଜୟ କୁମାର ସାହୁ ୪ଗୋଟି ପାରିବାରିକ ବିବାଦ କେସ ରେ ଆପୋଷ ମିଳାମିଶା କରାଇ ସମାଧାନ କରିଛନ୍ତି ।ଅତିରିକ୍ତ ଜିଲ୍ଲାଜର୍ଜ୍ ଶିବ ପ୍ରସାଦ ମିଶ୍ର ଗୋଟିଏ ଦୁର୍ଘଟଣାଜନିତ ମାମଲାର ଫଇସଲା କରି ୭୦ହଜାର ଟଙ୍କା କ୍ଷତିପୂରଣ ରାଶି ଧାର୍ଯ୍ୟ କରିଛନ୍ତି ।ବରିଷ୍ଠ ଦେବାନୀ ଜଜ୍ ଅର୍ଣ୍ଣପୂର୍ଣ୍ଣା ନାୟକ ୫ଟି ବ୍ୟାଙ୍କ ଋଣ ଦେୟ ସମ୍ବନ୍ଧିୟ ବିବାଦର ଫଇସଲା କରି ୧୦ଲକ୍ଷ୧୮ହଜାର୪୯୨ଟଙ୍କା ଋଣ ଆଦାୟ କରିଛନ୍ତି ।ସେହିଭଳି ଉପଖଣ୍ଡ ବିଚାର ବିଭାଗୀୟ ଦଣ୍ଡାଧିକାରୀ ପ୍ରିୟ ରଞ୍ଜନ ଓଝା ୯୦ଟି ପୌଜଦାରୀ ମକଦ୍ଦମା ର ଫଇସଲା କରିଛନ୍ତି ।ଏହି ରାଷ୍ଟ୍ରୀୟ ଲୋକ ଅଦାଲତ ରେ ସର୍ବମୋଟ ୧୭୧ ଗୋଟି କୋର୍ଟ କେସ ର ଫଇସଲା କରାଯାଇଛି ଓ ବ୍ୟାଙ୍କର ୮ଟି ପ୍ରାକ ମକଦ୍ଦମା ମଧ୍ୟ ଫଇସଲା କରାଯାଇ ୨ଲକ୍ଷ୨୪ହଜାର୫୦୦ଟଙ୍କା ଋଣ ଆଦାୟ କରାଯାଇଛି ।ଏହି ରାଷ୍ଟ୍ରିୟ ଲୋକ ଅଦାଲତ ରେ ଅତିରିକ୍ତ ଜିଲ୍ଲାଜଜ୍ ଶ୍ରୀମତି ପ୍ରଣତି ସାହା,ଅତିରିକ୍ତ ଜିଲ୍ଲାଜଜ୍ ନିରଞ୍ଜନ ସାହୁ,ମୁଖ୍ୟ ବିଚାର ବିଭାଗୀୟ ଦଣ୍ଡାଧିକାରୀ ସୁଦାମ ଚରଣ ଦାସ,ରେଜିଷ୍ଟ୍ରାର ଜିଲ୍ଲକୋର୍ଟ ଅପର୍ଣ୍ଣା ମହାପାତ୍ର ଓ ପ୍ରଥମେଶ୍ରଣୀ ବିଚାର ବିଭାଗୀୟ ଦଣ୍ଡାଧିକାରୀ ଶ୍ରୀମତୀ ରାଜଶ୍ରୀ ଅରୟବାଳା ତ୍ରିପାଠୀ ପ୍ରମୁଖ ଯୋଗ ଦେଇଥିଲେ । । ଜିଲ୍ଲା ଆଇନ ସେବା ପ୍ରାଧିକରଣର ଭାରପ୍ରାପ୍ତ ସଚିବ ଶ୍ରୀମତୀ ଅର୍ଣ୍ଣପୂର୍ଣ୍ଣା ମହାପାତ୍ର ଏହି ରାଷ୍ଟ୍ରୀୟ ଲୋକ ଅଦାଲତ ପରିଚାଳନା କରିଥିବା ବେଳେ କୋର୍ଟର ଆଇନଜୀବୀ ଓ କର୍ମଚାରୀ ସହଯୋଗ କରିଥିଲେ ।

# ଜଙ୍ଗଲ ନିଆଁ ନିବାରଣ ସଚେତନତା କାର୍ଯ୍ୟକ୍ରମ




ଖଇରପୁଟ (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲାର ଚିତ୍ରକୋଣ୍ଡା ବନାଞ୍ଚଳ ଅଧୀନରେ ଥିବା ନରସିଂହପୁର ଓ ପେଟାଲ ବନ ସୁରକ୍ଷା ସମିତି ଗ୍ରାମକୁ ଉଦ୍ୟାନ ବିଭାଗର ଉଦୟ ଭୂମିଆ, ବନରକ୍ଷୀ ବଳଭଦ୍ର ମାଝି ଓ ସନ୍ତୋଷ ପାଇକଙ୍କ ଉପସ୍ଥିତିରେ ପନିପରିବା ମଞ୍ଜି ଓ ବିଭିନ୍ନ ପ୍ରକାର ଫଳ ଚାରା ବଣ୍ଟନ କରାଯାଇଛି। ସୃଷ୍ଟି ପି-ଏନ ଜି ଓ ତରଫରୁ ଉକ୍ତ କାର୍ଯ୍ୟକ୍ରମ କରାଯାଇଥିଲା।ଏହି କାର୍ଯ୍ୟକ୍ରମ ରେ ଆମ ଜଙ୍ଗଲ ଯୋଜନାର ଟିମ୍ ଲିଡର ଜ୍ୟୋତି ରଞ୍ଜନ ପାଣିଗ୍ରାହୀ, ଡେଭଲପମେଣ୍ଟ ଅଫିସର ରଞ୍ଜିତ କୁମାର ରାଜୁ, ଅଜୟ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଏହା ସହିତ ଗ୍ରାମର ଏନିମେଟର ତ୍ରିନାଥ କିର୍ଶାନି ଓ ଶିବ ଖିଲ ଓ କେତେକ ଗ୍ରାମର ମୁଖ୍ୟ ବ୍ୟକ୍ତି ମଧ୍ୟ ଉପସ୍ଥିତ ଥିଲେ। ଆଗାମୀ ଦିନରେ ନୂତନ ଭାବରେ ବନ ସୁରକ୍ଷା ସମିତି ଗଠିତ ହୋଇଥିବା ଗ୍ରାମ ଗୁଡିକରେ ଏହି ପନିପରିବା ମଞ୍ଜି ଓ ଚାରା ବଣ୍ଟନ କରିବାର ଯୋଜନା ରହିଥିବା କଥା ସୃଷ୍ଟି ଏନ୍‌ଜିଓ ତରଫରୁ କୁହାଯାଇଛି। ଏହା ସହିତ ଜଙ୍ଗଲରେ ନିଆଁ ନ ଲଗାଇବାକୁ ଓ ପଶୁ ଶିକାର ନ କରିବାକୁ ଗ୍ରାମ ବାସୀଙ୍କୁ ଅନୁରୋଧ କରାଯାଇଥିଲା।

## ହାଇମାଷ୍ଟ ଲାଇଟ୍ ଜଳାଇବାକୁ ସାଧାରଣରେ ଦାବି

ରାଇଘର (ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ସଦର ମହକୁମା ସ୍ଥିତ ମେଡିକାଲ୍ କ୍ୟାମ୍ପସ ମଧ୍ୟରେ ଥିବା ହାଇମାଷ୍ଟ୍ ଲାଇଟ୍ ଦୀର୍ଘ ଦିନ ହେବ ସମ୍ପୂର୍ଣ୍ଣ ଅଚଳ ହୋଇଯାଇଥିବା ଦେଖିବାକୁ ମିଳିଛି। ଖବର ନେବାରେ ଜଣାଯାଇଛି ଯେ ପୂର୍ବତନ ଉମରକୋଟ ବିଧାୟକ ଜଗବନ୍ଧୁ ମାଝୀଙ୍କ ଦ୍ୱାରା ୨୦୧୦ ମସିହା ବେଳକୁ ଉଦଘାଟନ କରିଥିଲେ। ତାପରେ କିଛି ଦିନ ଲାଇଟ୍ ଜଳିବା ପରେ ତାହାକୁ ପଂଚାୟତକୁ ତାହାର ତଦାରଖ ନିମନ୍ତେ ହସ୍ତାନ୍ତର କରାଯାଇଥିଲା। ତାପର ଠାରୁ ଲାଇଟ୍ ର କିଛି ଅସୁବିଧା ହେବାରୁ ଦୀର୍ଘ ଦିନ ସେମିତି ବନ୍ଦ ହୋଇ ଯାଇଛି। ଗତ ବର୍ଷ ମରାମତି ନିମନ୍ତେ ଲାଇଟ୍ କୁ ତଳକୁ ଅଣାଯାଇ ଥିଲା । କିନ୍ତୁ କଣ ହେଲା କେଜାଣି ମରାମତି ନ ହୋଇ ସେମିତି



ପଡ଼ିରହିଛି। ପ୍ରକାଶ ଥାଉ କି ଏହି ହାଇ ମାଷ୍ଟ ଲାଇଟ୍‌ଟି ରାଇଘର ମେଡ଼ିକାଲ ମଧ୍ୟରେ ଥିବା ବେଳେ ପରିବେଶ ଅନ୍ଧାରମୟ ରହୁଅଛି । ତେଣୁ ଏହାର ସମାଧାନ ନିମନ୍ତେ ସାଧାରଣରେ ଦାବି ହେଉଛି।



ନୂଆପଡ଼ା (ଭାସ୍କର ନ୍ୟୁଜ): ନୂଆପଡା ଜିଲ୍ଲା ଖରିଆର ରୋଡ ଯୋଙ୍କ ଥାନା ଏସ. ଆଇ ଭାରତୀ ନାୟକଙ୍କ ନେତୃତ୍ୱରେ ଏକ ପୋଲିସ ଟିମ ଏନ୍.ଏଚ୍ ୩୫୩ ଗୋତମା ଛକ ରେ ଗୋଟିଏ ଟିଭିଏସ ଆପାଚି ମୋଟର ସାଇକେଲ ଓ ଗୋଟିଏ ହୋଣ୍ଡା ଆକଟିଭା ଆରୋହୀ କୈଳାଶ ସାହୁଙ୍କୁ ଅଟକାଇ ରଖିଥିଲେ । ପରେ ତାଙ୍କର ସାଥି ମହେଶ ସୁନା ଓ ଇସାର ସୁନାନୀ ଦୁହିଁଙ୍କ ଠାରୁ ହୋଣ୍ଡା ଆକ୍ଟିଭା ରେ ଗୋଟିଏ ପ୍ଲାଷ୍ଟିକ ବେଗ ରେ ୨୦ କେଜି ଓଜନ ଏକ ବେଗ ଭର୍ତ୍ତି ଗଂଜେଇ ଜବତ କରି ସେହି ତିନିଜଣଙ୍କୁ ଅଟକ ରଖିଥିଲେ । ଅଭିଯୁକ୍ତମାନେ ଏହି ଗଂଜେଇ ବାଲିଗୁଡା ଅଂଚଳରୁ ଆଣିଥିବା ସୂଚନା ଦେଇଛନ୍ତି । ଶ୍ରୀ ଦେବେନ୍ଦ୍ର କୁମାର ରାଉତ ମାଜିଷ୍ଟ୍ରେଟ କମ ତହସିଲଦାର ନୂଆପଡା ଓ ଦୁଇଜଣ ସ୍ୱାଧୀନ ସାକ୍ଷୀଙ୍କ ସମ୍ମୁଖରେ ଏହି ଗଂଜେଇ ଜବତ କରିଥିଲେ। ତିନିଜଣଙ୍କୁ କୋର୍ଟ ଚଲାଣ କରାଯାଇଥିବା ବେଳେ ଦୁଇ ଗୋଟି ମୋଟର ସାଇକେଲ ଓ ତିନୋଟି ମୋବାଇଲ ଜବତ କରାଯାଇଛି ।



# ଲହୁଣୀପଡା, କୋଇଡା, ଗୁରୁଣ୍ଡିଆ ବ୍ଲକ ଅଧକ୍ଷ ସିପିଆଇ ଏମ୍ କବଜାରେ

ଲହୁଣୀପଡ଼ା (ଭାସ୍କର ନ୍ୟୁଜ): ଚଳିତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ଇତି ମଧ୍ୟରେ ଶେଷ ହୋଇ ଯାଇଥିବା ବେଳେ ବ୍ଲକ ଅଧକ୍ଷ ନିର୍ବାଚନ ମଧ ଆଜି ଶେଷ ହୋଇଯାଇଛି। ବଣାଇ ନିର୍ବାଚନ ମଣ୍ଡଳୀ ରେ ୨୦୧୭ ମସିହା ର ପୁନରାବୃତ୍ତି ହୋଇଥିବା ଦେଖିବାକୁ ମିଳିଛି। ଗୁରୁଣ୍ଡିଆ, ଲହୁଣୀପଡା, ଏବଂ କୋଇଡା ବ୍ଲକ ରେ ସିପିଆଇ ଏମ୍ ପାଖକୁ ଚାଲି ଯାଇଥିବା ବେଳେ କେବଳ ବଣାଇ ବ୍ଲକକୁ ନେଇ ବିଜେଡି ସନ୍ତୁଷ୍ଟ ପ୍ରକାଶ କରିଛି। ବଣାଇ ବ୍ଲକରେ ସରସରା ବଲାଙ୍ଗର ସମିତି ସଭ୍ୟା ମଞ୍ଜୁ ଲତା କିଷାନ ତୃତୀୟ ଥର ପାଇଁ ଲଗାତର ଭାବେ ବିଜୟୀ ହୋଇ ଥିବା ଜଣାପଡିଛି। ୧୩ ଅଙ୍କ ବିଶିଷ୍ଟ ସମିତି ସଭ୍ୟ ଙ୍କ ମଧ ରୁ ଶ୍ରୀମତୀ କିଷାନ ୭ ଖଣ୍ଡ ଭୋଟ ପାଇ ଥିବା ବେଳେ ତାଙ୍କ ପ୍ରତିଦ୍ୱନ୍ଦୀ ତଥା ସିପିଆଇ ଏମ୍ ସମର୍ଥିତ ଅମ୍ବିକା କିଷାନ ୬ଖଣ୍ଡ ଭୋଟ ପାଇ ଥିଲେ। ଏହାକୁ ନେଇ ବିଜେଡି କର୍ମୀଙ୍କ ମଧ୍ୟରେ ଖୁସି ଲହରୀ ଖେଳିଯାଇଛି। ବାଜା ବଜାଇବା ସହିତ









## ବଣାଇ ବ୍ଲକ ଅଧକ୍ଷ ବିଜେଡ଼ି କବ୍‌ଜାରେ

ବାଣ ଫୁଟାଇ ତାଙ୍କ ର ଖୁସି ଜାହିର କରିଛନ୍ତି। ମଞ୍ଜୁଲତା ଏହାକୁ ନେଇ ତୃତୀୟ ଥର ପାଇଁ ବିଜୟୀ ହାସଲ କରିଛନ୍ତି। ସେହିପରି ଗୁରୁଣ୍ଡିଆ ବ୍ଲକର ଜର୍ଜନିଆ ବୁଢ଼ ବିଜୟୀ ହୋଇଛନ୍ତି। ଶ୍ରୀମତୀ ବୁଢ଼ ୭ ଖଣ୍ଡ ଭୋଟ ପାଇଥିବା ବେଳେ ତାଙ୍କ ର ନିକଟତମ ପ୍ରତିଦ୍ୱନ୍ଦୀ ତଥା ବିଜେଡି ସମର୍ଥିତ ଇସ୍ୱାଲ ଓରାମ ୬ ଖଣ୍ଡ ଭୋଟ ପାଇଥିବା ଜଣାପଡିଛି। ସେହିପରି ଲହୁଣୀପଡା ୧୭ ପଞ୍ଚାୟତ ବିଶିଷ୍ଟ ବ୍ଲକ ଥିବା ବେଳେ ସିପିଆଇ ଏମ୍ ସମର୍ଥିତ ତଥା ହଳଦୀ କୁଦର ପଞ୍ଚାୟତ ର ଶୁକମତୀ ମୁଣ୍ଡା ୧୧ ଖଣ୍ଡ ଭୋଟ ପାଇ ବିଜୟୀ ଲାଭ କରିଛନ୍ତି। ତାଙ୍କର ନିକଟ ତମ ପ୍ରତିଦ୍ୱନ୍ଦୀ ତଥା ବିଜେଡି ସମର୍ଥିତ ପ୍ରାର୍ଥୀନୀ ତଥା ଲହୁଣୀପଡା ପଞ୍ଚାୟତ ସମିତି ସଭ୍ୟା ଲକ୍ଷ୍ମୀ କିଷାନ ୫ ଖଣ୍ଡ ଭୋଟ ପାଇଥିବା ଜଣାପଡିଛି। ଜର୍ଜଙ୍ଗ ପଞ୍ଚାୟତ ର ସମିତି ସଭ୍ୟା କୁନି ମୁଣ୍ଡା ଭୋଟ ଦେବା ରୁ ବିରତ ଥିବା ଦେଖିବାକୁ ମିଳିଥିଲା। ଏହି ଲହୁଣୀପଡା ବ୍ଲକ ରେ ୨୦୧୭ ମସିହା ଠାରୁ ୨୦୨୨ ମସିହାରେ ପର୍ଯ୍ୟନ୍ତ ଶୁକମତୀ ମୁଣ୍ଡା ଙ୍କ ସ୍ୱାମୀ ପଣ୍ଡିତ ମୁଣ୍ଡା ବ୍ଲକ ଅଧକ୍ଷ ଥିଲେ। ସେହିପରି କୋଇଡା ବ୍ଲକ ରେ ମଧ ସିପିଆଇ ଏମ୍ ସମର୍ଥିତ ତଥା କାଲଟା ପଞ୍ଚାୟତ ସମିତି ସଭ୍ୟ ସୁରେଶ ନାଏକ ନିର୍ଦ୍ୱନ୍ଦ୍ୱରେ ବିଜୟୀ ଘୋଷିତ ହୋଇଛନ୍ତି।କାରଣ ସେଠାରେ ବିଜେଡି ତଥା ବିଜେପି ସମର୍ଥିତ କେହି ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିନଥିଲେ। ତେବେ ବିଜେପି କୌଣସି ବ୍ଲକରେ ମଧ ତାର ସମର୍ଥିତ ପ୍ରାର୍ଥୀ ଦେଇନଥିଲା।

# ସଂଯୁକ୍ତା ନାୟକ ନିର୍ଦ୍ୱନ୍ଦ୍ୱରେ ଟିଟିଲାଗଡ ବ୍ଲକ ଅଧ୍ୟକ୍ଷା ନିର୍ବାଚିତ

ଟିଟିଲାଗଡ଼ (ଭାସ୍କର ନ୍ୟୁଜ୍): ଟିଟିଲାଗଡ଼ ବ୍ଲକ ଅଧିନସ୍ଥ ମନି ଗାଁ ଗ୍ରାମପଞ୍ଚାୟତର ସମିତି ସଭ୍ୟା ସଂଯୁକ୍ତା ନାୟକ ଟିଟିଲାଗଡ଼ ବ୍ଲକ ଅଧକ୍ଷା ପଦବୀରେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି । ପୂର୍ବରୁ ବିଜେଡି ୧୦ ଗୋଟି ପଂଚାୟତରେ ନିର୍ଦ୍ୱନ୍ଦ୍ୱ ଭାବରେ ପରେ ଔପଚାରିକତା ହିଁ ରହିଯାଇଥିଲା । ଆଜି ବ୍ଲକ ଅଧକ୍ଷା ପଦ ପାଇଁ ଆଉ କେହି ଦାବିଦାର ବା ନାମାଙ୍କନପତ୍ର ଦାଖଲ କରିନଥିବାରୁ ନିର୍ଦ୍ୱନ୍ଦ୍ୱ ଭାବରେ ବିଜୟୀ ଘୋଷିତ କରିଛନ୍ତି ନିର୍ବାଚନ ଅଧିକାରୀ । ଆଜି ହୋଇଛ । ଟିଟିଲାଗଡ଼ ବିଧାୟିକା ତଥା ମହିଳା ଓ ଶିଶୁ ବିକାଶ ତଥା ମିଶନ ଶକ୍ତି ବିଭାଗ ମନ୍ତ୍ରୀ ଟୁକୁନି ସାହୁ ନିଜ ସମୟରେ ତିନି ଥର ଧରି ନିଜ ପ୍ରାର୍ଥୀଙ୍କୁ ବ୍ଲକ ଅଧକ୍ଷା କରିବାରେ ସଫଳ ହୋଇଛନ୍ତି । ଏହା ପୂର୍ବରୁ ମଧ ମନ୍ତ୍ରୀ



ରହି ଏକତରଫା ଭାବରେ ଟିଟିଲାଗଡ଼ ପଂଚାୟତ ସମିତିକୁ ଅକ୍ତିଆର କରିଥିଲା । ପରେ ତ୍ରିସ୍ତରୀୟ ପଂଚାୟତ ନିର୍ବାଚନ ରେ ଆହୁରି ୭ ଗୋଟି ସମିତି ସଭ୍ୟ ସଭ୍ୟାଙ୍କ ବିଜୟ ଟିଟିଲାଗଡ଼ ବ୍ଲକର ୨୪ ଗୋଟି ସମିତି ସଭ୍ୟ ସଭ୍ୟା ମାନଙ୍କ ମଧ୍ୟରୁ ୨୩ ଜଣ ଉପସ୍ଥିତ ରହିଥିଲେ । ଫଳରେ ଦୀର୍ଘ ୨୦ବର୍ଷ ଧରି ଏହି ଆସନକୁ ସୁରକ୍ଷିତ ଭାବରେ ରଖିବାରେ ଶାସକ ସଫଳ ଟୁକୁନି ସାହୁ ଗୀତା ବିଶି, ରମାକାନ୍ତି ପୁଟେଲଙ୍କୁ ବ୍ଲକ ଅଧକ୍ଷା କରିବାରେ ସଫଳତା ପାଇଥିବା ବେଳେ ତୃତୀୟ ଥର ପାଇଁ ପୁଣି ଜଣେ ମହିଳାଙ୍କୁ ଏହି ଆସନରେ ବସାଇଛନ୍ତି ।

# ପାଟଣାଗଡ ନିର୍ବାଚନମଣ୍ଡଳୀର ୩ଟି ବ୍ଲକରେ ବିଜେଡି ସମର୍ଥୀତ ବ୍ଲକ ଅଧ୍ୟକ୍ଷ







ପାଟଣାଗଡ (ଭାସ୍କର ନ୍ୟୁଜ): ବଲାଙ୍ଗିର ଜିଲ୍ଲା ପାଟଣାଗଡ ନିର୍ବାଚନ ମଣ୍ଡଳୀର ୩ ଗୋଟି ବ୍ଲକ ପାଟଣାଗଡ, ବେଲପଡା ଏବଂ ଖପ୍ରାଖୋଲରେ ବିଜେଡି ପ୍ରାର୍ଥୀମାନେ ନର୍ଦ୍ୱନ୍ଦ୍ୱରେ ବ୍ଲକ ଅଧ୍ୟକ୍ଷ ପଦବୀ ହାସଲ କରିଛନ୍ତି। ପାଟଣାଗଡ ବ୍ଲକରେ ନୀଳକାନ୍ତ ବାଗ, ବେଲପଡା ବ୍ଲକରେ ଟିନା କୁମ୍ଭାର ଏବଂ ଖପ୍ରାଖୋଲ ବ୍ଲକରେ ନିରୁପମା ପଟେଲ ଜଣେ ଲେଖାଏଁ ବ୍ଲକ ଅଧ୍ୟକ୍ଷ ପଦବୀ ପାଇଁ ନାମାଙ୍କନପତ୍ର ଦାଖଲ କରିଥିଲେ ଏବଂ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିଲେ। ଗତ ପଂଚାୟତ ନିର୍ବାଚନରେ ୩ଟି ଯାକ ବ୍ଲକ ବିଜେପି ଅକ୍ତିଆରରେ ଥିବା ବେଳେ ଗତ ୨୦୧୯ ସାଧାରଣ ନିର୍ବାଚନରେ ପାଟଣାଗଡ ନିର୍ବାଚନ ମଣ୍ଡଳୀରେ ବିଜେଡି ଦଳର ସରୋଜ ମେହେର ବିଧାୟକ ଭାବେ ବିଜୟୀ ହୋଇଥିଲେ। ତାଙ୍କ ବିଜୟ ପରେ ବିଜେଡିର ସଂଗଠନ ବୃଦ୍ଧି ପାଇଥିଲା ଏବଂ ଚଳିତ ପଂଚାୟତ ନିର୍ବାଚନରେ ୩ଟି ବ୍ଲକ ବିଜେଡି କ୍ଲିନ ସ୍ୱିପ କରିଛି। ଯାହାକୁ ନେଇ ବିଜେଡି କର୍ମୀ ମହଲରେ ଉତ୍ସାହ ବୃଦ୍ଧି ପାଇଛି। କର୍ମୀ ମାନଙ୍କ ପରିଶ୍ରମ ଏବଂ ନବୀନ ସରକାରଙ୍କ ଜନହିତକର ଯୋଜନା ଏହି ବିଜୟର ଶ୍ରେୟ ବୋଲି ବିଧାୟକ ସରୋଜ କୁମାର ମେହେର ନିଜ ପ୍ରତିକ୍ରିୟା ରଖିଛନ୍ତି।

## ବ୍ଲକ୍ ଅଧ୍ୟକ୍ଷ ନିର୍ବାଚନ

# ବାଜିମାରିଲା ବିଜେଡି, କଂଗ୍ରେସ ହାତରେ ମାତ୍ର ୨ ବ୍ଲକ

କୋରାପୁଟ (ଭାସ୍କର ନ୍ୟୁଜ୍): କୋରାପୁଟ ଜିଲ୍ଲାର୧୪ଟି ବ୍ଲକରୁ ୧୨ଟି ବ୍ଲକର ଅଧ୍ୟକ୍ଷ ପଦ ହାତେଇଛି ବିଜେଡି । ୨୦୧୭ରେ ବିଜେଡି ୮ଟି ବ୍ଲକ ଅଧ୍ୟକ୍ଷ ପଦ ହାତେଇବାରେ ସକ୍ଷମ ହୋଇଥିବା ବେଳେ ଚଳିତଥର ୧୨ଟି ବ୍ଲକ ନିଜ କବଜାକୁ ନେଇଛି । ଅନୁଷ୍ଠିତ ନିର୍ବାଚନରେ ବିଜେଡି ଦଳର ପ୍ରାର୍ଥୀ ପ୍ରାର୍ଥିନୀ ନାରାୟଣପାଟଣା, ସେମିଳିଗୁଡା, ନନ୍ଦପୁର, କୋଟପାଡରେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବା ଜଣାପଡିଛି । ସୂଚନା ଅନୁଯାଇ, ବନ୍ଧୁଗାଁ ବ୍ଲକରେ ବିଜେଡି ସମର୍ଥିତ ଲକ୍ଷ୍ମୀ ମିଣିଆକା ବ୍ଲକ ଅଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଥିବା ବେଳେ ବୈପାରିଗୁଡାରୁ ପ୍ରଶାନ୍ତ କୁମାର ଗୁପ୍ତା, ବୋରିଗୁମ୍ମାରୁ ଦିପ୍ତିମୟୀ ନାୟକ, ଦଶମନ୍ତପୁରରୁ ପୂର୍ଣ୍ଣିମା ଜାନି, ଜୟପୁରରୁ ତିଳୋତମା ମୁଦୁଲି,



କୋଟପାଡରୁ କମଳା ଭତ୍ରା, ଲମତାପୁଟରୁ ତାପସ କୁମାର ଚାଲାଣ, ଲକ୍ଷ୍ମୀପୁରରୁ ଶୁଆଇ କୁଲେଶିକା, ନାରାୟଣପାଟଣାରୁ ଗୋଲଦି ତ୍ରିନାଥ, ନନ୍ଦପୁରରୁ ସାବିତ୍ରି କର୍ତ୍ତୁଲ, ପଟାଙ୍ଗିରୁ କଳ୍ପନା ପାଙ୍ଗି ଏବଂ ସେମିଳିଗୁଡାରୁ ଲିଲି ଅଂଟବିରିଆ ନିର୍ବାଚିତ ହୋଇଛନ୍ତି । ସେହିପରି କେବଳ କୋରାପୁଟରୁ ନମିତା ମାଝି ଓ କୁନ୍ଦୁରାରୁ ରାଜେଶ୍ୱରୀ ପରଜା କଂଗ୍ରେସ ସମର୍ଥୀତ ବ୍ଲକ ଅଧ୍ୟକ୍ଷା ଭାବେ ନିର୍ବାଚିତ ହୋଇଥିବା ଜଣାପଡିଛି ।

# ଖରିଆରରୋଡ଼ ଏନ୍‌ଏସି ନିର୍ବାଚନ

ନୂଆପଡ଼ା (ଭାସ୍କର ନ୍ୟୁଜ୍): ନୂଆପଡ଼ା ଜିଲ୍ଲା ଖରିଆରରୋଡ଼ ଏନଏସି ନିର୍ବାଚନ ପାଇଁ ରାଜନୀତି ସରଗରମ୍ ହୋଇଛି। ବିଶେଷ କରି ଅଧକ୍ଷ ପଦ ହାତେଇବାକୁ ତିନି ପ୍ରମୁଖ ଦଳ ବିଜେପି ବିଜେଡ଼ି ଓ କଂଗ୍ରେସ ଜୋରଦାର ଉଦ୍ୟମ ଚଳାଇଛନ୍ତି । ଏଭଳି ସ୍ଥିତିରେ ବିଜେଡ଼ିକୁ ଗଡ଼ରକ୍ଷା କରିବା ଚ୍ୟାଲେଞ୍ଜ ହୋଇଥିବା ବେଳେ ବିଜେପି ଓ କଂଗ୍ରେସ ପାଇଁ ଆହ୍ୱାନ ହେବ ବୋଲି ଚର୍ଚ୍ଚା ହେଉଛି। ଖାରିଆରରୋଡ଼ ଜିଲ୍ଲାର ପୁରୁଣା ଏନ୍‌ଏସି ହୋଇଥିବା ବେଳେ ଏଥିରେ ୧୯ଟି ୱାର୍ଡ଼ ରହିଛି। ଗତ ନିର୍ବାଚନ ରେ ନୂଆପଡ଼ା ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧକ୍ଷ ରାଜେନ୍ଦ୍ର ଢୋଲକିଆ ନେତୃତ୍ୱରେ ବିଜେଡ଼ି ୧୯ରୁ ୧୪ ୱାର୍ଡ଼ ଦଖଲ କରି ଅଧକ୍ଷ





ଗଡ଼ିଥିଲା। ଏଥିରେ ସୁନୀତା ଜୈନ ଅଧକ୍ଷା ପଦରେ ବସିଥିଲେ । ଅନ୍ୟ ପକ୍ଷରେ ବିଜେପି ୪ ଓ କଂଗ୍ରେସ ଗୋଟିଏ ୱାଡ ଦଖଲ କରିଥିଲା । କିନ୍ତୁ ଚଳିତ ଥର ଅଧକ୍ଷ ପଦ ମହିଳାଙ୍କ ନିମନ୍ତେ ସଂରକ୍ଷିତ ରହିଛି। ଏଥି ପାଇଁ ବିଜେଡ଼ି ପୂର୍ବତନ ଅଧକ୍ଷା ସୁନୀତା ଜୈନଙ୍କୁ ପ୍ରାର୍ଥୀ କରିଛି । ବିଜେପି ପକ୍ଷରୁ ଅଧକ୍ଷ ପଦ ପାଇଁ ସୋନିଆ ଜୈନ ଓ ଅଞ୍ଜନା ଜୈନ ନାମାଙ୍କନ ପତ୍ର ଦାଖଲ କରିଛନ୍ତି । ମାତ୍ର ଅଞ୍ଜନା ଜୈନ ନାମାଙ୍କନ ପ୍ରତ୍ୟାହାର କରିବେ ବୋଲି ଜଣା ପଡିଛି । ସେହି ପରି କଂଗ୍ରେସ ପକ୍ଷରୁ ଅଧକ୍ଷ ପଦ ପାଇଁ ପୂର୍ଣ୍ଣମାସି କୋଠାର ନାମାଙ୍କନ ପତ୍ର ଦାଖଲ କରିଛନ୍ତି । ଚଳିତ ନିର୍ବାଚନ ରେ ବିଜେଡ଼ିର ପୁର୍ବତନ ଅଧକ୍ଷା ଶ୍ରୀମତୀ ଜୈନଙ୍କୁ ପ୍ରାର୍ଥୀ କରି ପୁରୁଣାଗଡ଼କୁ ରକ୍ଷା କରିବାକୁ ପ୍ରସ୍ତୁତ ଚାଲିଛି । ବିଜେପି ବରିଷ୍ଠ ନେତା ଗୋଲ୍ଡି ଅଗ୍ରୱାଲ ସ୍ତ୍ରୀ ସୋନିଆ ଜୈନଙ୍କୁ ଅଧକ୍ଷା ପ୍ରାର୍ଥୀ କରିଛି । ଫଳରେ ଚଳିତ ଥର ଏଠାରେ ଅଧକ୍ଷ ପଦ ପାଇଁ ହାଇ ଭୋଲଟ୍ରେଜ୍ ଲଢ଼େଇ ହେବ ବୋଲି ରାଜନୀତିକ ସମୀକ୍ଷକ ମାନେ ମତ ଦେଇଛନ୍ତି । ଅନ୍ୟ ପକ୍ଷରେ କଂଗ୍ରେସ ପୂର୍ଣ୍ଣମାସି କୋଠାରଙ୍କୁ ଅଧକ୍ଷ ପ୍ରାର୍ଥୀ କରି ଯାଦବ ୱାର୍ଡ଼ କୁ ଖେଳିଛି । ଏଠି ବିଜେଡିକୁ ମାତ୍ ଦେବା ବିଜେପି ଓ କଂଗ୍ରେସ ବଡ଼ ଆହ୍ୱାନ ହେବ ବୋଲି ଚର୍ଚ୍ଚା ଜୋର ଧରିଛି । ଏଭଳି ତିନି ଦଳ ଅଧକ୍ଷ ପଦ ଅକ୍ତିଆର କରିବାକୁ ଜୋରଦାର ପ୍ରସ୍ତୁତି ଚଳାଇଛନ୍ତି । କିନ୍ତୁ ଜିଲ୍ଲା ସହରୀ ଭୋଟର କାହାକୁ ଅଧକ୍ଷ ପଦରେ ବସାଉଛନ୍ତି ତାହା ଦେଖିବାକୁ ବାକି ରହିଲା ।

## ଜିଲ୍ଲା ପରିଷଦ ଅଧକ୍ଷା ନିର୍ବାଚନ

ବରଗଡ (ଭାସ୍କର ନ୍ୟୁଜ): ବରଗଡ ଜିଲ୍ଲା ଡିଆରଡିଏ ସମ୍ମିଳନୀ କକ୍ଷରେ ଆଜି ନବ ନିର୍ବାଚିତ ଜିଲ୍ଲାପରିଷଦ ସଭ୍ୟଙ୍କ ଶପଥପାଠ ଓ ଅଧକ୍ଷା ନିର୍ବାଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲ୍ଲାର ସମସ୍ତ ୩୪ ଜଣ ଜିଲ୍ଲାପରିଷଦ ସଭ୍ୟ ସଭ୍ୟା ଉପସ୍ଥିତ ରହିଥିଲେ । ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେଶକ କୃତିବାସ ନାୟକ ସମସ୍ତଙ୍କୁ ଶପଥପାଠ କରାଇବା ପରେ ଜିଲ୍ଲା ପରିଷଦ ଅଧକ୍ଷା ପଦ ପାଇ ନିର୍ବାଚନ ହୋଇ ଥିଲା। ବିଜେପୁର ଜୋନ ୧ ର ବିଜେଡ଼ି ଜିଲ୍ଲାପରିଷଦ ସଭ୍ୟା ମାନିନୀ ଭୋଇ ନିର୍ଦ୍ୱନ୍ଦରେ ନିର୍ବାଚିତ ହୋଇଛନ୍ତି । ଆଜି ଜିଲ୍ଲା ନିର୍ବାଚନ ଅଧିକାରୀ ତାଙ୍କୁ ନିର୍ଦ୍ୱନ୍ଦରେ ନିର୍ବାଚିତ ହୋଇଥିବା ସୂଚନା ଦେଇଥିଲେ,ଅନ୍ୟପଟେ ବିଜେଡି ମହିଳା ରାଜ୍ୟ ସଭାପତି ସ୍ନେହାଙ୍ଗିନୀ ଛୁରିଆ,ବରଗଡ ବିଧାୟକ ଦେବେଶ ଆଚାର୍ଯ୍ୟ ଓ ବିଜେପୁର ବିଧାୟିକା ରିତା ସାହୁ ଶ୍ରୀମତୀ ମାନିନୀ ଭୋଇ ଙ୍କୁ ଫୁଲମାଳ ଓ ଉପଢକନ୍ ଦେଇ ସମ୍ମାନିତ କରିଥିବା ବେଳେ ବରଗଡ ଜିଲ୍ଲାପାଳ ମୋନିଶା ବାନାର୍ଜୀ ତାଙ୍କୁ ଶପଥ ପାଠ କରାଇଥିଲେ। ଅନ୍ୟପକ୍ଷରେ ବିରୋଧି ବିଜେପି ସଭ୍ୟ ମାନେ ଶାସକ ବିଜେଡିର ଅର୍ଥବଳ ବାହୁବଳ ପ୍ରୟୋଗ କରି ବିଜୟୀ ହୋଇଥିବା ଅଭିଯୋଗ ନେଇ ଜିଲ୍ଲାପରିଷଦ ଅଧକ୍ଷ ନିର୍ବାଚନକୁ ବର୍ଜନ କରିଛନ୍ତି ।

### ବ୍ଲକ ଅଧକ୍ଷ ଭାବେ ପୁଷ୍ପାଞ୍ଜଳି ନନ୍ଦ ବିଜୟୀ

ଖଡ଼ିଆଳ (ଭାସ୍କର ନ୍ୟୁଜ): ଖଡିଆଳ ବ୍ଲକ ଅଧକ୍ଷ ଭାବେ ଆଜ ଲାଞ୍ଜି ପଂଚାୟତ ସମିତିସଭ୍ୟ ଭାବେ ନିର୍ଦ୍ୱନ୍ଦରେ ବିଜୟୀ ହୋଇ ଥିବା ପୁଷ୍ପାଞ୍ଜଳି ନନ୍ଦ ୨୫ଟି ରୁ ୧୪ ଭୋଟ ପାଇଁ ବିଜୟୀ ହୋଇଛନ୍ତି । ତାଙ୍କ ନିକଟ ତମ ପ୍ରାର୍ଥୀ କିରଣ ଜୟପୁରିଆ ୧୧ଟି ଭୋଟ ପାଇଛନ୍ତି ।

## କୋରାପୁଟ ବ୍ଲକ ଅଧ୍ୟକ୍ଷା:ହାଟ୍ରିକ ମାରିଲେ ନମିତା ମାଝି

କୋରାପୁଟ ବ୍ଲକ ଅଧ୍ୟକ୍ଷା ପଦ ହାତେଇଛି କଂଗ୍ରେସ । ହାଟ୍ରିକ ମାରିଛନ୍ତିଉକଂଗ୍ରେସର ନମିତା ମାଝି । କୋରାପୁଟ ବ୍ଲକର ଅଧ୍ୟକ୍ଷା ଭାବେ ତୃତୀୟ ଥର ପାଇଁ ନମିତା ମାଝି ନିର୍ବାଚିତ ହୋଇଛନ୍ତି । ୧୪ଟି ପଂଚାୟତ ବିଶିଷ୍ଟ କୋରାପୁଟ ବ୍ଲକ ପାଇଁ ୨ ପ୍ରାର୍ଥୀଙ୍କ ନାମାଙ୍କନ ପତ୍ର ଦାଖଲ କରାଯାଇଥିଲା। ନାମାଙ୍କନପତ୍ର ଯାଂଚ ପ୍ରକ୍ରିୟା ଶେଷ ହେବା ପରେ ନମିତା ୯ଟି ଭୋଟ ପାଇଥିବା ବେଳେ ପ୍ରତିଦ୍ୱନ୍ଦ୍ୱୀ ଗୀତା ମୁଦୁଲି ୫ଟି ଭୋଟ ପାଇଥିଲା। ତେଣୁ ବ୍ଲକ ଅଧ୍ୟକ୍ଷା ଭାବେ ନିମତା ପୁଣି ଥରେ ନିର୍ବାଚିତ ହୋଇଥିବା ନେଇ ନିର୍ବାଚନ ଅଧିକାରୀ ସବ୍ୟସାଚୀ ବେହେରା ଘୋଷଣା କରିଥିଲେ । କୋରାପୁଟ ତହସିଲାଦର ମାଜିଷ୍ଟ୍ରେଟ ଦାୟିତ୍ୱ ତୁଲାଇବା ସହ ଶୃଙ୍ଖଳା ପରିସ୍ଥିତିକୁ ଆଗରେ ରଖି ପୋଲିସ ଉପସ୍ଥିତ ଥିଲେ। ତୃତୀୟଥର ଭାବେ ଲଗାତାର ବ୍ଲକ ଅଧ୍ୟକ୍ଷା ପଦ ପାଇଥିବାରୁ ଅତ୍ୟନ୍ତ ଖୁସି ଥିବା କହିଛନ୍ତି ନମିତା । ମସ୍ତିପୁଟ ପଂଚାୟତବାସୀ ତାଙ୍କୁ ସମିତି ସଭ୍ୟ ଭାବେ ଜିତାଇଥିବାରୁ ସେ ମସ୍ତିପୁଟ ପଂଚାୟତବାସୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। କୋରାପୁଟ ବ୍ଲକ ଅନ୍ତର୍ଗତ ୧୪ଟି ପଂଚାୟତରେ ରିହଥିବା ରାସ୍ତା, ପାନୀୟ ଜଳ ସମସ୍ୟା ଗୁଡିକ ଅଗ୍ରାଧିକାରୀ ଦିଆଯାଇ ଯଥାଶୀଘ୍ର ସମାଧାନ କରାଯିବ ବୋଲି ସେ କହିଛନ୍ତି।

# ଦେବାଶିଷ ମେମୋରିଆଲ ବ୍ୟାଡମିଣ୍ଟନ ପ୍ରତିଯୋଗିତା ଉଦ୍‌ଘାଟିତ

କୋରାପୁଟ (ଭାସ୍କର ନ୍ୟୁଜ୍): କୋରାପୁଟର ପୂଜାରୀପୁଟ ସ୍ଥିତ ଇନଡୋର ଷ୍ଟାଡିୟମରେ ଜିଲ୍ଲାସ୍ତରୀୟ ଦେବାଶିଷ ମେମୋରିଆଲ ବ୍ୟାଡମିଣ୍ଟନ ପ୍ରତିଯୋଗିତା ଉଦଘାଟିତ ହୋଇଯାଇଛି। ଏହି ପ୍ରତିଯୋଗିତାକୁ ଜିଲ୍ଲା କ୍ରୀଡା ଅଧିକାରୀ ଅଭିନାଶ ମିଶ୍ର ଉଦଘାଟନ କରିଥିଲେ ।ଏହି ଦୁଇ ଦିନିଆ ପ୍ରତିଯୋଗିତାରେ ଜିଲ୍ଲା ଓ ଜିଲ୍ଲା ବାହାରୁ ୬୪ପ୍ରତିଭାଗୀ ଭାଗନେଇଥିବା ଜଣାପଡିଛି । ବିଜେତା ଦଶହଜାର ଓ ଟ୍ରଫି ଉପବିଜେତାକୁ ସାତହଜାର ଓ ଟ୍ରଫି ,୩ୟ ଓ ୪ଥ ସ୍ଥାନ ପାଇଁ ୧୫୦୦ଟଙ୍କା ପୁରସ୍କାର ରଖାଯାଇଥିବା ଦେବାଶିଷ ମେମୋରିଆଲ ଫାଉଣ୍ଡେସନ ର ସଭାପତି ପ୍ରସନ୍ନ କୁମାର ମିଶ୍ର ପ୍ରକାଶ କରିଛନ୍ତି ।ଅନ୍ୟ ଅଥିତି ମାନେ ହେଲେ, ସ୍ୱଗତ ଦେବାଶିଷ ମିଶ୍ରଙ୍କ ବାପା ସତ୍ୟନାରାୟଣ ମିଶ୍ର,ସିନିୟର ବ୍ୟାଡମିଟନ ଖେଳାଳି ଏ.ଖାନ,ପ୍ରେସ କ୍ଲବ ସଭାପତି ଭବାନୀଶଂକର ମିଶ୍ର,ଫାଉଣ୍ଡେସନର ସଂପାଦକ ଶଂକର ବେହେରା ପ୍ରମୁଖ ଉପସ୍ଥିତ ଥିଲେ । ଚଳିତ ବର୍ଷ ଦେବାଶିଷ ଙ୍କ ଅନ୍ୟତମ ପ୍ରିୟ ଖେଳ ବ୍ୟାଡ଼ମିଣ୍ଟନ କୁ ନେଇ ଜିଲ୍ଲାସ୍ତରୀୟ ପ୍ରତିଯୋଗିତା




ଆୟୋଜନ କରି ଜିଲ୍ଲାରେ ବ୍ୟାଡ଼ମିଣ୍ଟନ ର ଏକ ନୂତନ ପରିବେଶ ସୃଷ୍ଟି କରିବା ପାଇଁ ପ୍ରଚେଷ୍ଟା କରାଯିବ ବୋଲି ଦେବାଶିଷ ମେମୋରିଆଲ ଫାଉଣ୍ଡେସନ ର ସଭାପତି ପ୍ରସନ୍ନ ମିଶ୍ର ଜଣାଇଛନ୍ତି । ଆଗକୁ ସମସ୍ତ ବୟସ ଓ ବର୍ଗ ର ବ୍ୟକ୍ତି ଙ୍କ ପାଇଁ ଏହିପରି ଜିଲ୍ଲାସ୍ତରୀୟ ଓ ରାଜ୍ୟସ୍ତରୀୟ ଟୁର୍ଣ୍ଣାମେଣ୍ଟ ଆୟୋଜନ କରାଯିବ ବୋଲି ଶ୍ରୀ ମିଶ୍ର ଜଣାଇଛନ୍ତି । କୋରାପୁଟ ର ଯୁବ ପିଢ଼ି ଙ୍କ ମଧ୍ୟରେ ବ୍ୟାଡ଼ମିଣ୍ଟନ କ୍ରୀଡା ପ୍ରତି ଏପରି ଆଗ୍ରହକୁ ଦେଖି ବରିଷ୍ଠ ବ୍ୟାଡ଼ମିଣ୍ଟନ ଖେଳାଳି ଅହମଦ ଅଫସର ଖାନ କୋରାପୁଟ ରେ ସୁବର୍ଣ୍ଣ ଇତିହାସକୁ ବହନ କରିଥିବା ଏହି କ୍ରୀଡାର ଉଜ୍ଜ୍ୱଳ ଭବିଷ୍ୟତ ରହିଛି ବୋଲି ଆଶାବ୍ୟକ୍ତ କରିଛନ୍ତି ।

# ସାଇ ସଂଗଠନ ପକ୍ଷରୁ ସଫେଇ କାର୍ଯ୍ୟକ୍ରମ

ରାଇଘର (ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ସଦମହକୁମାର ସ୍ଥିତ ସ୍ୱାସ୍ଥ୍ୟ କେନ୍ଦ୍ର ପରିସର ତଥା ସ୍ୱାସ୍ଥ୍ୟ କେନ୍ଦ୍ରର ବାହାରେ ଥିବା ଡ୍ରେନ ରେ ରବିବାର ସକାଳେ ସାଇ ସଂଗଠନ ପକ୍ଷରୁ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ରାଇଘର ସତ୍ୟ ସାଇ ଭୋଜନ ମଣ୍ଡଳୀର ସଦସ୍ୟ ପରିସରରେ ସଫେଇ କରିଥିଲେ କ୍ଷ ସାଇ ସଂଗଠନର ସମସ୍ତ ସଦସ୍ୟ ସମ୍ପୂର୍ଣ୍ଣ ସଫେଇ କରିବା ସହ ଆବର୍ଜନାକୁ ବାହାରେ ଫିଙ୍ଗିବା ବ୍ୟବସ୍ଥା କରିଥିଲେ । ସାଇ ସଂଗଠନ ପକ୍ଷରୁ ପ୍ରତେକ ରବିବାର ଦିନ ସେବା କାର୍ଯ୍ୟ ଜାରୀ ରହୁଥିବା ବେଳେ ଆଜି ରାଇଘର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ରେ ସଫେଇ କରାଯାଇଥିଲା କ୍ଷ ଉକ୍ତ ସଫେଇ କର୍ଯ୍ୟକର୍ମ ରେ ସୁଲଭ ପାର୍ଥ ସାରଥି ସାହୁ,ଲଳିତ ମୋହନ ନାୟକଙ୍କ ସମେତ ସାତ ଜଣ ଭାଇ ଭଉଣୀ ସାମିଲ୍ ହୋଇଥିଲେ ।





ଶୁଦ୍ଧ ହୋଇ ଫିଙ୍ଗିଦିଅ ତୁମର ସକଳ ଭୟ
ଆଉ ସେହି ସତ୍ୟପ୍ରତି ଏକନିଷ୍ଠ ହୁଅ।

- ଶ୍ରୀ ଅରବିନ୍ଦ



"ସୌନ୍ଦର୍ଯ୍ୟ ପାଇଁ ଅଳଙ୍କାରର ଆବଶ୍ୟକତା ନାହିଁ। କୋମଳତା ଅଳଙ୍କାରର ଭାର ବହନ କରିପାରିବ ନାହିଁ।"

-ମୁନ୍‌ସୀ ପ୍ରେମଚାନ୍ଦ



# ଜନ ପ୍ରତିନିଧିଙ୍କ ଆଚରଣ ଉଚ୍ଚାରଣରେ ପରିବର୍ତ୍ତନ ଘଟୁ

ଜନପ୍ରତିନିଧିମାନେ ହେଉଛନ୍ତି ଲୋକଙ୍କ ସେବକ । ଜନତାର ସେବା ପାଇଁ ସେମାନଙ୍କ ଜୀବନ ଉତ୍ସର୍ଗୀକୃତ । ଲୋକଙ୍କ ବହୁମୂଲ୍ୟ ଭୋଟରେ ସେମାନେ ନିର୍ବାଚିତ ହୋଇ ଜନତାଙ୍କ ସେବାରେ ନିଜକୁ ନିୟୋଜିତ କରିବା ନିମନ୍ତେ ଈଶ୍ୱରଙ୍କ ନାମରେ ଶପଥ ଗ୍ରହଣ ମଧ୍ୟ କରିଥାନ୍ତି । ହେଲେ, ସେହି ଜନପ୍ରତିନିଧିମାନେ ଯଦି ବିଶୃଙ୍ଖଳିତ ହୋଇ ବର୍ବରୋଚିତ କାଣ୍ଡ ଘଟାନ୍ତି ତେବେ ଏହା ନିଶ୍ଚିତ ଭାବେ ଗଣତନ୍ତ୍ର ପାଇଁ ଅଶୁଭ ବୋଲି କୁହାଯାଇପାରେ । ଏ କ୍ଷେତ୍ରରେ ଚିଲିକା ବିଧାୟକ ପ୍ରଶାନ୍ତ ଜଗଦେବଙ୍କ ଆଚରଣ ଓ ଉଚ୍ଚାରଣକୁ ବିଚାରକୁ ନିଆଯାଇପାରେ । ଜଣେ ଜନପ୍ରତିନିଧି ହୋଇ ଲୋକଙ୍କ ଉପରେ ଗାଡ଼ି ଚଢ଼ାଇଦେବା ଘଟଣା ନିଶ୍ଚିତ ଭାବେ ଦୁର୍ଭାଗ୍ୟଜନକ ଓ ନିନ୍ଦନୀୟ ବୋଲି କୁହାଯାଇପାରେ । ଗତ ୧୨ ତାରିଖ ଶନିବାର ଚିଲିକା ନିର୍ବାଚନ ମଣ୍ଡଳୀର ବାଣପୁର ବ୍ଲକରେ ଅଧ୍ୟକ୍ଷ ପଦପାଇଁ ନିର୍ବାଚନ ପ୍ରକ୍ରିୟା ଜାରି ରହିଥିବାବେଳେ ବିଧାୟକ ଶ୍ରୀ ଜଗଦେବ ଯେଉଁ ଅଭାବନୀୟ କାଣ୍ଡ ଘଟାଇଲେ ତାହା ଓଡ଼ିଶା ଇତିହାସରେ ପ୍ରଥମ ବୋଲି କୁହାଯାଉଛି । ବିଧାୟକ ଗାଡ଼ି ମଡ଼ାଇଦେବାରୁ ସେଠାରେ ଉପସ୍ଥିତ ସାତ ପୋଲିସ କର୍ମଚାରୀଙ୍କ ସମେତ ୨୨ରୁ ଊର୍ଦ୍ଧ୍ୱ ଆହତ ହୋଇ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି । ଅପରପକ୍ଷରେ ଉତ୍ତ୍ୟକ୍ତ ଲୋକଙ୍କ ଆକ୍ରମଣରେ ବିଧାୟକ ଶ୍ରୀ ଜଗଦେବ ମଧ୍ୟ ଲହୁଲୁହାଣ ହୋଇ ହସ୍ପିଟାଲରେ ଭର୍ତ୍ତିହୋଇଛନ୍ତି । ଏହି ଘଟଣା ଫଳରେ ସାରା ରାଜ୍ୟରେ ଆଲୋଡ଼ନ ସୃଷ୍ଟି ହୋଇଛି । ବିଜେଡି ସମେତ ଦଳମତ ନିର୍ବିଶେଷରେ ସମସ୍ତେ ଏହି ଘଟଣାର ଦୃଢ଼ ନିନ୍ଦା କରିବା ସହ ଗଣତନ୍ତ୍ରରେ ହିଂସାର ସ୍ଥାନ ନାହିଁ । ସେ ବିଧାୟକ ହୁଅନ୍ତୁ କି ସାଧାରଣ ଜନତା ଆଇନ ଆଖିରେ ସମସ୍ତେ ସମାନ । ବିଧାୟକ ଶ୍ରୀ ଜଗଦେବ ପ୍ରଥମଥର ପାଇଁ ଯେ ଏପରି କାଣ୍ଡ ଘଟାଇଲେ ତାହା ନୁହେଁ, ହିଂସା ଘଟାଇବା ଓ ଦବଙ୍ଗଗିରି ଦେଖାଇବା ତାଙ୍କର ଏକ ଅଭ୍ୟାସରେ ପରିଣତ ହୋଇଯାଇଛି । ସରକାରୀ କର୍ମଚାରୀଙ୍କୁ ଧମକ ଦେବା, ସାଧାରଣ ଜନତାଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ ପରି ବହୁ ଅଭିଯୋଗ ପୂର୍ବରୁ ତାଙ୍କ ନାମରେ ରହିଛି । ବିଜେପି କର୍ମୀଙ୍କୁ ଆକ୍ରମଣ କରିବା ଘଟଣାରେ ନିକଟରେ ସେ ପୋଲିସ ଦ୍ୱାରା ଗିରଫ ହୋଇ ଜେଲ ଯାଇଥିଲେ, ପରେ ତାଙ୍କୁ ବିଜେଡିରୁ ନିଲମ୍ବିତ କରାଯାଇଥିଲା । ନିଲମ୍ବିତ ହେବାପରେ ଆଶା କରାଯାଉଥିଲା ବିଧାୟକ ତାଙ୍କ ଚିତ୍ତ, ଚରିତ୍ର ଓ ଆଚରଣ, ଉଚ୍ଚାରଣରେ ପରିବର୍ତ୍ତନ ଆଣିବେ । ମାତ୍ର ବାଣପୁର ବ୍ଲକ୍ ସମ୍ମୁଖରେ ସେ ଯେଉଁ ଦବଙ୍ଗଗିରି ଦେଖାଇଲେ ତାହା ତାଙ୍କ ଭାବମୂର୍ତ୍ତିକୁ ତଳେ ପକାଇଦେଇଛି । ଯଦି ଜଣେ ଜନପ୍ରତିନିଧି ଏପରି ବର୍ବର କାଣ୍ଡ ଘଟାଇପାରନ୍ତି, ସେଠି ଜଣେ ସାଧାରଣ ଲୋକ ଏପରି କଲେ କ୍ଷତି କ'ଣ? ତେବେ, ସେ ଯାହାହେଉ ବିଧାୟକଙ୍କ ବିରୋଧରେ ପୋଲିସ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଯାଇଛି । ସେ ଗୁରୁତର ହୋଇ ହସ୍ପିଟାଲରେ ଚିକିତ୍ସାଧୀନ ଥିଲେ ମଧ୍ୟ ପୋଲିସ ତାଙ୍କୁ ହେପାଜତକୁ ନେଇ ସାରିଥିବା କେନ୍ଦ୍ରାଞ୍ଚଳ ଆଇଜି ନରସିଂହ ଭୋଳ କହିଛନ୍ତି । ସେ ସୁସ୍ଥ ହେବାପରେ ତାଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯିବ ବୋଲି ଆଇଜି କହିବା ସହ ତାଙ୍କ ନାମରେ ବିଭିନ୍ନ ଦଫାରେ ମାମଲା ରୁଜୁ ହୋଇଥିବା ନେଇ ସୂଚନା ଦେଇଛନ୍ତି । ଜଣେ ଡିଏସ୍‌ପି ପାହ୍ୟାର ଅଧିକାରୀଙ୍କୁ ତଦନ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି । ତଦନ୍ତର ଫଳାଫଳ ଯାହା ହେବ ତାହା ଯେତେ ବଡ଼ କଥା ନୁହେଁ, ବଡ଼କଥା ହେଉଛି ଜନପ୍ରତିନିଧିଙ୍କ ଆଚରଣ ଓ ଉଚ୍ଚାରଣରେ ଶୁଦ୍ଧି ଆସିବା ଜରୁରି । ଓଡ଼ିଶା ପରି ଏକ ଶାନ୍ତିପ୍ରିୟ ରାଜ୍ୟରେ ବିଧାୟକଙ୍କ ଏଭଳି ଆଚରଣ ନିଶ୍ଚିତ ନିନ୍ଦନୀୟ ଓ ଦୁର୍ଭାଗ୍ୟଜନକ । ଏହା ଗଣତନ୍ତ୍ର ପାଇଁ ଅଶୁଭ । ତେଣୁ ଜନପ୍ରତିନିଧିମାନେ ସେମାନଙ୍କ ଆଚରଣ, ଉଚ୍ଚାରଣରେ ପରିବର୍ତ୍ତନ ଆଣିବା ଜରୁରି । ଯାହା ସମସ୍ତଙ୍କ ପାଇଁ ମଙ୍ଗଳକର ହୋଇପାରିବ ।

## ନୀତିବାଣୀ

ମନ-ବଚନ-କର୍ମରେ କାହାରିକୁ ଦୁଃଖ ଦିଅ ନାହିଁ।
ଈଶ୍ୱରୀୟ ସମ୍ପଦକୁ ସର୍ବଦା ଚିନ୍ତା କର।

-ସାଧୁବାଣୀ

# ଉହାନ୍‌ରୁ ୟୁକ୍ରେନ୍: ଗଣହତ୍ୟାର କାରଖାନା

ସୌମେନ୍ଦ୍ର ଜେନା
ଭାରତୀୟ ସମ୍ବାଦ ସେବା (ଭାସ)
ଭୁବନେଶ୍ୱର-୭୫୧୦୦୩

ତିନି ସପ୍ତାହ ଧରି ୟୁକ୍ରେନରେ ଚାଲିଥିବା ରୁଷ-ୟୁକ୍ରେନ ଯୁଦ୍ଧରେ ଭିନ୍ନ ଭିନ୍ନ କାରଣର ପ୍ରକରଣଗୁଡିକ ଦୃଷ୍ଟିକୁ ଆସୁଛି, ଯାହା ଅନେକ ସମୟରେ ରାଜନୈତିକ ବୟାନ,ଏକପାଖିଆ ତଥ୍ୟ ପରିବେଷଣ ମଧ୍ୟରେ ଲୁଚି ରହିଥାଏ । ତାହା ହେଲା ୟୁକ୍ରେନ ଭିତରେ ଆମେରିକା ସରକାର ଦୀର୍ଘଦିନ ଧରି ଚଳାଇ ଆସୁଥିବା ଜୈବିକ ଯୁଦ୍ଧାସ୍ତ୍ରର ଗବେଷଣାଗାର ସଂପର୍କରେ ସୂଚନା । ରୁଷର ସେନା ଏହିସବୁ ଗବେଷଣାଗାର ମଧ୍ୟରେ ପ୍ରବେଶ କରି ଲକ୍ଷ ଲକ୍ଷ ସଂଖ୍ୟାରେ ଗବେଷଣାତ୍ମକ ଲେଖା ସବୁ ହାତେଇଛନ୍ତି, ଯେଉଁଥିରେ ଦୁଇଦେଶର ମିଳିତ ଗବେଷଣା ଦୀର୍ଘଦିନ ଧରି ଚାଲିଆସିଥିବା ପ୍ରମାଣିତ ହୋଇଛି । ନାଟୋକୁ ବାଟୁଳିକରି ରୁଷିଆକୁ ଗୁଳିମାରିବାକୁ ଚାହୁଁଥିବା ଆମେରିକା ପାଇଁ ବାଟୁଳିର ଫିତା ବାରମ୍ବାର ଛିଡିଯାଉଥିବା ଜଣାପଡୁଛି । ପ୍ରଥମେ ଜର୍ମାନୀକୁ ହାତବାରିସୀ କରି ଗୁଳି କରିବାକୁ ଚେଷ୍ଟା କରି ଆମେରିକା ସଫଳ ନହେବା ପରେ ଏବେ ପୋଲାଣ୍ଡକୁ ଅସ୍ତ୍ର କରି ଯେପରି ବାୟୁସେନା ଆକ୍ରମଣ କରିବାକୁ ଲକ୍ଷ୍ୟ ରଖିଥିଲା ତାହା କରିବା ଲାଗି ପୋଲାଣ୍ଡ ସରକାର ମନା କରିଦେଇଛନ୍ତି । ନାଟୋ ଚାହିଁଲେ ନିଜର ପୁରୁଣା ମିଗ୍-୨୧ ବିମାନସବୁକୁ ବ୍ୟବହାର ପାଇଁ ଜର୍ମାନୀରେ ଥିବା ନାଟୋର ବାୟୁସେନା ଘାଟୀକୁ ପଠାଇଦେବାଲାଗି ରାଜିଥିବା କଥା ପୋଲାଣ୍ଡ କହିଛି । ଗୋଟିଏ ପଟେ ନିୟନ୍ତ୍ରିତ ଗଣମାଧ୍ୟମରେ ନିର୍ଦ୍ଦିଷ୍ଟ ସ୍ୱାର୍ଥ ସମ୍ବଳିତ ଖବର ସବୁ ଦୃଷ୍ଟିକୁ ଆସୁଥିଲା ବେଳେ ବହୁ ଦରକାରୀ ତଥ୍ୟକୁ ଲୋକଲୋଚନକୁ ଆସିବାଲାଗି ଦିଆଯାଉନାହିଁ । ଯେଉଁଥିପାଇଁ ରୁଷିଆରେ ଆମେରିକାର ମିଡିଆ ସଂସ୍ଥାଗୁଡିକ ନିଜର ଦୋକାନ ବନ୍ଦ କରିବାକୁ ବାଧ୍ୟ ହୋଇଛନ୍ତି । କମ୍ୟୁନିଷ୍ଟ ଏବଂ ସୋସିଆଲିଷ୍ଟମାନେ ସାରା ପୃଥିବୀରେ ବାଇଡେନଙ୍କ ସମର୍ଥନରେ ବାହାରିଥିବା ଦେଖାଯାଉଛି । ସେମିତି ଆମେରିକା କାଗଜରୁ ପଇସା ପାଉଥିବା ଭାରତର ସ୍ତମ୍ଭକାର ଏବଂ ଗଣମାଧ୍ୟମ ଲୋକେ ମଧ୍ୟ ସମାନ ଢଙ୍ଗରେ ୟୁକ୍ରେନବାସୀଙ୍କ ସାହସିକତାକୁ ପ୍ରଶଂସା କରି କାହିଁ କେତେକଣ ଲେଖିପକାଉଛନ୍ତି, ହେଲେ ବିଦେଶୀ ଗଣମାଧ୍ୟମରେ ପ୍ରସାରିତ କଳା-ଗୋରା ଶରଣାର୍ଥୀ ସଂପର୍କରେ ବର୍ଣ୍ଣବୈଷମ୍ୟବାଦୀ ଟିପ୍ପଣୀକୁ ଏମାନେ ଜୋର ଦେଇନାହାନ୍ତି । ଗୋରା ଶରଣାର୍ଥୀମାନଙ୍କୁ ମଧ୍ୟପ୍ରାଚ୍ୟ ଏବଂ ଆଫଗାନିସ୍ଥାନର ଶରଣାର୍ଥୀଙ୍କଠାରୁ ବହୁତ ଭଲ ବୋଲି ବିଶ୍ଳେଷଣ କରାଯାଉଛି । ବିଦେଶୀ ମିଡିଆର ଘୃଣ୍ୟ ଚେହେରା ୟୁକ୍ରେନ ଯୁଦ୍ଧବେଳେ ସମସ୍ତଙ୍କ ଦୃଷ୍ଟିକୁ ଆସିଛି । ତେଣୁ ରୁଷ କିମ୍ବା ପୁତିନଙ୍କୁ ବିରୋଧ କରି ମାଳମାଳ ମିଛ ଖବର ପ୍ରକାଶ କଲେ ଯେ ବିଶ୍ୱବାସୀ ଆଖିବୁଜି ଗ୍ରହଣ କରିନେବେ ତାହା ଆଦୌ ଠିକ୍ ନୁହେଁ । ୟୁକ୍ରେନ ଯୁଦ୍ଧ ସମୟର ଚାରିଗୋଟି ଫଟୋକୁ ୮ ମାର୍ଚ୍ଚ ଦିନ ନାଟୋ ପକ୍ଷରୁ ଛଡାଯାଇଥିଲା । ସେଥିରେ ଗୋଟିଏ ଫଟୋରେ ଅସ୍ତ୍ରଧାରିଣୀ ମହିଳାଙ୍କ ପୋଷାକରେ ନୂତନ ନାଜି ଗୋଷ୍ଠୀର ସଂକେତ ସ୍ପଷ୍ଟ ରହିଥିବା ଜଣାପଡିଛି । ୟୁକ୍ରେନରେ ମୁଣ୍ଡ ଟେକିଥିବା ଏହି ନୂତନ ନାଜି ଗୋଷ୍ଠୀ ରୁଷ ବିରୋଧୀ ପ୍ରଚାରରେ ସକ୍ରୀୟ ରହିଆସିଛନ୍ତି । ଏମାନେ ଲୋକମାନଙ୍କୁ ରୁଷ ଏବଂ ରୁଷୀୟ ଲୋକଙ୍କ ବିରୋଧରେ କାର୍ଯ୍ୟକରିବା ପାଇଁ ପ୍ରୋତ୍ସାହିତ କରିଆସିଛନ୍ତି, ଯାହାକୁ ପୁତିନ ବାରମ୍ବାର ବିରୋଧ କରୁଛନ୍ତି । ୟୁକ୍ରେନ ନାଟୋର ସଦସ୍ୟତା ଗ୍ରହଣ କରିବାକୁ ଚାହିଁବା, ୟୁକ୍ରେନରେ ନିଓନାଜି ଗୋଷ୍ଠୀଙ୍କ ଦ୍ୱାରା ରୁଷ ବିରୋଧୀ ପ୍ରଚାର ଚାଲିବା ୟୁକ୍ରେନ ଉପରେ ଆକ୍ରମଣ କରାଯିବାର ମୁଖ୍ୟ କାରଣ ବୋଲି ପୁତିନ କହୁଛନ୍ତି । ପାଶ୍ଚାତ୍ୟ ଗଣମାଧ୍ୟମରେ କେବଳ କେଉଁଠି ସାଧାରଣ ଲୋକେ ବନ୍ଧୁକ ଧରି ଲଢିବାକୁ ଯାଉଛନ୍ତି ପୁଣି କେଉଁଠି ରୁଷିଆର ଟ୍ୟାଙ୍କ ନଷ୍ଟ ହୋଇ ପଡିରହିଛି, କେଉଁଠି ରୁଷୀୟ ଯବାନ ବନ୍ଦୀ ହୋଇଥିବାର ଖବର ପ୍ରସାରିତ କରାଯାଇ ବିଶ୍ୱବାସୀଙ୍କ ସମର୍ଥନ ୟୁକ୍ରେନ ପଛରେ ରଖିବା ପାଇଁ କରାଯାଉଛି । ହେଲେ ଆମେରିକା ପକ୍ଷରୁ ବିଦେଶୀ ରାଷ୍ଟ୍ରଗୁଡିକରେ ସ୍ଥାପିତ ୩୬ଟି ଜୈବିକ ଗବେଷଣାଗାର ମଧ୍ୟରୁ ୨୬ଟି କେବଳ ୟୁକ୍ରେନରେ ରହିଥିବା ନେଇ ଚୀନ ପ୍ରଶ୍ନ କରିଛି । ୟୁହାନ ଜୈବିକ ଗବେଷଣାଗାର ବିରୋଧରେ କହୁଥିବା ଆମେରିକା ବିଦେଶରେ ଅନେକ ଦେଶରେ ଜୈବିକ ଗବେଷଣା ଜାରି ରଖିଥିବା ସଂକ୍ରାନ୍ତରେ ଅଧିକ କିଛି ନକହି ଦିନରେ ହାରକିନ୍ ଦେଖାଉଥିବା ନେଇ ଚୀନ ପକ୍ଷରୁ ଯେପରି ଅଭିଯୋଗ ହେଉଛି ସେଥିରେ ସତ୍ୟତା ରହିଥିବା ସ୍ପଷ୍ଟ ହୋଇଛି । କାରଣ ଆମେରିକାର ପ୍ରତିନିଧି ୟୁକ୍ରେନରେ ଜୈବିକ ଗବେଷଣା ହେଉଥିବା କଥା ଏବେ ସାଧାରଣରେ ସ୍ୱୀକାର କରିଛନ୍ତି । ୨୦୧୮ରୁ ୟୁକ୍ରେନ ବିରୋଧରେ ଜୈବିକ ଅସ୍ତ୍ର ନିର୍ମାଣ ନେଇ ଅଭିଯୋଗ ହୋଇଆସିଛି । ଏବେ ରୁଷର ମେଜର ଜେନେରାଲ ଇଗୋର କୋନାସେନକୋଭ ୟୁକ୍ରେନରେ ଜୈବିକ ଅସ୍ତ୍ର ନିର୍ମାଣ ପାଇଁ ପ୍ଲେଗ, ଆନ୍‌ଥ୍ରାକ୍ସ ଜୀବାଣୁଗୁଡ଼ିକୁ ସାଇତି ରଖାଯାଇଥିବା କଥା କହିଛନ୍ତି । ଆମେରିକାର ସହଯୋଗ କ୍ରମେ ଏସବୁ ଚାଲିଥିବା ସ୍ପଷ୍ଟ ହୋଇଛି । ବିଶ୍ୱରେ ଜୈବିକ ଅସ୍ତ୍ରର ନିର୍ମାଣକୁ ବନ୍ଦ କରିବା ଲାଗି ୧୯୬୯ରୁ ୧୯୭୨ ଯାଏ ବହୁପକ୍ଷୀୟ ଆଲୋଚନା କରାଯିବା ପରେ ୧୦ଏପ୍ରିଲ ୧୯୭୨ରେ ଆଣବିକ ଅସ୍ତ୍ରଶସ୍ତ୍ର ସହମତି ପତ୍ରରେ ପୃଥିବୀର ୧୮୩ଟି ରାଷ୍ଟ୍ର ଏକମତ ହୋଇ ଦସ୍ତଖତ କରିଥିଲେ । ୨୬ ମାର୍ଚ୍ଚ ୧୯୭୫ରେ ଏହି ସମ୍ମତି ଚୁକ୍ତି ଆକାରରେ କାର୍ଯ୍ୟକାରୀ ହୋଇଥିଲା । ଏହି ଆଲୋଚନାରେ ଭାରତ ୧୫ ଜାନୁଆରୀ ୧୯୭୩ରେ ଯୋଗଦେଇ ୧୫ଜୁଲାଇ ୧୯୭୪ରେ ସଂଶୋଧନ ଆଣିଥିଲା । ଏହି ଚୁକ୍ତିରେ ୧୦ଟି ଦେଶ ଚାଦ, କୋମୋରୋସ, ଜିବୁତି, ଇରିଟ୍ରିଆ, ଇସ୍ରାଏଲ, କିରିବାଟି, ମାଇକ୍ରୋନେସିଆ, ନାମିବିଆ, ଦକ୍ଷିଣ ସୁଦାନ, ଟୁଭାଲୁ ଆଦି ଦସ୍ତଖତ କରିନାହାନ୍ତି । ଆମେରିକା ପରି କେତେକ ଦୁଷ୍ଟରାଷ୍ଟ୍ର ସବୁ ଆଇନକୁ ବେଆଇନ ମନେକରି କାର୍ଯ୍ୟ କରିଚାଲିଛନ୍ତି । ସାରା ବିଶ୍ୱରେ ନିଜମତକୁ ଗ୍ରହଣୀୟ ବୋଲି କହିଚାଲିଛନ୍ତି । ଆପଣାର ଘୃଣ୍ୟ କର୍ମକୁ ଅନ୍ୟମାନଙ୍କ ପାଇଁ ସ୍ମରଣୀୟ କରି ଥୋଇବାରେ ଲାଗିପଡିଛନ୍ତି । ସେମିତି ନାଟୋ ବାହିନୀ ଆମେରିକାର ସୁରକ୍ଷା ମେଣ୍ଟରେ ଥାଇ ମଧ୍ୟ ଆଜି ନିଜକୁ ଅସୁରକ୍ଷିତ ମନେକରୁଥିଲେ ହେଁ ପାଟି ଖୋଲୁନାହାନ୍ତି । ଅଷ୍ଟ୍ରେଲିଆ ପରି ରାଷ୍ଟ୍ର ଚୀନର ୟୁହାନକୁ କେନ୍ଦ୍ରକରି କୋରୋନା କାଳରେ ବହୁ ଆଲୋଚନା କରୁଥିଲା ଅଥଚ ଏବେ ୟୁକ୍ରେନରେ ସମାନ ଢଙ୍ଗରେ ଜୀବାଣୁ ଯୁଦ୍ଧ ପାଇଁ ଅସ୍ତ୍ରନିର୍ମାଣ ବେଳେ ଚୁପ୍ ରହିଛି । ଫ୍ରାନ୍ସ ଓ ଜର୍ମାନୀ ଭାରତକୁ ଜାତିସଂଘ ସାଧାରଣ ପରିଷଦରେ ପ୍ରକୃତ ଜ୍ଞାନ ବାଣ୍ଟିବାକୁ ପରାମର୍ଶ ଦେଉଛନ୍ତି । କିନ୍ତୁ ବିଗତ ୭୦ବର୍ଷରେ ଭାରତ ବିରୋଧରେ ଜାତିସଂଘରେ କେତେ ବେଇମାନି କାର୍ଯ୍ୟ କରିଆସିଛନ୍ତି ସେ ବିଷୟରେ ନକହି ରୁଷିଆ ବିରୋଧରେ ଭାରତ ଯାଉ ବୋଲି ଉପଦେଶ ଦେବାରେ ଲାଗିଛନ୍ତି । ଯେଉଁ ବିଦେଶୀ ୟୁକ୍ରେନ ଯୁଦ୍ଧକୁ ନେଇ ଏତେ ଧାରଣା ଦେଉଛନ୍ତି ସେମାନେ ଚୀନର ଲଦାଖ ସୀମାରେ ଆକ୍ରମଣ ବେଳେ କାହିଁକି ଚୁପ୍ ରହିଥିଲେ। ଭାରତର ସେନାଙ୍କ ମୃତ୍ୟୁବେଳେ ସେମାନଙ୍କ ଶ୍ରଦ୍ଧା ବିଗଳିତ ହୋଇନଥିଲା । କାରଣ ଭାରତୀୟମାନେ କଳାଲୋକ ଥିଲେ, ଅଧିକ ହିନ୍ଦୁ ଲୋକ ଥିଲେ । ଆମେରିକା ଏବଂ ଆମେରିକାର ନୀରବ ସମର୍ଥକ ରାଷ୍ଟ୍ରସବୁ ନିଜର ଛଦ୍ମବେଶ ନଛାଡିଲେ ସାଉଦି ଆରବ, ଅମିରାତ ପରି ରାଷ୍ଟ୍ର ଆମେରିକାର ରାଷ୍ଟ୍ରପତିଙ୍କ ସହ ଆଲୋଚନାକୁ ଗ୍ରହଣ ନ କଲା ପରି ଆଗାମୀ ଦିନରେ ଅନେକ ଦେଶ ସେମିତି ଆଭିମୁଖ୍ୟ ପ୍ରଦର୍ଶନ କରିବେ । ଗୋଟିଏ ପଟେ ରୁଷିଆର ପରମାଣୁ ଆକ୍ରମଣକୁ ନେଇ ଚର୍ଚ୍ଚା ହେଉଥିଲା ବେଳେ ୟୁକ୍ରେନର ଜୀବାଣୁ ଆକ୍ରମଣର ଷଡଯନ୍ତ୍ର ସଂପର୍କରେ ଅଧିକ ଆଲୋଚନା ହେଉନାହିଁ । ରୁଷିଆ ବିରୋଧରେ ଆମେରିକା ଏତେସବୁ କଟକଣା ଜାରି କଲାବେଳେ ନାଟୋ ରାଷ୍ଟ୍ରମାନଙ୍କୁ ଚୀନ ବିରୋଧରେ ସମାନ କଟକଣା ଲଗାଇବାକୁ କାହିଁକି କହୁ ନାହିଁ? ଏଥିରୁ ଆମେରିକା କିପରି ଚୀନପରି ଜୈବିକଅସ୍ତ୍ର ଅନ୍ୟରାଷ୍ଟ୍ରରେ ନିର୍ମାଣକରି ରୁଷିଆ ବିରୋଧରେ ପ୍ରୟୋଗ କରିବାକୁ ଷଡଯନ୍ତ୍ର ଚଳାଇଥିଲା ତାହା ଧରାପଡିଯାଇଛି । ୟୁକ୍ରେନ ରୁଷିଆକୁ ବିରୋଧ କରିବାକୁ ଯାଇ ଆନ୍ତର୍ଜାତିକ ଚୁକ୍ତିର ଖିଲାପ କରି କିପରି ଅକ୍ଷମଣୀୟ ଦୋଷ କରିଛି ତାହା ବୁଝିବା ଉଚିତ୍ । ଶତ୍ରୁକୁ ଘରେ ସ୍ଥାନ ଦେଇ ପଡୋଶୀଠାରୁ ମାଡ ଖାଇଲା ବେଳେ ଅନ୍ୟମାନେ ଦର୍ଶକ ହୋଇ ରହୁଛନ୍ତି ବୋଲି ୟୁକ୍ରେନ ରାଷ୍ଟ୍ରପତି ଜେଲେନସ୍କିଙ୍କ ଅଭିଯୋଗରେ କେତେ ସତ୍ୟତା ରହିଛି ତାହା ଏହି ଘଟଣାରୁ ଜାଣିହେବ । କାଚ ଘରେ ରହୁଥିବା ଲୋକେ ଅନ୍ୟକୁ ସମାଲୋଚନା କରିବା ପୂର୍ବରୁ ବହୁଥର ବିଚାର କରିବା ଆବଶ୍ୟକ । କାରଣ ଦ୍ୱିତୀୟ ବିଶ୍ୱଯୁଦ୍ଧ ପରବର୍ତ୍ତୀ ସମୟରେ ତୃତୀୟ ବିଶ୍ୱଯୁଦ୍ଧ ପାଇଁ ସବୁଠୁ ଅଧିକ ଅଶାନ୍ତି ସୃଷ୍ଟିକାରୀ ରାଷ୍ଟ୍ର ହେଉଛି ଆମେରିକା । ବିଶ୍ୱଶାନ୍ତି କଥା ପାଟିରେ କହି ସାରା ବିଶ୍ୱରେ ଅଶାନ୍ତି, ଯୁଦ୍ଧର ଘନଘଟା, ଶାସନ ପରିବର୍ତ୍ତନ ପାଇଁ ବିରୋଧୀ ପକ୍ଷଙ୍କୁ ଅସ୍ତ୍ରଶସ୍ତ୍ର ଦେଇ ସଂଘର୍ଷ ଓ ରକ୍ତପାତ ମାଧ୍ୟମରେ ଗୃହଯୁଦ୍ଧ ସୃଷ୍ଟିରେ ଆମେରିକା ଆଜିଯାଏ ଲାଗିରହିଛି । ଅନ୍ୟର ଅର୍ଥନୀତିକୁ ନଷ୍ଟକରି ନିଜର ସ୍ୱାର୍ଥକୁ ନେଇ କାର୍ଯ୍ୟ କରିବାପରି କୁତ୍ସିତ ବିଚାର ନେଇ ଆମେରିକାର ରାଷ୍ଟ୍ରପତିମାନେ ଅତୀତରେ କାର୍ଯ୍ୟକରି ଆସିଛନ୍ତି । ଗଣତନ୍ତ୍ରର ମିଛ ଦ୍ୱାହି ଦେଇ ଆମେରିକା ଏକାଧିପତ୍ୟକୁ ଜାହିର କରିବାକୁ ସବୁବେଳେ, ସବୁଠି, ସବୁଦେଶରେ କାର୍ଯ୍ୟ କରିଆସିଛି । ଅସ୍ଥିରତା ସୃଷ୍ଟିକରି ଅସ୍ତ୍ରଶସ୍ତ୍ର ବିକ୍ରି କରିବା ସେମାନଙ୍କ ପାଇଁ ସବୁବେଳେ ପ୍ରଥମ ଲକ୍ଷ୍ୟ ରହିଆସିଛି । ଯେଉଁ ଅସ୍ତ୍ରଶସ୍ତ୍ର ମାନବଜାତି ପାଇଁ କ୍ଷତିକାରକ ସେସବୁର ଉତ୍ପାଦନ ବନ୍ଦ ରଖିବାକୁ କହୁଥିବା ରାଷ୍ଟ୍ର ଆମେରିକା ଅନ୍ୟ ରାଷ୍ଟ୍ର ସହାୟତାରେ ଯେପରି ଜୀବାଣୁ ଅସ୍ତ୍ର ଉତ୍ପାଦନ ଜାରିରଖିଛି ତାହା ଯେମିତି ନିନ୍ଦନୀୟ, ୟୁକ୍ରେନ ମଧ୍ୟ ସେଥିଲେ ସାମିଲ ହୋଇ ନିନ୍ଦନୀୟ ହୋଇଛି । ଚୀନସ୍ଥିତ ଉହାନ ଲାବୋରେଟୋରୀରେ ପ୍ରସ୍ତୁତ କୋରୋନା ଭୂତାଣୁ ଗତ ଦୁଇବର୍ଷରେ ୬୦ଲକ୍ଷ ଲୋକଙ୍କୁ ପୃଥିବୀରେ ମାରିସାରିଲାଣି । ୟୁକ୍ରେନର ଭୂତାଣୁ ଆଗାମୀ ଦିନରେ କେତେ ଯେ ମଣିଷ ହତ୍ୟା କରିବ ତାହା ଦେଖିବାକୁ ବାକି ରହିଛି ।

# ଐତିହାସିକ ନିର୍ବାଚନ ୨୦୨୨

ସୁଜାତା ସାବତ ପାଢ଼ୀ
ମୋ: ମୋ-୮୮୯୫୫ ୮୦୮୨୧

ନିର୍ବାଚନ ଭାରତ ବର୍ଷର ଏକ ନିରନ୍ତର ପ୍ରକ୍ରିୟା । ଆଜି ଏ ରାଜ୍ୟରେ ତ ଆଉ ଏକ ବର୍ଷରେ ଅନ୍ୟ ଏକ ରାଜ୍ୟରେ । କେଉଁଠି ପଂଚାୟତ କେଉଁଠି ପୌର ନିର୍ବାଚନ । ଲୋକସଭା ରାଜ୍ୟସଭା ଆଦି ରୀତିମତ ଗଣତାନ୍ତ୍ରିକ ପ୍ରକ୍ରିୟା ଚାଲୁ ରହିଥାଏ । ତେବେ ୨୦୨୨ ନିର୍ବାଚନ ଐତିହାସିକ କାହିଁକି ? ପ୍ରଥମତଃ କରୋନା ଫଳରେ ଦେଢବର୍ଷ ଏକ ପ୍ରକାର ସ୍ଥାଣୁ ପରିବେଶ ମଧ୍ୟରେ ନିର୍ବାଚନ ପାଖେଇ ଆସିଥିଲା । ୨୦୨୨ ବର୍ଷରେ ତାରିଖ ଘୋଷଣା ପରେ ଜାତୀୟ ଓ ଆଂଚଳିକ ଦଳ ମାନଙ୍କୁ ଫୁର୍‌ସତ ନଥିଲା । ସମସ୍ତେ ଅଂଟାଭିଡି ନେଇଥିଲେ ଯେଣେତେଣେ ପ୍ରକାର ଶାସନ ଫେରିପାଇବା ଓ ଥିବା ସରକାର ପୁନଃ ଅବସ୍ଥାପିତ ହେବା କସରତରେ କେହି କାହାକୁ ଊଣା ନ ଥିଲେ । ନିର୍ବାଚନ ଘୋଷଣା ଅବ୍ୟବହତି ପୂର୍ବରୁ ଓ ପରେ ୫ ଟି ରାଜ୍ୟ ଯିବା ଓ ପ୍ରତ୍ୟକ୍ଷ ଅନୁଭୂତି ସାଉଁଟିବାର ସୁଯୋଗ ମିଳିଥିଲା । ଉତ୍ତରପ୍ରଦେଶ, ଉତ୍ତରାଖଣ୍ଡ, ମଣିପୁର ଗୋଆ ଓ ପଞ୍ଜାବ । ପଞ୍ଜାବ ବ୍ୟତୀତ ସବୁଠି ଭାରତୀୟ ଜନତା ପାର୍ଟି ଫେରିଛି । ୩୭ ବର୍ଷ ମଧ୍ୟରେ ଉତ୍ତରପ୍ରଦେଶ ଭଳି ରାଜ୍ୟରେ ପ୍ରଥମ ଥର ପାଇଁ କୌଣସି ସରକାର ପୁନଃ କ୍ଷମତାକୁ ଫେରିଛି ଯାହା କି ଐତିହାସିକ । ଉତ୍ତର ଭାରତ ପରି ମଣିପୁରରେ ମଧ୍ୟ ସରକାର ପୁନଃ ନିର୍ବାଚିତ ହେବା ଐତିହାସିକ । ସୀମା ବିବାଦ, ମେଟେଈଙ୍କ ପାଇଁ ସଂରକ୍ଷଣ ଆଦି ପ୍ରସଙ୍ଗକୁ ସଠିକ ପରିଚାଳନା କରିବା ସହ ମୋଦି ସରକାରଙ୍କ ଗରିବ କଲ୍ୟାଣ ଯୋଜନାକୁ ଲୋକଙ୍କ ନିକଟରେ ପହଂଚାଇବା, ପାହାଡିଆ ଅଂଚଳରେ ଜଳସେଚନ, ଘରେ ପାଣି ପହଂଚାଇବା, ଲୋକତକ ହ୍ରଦର ପୁନଃଉଦ୍ଧାର ସହ ପର୍ଯ୍ୟଟନର କେନ୍ଦ୍ର ବିନ୍ଦୁ ବନାଇବା, ମଣିପୁରର ଜୀବନ ରେଖା ବାରାକ୍ ବ୍ରିଜ୍, ମିଜୋରାମ-ମଣିପୁର,- ନାଗାଲାଣ୍ଡ ହାଇୱେ ସହ ଯୋଡି ଉତର ପୂର୍ବ ରାଜ୍ୟରେ ଆନ୍ତଃ ରାଜ୍ୟ ବାଣିଜ୍ୟ ସୁବିଧା, ନର୍ଥ ଇଷ୍ଟକୁ ଷ୍ଟାର୍ଟ ଅପ ହବ୍‌ରେ ପରିଣତ କରିବା, ମାତୃ ବନ୍ଦନ ଯୋଜନାରେ ମାଆ ମାନଙ୍କୁ ୫୦୦୦ ସହାୟତା, ୧.୫୫ ଲକ୍ଷ ପରିବାରକୁ ପିଏମ ଉଜ୍ଜ୍ୱଳା ଯୋଜନାରେ ଗ୍ୟାସ ଚୁଲ୍ଲୀ ମିଳିଥିଲା । ଆଉ ସବୁଠାରୁ ବଡ କଥା ହେଲା ପ୍ରସିଦ୍ଧ 'ଇମା ମାର୍କେଟ'କୁ ନୂଆ ଜୀବନ ଦେବା । ୧୩୦ କୋଟି ବ୍ୟୟରେ ଏହାର ସଂପ୍ରସାରଣ ୭ଟି ସ୍ଥାନରେ କରିଥିବା ବେଳେ ଅନ୍ୟ ୧୦ ଟି ନିର୍ମାଣାଧୀନ ରହିଛି । ଏଠାରେ ଉଲ୍ଲେଖ ଯୋଗ୍ୟ ଯେ, ଇମା ମାର୍କେଟ ଏସିଆର ସବୁଠାରୁ ବଡ ବଜାର ଯେଉଁଠି କେବଳ ମହିଳା ମାନେ ବ୍ୟବସାୟ କରି ଘର ଚଳାନ୍ତି । ତେଣୁ ମଣିପୁରରେ ଗରିବ କଲ୍ୟାଣ, ସାମଗ୍ରିକ ବିକାଶ ସହ ମାତୃଶକ୍ତିର ଆଶୀର୍ବାଦ ମୋଦି ସରକାରଙ୍କୁ ମିଳିଛି । ଉତ୍ତର ପୂର୍ବ ଭାରତରେ ପ୍ରଥମ ଥର ଲାଗି ସର୍ବାଧିକ ରାସ୍ତା ନିର୍ମାଣ ହୋଇଛି । ଗୋଆର ବିକାଶ ପାଇଁ ସ୍ୱର୍ଗତ ମନୋହର ପାରିକର ଯେପରି କାମ କରିଥିଲେ ତାହା ତାଙ୍କ ଉତ୍ତରପିଢି ଡ. ପ୍ରମୋଦ କରିବାରେ ସକ୍ଷମ ହେବେ କି ନା ସେ ନେଇ ଏକ ସଂଶୟ ସୃଷ୍ଟି ହୋଇଥିଲା । କାରଣ ପାରିକର ଜଣେ ବଡ ନାମ । ଦେଶର ପ୍ରତିରକ୍ଷା ମନ୍ତ୍ରୀ ସହ ଗୋଆ ଲୋକଙ୍କ ହୃଦୟ ଜିଣିଥିଲେ, ସେ ତୁଳନାରେ ଡ. ପ୍ରମୋଦ ଜଣେ ଅତ୍ୟନ୍ତ ସରଳ ବ୍ୟକ୍ତିତ୍ୱ । ତେବେ ପାରିକର ତାଙ୍କ ଉପରେ ଆସ୍ଥା ରଖି ମୁଖ୍ୟମନ୍ତ୍ରୀ କରିବା ପରେ ତାଙ୍କ ଉତ୍ତରଦାୟିତ୍ୱ ସେ ସଠିକ ତୁଲାଇଥିବା ପ୍ରମାଣ କରିଛନ୍ତି । ଉତ୍ତରାଖଣ୍ଡ ରାଜ୍ୟର ସଂରଚନା ୨୦୦୦ ମସିହାରେ ହୋଇଥିଲା । ଉତ୍ତରାଖଣ୍ଡ ହେଉ କି ଉତ୍ତର ପ୍ରଦେଶ । ପୁନଃ ଗୋଟିଏ ସରକାର ରାଜ୍ୟକୁ ଫେରିବା ବିରଳ । କିନ୍ତୁ ଏଥର ପୁଣି ଥରେ ଭାଜପା ସରକାର ପାଇଁ ଆସ୍ଥା ପ୍ରକଟ କରିଛି ଜନତା । ତାହାର କେତୋଟି ପ୍ରମୁଖ ବିଷୟ ଏଠି ଆଲୋଚନା କରିବା ନିହାତି ଜରୁରୀ । ଉତର ପ୍ରଦେଶର ୨୩ କୋଟିରୁ ଊର୍ଦ୍ଧ୍ୱ ଜନସାଧାରଣ । ଯେଉଁଠି ପ୍ରତି ଜିଲାରେ ଭାଷା ଶୈଳୀ ଅନ୍ୟଠାରୁ ହୋଇଥାଏ ଭିନ୍ନ । କେଉଁଠି ନିର୍ଦ୍ଦିଷ୍ଟ ଧର୍ମ ତ ଆଉ କେଉଁଠି ନିର୍ଦ୍ଦିଷ୍ଟ ଜାତିର ଲୋକ । ଅନେକ ସ୍ଥାନରେ ଭାରତର କଣ ଅନୁକୋଣକୁ ଆସି ରୋଜଗାର ପାଇଁ ସେଠାରେ ବସବାସ କରିଥିବା ଭାରତୀୟ । ସେଠାରେ ୭ ଟି ପର୍ଯ୍ୟାୟରେ ନିର୍ବାଚନ ଅନୁଷ୍ଠିତ ହୋଇଥିଲା । ଏଠାରେ ପ୍ରମୁଖ ବିଷୟ ଥିଲା ଆଇନ ଶୃଙ୍ଖଳା ବ୍ୟବସ୍ଥା, ସୁରକ୍ଷା ମଧ୍ୟ ଏକ ପ୍ରମୁଖ ମୁଦ୍ଦା ଏହି ନିର୍ବାଚନରେ ଦେଖିବାକୁ ମିଳିଲା । ଶାନ୍ତିରେ ଯେତିକି ଅର୍ଜନ ସେତିକି ଖାଇ ଚଳିବା ମନ ସ୍ଥିତିରେ ଥିଲେ ଜନତା । ପୁରୁଣାଯୁଗର ଗୁଣ୍ଡାରାଜ ଫେରିଆସୁ ଚାହୁଁନଥିଲେ । ସହାରନପୁର ବାଗପତ୍ କୈରାନା, ଦେଓବନ୍ଦ ଆଦି ଅଂଚଳ ପ୍ରବଳ ଗୁଣ୍ଡାରାଜ ଯୋଗୁଁ ତ୍ରସ୍ତ ଜନତା ୫ ବର୍ଷ ମଧ୍ୟରେ ଶାନ୍ତି ଅନୁଭବ କରୁଥିଲେ । ପ୍ରତିବର୍ଷ ୨ ରୁ ୩ ଟି ଦଙ୍ଗା ଉତ୍ତରପ୍ରଦେଶରୁ ସାରା ଦେଶରେ ନିଆଁ ଲଗାଇବା କାମ କରୁଥିଲା । ତାହା ଯୋଗୀ ସରକାରଙ୍କ କଡା ଆଇନ ଓ କଠୋର ଦଣ୍ଡବିଧାନ ଯୋଗୁଁ କମ ହୋଇପାରିଛି । ଦ୍ୱିତୀୟ ବିଷୟ ଥିଲା ଆସ୍ଥାବିଶ୍ୱାସ ଓ ହିନ୍ଦୁତ୍ୱ । ଜନ୍ମରୁ ମୃତ୍ୟୁ ଯାଏଁ ହିନ୍ଦୁ ଭାବନା ସହ ଜଡିତ ପ୍ରତ୍ୟେକ ଆସ୍ଥାର କେନ୍ଦ୍ରବିନ୍ଦୁ ଉତ୍ତରପ୍ରଦେଶ ପାଲଟିଥାଏ । ଗଂଗା ନଦୀର ସଫେଇ । ଏହା ପାଇଁ ସରକାର ତରଫରୁ ୬ ଟି ଜୋନରେ କମିଟି ଗଠନ ସହ ଏହାର ରିପୋର୍ଟ କେନ୍ଦ୍ର ନିକଟରେ ଦାଖଲ ହେଉଛି । ହିନ୍ଦୁଙ୍କ ଆସ୍ଥା ବିଶ୍ୱାସର ପ୍ରତୀକ ଶ୍ରୀରାମ ମନ୍ଦିର ନିର୍ମାଣ ପାଇଁ ସମସ୍ତ ବାଧାବିଘ୍ନ ହଟିବା ସହ ତୀବ୍ରଗତିରେ ମନ୍ଦିର ନିର୍ମାଣ କାର୍ଯ୍ୟ ଆରମ୍ଭ ହେବା । ଗଳିକନ୍ଦିର ସହର ବନାରସ ଦିବ୍ୟ ଓ ଭବ୍ୟ କାଶୀ କରିଡର ନିର୍ମାଣ କରି ହୃଦୟ ଜିଣିବା ସହ ସ୍ଥାନୀୟ ଲୋକଙ୍କ ପାଇଁ ଜୀବନଜୀବିକାର ସାଧନା ଯୋଗାଇବା ୭୦ ବର୍ଷ ତଳରୁ ଯେଉଁ ସବୁ ଘାଟରୁ ପାହାଚ ଅକାତ ନଦୀ ରାଶିରେ ବୁଡିଯାଇଥିଲା ତାହାର ପୁନଃ ଉଦ୍ଧାର କରିବା । କାଶୀ ବିଶ୍ୱନାଥ ମନ୍ଦିର ଜିର୍ଣ୍ଣୋଦ୍ଧାର ସହ ଏହାକୁ ପର୍ଯ୍ୟଟନ ପରିପ୍ରେକ୍ଷୀରେ ବିକଶିତ କରିବା । ଘାଟର ସହର ବନାରସରେ ନାଉରିଆମାନଙ୍କ ନିଷାଦପରିବାର ପାଇଁ ବିଭିନ୍ନ ଯୋଜନା । ବନାରସ ଭଳି ଐତିହ୍ୟ ସଂପନ୍ନ ସହରକୁ ଜାପାନ ପ୍ରଧାନମନ୍ତ୍ରୀଙ୍କୁ ଆଣି ବୁଲାଇବା ସ୍ଥାନୀୟ ଲୋକଙ୍କ ମନରେ ମୋଦିଜୀଙ୍କ ପ୍ରତି ଭଲ ପାଇବାକୁ ଦ୍ୱିଗୁଣିତ କରିଥିଲା । କାଶୀରେ ଭାଜପାର କାର୍ଯ୍ୟକର୍ତ୍ତା ଡୋର ଟୁ ଡୋର ଲାଭାର୍ଥୀଙ୍କୁ ଭେଟିବା ବେଳେ ଲୋକେ ମୋଦିଜୀଙ୍କୁ ମହାପୁରୁଷ ଭଳି ସମ୍ମାନ କରୁଥିବା ସୋସିଆଲ ମିଡିଆରେ ଦେଖିବାକୁ ମିଳୁଥିଲା । ଏକ ନୂତନ ଚେତନାକୁ ଉଜାଗର ହୋଇଥିବା ଅନୁଭବ ହୋଇଥିଲା । ସବୁଠାରୁ ବଡ ବିଷୟ ସବୁ ରାଜ୍ୟପରି ମହାମାରୀ ଯୋଗୁଁ ଉତ୍ତର ପ୍ରଦେଶ ଭଳି ରାଜ୍ୟ ମଧ୍ୟ ଅସ୍ତବ୍ୟସ୍ତ ହୋଇପଡିଥିଲା । କିନ୍ତୁ ଟୀକାକରଣ, ସ୍ୱାସ୍ଥ୍ୟ ସେବାରେ ଉତ୍ତର ପ୍ରଦେଶ ଅନ୍ୟମାନଙ୍କ ତୁଳନାରେ ତୀବ୍ର ବେଗରେ ଏହାକୁ ସମ୍ଭାଳି ନେଇଥିଲା । ଯେବେ ଟୀକାକରଣରେ ଉତର ପ୍ରଦେଶରେ ଏକ ନମ୍ବର ହେବାକୁ ଯାଉଥିଲା ସମାଜବାଦୀର ଅଖିଳେଶ ଏହାକୁ ମୋଦି ଟୀକା କହି ଅପଶବ୍ଦ କହିଥିଲେ । ସମାଜବାଦୀ ଆସିଲେ ପୁନଃ ଭୟରେ ବଞ୍ଚିବାକୁ ହେବ ଏ ଭୟ ମଧ୍ୟ ଥିଲା । ମହିଳା ଭୋଟର ସରକାରକୁ ଧନ୍ୟବାଦ ଦେବା ପାଇଁ ଭୋଟ କେନ୍ଦ୍ରକୁ ଭୋଟ ଦେବା ପାଇଁ ଆସିଲେ । କାରଣ ସେମାନଙ୍କୁ ପିଏମ୍ ଆବାସ ରେ ମାଲିକାନା, ରାସନରେ ଅଗ୍ରାଧିକାର, ଆୟୁଷ୍ମାନ ଯୋଜନାରେ ସର୍ବାଗ୍ର ସ୍ଥାନ ମିଳୁଥିଲା । ଶୌଚାଳୟ, ଚୁଲ୍ଲୀ ଧୂଆଁରୁ ମୁକ୍ତି କରିଥିବା ଉଜଳା. ଗରିବ କଲ୍ୟାଣ ଯୋଜନାରେ ସର୍ବାଗ୍ରେ ମହିଳା । ଗରିବ ଝିଅଙ୍କ ବାହାଘର ପାଇଁ ଏକ ଲକ୍ଷ ସହାୟତା ଅନୁଦାନ, ରୋଡ ରୋମିଓ ପାଇଁ ସ୍ୱତନ୍ତ୍ର ସ୍କାଡ, ହେଲପଲାଇନ ନମ୍ବର, ସ୍ୱତନ୍ତ୍ର ଅଟୋ, ଘରେ ଘରେ ଉଜ୍ଜ୍ୱଳା ଯୋଜନା, ପ୍ରତି ଗାଁରେ ଶୌଚାଳୟ ରହିଥିଲା । ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ୧ ଲକ୍ଷ ଟଙ୍କା ଘୋଷଣା, ଝିଅଙ୍କ ସ୍କୁଟି ଓ ଲାପଟପ୍ ଭଳି ଘୋଷଣା କରିଥିଲେ ସରକାର । ପ୍ରଥମ ଥର ପାଇଁ ଉତ୍ତର ପ୍ରଦେଶରେ ଆଟାକ କରିବ ପାଇଁ ପ୍ରମୁଖ ମୁଦ୍ଦା ନଥିଲା ବିରୋଧୀଙ୍କ ପାଖେ । ୧୦୦ ରୁ ୬୦ ଭାଗ ଯୋଜନା ମହିଳାଙ୍କ ପାଇଁ ଥିଲା । ଯାହା ୫ ବର୍ଷରେ ପ୍ରତିଫଳତି ହୋଇସାରିଥିଲା । ମୁସଲିମ ମହିଳା ଟ୍ରିପଲ ତଲାକ ପାଇଁ ଆଶ୍ୱସ୍ତ ହୋଇ ରହିଥିଲେ । ମହିଳାଙ୍କୁ ଆକୃଷ୍ଟ କରିବାକୁ କଂଗ୍ରେସ ଚେଷ୍ଟା କରିଥିଲା । 'ଲଡକି ହୁଁ ଲଡ ସକତି ହୁଁ' କହି ମାରାଥନ ଆରମ୍ଭ କରିଥିବା ବେଳେ କାର୍ଯ୍ୟକ୍ରମର ପୋଷ୍ଟର ଗାର୍ଲ ବିଜେପିରେ ମିଶିଗଲେ । ଅଖିଳେଶଙ୍କ ଭାଇ ବୋହୁ ବିଜେପିରେ ମିଶିବା ପରେ ବିରୋଧୀଙ୍କ ପ୍ରପୋଗଣ୍ଡା ସେଠାରେ ଆଉ କାମ ଦେଲାନି । କୃଷକ ନିଜ ଖାତାରେ ୬ ହଜରେ ପାଇ ଖୁସି ଥିଲେ । ପୂର୍ବ ସରକାରଙ୍କ ଋଣ ମଧ୍ୟ ଯୋଗୀ ସରକାର ମୁଣ୍ଡାଇଥିଲେ । ସାରର କଳା ବଜାରୀ ରୋକା ଯାଇପାରିଥିଲା । ସେହିପରି ମୁସଲିମ ସଂପ୍ରଦାୟ ମଧ୍ୟ ବୁଝିଯାଇଥିଲେ ସେମାନଙ୍କୁ ଧର୍ମ ନାଁରେ ବାଣ୍ଟି ଭୋଟ ନେଇଯାଉଥିବା ନେତା ବାସ୍ତବରେ ବିଶେଷ କଛି କରିନାହାନ୍ତି । ଯୋଗୀ ସରକାରଙ୍କ ଯୋଜନା ଜାତିଧର୍ମ ବର୍ଣ୍ଣରୁ ଊର୍ଦ୍ଧ୍ୱରେ ଥିଲେ । ସର୍ବଧର୍ମ ସମଭାବ ଭାବରେ ସମସ୍ତେ କିଛି ନା କିଛି ପାଇଥିଲେ । ସରକାରୀ ଭର୍ତ୍ତି ହେଉନାହିଁ ବୋଲି ରାଗ ମଧ୍ୟ ଥିଲା । କିନ୍ତୁ ଅଯୋଧ୍ୟା କାଶୀ ବିଶ୍ୱନାଥ, ଗଙ୍ଗା ସଫେଇ ଫଳରେ ହୋଟଲ, ଫୁଲ କପଡା ବ୍ୟବସାୟ ଆଦି ସେଠାରେ ବଢିଛି । ନଦୀ ସଂଯୋଗୀ କରଣ ପୂର୍ବାଞ୍ଚଳ ଉଦ୍ୟୋଗ ପୁନଃଉଦ୍ଧାର ବିନ୍ଧ୍ୟାଚଳରେ ଉନ୍ନତି କରଣ ଏମସ୍ ଏୟାରପୋର୍ଟ , ଯମିନା ଏକ୍ସପ୍ରେସ ବେ ଆଜି ଉତର ପ୍ରଦେଶ କୁ ଉତମ ପ୍ରଦେଶରେ ପରିଣତ କରି ଲୋକଙ୍କ ବାସ୍ତବ ଜୀବନ ସହ ପରିଚିତ କରାଇଥିଲା । ଅନେକ ବିଷୟରେ ଗୋଟିଏ ବିଷୟ ଏୟା ଥିଲା ଯେ ସବୁଠାରୁ ବଡ ରାଜ୍ୟ ଉତର ପ୍ରଦେଶର ପ୍ରଭାରୀ ଭାବେ ଓଡିଆ ପୁଅ ଧର୍ମେନ୍ଦ୍ର ପ୍ରଧାନଙ୍କ ରଣନୀତି ଅସନ୍ତୁଷ୍ଟଙ୍କୁ ଶାନ୍ତ କରିବା ଏବଂ ମାଇକ୍ରୋ ମ୍ୟାନେଜମେଂଟ କରିଥିବା କଥା ଅନ୍ୟମାନଙ୍କ ଠାରୁ ଶୁଣିବା ବେଳେ ଓଡିଆ ଭାବେ ଗର୍ବଅନୁଭୂତ ହେଉଥିଲା । ସେହିପରି ମଣିପୁରରେ ଓଡିଆ ପୁଅ ସମ୍ବିତ ପାତ୍ର ଜୀ ଲୋକଙ୍କ ମଧ୍ୟରେ ବହୁଳ ଭାବରେ ଗ୍ରହଣୀୟ ହୋଇଥିଲେ । ରାଷ୍ଟ୍ରୀୟ ପ୍ରବକ୍ତା ଭାବେ ଟିଭିରେ ଦେଖିଥିବା କାର୍ଯ୍ୟକର୍ତ୍ତା ତାଙ୍କ ସହ କାମ କରିବାକୁ ସୁଯୋଗ ପାଇ ଉତ୍ସାହିତ ଥିଲେ । ପ୍ରଥମ ଥର ପାଇଁ ଜାତିଭେଦ, ସଂପ୍ରଦାୟ ତଥା ସଂରକ୍ଷଣ ନାମରେ ଭୋଟ ନ ପଡି ବିକାଶ ନାମରେ ରାଷ୍ଟ୍ରୀୟ ଭାବନା ନାମରେ ମତଦାନ ହୋଇଛି । ଯାହା ଆମ ଭାରତର ଅସ୍ମିତାକୁ ସୁରକ୍ଷା ଦେବା ପାଇଁ ସହାୟକ ହେବ । ଭବିଷ୍ୟ ପିଢି ଭାରତରେ ନିଜ ପ୍ରତିଭା ବିକଶିତ କରିପାରିବ ।

# ଦୋଳ ପର୍ବ ଓ ଶ୍ରୀକୃଷ୍ଣ



ଡାକ୍ତର ଉମେଶ ଚନ୍ଦ୍ର ପାତ୍ର
ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ, ଦୂରଭାଷ : ୯୪୩୭୦୫୧୯୫୭

ଐତିହ୍ୟ ପରମ୍ପରାର ରାଷ୍ଟ୍ର ଭାରତରେ ବହୁ ପ୍ରାଚୀନ କାଳରୁ ହୋଲି ଓ ଦୋଳ ପର୍ବ ପାଳିତ ହୋଇଆସୁଛି । ଭଗବାନ କୃଷ୍ଣ ମଧ୍ୟ ଶ୍ରୀରାଧା ଓ ଗୋପୀଙ୍କ ସହ ରଙ୍ଗ ଖେଳୁଥିଲେ ବୋଲି ପୁରାଣରେ ବର୍ଣ୍ଣିତ ରହିଛି । ସେହିପରି ଫାଲଗୁନ୍ ପୂର୍ଣ୍ଣିମା ଦିନ ପାଳିତ ହେଉଥିବା ଦୋଳ ପର୍ବ ଓଡ଼ିଶାର ପରମ୍ପରା ଓ ଇତିହାସ ସହ ଅଙ୍ଗାଙ୍ଗି ଭାବେ ଜଡ଼ିତ । ଦୋଳପୂର୍ଣ୍ଣିମାର ପାଞ୍ଚଦିନ ପୂର୍ବରୁ ପଞ୍ଚୁ ଦୋଳ ଏବଂ ଦୋଳ ପୂର୍ଣ୍ଣିମା ପରେ ମଧ୍ୟ କେତେକ ସ୍ଥାନରେ ଏହି ପର୍ବ ପାଳିତ ହୋଇଥାଏ । ଦୋଳ ପର୍ବରେ ରାଧାଗୋବିନ୍ଦଙ୍କ ମେଳଣ ଅନୁଷ୍ଠିତ ହୋଇଥାଏ । ଭଗବାନ କୃଷ୍ଣ ଏବଂ ରାଧାଙ୍କୁ ବିମାନରେ ବସାଯାଇ ବୁଲାଯାଇଥାଏ । ଫଗୁ ଦଶମୀ ତିଥିରୁ ଆରମ୍ଭ ହୋଇଥିବା ଗୋବିନ୍ଦଙ୍କର ଯାତ୍ରା ଏବଂ ଗ୍ରାମ ପରିକ୍ରମା ଦୋଳ ପୂର୍ଣ୍ଣିମାରେ ଶେଷ ହୋଇଥାଏ । ଦୋଳବିମାନରେ ମଦନମୋହନ ଓ ଲକ୍ଷ୍ମୀ, ସରସ୍ୱତୀ ଦୋଳବେଦୀକୁ ବିଜେ କରିଥାନ୍ତି । ଏମାନେ ପାଲିଙ୍କିରେ ବସି ପ୍ରତି ସନ୍ଧ୍ୟାରେ ଶ୍ରୀଜଗନ୍ନାଥ ବଲ୍ଲଭଙ୍କ ଉଦ୍ୟାନକୁ ଚାଚେରୀ ଖେଳିବାକୁ ଯାଆନ୍ତି । ଶ୍ରୀମନ୍ଦିର ବେଢ଼ା ପରିକ୍ରମା କରି ଦୋଳବେଦୀରେ ପହଞ୍ଚିବା ପରେ ଫଗୁ ଲାଗି ହୋଇଥାଏ । ପରମ ପ୍ରେମମୟ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଅତ୍ୟନ୍ତ ଭାବଗମ୍ଭୀର ଓ ଆନନ୍ଦିତ ସ୍ୱରରେ ଶ୍ରୀକୃଷ୍ଣଙ୍କ ରାସଲୀଳା ବ୍ୟାଖ୍ୟା କଲେ। ଶ୍ରୀମଦ୍ ଭାଗବତରେ ବର୍ଣ୍ଣିତ ଅଛି – ଏକ ଜ୍ୟୋତ୍ସ୍ନାପ୍ଲାବିତ ଶାରଦ ରଜନୀରେ ପ୍ରଭୁ ଶ୍ରୀକୃଷ୍ଣଙ୍କୁ କେନ୍ଦ୍ର କରି ଗୋପୀମାନେ ଆନନ୍ଦରେ ନୃତ୍ୟ କରୁଥିଲେ। ଏହି ନୃତ୍ୟଲୀଳା କେବଳ ଆକ୍ଷରିକ ଅର୍ଥରେ, ଏକ ବିଶେଷ ସ୍ଥାନରେ ବା ବିଶେଷ ସମୟରେ ଯେ ସଂଗଠିତ ତାହା ନୁହେଁ। ଏହି ନୃତ୍ୟ ଚିରନ୍ତନ। ଏହାକୁ କୁହାଯାଏ ଜୀବନର ଛନ୍ଦାୟିତ ଚଳନ, ଯାହାର ତାଳ କେବେ ଭଙ୍ଗ ହୁଏନାହିଁ। ଅନ୍ୟ ଅର୍ଥରେ ଏହିପରି ଚଳନରେ ଯିଏ ଚାଲେ ତାର କେବେ ବେତାଳରେ ଗୋଡ଼ ପଡ଼େ ନାହିଁ। ଜୀବନ ଯେତେବେଳେ ଇଷ୍ଟଗୁରୁଙ୍କ (ଶ୍ରୀକୃଷ୍ଣ) ପ୍ରତି ଅନୁରାଗବଦ୍ଧ ହୋଇ ଉଠେ ଓ ପ୍ରଭୁଙ୍କର ଆଦିଷ୍ଟ ଚଳନରେ ଚାଲେ, ସେତେବେଳେ ଆଉ ଭ୍ରାନ୍ତି ଆସେନାହିଁ। ରାସଲୀଳା ହେଉଛି ଏହାର ଇଙ୍ଗିତ। ଜୀବକୁଳ ଯଦି ଏହି ଭାବରେ କୁଳମାଲିକଙ୍କୁ କେନ୍ଦ୍ର କରି ସୁତାଳ ଚଳନରେ ଚାଲନ୍ତି ତେବେ ଆଉ ଦିଗ୍‌ଭ୍ରାନ୍ତ ହେବାର ସମ୍ଭାବନା ନଥାଏ। ଏହି କେନ୍ଦ୍ରାୟିତ ଆବର୍ତ୍ତନ ସୃଷ୍ଟିର ସୂକ୍ଷ୍ମାତିସୂକ୍ଷ୍ମ ପର୍ଯ୍ୟାୟରେ ଏକ ଏଟମ୍ ଭିତରେ ମଧ୍ୟ ନିହିତ ଅଛି। ସେଠାରେ ମଧ୍ୟ ଏକ ପ୍ରୋଟନ୍‌କୁ କେନ୍ଦ୍ର କରି ଚାଲିଛି ଇଲେକ୍ଟ୍ରନର ଆବର୍ତ୍ତନ। ଯୁଗାବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ପ୍ରକାଶ କଲେ – ଭଗବାନ କୃଷ୍ଣଙ୍କର ହ୍ଲାଦିନୀ ଶକ୍ତି ହିଁ ହେଉଛି ରାଧା। ରାଧା ହେଉଛି ଭଗବାନ ଶ୍ରୀକୃଷ୍ଣଙ୍କର ବୀଜ ମନ୍ତ୍ର ଓ ନାମ ଓ ନାମୀ ଅଭେଦ। ଫଗୁ ଦଶମୀ ଠାରୁ ଦୋଳପୂର୍ଣ୍ଣିମା ପର୍ଯ୍ୟନ୍ତ ଶ୍ରୀମନ୍ଦିରରେ ବିଭିନ୍ନ ନୀତି ପାଳିତ ହୁଏ। ମେଣ୍ଢାପୋଡିରୁ ମନ୍ଦିରରେ ଆରମ୍ଭ ହୁଏ ଦୋଳପୂର୍ଣ୍ଣିମା ନୀତି। ଦୋଳବେଦୀରେ ମଦନମୋହନ ଓ ଲକ୍ଷ୍ମୀ ବିଜେ କରି ଭକ୍ତମାନଙ୍କୁ ଦର୍ଶନ ଦିଅନ୍ତି। ଏହି ଦିନ ରତ୍ନ ସିଂହାସନରେ ସୁନାବେଶ ଅନୁଷ୍ଠିତ ହୁଏ। ଦୋଳଯାତ୍ରା ଓ ରଥଯାତ୍ରା ମଧ୍ୟରେ ଅନେକ ସାମଞ୍ଜସ୍ୟ ରହିଛି। ରଥଯାତ୍ରା ବେଳେ ମହାପ୍ରଭୁ ଶ୍ରୀଜଗନ୍ନାଥ ଯେପରି ନିଜ ସିଂହାସନରୁ ଓହ୍ଲାଇ ଆସି ଭକ୍ତବୃନ୍ଦଙ୍କୁ ଦର୍ଶନ ଦେଇଥାଆନ୍ତି, ଠିକ୍ ସେହିପରି ଦୋଳଯାତ୍ରାରେ ଭକ୍ତ ହାତରୁ ଖାଦ୍ୟ ଗ୍ରହଣ କରିବା ଲାଗି ମହାପ୍ରଭୁ ଶ୍ରୀଜଗନ୍ନାଥ ରାଧାକୃଷ୍ଣ ରୂପରେ ଦୋଳ ବିମାନରେ ବିରାଜମାନ କରନ୍ତି। ତେବେ ଫଗୁ ଦଶମୀ ଠାରୁ ଦୋଳପୂର୍ଣ୍ଣିମା ନିମନ୍ତେ ପ୍ରସ୍ତୁତି ଆରମ୍ଭ ହୋଇଥାଏ। ଏହି ଦିନ ଦୋଳଗୁଡ଼ିକ ସଜାଯାଇ ଠାକୁରଙ୍କ ଚଳନ୍ତି ପ୍ରତିମା ସ୍ଥାପନ କରାଯାଏ। ସଂଧ୍ୟାରେ ଦେଉଳ ଭିତରେ ଠାକୁରଙ୍କ ସହ ଫଗୁଖେଳ ହୁଏ। କେତେକ ସ୍ଥାନରେ ଠାକୁରଙ୍କୁ ବିଧିମୁତାବକ ପୂଜାର୍ଚ୍ଚନା କରାଯାଇ ପଂକ୍ତି ଭୋଗ ଅର୍ପଣ କରାଯାଏ। ତା'ପରଦିନ ଠାରୁ ଠାକୁର ଦୋଳବିମାନ ଆରୋହଣ କରି ବିଭିନ୍ନ ଗ୍ରାମକୁ ଚାଚେରୀ ଖାଇବା ଲାଗି ଯାଇଥାଆନ୍ତି। ଏଥିଲାଗି ବିଭିନ୍ନ ଗ୍ରାମ, ସାହି, ଓ ପଡ଼ା ଉତ୍ସବ ମୁଖର ହୋଇଉଠେ। ଗ୍ରାମର ପ୍ରତିଘରକୁ ଯାଇ ଠାକୁର ଶ୍ରଦ୍ଧା ଓ ଭକ୍ତିର ପ୍ରତୀକ ଭୋଗ ଗ୍ରହଣ କରିଥାଆନ୍ତି। ଏଭଳି ପ୍ରକ୍ରିୟା ଦୋଳପୂର୍ଣ୍ଣିମା ପର୍ଯ୍ୟନ୍ତ ଚାଲେ। ଦୋଳ ଉତ୍ସବ ହିନ୍ଦୁ ସମାଜକୁ ଏକତା, ସଂଗଠନ, ଧର୍ମରକ୍ଷା, ତ୍ୟାଗ, ତପସ୍ୟା ଓ ଐତିହାସିକ ପରମ୍ପରାକୁ ସୁରକ୍ଷା ଦେବା ଲାଗି ସର୍ବଦା ତତ୍ପର ରହିବାକୁ ଶିକ୍ଷା ଦେଇଥାଏ ।

## ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହେଲେ ସନ୍ଧ୍ୟା ବାଗ୍



କର୍ଲାମୁଣ୍ଡା, (ଭାସ୍କର ନ୍ୟୁଜ୍): କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ ରେଗଡା ଗ୍ରାମ ପଞ୍ଚାୟତରେ ନିଦ୍ୱର୍ନ୍ଦ୍ୱରେ ରେଗଡା ଗ୍ରାମ ପଞ୍ଚାୟତର ନାଏବ ସରପଞ୍ଚ ଭାବେ ନିର୍ବାଚିତ ହୋଇଛନ୍ତି ସନ୍ଧ୍ୟା ବାଗ। ଏହି ଅବସରରେ ଗ୍ରାମର ଶତାଧିକ ଲୋକ ସ୍ୱାଗତ ଜଣାଇ ଗ୍ରାମ ପରିକ୍ରମା କରି ସମସ୍ତଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ। ନୂତନ ନାଏବ ସରପଞ୍ଚ ଶ୍ରୀମତୀ ବାଗ ନିଦ୍ୱର୍ନ୍ଦ୍ୱରେ ବିଜୟ ହୋଇଥିବାବେଳେ ଅଞ୍ଚଳବାସୀଙ୍କୁ କୃତଜ୍ଞତା ଜଣାଇବା ସହ ପଞ୍ଚାୟତର ବିକାଶ ପାଇଁ ସମସ୍ତ ଜନସାଧାରଣଙ୍କୁ ସହଯୋଗ କରିବାକୁ ଆହ୍ୱାନ ଦେଇଛନ୍ତି। ଶ୍ରୀମତୀ ବାଗଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି।

## ନୂତନ ସରପଞ୍ଚ ଭାବେ ଦୀପ୍ତିରାଣୀଙ୍କ ଦାୟିତ୍ୱ ଗ୍ରହଣ



କର୍ଲାମୁଣ୍ଡା, (ଭାସ୍କର ନ୍ୟୁଜ୍): କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ୍ ଅନ୍ତର୍ଗତ ରେଗଡା ଗ୍ରାମ ପଞ୍ଚାୟତର ନୂତନ ସରପଞ୍ଚ ଭାବରେ ଦୀପ୍ତିରାଣୀ ସାହୁ ଦାୟିତ୍ୱ ଗ୍ରହଣ କରିଛନ୍ତି। ନୂତନ ସରପଞ୍ଚ ଭାବରେ ସେ ବିଦାୟୀ ସରପଞ୍ଚ ତଥା ତାଙ୍କ ସ୍ୱାମୀ ସୁଶାନ୍ତ ପରିଡାଙ୍କ ପାଖରୁ ଦାୟିତ୍ୱ ଗ୍ରହଣ କାରିଥିଲେ। ତେବେ ସୁଶାନ୍ତଙ୍କ ପତ୍ନୀ ଦୀପ୍ତିରାଣଇ ନୂତନ ଭାବରେ ସରପଞ୍ଚ ନିର୍ବାଚିତ ହୋଇଥିବାରୁ ସମସ୍ତ ୱାର୍ଡ ସଭ୍ୟସଭ୍ୟାଙ୍କୁ ନିଜର କୃତଜ୍ଞତା ଅର୍ପଣ କରିବା ସହିତ ଆଗାମୀ ଦିନର ବକେୟା କାମ ରହିଥିବା କାମକୁ ସମ୍ପୂର୍ଣ୍ଣ କରିବା ପାଇଁ ଚେଷ୍ଟା କରିବି ବୋଲି ପ୍ରତିଶ୍ରୁତି ଦେଇଥିଲେ। ତେବେ ଆଗାମୀ ୫ ବର୍ଷରେ କିପରି ସେ ରେଗଡା ଗ୍ରାମ ପଞ୍ଚାୟତର ସର୍ବାଙ୍ଗୀନ ବିକାଶ ହୋଇପାରିବ ସେ ଦିଗରେ ପ୍ରାଧାନ୍ୟ ଦେବି ବୋଲି ଶ୍ରୀମତୀ ସାହୁ କହିଥିଲେ।

# କଳାହାଣ୍ଡି ଜିଲ୍ଲାରେ ୬ ଅଧ୍ୟକ୍ଷ ନିର୍ଦ୍ୱନ୍ଦ୍ୱ ଓ ୭ ନିର୍ବାଚନରେ ବିଜୟୀ

ଭବାନୀପାଟଣା, (ଭାସ୍କର ନ୍ୟୁଜ): ବହୁ ପ୍ରତୀକ୍ଷିତ ତ୍ରିସ୍ତରୀୟ ପଞ୍ଚାୟତ ନିବାର୍ଚନ ଶେଷ ହେବା ସହ ଚୂଡ଼ାନ୍ତ ଫଳ ପ୍ରକାଶ ପାଇଛି। ଏହି କ୍ରମରେ କଳାହାଣ୍ଡି ଜିଲ୍ଲାର ୧୩ ଟି ବ୍ଲକର ଅଧ୍ୟକ୍ଷ ପଦ ପୂରଣ ନିମନ୍ତେ ମଧ୍ୟ ନିବାର୍ଚନ ଶେଷ ହୋଇଛି। ୧୩ ଟି ବ୍ଲକ ବିଶିଷ୍ଟ କଳାହାଣ୍ଡି ଜିଲ୍ଲାର ୬ ଜଣ ବ୍ଲକ ଅଧ୍ୟକ୍ଷ ନିଦ୍ୱର୍ନ୍ଦ୍ୱରେ ନିର୍ବାଚିତ ହୋଇଥିବା ବେଳେ ୭ ଜଣ ଅଧ୍ୟକ୍ଷ ନିର୍ବାଚନରେ ସମ୍ମୁଖୀନ ହୋଇଥିଲେ। ସୂଚନା ଅନୁଯାୟୀ ୧୩ ଟି ବ୍ଲକରୁ ୭ ଟିରେ ବିଜେଡି, ୨ଟି ବିଜେପି ଓ ୪ ଟିରେ ସ୍ୱାଧୀନ ପ୍ରାର୍ଥୀ ବ୍ଲକ ଅଧ୍ୟକ୍ଷ ହୋଇଥିବା ଜଣାପଡିଛି। କଳାହାଣ୍ଡି ଜିଲ୍ଲାପାଳ ତଥା ନିବାର୍ଚନ ଅଧିକାରୀ ଡ. ଗାଭାଲି ପରାଗ ହର୍ଷଦଙ୍କ ସୂଚନା ଅନୁଯାୟୀ ଜିଲ୍ଲାର କଲମପୁର ବ୍ଲକରେ ମୋତି ବିହାରୀ, କର୍ଲାମୁଣ୍ଡା ବ୍ଲକରେ କୁନି ସାହୁ, କେସିଙ୍ଗା ବ୍ଲକରେ ଚନ୍ଦନ କୁମାର ସେନାପତି, କୋକସରା ବ୍ଲକରେ ରୀତା ଅଗ୍ରୱାଲ, ଗୋଲାମୁଣ୍ଡା ବ୍ଲକରେ ବିନ୍ଦୁ ମହାନନ୍ଦ, ଜୟପାଟଣା ବ୍ଲକରେ ଥବିର ବାଗ, ଜୁନାଗଡ ବ୍ଲକରେ ସବିତା ମେହେର, ଥୁଆମୂଳ ରାମପୁର ବ୍ଲକରେ ଦୟାନିଧି ମାଝୀ, ଧର୍ମଗଡ ବ୍ଲକରେ ବବିତା ପାଟଯୋଷୀ, ନର୍ଲା ବ୍ଲକରେ ମନୋରମା ମହାନ୍ତି, ଭବାନୀପାଟଣା ବ୍ଲକରେ ପ୍ରଫୁଲ୍ଲ କୁମାର ସାହୁ, ମଦନପୁର ରାମପୁର ବ୍ଲକରେ ମନ୍ଦାକିନୀ ସିଂଦେଓ ଓ ଲାଞ୍ଜିଗଡ ବ୍ଲକରେ କମଳା ପାତ୍ର ଅଧ୍ୟକ୍ଷ ପଦ ପାଇଁ ବିଧିବଦ୍ଧ ଭାବେ ନିର୍ବାଚିତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ କଲମପୁର, କର୍ଲାମୁଣ୍ଡା, କୋକସରା, ଜୟପାଟଣା, ଧର୍ମଗଡ ଓ ଭବାନୀପାଟଣା ବ୍ଲକର ଅଧ୍ୟକ୍ଷ ମାନେ ନିଦ୍ୱର୍ନ୍ଦ୍ୱର ନିର୍ବାଚିତ ହୋଇଥିବା ଜିଲ୍ଲାପାଳ ସୂଚନା ଦେଇଛନ୍ତି।



ପ୍ରଫୁଲ ସାହୁ — ଭବାନୀପାଟଣା | ସବିତା ମେହେର — ଜୁନାଗଡ଼ | କମଳା ପାତ୍ର — ଲାଞ୍ଜିଗଡ଼ | କୁନି ସାହୁ — କର୍ଲାମୁଣ୍ଡା | ଚନ୍ଦନ ସେନାପତି — କେସିଙ୍ଗା | ରୀତା ଅଗ୍ରୱାଲ — କୋକସରା | ବବିତା ପଟ୍ଟଯୋଶୀ — ଧର୍ମଗଡ଼ | ମନ୍ଦାକିନୀ ସିଂଦେଓ — ମ.ରାମପୁର | ଦୟାନିଧି ମାଝି — ଥ.ରାମପୁର | ବିନ୍ଦୁ ମହାନନ୍ଦ — ଗୋଲାମୁଣ୍ଡା | ମୋତି ବିହାରୀ — କଲମପୁର | ଥବିର ବାଗ — ଜୟପାଟଣା | ମନୋରମା ମହାନ୍ତି — ନର୍ଲା

## ମ.ରାମପୁର ବ୍ଲକ: ମନ୍ଦାକିନୀ ସିଂହଦେଓ ହେଲେ ନୂତନ ଅଧ୍ୟକ୍ଷା



ମ.ରାମପୁର, (ଭାସ୍କର ନ୍ୟୁଜ୍): ସମସ୍ତ କଳ୍ପନାଜଳ୍ପନାର ଅନ୍ତ ଘଟାଇ ମ.ରାମପୁର ବ୍ଲକ ଅଧ୍ୟକ୍ଷ ନିର୍ବାଚନ ସହିତ ମନ୍ଦାକିନୀ ସିଂହଦେଓ ବ୍ଲକ ଅଧ୍ୟକ୍ଷା ଭାବେ ନିର୍ବାଚିତ ହୋଇଛନ୍ତି। ସୂଚନା ଅନୁଯାୟୀ, ନାମାଙ୍କନ ଦାଖଲ ପରେ ନିର୍ବାଚନ ହେଇଥିଲା ଏବଂ ଦୁଇଜଣ ପ୍ରାର୍ଥିନୀ ନିଜର ନାମାଙ୍କନ ପତ୍ର ଦାଖଲ କରିଥିଲେ। ତେବେ ନିର୍ବାଚନ ପରେ ମନ୍ଦାକିନୀଙ୍କୁ ୧୪ଗୋଟି ଭୋଟ ମିଳିଥିବା ବେଳେ ତାଙ୍କ ପ୍ରତିଦ୍ୱନ୍ଦୀ ରହିଥିବା ମୁଡ଼ିଙ୍ଗ ଗ୍ରାମ ପଞ୍ଚାୟତର ସମିତିସଭ୍ୟା ବାଳମତି ମାଝୀ ମାତ୍ର ୫ଖଣ୍ଡ ଭୋଟ ପାଇଥିଲେ । ଏହି ବ୍ଲକର ଡୁଡୁକାରଞ୍ଜା ଗ୍ରାମ ପଞ୍ଚାୟତରୁ ସମିତିସଭ୍ୟ ଭାବରେ ନିର୍ବାଚନ ଜିତି ମନ୍ଦାକିନୀ ସିଂହଦେଓ ଅଧ୍ୟକ୍ଷ ପାଇଁ ଆଶାୟୀ ରହିଥିଲେ। ଭୋଟ୍ ଗଣତି ପରେ ନର୍ଲା ବିଧାୟକ ଭୂପିନ୍ଦର ସିଂ, ରାଜ୍ୟସଭା ସାଂସଦ ସୁଜିତ କୁମାର, ଜିଲ୍ଲା ପରିଷଦ ସଭ୍ୟ ପୁଷ୍ପେନ୍ଦ୍ର କୁମାର ସିଂହଦେଓ, ମ.ରାମପୁର ବ୍ଲକ ବିଜେଡ଼ି ସଭାପତି ଗୋବିନ୍ଦ ପ୍ରସାଦ ଶତପଥୀ ନବ ନିର୍ବାଚିତ ଅଧ୍ୟକ୍ଷାଙ୍କ ସମେତ ସମସ୍ତ ସମିତିସଭ୍ୟ/ସଭ୍ୟାଙ୍କୁ ଶୁଭେଚ୍ଛା ଜ୍ଞାପନ କରିଥିଲେ। ଏହି ନିର୍ବାଚନ ପରେ ଅଧ୍ୟକ୍ଷା ମନ୍ଦାକିନୀ ସିଂହଦେଓ ସମସ୍ତ ସମିତିସଭ୍ୟ/ସଭ୍ୟା ତଥା ମ.ରାମପୁର ବ୍ଲକ ଜନସାଧାରଣଙ୍କୁ ନିଜର କୃତଜ୍ଞତା ଅର୍ପଣ କରିଛନ୍ତି। ଏଠାରେ ସୂଚନାଥାଉ କି, ମନ୍ଦାକିନୀ ହେଉଛନ୍ତି ସମାଜସେବୀ ବିକାଶ ରଞ୍ଜନ ସିଂହଦେଓଙ୍କ ଧର୍ମପତ୍ନୀ।

## ପ୍ରଫୁଲ୍ଲ ସାହୁ ଭବାନୀପାଟଣା ବ୍ଲକ ଅଧ୍ୟକ୍ଷ ନିର୍ବାଚିତ



ଭବାନୀପାଟଣା, (ଭାସ୍କର ନ୍ୟୁଜ): କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ବ୍ଲକ ଅନ୍ତର୍ଗତ ବୋର୍ଡା ଗ୍ରାମ ପଞ୍ଚାୟତର ନୂଆପଡା ଗ୍ରାମର ବିଜେପି ପ୍ରାର୍ଥୀ ପ୍ରଫୁଲ୍ଲ କୁମାର ସାହୁ ଭବାନୀପାଟଣା ବ୍ଲକର ଅଧ୍ୟକ୍ଷ ଭାବେ ନିଦ୍ୱର୍ନ୍ଦ୍ୱରେ ବିଜୟ ହାସଲ କରିଛନ୍ତି । ନୂତନ ଅଧ୍ୟକ୍ଷ ନିର୍ବାଚିତ ହେଲାପରେ ସେ କହିଛନ୍ତି ଯେ ଆଜି ପ୍ରଦୀପ ନାଏକ ଓ ମୋ ଦଳର କର୍ମକର୍ତ୍ତାଙ୍କ ନେତୃତରେ ୩୬ଟି ଗ୍ରାମ ପଞ୍ଚାୟତ ବିଶିଷ୍ଟ ବ୍ଲକର ଅଧ୍ୟକ୍ଷ ହୋଇପାରିଛି ଏବଂ ସମସ୍ତଙ୍କୁ ଶୁଭେଚ୍ଛା ଜଣାଉଛି। ମୁଁ ସବୁବେଳେ ଲୋକଙ୍କ ସୁଖଦୁଃଖରେ ସାଥି ହୋଇରହିବି। ଜନତା ଦନାର୍ଦ୍ଦନଙ୍କ ଭଲପାଇବା ମୋ ଉପରେ ଥିଲା ବୋଲି ମୁଁ ଆଜି ବୋର୍ଡା ଗ୍ରାମ ପଞ୍ଚାୟତର ସମିତିସଭ୍ୟରେ ନିର୍ବାଚିତ ହୋଇ ଏହି ସ୍ଥାନରେ ପହଞ୍ଚିଛି। ତେଣୁ ମୁଁ ବୋର୍ଡା ଗ୍ରାମ ପଞ୍ଚାୟତ ସମସ୍ତ ଲୋକଙ୍କୁ ମୋର କୋଟି କୋଟି ପ୍ରଣାମ ଜଣାଉଛି। ଆପଣମାନଙ୍କ ଭଲପାଇବା ମୋ ଉପରେ ସବୁବେଳେ ଏମିତି ଥାଉ।

## ବିଜେପି ପ୍ରାର୍ଥୀଙ୍କୁ ମନ୍ତ୍ରୀ ଭୟଭୀତ କରାଉଥିବା ଅଭିଯୋଗ

# ସୁରକ୍ଷା ପାଇଁ ଏସ୍‌ପିଙ୍କ ଦ୍ୱାରସ୍ଥ

ଭବାନୀପାଟଣା, (ଭାସ୍କର ନ୍ୟୁଜ): କଳାହାଣ୍ଡି ଜିଲ୍ଲା ଜୁନାଗଡ ଏନ୍‌ଏସି ନିର୍ବାଚନରେ ବିଜେପି ପ୍ରାର୍ଥୀଙ୍କୁ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ଭୟଭୀତ କରାଉଛନ୍ତି। ଏମିତିକି ପ୍ରାର୍ଥୀପତ୍ର ପ୍ରତ୍ୟାହାର ନିମନ୍ତେ ଚାପ ପକାଉଥିବା ଅଭିଯୋଗ ନେଇ ବିଜେପି ପ୍ରାର୍ଥୀମାନେ କଳାହାଣ୍ଡି ଏସ୍‌ପିଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ଜୁନାଗଡର ଏକ ହୋଟେଲରେ ନିୟମିତ ବୈଠକ କରି ମନ୍ତ୍ରୀ ବିଜେପି ପ୍ରାର୍ଥୀଙ୍କୁ ଭୟଭୀତ କରିବା ପାଇଁ ନିର୍ଦ୍ଦେଶ ଦେଉଥିବା ଅଭିଯୋଗ ହୋଇଛି। ମନ୍ତ୍ରୀଙ୍କ ନିର୍ଦ୍ଦେଶରେ ବିଜେପି ପ୍ରାର୍ଥୀଙ୍କ ଘରକୁ ବିଜେଡି ଲୋକେ ଯାଇ ପ୍ରାର୍ଥୀପତ୍ର ପ୍ରତ୍ୟାହାର ପାଇଁ ଭୟଭୀତ କରୁଛନ୍ତି। ୨ ଦିନ ମଧ୍ୟରେ ୧୦ ନଂ ୱାର୍ଡର ବିଜେପି ପ୍ରାର୍ଥୀ ବଂଶୀ ମଶ୍ରା ଏବଂ ୱାର୍ଡ ନଂ ୧୨ର ପ୍ରାର୍ଥୀ ବାସୁଦେବ ତାଣ୍ଡିଙ୍କୁ ପ୍ରତ୍ୟାହାର ପାଇଁ ଭୟଭୀତ କରୁଛନ୍ତି। ତେଣୁ ସେମାନେ ସୁରକ୍ଷା ଦାବି କରି ଦଳର ପୂର୍ବତନ ମନ୍ତ୍ରୀ ହିମାଂଶୁ ଶେଖର ମେହେର, ବିଜେପି ଅଧ୍ୟକ୍ଷ ପ୍ରାର୍ଥୀ ମୁକେଶ ଅଗ୍ରୱାଲ, କାଳିନ୍ଦୀ ପାଣିଗ୍ରାହୀ ଓ ସମସ୍ତ କାଉନ୍‌ସିଲର ପ୍ରାର୍ଥୀ ମିଶି ଏସ୍‌ପି ଡ. ଶ୍ରବଣ ବିବେକ ଏମ୍‌ଙ୍କୁ ଭେଟି ଅଭିଯୋଗ କରିଛନ୍ତି। ତୁରନ୍ତ ଏକ ଟିମ୍ ପଠାଇ ତଦନ୍ତ କରାଯାଇ ଉପଯୁକ୍ତ ପଦେକ୍ଷପ ନିଆଯିବ ବୋଲି ଏସ୍‌ପି କହିଛନ୍ତି।

## କୋକସରା ବ୍ଲକ: ନିର୍ଦ୍ୱନ୍ଦରେ ବ୍ଲକ ଅଧ୍ୟକ୍ଷା ହେଲେ ରିତା ଅଗ୍ରୱାଲ



କୋକସରା, (ଭାସ୍କର ନ୍ୟୁଜ୍): ରାଜ୍ୟର ବିଭିନ୍ନ ବ୍ଲକରେ ବ୍ଲକ ଅଧ୍ୟକ୍ଷ ନିର୍ବାଚନ ଅନୁଷ୍ଠିତ ହୋଇଛି। କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକରେ ବ୍ଲକ ଅଧ୍ୟକ୍ଷା ଆସନ ଅଣ ସଂରକ୍ଷିତ ବର୍ଗ ମହିଳାଙ୍କ ପାଇଁ ରହିଥିବାବେଳେ ଲଡୁଗାଁ ପଞ୍ଚାୟତରୁ ସମିତିସଭ୍ୟା ଭାବେ ନିର୍ବାଚିତ ହୋଇଥିବା ରିତା ଅଗ୍ରୱାଲ ନିଦ୍ୱର୍ନ୍ଦ୍ୱରେ ବ୍ଲକ ଅଧ୍ୟକ୍ଷା ଭାବେ ନିର୍ବାଚିତ ହୋଇଛନ୍ତି। କୋକସରା ବ୍ଲକ ୨୨ ପଞ୍ଚାୟତ ରହିଥିବା ବେଳେ ସମସ୍ତ ପଞ୍ଚାୟତରୁ ନିର୍ବାଚନରେ ବିଜୟୀ ହୋଇଥିବା ସମିତି ସଭ୍ୟ/ସଭ୍ୟାମାନେ ରିତା ଅଗ୍ରୱାଲଙ୍କୁ ସମର୍ଥନ କରି ବ୍ଲକ ଅଧ୍ୟକ୍ଷା ରୂପେ ନିର୍ବାଚିତ କରିଛନ୍ତି। ଶନିବାର ବ୍ଲକରେ ବ୍ଲକ ଅଧ୍ୟକ୍ଷା ପାଇଁ ନିର୍ଦ୍ଧାରିତ ସମୟରେ ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହୋଇଥିବା ବେଳେ ସମସ୍ତ ନିର୍ବାଚିତ ସମିତି ସଭ୍ୟମାନେ ଉପସ୍ଥିତ ରହିଥିଲେ। ଅଧ୍ୟକ୍ଷା ଆସନ ପାଇଁ ଲଡୁଗାଁ ପଞ୍ଚାୟତ ସମିତି ସଭ୍ୟା ରିତା ଅଗ୍ରୱାଲ ଜଣେ ମାତ୍ର ନାମାଙ୍କନ ଦାଖଲ କରିଥିଲେ। ନିର୍ବାଚନ ସମୟ ସୀମା ମଧ୍ୟରେ ଅନ୍ୟ କୌଣସି ନାମାଙ୍କନ ଦାଖଲ ହୋଇ ନ ଥିବା କାରଣରୁ ନାମାଙ୍କନପତ୍ର ଯାଞ୍ଚପରେ ରିତା ଅଗ୍ରୱାଲଙ୍କୁ ବ୍ଲକ ଅଧ୍ୟକ୍ଷା ଭାବେ ନିର୍ବାଚନ ଅଧିକାରୀ ଘୋଷଣା କରିଥିଲେ। ଅଧ୍ୟକ୍ଷା ନିର୍ବାଚନ ପ୍ରକ୍ରିୟା ପରିଚାଳନା ପାଇଁ କଲମପୁର ବିଡ଼ିଓ ପ୍ରସନ୍ନ କୁମାର ପଟେଲ, ଗ୍ରାମ ପଞ୍ଚାୟତ ଅଧିକାରୀ ନାରାୟଣ ଭୋଇ ସମେତ ପଞ୍ଚାୟତ ନିର୍ବାହୀ ଅଧିକାରୀ ଉପସ୍ଥିତ ରହିଥିଲେ।

## ମନୋରମା ମହାନ୍ତି ନର୍ଲା ବ୍ଲକ ଅଧ୍ୟକ୍ଷା ନିର୍ବାଚିତ



ନର୍ଲା, (ଭାସ୍କର ନ୍ୟୁଜ): ନର୍ଲା ବ୍ଲକରେ ନବ ନିର୍ବାଚିତ ସମିତି ସଦସ୍ୟ ବ୍ଲକ ଅଧ୍ୟକ୍ଷ ନିର୍ବାଚନରେ ଭୋଟ ଦାନ କରିଥିଲେ। ବ୍ଲକ ଅଧ୍ୟକ୍ଷା ପଦ ପାଇଁ କର୍ମେ ପଞ୍ଚାୟତ ସମିତିସଭ୍ୟ ମନୋରମା ମହାନ୍ତି ଓ ମାଣ୍ଡେଲ ଗ୍ରାମପଞ୍ଚାୟତର ସମିତିସଭ୍ୟ ସିମନ୍ତିକା ଚାନ୍ଦ ଅଧ୍ୟକ୍ଷା ପଦ ପାଇଁ ପ୍ରାର୍ଥୀପତ୍ର ଦାଖଲ କରିଥିଲେ। ଉକ୍ତ ନିର୍ବାଚନରେ ମନୋରମା ମହାନ୍ତି ୧୮ଟି ଭୋଟ ପାଇ ପୁଣି ଥରେ ଅଧ୍ୟକ୍ଷା ପଦ ଅକ୍ତିଆର କରିବାରେ ସକ୍ଷମ ହୋଇଥିବା ବେଳେ ସିମନ୍ତିକା ଚାନ୍ଦ ୮ ଖଣ୍ଡ ଭୋଟ ପାଇ ପରାସ୍ତ ହୋଇଛନ୍ତି। ଏଥିରେ ସିମନ୍ତିକା ଚାନ୍ଦ ୯ଟି ସମିତି ସଭ୍ୟ ନିଜ ହାତରେ ରଖିଥିଲେ। ପରନ୍ତୁ ନିର୍ବାଚନ ସମୟରେ କ୍ରସ ଭୋଂଟି ହୋଇ ସିମନ୍ତିକା ଚାନ୍ଦ ବିପକ୍ଷରେ ୮ ଖଣ୍ଡ ଭୋଟ ପାଇ ଦ୍ୱିତୀୟ ସ୍ଥାନ ଦଖଲ କରି ପରାଜୟ ହୋଇଥିଲେ। ନର୍ଲା ବ୍ଲକରେ ମନୋରମା ମହାନ୍ତି ଦ୍ୱିତୀୟ ଥର ପାଇଁ ଅଧ୍ୟକ୍ଷା ପଦରେ ନିର୍ବାଚିତ ହୋଇଥିବା ବେଳେ ଏଠାରେ ବିଜେଡ଼ିର ଶଙ୍ଖନାଦ ହୋଇଥିବା ଜଣାଯାଏ। ନିର୍ବାଚନ ଅଧିକାରୀ ଭାବେ ଭବାନୀପାଟଣା ବିଡ଼ିଓ ବିନୟ ଭୋଇ ଦାୟିତ୍ୱ ନିର୍ବାହ କରିଥିଲେ। ଜିପିଓ କ୍ଷୀତିଶ ଚନ୍ଦ୍ର ନାଏକ, ଜାଫେଦ ନାଗ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ। ମନୋରମା ମହାନ୍ତି ବ୍ଲକ ଅଧ୍ୟକ୍ଷା ଭାବେ ନିର୍ବାଚିତ ହେବା ପରେ ବିଭିନ୍ନ ମହଲରେ ଶୁଭେଚ୍ଛାର ସୁଅ ଛୁଟିଛି। ରୁପ୍ରାରୋଡଠାରେ ଅଧ୍ୟକ୍ଷାଙ୍କୁ ସ୍ୱାଗତ ଓ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି।

## ସୁବର୍ଣ୍ଣ ଜୟନ୍ତୀ ଓ ରାମ ନବମୀ ଉତ୍ସବ ପାଇଁ ପ୍ରସ୍ତୁତି




କୋକସରା, (ଭାସ୍କର ନ୍ୟୁଜ୍): କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକର ବହୁ ପ୍ରାଚୀନ ପର୍ଯ୍ୟଟନସ୍ଥଳୀ ଗୁଡ଼ାହାଣ୍ଡି ଡୋକରି ଚଞ୍ଚରାଠାରେ ସୁବର୍ଣ୍ଣ ଜୟନ୍ତୀ ଓ ରାମ ନବମୀ ଉତ୍ସବ ପାଇଁ ଶନିବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଅନୁଷ୍ଠାନର ସଭାପତି ଭଦ୍ରେଶ୍ୱର ପତ୍ରଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ସୁବର୍ଣ୍ଣ ଜୟନ୍ତୀ ସମାରୋହ କାର୍ଯ୍ୟକଳାପ କିପରି କରାଯିବ ସେ ବିଷୟରେ ଆଲୋଚନା କାଯାଇଥିଲା। ପରେ ନିର୍ମାଣଧୀନ ଅନ୍ୟାନ୍ୟ କାର୍ଯ୍ୟର ସମୀକ୍ଷା କରାଯାଇଥିଲା। ଏହି ଅବସରରେ ଜଙ୍ଗଲ ବହୁ ମାତ୍ରାରେ କଟୁ ଥିବାରୁ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କର ଯିବାର ନିଷ୍ପତ୍ତି ନିଆଯାଇଥିଲା। ଉନ୍ନୟନ ସମତିର ପୂଜକ ଦିଲୀପ ଯୋଶୀ ଓ ପ୍ରତାପ ପଣ୍ଡା ହିନ୍ଦୁ ପଞ୍ଜିକା ଅନୁସାରେ ଶ୍ରୀରାମ ନବମୀର ଲଗନ ଓ କାର୍ଯ୍ୟସୂଚୀ ସ୍ଥିର କରିଥିଲା। ଏହି ବୈଠକରେ ସମ୍ପାଦକ ନୀଳାମ୍ବର ନାଏକ, ସହ ସମ୍ପାଦକ ମଧୁବନ ପିତ୍ର, ବରିଷ୍ଠ ସଦସ୍ୟ ଜୟଲାଲ ନାଏକ, ଯୁଗଳ କିଶୋର ହଂସ, ଚକାଡୋଳା ପାତ୍ର, ଚିତ୍ରସେନ ପାତ୍ର, ଯୋଗସନ ନାଏକ, ସହଦେବ ମାଝି, ଭୀଷ୍ମ ମାଝି, ମହେନ୍ଦ୍ର ନାଏକ, ଜିତେନ୍ଦ୍ର ମଝି, ପବିତ୍ର ନାଏକ, ସହଦେବ ମାଝି ପ୍ରମୁଖ ଉପସ୍ଥିତ ରହିଥିଲେ।

## ଦିପେନ ସାହୁ ପୁଣି ବାର ସଭାପତି ନିର୍ବାଚିତ



ଜୁନାଗଡ଼, (ଭାସ୍କର ନ୍ୟୁଜ) : ଜୁନାଗଡ଼ ବାର ସଭାପତି ଭାବେ ଦିପେନ ସାହୁ ଓ ହିମାଂଶୁ ବରାଡ଼ ସମ୍ପାଦକ ଭାବେ ନିର୍ଦ୍ୱନ୍ଦରେ ନିର୍ବାଚିତ ହୋଇଛନ୍ତି। ଜୁନାଗଡ଼ ବାର ପକ୍ଷରୁ ନିର୍ଦ୍ଧାରିତ ପ୍ରକ୍ରିୟା ଅନୁଯାୟୀ ନିର୍ବାଚନ କରାଯାଇଥିଲା। ଏଥିରେ ସଭାପତି ଭାବେ ପୁଣି ଦ୍ୱିତୀୟ ଥର ପାଇଁ ଦିପେନ ସାହୁ, ସମ୍ପାଦକ ଭାବେ ହିମାଂଶୁ ବରାଡ଼ ନିର୍ବାଚିତ ହୋଇଛନ୍ତି। ସେହିପରି ଉପସଭାପତି ଅଶୋକ ପଣ୍ଡା, ଯୁଗ୍ମ ସମ୍ପାଦକ ଧନେଶ୍ୱର ନାଏକ ଓ ଜୟଦେବ ସୁନାନୀ, କୋଷାଧ୍ୟକ୍ଷ କଳିନ୍ଦ୍ରୀ ପାଣିଗ୍ରାହୀ, ଲାଇବ୍ରାରୀ ସମ୍ପାଦକ ସୁଶୀଳ ପାଢ଼ୀ ରହିଛନ୍ତି। ସେହିପରି କାର୍ଯ୍ୟକାରୀ ସଦସ୍ୟ ଭାବେ ଶିଶିର କୁମାର ପଟ୍ଟନାୟକ, ସୁଧାଂଶୁ ବରାଡ଼, ପ୍ରମୋଦ ପୁଝାରି, ଅନନ୍ତ ନାରାୟଣ ବେହେରା, ନରେନ୍ଦ୍ର କ୍ଷୀତୀ, ଆଶ୍ୱିନ କୁମାର ସିଂହଦେଓ, ଜିତେନ୍ଦ୍ର ମେହେର ପ୍ରମୁଖ ନିର୍ବାଚିତ ହୋଇଛନ୍ତି। ନିର୍ବାଚନ ଅଧିକାରୀ ଭାବେ ଶିଶିର ପଟ୍ଟନାୟକ ଦାୟିତ୍ୱ ତୁଲାଇଥିଲେ।

## ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ

# ୧୦ ମାମଲା ଫଇସଲା, ୨ ଲକ୍ଷ ଜୋରିମାନା ଆଦାୟ



ଭବାନୀପାଟଣା, (ଭାସ୍କର ନ୍ୟୁଜ): କଳାହାଣ୍ଡି ଜିଲ୍ଲା ଅନ୍ତର୍ଗତ ତାଲୁକ ଆଇନ ସେବା ସମିତି, କେସିଙ୍ଗା ଅଧ୍ୟକ୍ଷ ତଥା ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ, ହୃଷିକେଶ ଖେମୁଣ୍ଡୁଙ୍କ ଅଦାଲତରେ ଚଳିତ ବର୍ଷ ୨୦୨୨ର ପ୍ରଥମ ରାଷ୍ଟ୍ରୀୟ ଲୋକଅଦାଲତ ଗତ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି ଲୋକ ଅଦାଲତରେ ଏନ୍.ଆଇ. ଆକ୍ଟ କେସ୍ (ୟୁ/ଏସ୍ ୧୩୮) ୨ଟି ଫଇସଲା କରାଯାଇ ୨ ଲକ୍ଷ ଟଙ୍କା ଆଦାୟ କରାଯାଇଥିଲା ବେଳେ ୮ଟି ଅନ୍ୟାନ୍ୟ ଫୌଜଦାରୀ ମକଦ୍ଦମା (ଏଫ୍.ଆର୍.ଟି.) ଫଇସଲା କରାଯାଇଥିଲା । ଲୋକ ଅଦାଲତକୁ ସୁଚାରୁ ରୂପେ ସମ୍ପନ୍ନ କରିବା ନିମନ୍ତେ ପ୍ରମୁଖ ଆଇନଜୀବୀ ସୁନ୍ଦର ପାତ୍ର ଏବଂ ସୌମ୍ୟରଞ୍ଜନ ନନ୍ଦ ପ୍ରମୁଖ ସହେଯାଗ କରିଥିଲେ। ଦୀର୍ଘଦିନ ଧରି ଚାଲୁ ରହିଥିବା ମକଦ୍ଦମା ଗୁଡିକର ସହଜ ସମାଧାନ ପାଇଁ ଏବଂ ଆର୍ଥିକ ଅପଚୟରୁ ନିସ୍ତାର ପାଇଁ ଅଗାମୀ ଲୋକ ଅଦାଲତଗୁଡିକର ସହାୟତା ନେବା ପାଇଁ ଅଧ୍ୟକ୍ଷ ଜନସାଧାରଣଙ୍କୁ ଅନୁରୋଧ କରିଥିଲେ।

## ରାଶିଫଳ

**ସୋମବାର, ୧୪ ମାର୍ଚ୍ଚ ୨୦୨୨**



**ମେଷ-**ପାରିବାରିକ ପରିବେଷରେ ଖୁସି ମିଳିବ, ପିଲାଙ୍କର ଚାକିରିର ସୁଯୋଗ ଆସିବ, କର୍ମ କ୍ଷେତ୍ର ସ୍ଥିତିରେ ସୁଧାର ଆସିବ, କୌଣସି ପ୍ରକାର ସହାୟତା ମିଳିବ, ଚାକିରି ବ୍ୟବସାୟରେ ଦାୟିତ୍ୱ ବୃଦ୍ଧି ହେବ, ପାରିବାରିକ ଏବଂ ବ୍ୟବସାୟିକ ସମ୍ପର୍କରେ ବୃଦ୍ଧି ଘଟିବ।



**ବୃଷ-** ଭାଗ୍ୟ ଆଜି ଆପଣଙ୍କର ସପକ୍ଷରେ ରହିବେ, ଆଶାତିତ ମାନ ସମ୍ମାନ, ଟଙ୍କାପଇସା, ନିଜର ପରିବାର ସାହିପଡିଶା ସହିତ ସୁସଂପର୍କ ବୃଦ୍ଧି ହେବ, ନିଜର ଆଶା ପୁରଣ ହେବ।



**ମିଥୁନ-** କର୍ମ ଏବଂ ଅର୍ଥ ଚିନ୍ତା ଦୁର ହେବ, ବ୍ୟବସାୟ, କଳକାରଖନା କର୍ମଜୀବି, ଔଷଧ ବ୍ୟବସାୟୀ ଅଧିକ ଲାଭ ପାଇବେ, ଭାଗ୍ୟ ସହାୟ ହେବେ, ଅଚାନକ ଖୁସିଖବର ମିଳିବ ଏବଂ ମନର ଆଶା ପୁରଣ ହେବ।



**କର୍କଟ-** ଅଶୁଭ ଗ୍ରହ ପ୍ରଭାବ ରହିବ ଫଳରେ କୌଣସି ପ୍ରକାରର ଧୋକା ମିଳିବ, ଆଜି ଲାଲ ମନ୍ଦାର ମଙ୍ଗଳା ମନ୍ଦିରରେ ଦିଅନ୍ତୁ, ଗଚ୍ଛିତ ଅର୍ଥବ୍ୟୟ ବଢିବ ଫଳରେ ମନ ଅଶାନ୍ତ ରହି ସଠିକ ନିଷ୍ପତି ନେଇ ନପାରି ମନ ଦୁଃଖ ହେବ।



**ସିଂହ-**କର୍ମ କ୍ଷେତ୍ରରେ ପରିବର୍ତ୍ତନ ହେବ, ନୂଆକିଛି ଯୋଜନା କରି ସଫଳ ହେବେ, କୌଣସି ପ୍ରକାର ଆର୍ଥିକ ଲାଭ କିମ୍ୱା ନୂଆ ସଂପର୍କ ଯୋଡି ହେବ, ସୁଖଶାନ୍ତି ଭରା ପରିବେଶ ମଧ୍ୟରେ ଦିନ କଟିବ।



**କନ୍ୟା-** ଟଙ୍କାପଇସାକୁ ନେଇ ଚିନ୍ତା କମିବ ଏବଂ କୌଣସି ଜାଗାରୁ ଅର୍ଥ ଓ କର୍ମ ପ୍ରାପ୍ତିର ସୂଚନା ମିଳିବ, ମନର ଯୋଜନା ମୁତାବକ ପ୍ରତ୍ୟେକ କାର୍ଯ୍ୟରେ ସଫଳ ହେବେ, କୌଣସି ପ୍ରକାରେ ଆଜି ଅର୍ଥ ଉପାର୍ଜନ ବଢିବ, ମନ ଉତ୍ସାହିତ ରହିବ।



**ତୁଳା-**କୌଣସି ବନ୍ଧୁ ଆଜି ସହଯୋଗ କରିବେ ଏବଂ ଯୋଜନା ମୁତାବକ ସଫଳ ହେବେ, ପାରିବାରିକ ଶାନ୍ତି ମିଳିବ, କୌଣସି ପାରିବାରିକ ପରିବେଷରେ ମତାନ୍ତର ରହିବ, ଅଯଥା କଥାରେ ମୁଣ୍ଡ ପୁରାଇ ହଇରାଣ ହେବେ।



**ବିଛା-**ଆଜି ମନର ଆଶା ପୁରଣ ହେବ ନାହିଁ ତେଣୁ ମାନସିକ ଅଶାନ୍ତି ବୃଦ୍ଧି ହେବ ମାତ୍ର ଚାକିରି ରେ ପ୍ରଶଂସିତ ହେବେ, ବ୍ୟବସାୟରେ ଲାଭ ବଢିବ ଏବଂ ପୁରୁଣା ରୋଗରୁ ଉପସମ ମିଳିବ, ନୂଆକରି ଆରମ୍ଭ କରିଥିବା ବ୍ୟବସାୟ କିମ୍ୱା ଚାକିରି ରେ ସଫଳତା ମିଳିବ।



**ଧନୁ-**ଆଜି ନିଜର ସଂପର୍କୀୟ ଏବଂ ପରିବାର ସହିତ ସମୟ କାଟନ୍ତୁ, ଆଜି କିଛି ଜନହିତକର ବା ନିସ୍ୱାର୍ଥ କାମ କରି ପ୍ରଶଂସିତ ହେବେ, କିଛି ଖାଦ୍ୟ କୌଣସି ଭୋକିଲାକୁ ଦିଅନ୍ତୁ କଲ୍ୟାଣ ହେବ, ବନ୍ଧୁପରିଜନରେ ସାହାଯ୍ୟ ମିଳିବ, ଯାହା ଉଦ୍ୟମ କରିବେ ପୁରଣ ହେବ।



**ମକର-**ଆଜି କିଛି ଦୁର୍ବଳ ଅନୁଭବ କରିବେ, ଉଚ୍ଚ ରକ୍ତଚାପ, ସଂକ୍ରମିତ ରୋଗ କିଛି ହେବ, ମାତ୍ର ଚିନ୍ତା କରୁଥିବା ଏବଂ ଚେଷ୍ଟା କରୁଥିବା କାର୍ଯ୍ୟ ହାସଲ ହେବ, ନିଜର ରକ୍ତଦାନ କରନ୍ତୁ କଲ୍ୟାଣ ହେବ।



**କୁମ୍ଭ-**ଆଜି ଦିନଟି ଶୁଭରେ ଶୁଭରେ କଟିବ, ଆଶାଜନକ ସମସ୍ତ ପରିବେଷ ପରିସ୍ଥିତି ରହିବ, ଶୁଭ ଦିନଟିଏ ରହିବ ଏବଂ ଚେଷ୍ଟା ଅନୁଯାୟୀ ଫଳ ମିଳିବ, ଆଜି କିଛି ଚାଉଳ ପାରାଙ୍କୁ ଦିଅନ୍ତୁ ଅଟକିଥିବା କାମ ପୁରଣ ହେବ।



**ମୀନ-**ଯୋଜନା ମୁତାବକ ସଫଳତା ମିଳିବ, ଆୟ କରିବାର ସୁଯୋଗ ସୃଷ୍ଟି ହେବ ଏବଂ ବ୍ୟବସାୟରେ ଲାଭ ବଢିବ, ବିବାହଯୋଗ୍ୟ ପିଲାଙ୍କର ବିବାହ ସମ୍ଭାବନା ସୃଷ୍ଟି ହେବ, ଛାତ୍ରଛାତ୍ରୀଙ୍କର ପାଠପଢାରେ ଉର୍ଣ୍ଣତି ହେବ, ରାଜନୈତିକ ବ୍ୟକ୍ତି ଯୋଜନାରେ ସଫଳ ହେବେ।



ପ୍ରସ୍ତୁତି

ଜ୍ୟୋର୍ତିବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
(ଏମ୍ କମ୍, ଏମ୍.ବି.ଏ) ସେକ୍ଟର-୩/୩୦୯,
ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯



ନିଶ୍ଚିନ୍ତକୋଇଲି,(ଭାସ୍କର ନ୍ୟୁଜ) : ଆଜି ନିଶ୍ଚିନ୍ତକୋଇଲି ବ୍ଲକ କେଂଟାଲୋ ଗ୍ରାମପଂଚାୟତ ମଲ୍ଲୀପୁରସ୍ଥିତ ଅସୁରେଶ୍ୱର ପ୍ରସିଦ୍ଧ ଶ୍ରୀ ଶ୍ରୀ ରଘୁନାଥ ଜୀୟୁଙ୍କ ପୀଠକୁ ଅଗ୍ରଣୀ ସ୍ୱେଚ୍ଛାସେବୀ ସଙ୍ଗଠନ ନୂଆ ସକାଳ ତରଫରୁ ସଫେଇ କରାଯାଇଛି। ଏହିଅବସରରେ ଅନୁଷ୍ଠାନର ସଭାପତି ଦୋଳଗୋବିନ୍ଦ ସାହୁଙ୍କ ନେତୃତ୍ୱରେ ସ୍ୱେଚ୍ଛାସେବୀମାନେ ମନ୍ଦିର ଚାରିପାଖରେ ପଡି ରହିଥିବା ଅଳିଆ ଆବର୍ଜନାକୁ ସଫେଇ କରିଥିଲେ। ସ୍ୱେଚ୍ଛାସେବୀ ସୀତାରାମ ବେହେରା, ବ୍ରହ୍ମାନନ୍ଦ ସାହୁ,ଦୈତାରୀ ବେହେରା, ରାକେଶ କୁମାର ସାହୁ, ମାନସ କୁମାର ସାହୁ, ସରୋଜ କୁମାର ସାହୁ ପ୍ରମୁଖ ଏଥିରେ ସହଯୋଗ କରିଥିଲେ। ପୂର୍ବରୁ ମଧ୍ୟ ଏହି ସ୍ୱେଚ୍ଛାସେବୀ ସଙ୍ଗଠନ ଅନେକ ଥର ବିଭିନ୍ନ ସମୟରେ ସଫେଇ କାମ କରିଆସୁଛି । ଉକ୍ତ ସ୍ୱେଚ୍ଛାସେବୀ ସଂଗଠନର ସଦସ୍ୟମାନଙ୍କ ଏତାଦୃଶ ନିଃସ୍ୱାର୍ଥପର ସେବାମନୋବୃତ୍ତିକୁ ବିଭିନ୍ନ ମହଲରେ ଭୂୟସୀ ପ୍ରଶଂସା କରାଯାଇଛି ।

## କଖଡିରେ ଟ୍ରକ୍-ଟାଟା ଏସ୍‌ଇ ମୁହାଁମୁହିଁ ଧକ୍କା

# ଜଣେ ମୃତ, ୧ ଗୁରୁତର



ଟାଙ୍ଗୀ-ଚୌଦ୍ୱାର, (ଭାସ୍କର ନ୍ୟୁଜ) : ଚୌଦ୍ୱାର ଥାନା ଅନ୍ତର୍ଗତ ପୁରୁଣା କଟକ-ସମ୍ବଲପୁର ରାସ୍ତାର କଖଡି ନିକଟରେ ମର୍ମନ୍ତୁଦ ସଡକ ଦୁର୍ଘଟଣାରେ ଜଣେ ମୃତ୍ୟୁ ବରଣ କରିଥିଲା ବେଳେ ଅନ୍ୟଜଣେ ଗୁରୁତର ଆହତ ହୋଇଛି। ମୃତକ ଜଣକ ହେଉଛନ୍ତି କଖଡି ଗ୍ରାମର ସୁରେନ୍ଦ୍ର ସାହୁଙ୍କ ପୁଅ କାର୍ତିକ ସାହୁ (୨୦)। କାର୍ତିକ ଜଣେ ଗାଡି ଚାଳକ, ସେ ଶନିବାର ମଙ୍ଗୁଳିରେ ଥିବା ମଦନିଗମ ଗୋଦାମରୁ ନିଜ ଟାଟା ଏସଇ (ନଂ.ଓଡି-୦୫-ଏପି-୫୩୭୪) ନେଇ ସମ୍ବଲପୁର ଯାଇଥିଲେ। ସମ୍ବଲପୁରରୁ ଫେରୁଥିବା ବେଳେ କଖଡି ନିକଟରେ ଏକ ମାଲବୋଝେଇ ଟ୍ରକ (ନଂ. ଏମ୍‌ଏଚ୍-୪୦-ବିଏଲ୍-୮୦୪୫) ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଦୁର୍ଘଟଣା ପରେ ଗାଡି ଚଳାଉଥିବା କାର୍ତିକ ଗାଡି ମଧ୍ୟରେ ସଂପୂର୍ଣ୍ଣ ଚାପି ହୋଇଯାଇଥିଲା। ଘଟଣା ସ୍ଥଳରେ ଗ୍ରାମବାସୀମାନେ ପହଞ୍ଚି ଗାଡିକୁ ଭାଙ୍ଗି କାର୍ତିକ ଓ ହେଲପରକୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ କଟକ ବଡମେଡିକାଲ ପଠାଇଥିଲେ। ସେଠାରେ ଡାକ୍ତର କାର୍ତିକକୁ ମୃତ ଘୋଷଣା କରିଥିଲେ। ଗାଡିର ହେଲପର ଚୌଦ୍ୱାର ତଳବଜାର ଅଞ୍ଚଳର ଯୁବକ ଜଣକ ଗୁରୁତର ଅବସ୍ଥାରେ ଚିକିତ୍ସିତ ହେଉଛି। ଦୁର୍ଘଟଣା ପରେ ରାସ୍ତାରେ ଯାତାୟତ କିଛି ସମୟ ପାଇଁ ବାଧାପ୍ରାପ୍ତ ହୋଇଥିଲା। ଚୌଦ୍ୱାର ପୁଲିସ ପହଞ୍ଚି ଟ୍ରକ୍ ଡ୍ରାଇଭର ଓ ହେଲପରକୁ ଥାନାକୁ ଆଣି ପଚରାଉଚୁରା କରୁଛି।

## ପ୍ରାଚୀ ସାଂସ୍କୃତିକ ସମିତିର ପ୍ରସ୍ତାବକୁ ରେଳମନ୍ତ୍ରୀଙ୍କ ସ୍ୱୀକୃତି

କାକଟପୁର, (ଭାସ୍କର ନ୍ୟୁଜ୍) : ଗତ କିଛି ମାସ ତଳେ ପ୍ରାଚୀ ସାଂସ୍କୃତିକ ସମିତି ର ସଭାପତି ଡ଼ଃ ଜଗବନ୍ଧୁ ଷଡ଼ଙ୍ଗୀ ଅସ୍ତରଙ୍ଗ ଅଞ୍ଚଳକୁ ନୂଆ ରେଳ ଲାଇନ ନେଇ କେନ୍ଦ୍ର ରେଳମନ୍ତ୍ରୀଙ୍କୁ ପ୍ରସ୍ତାବ ଦେବା ସହ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଅବଗତ କରାଇଥିଲେ । କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏ ବିଷୟ ରେଳମନ୍ତ୍ରୀକୁ ସୁପାରିଶ କରିଥିଲେ । ଏହାର ଉତ୍ତରରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, ଧର୍ମେନ୍ଦ୍ର ପ୍ରଧାନ ଙ୍କୁ ତାଙ୍କ ପତ୍ର ସଂଖ୍ୟା (No 2021/w-11/ ECOR/03/112) ରେ ଜଣାଇଛନ୍ତି ଯେ ସଭାପତି ଶ୍ରୀ ଷଡ଼ଙ୍ଗୀ ଙ୍କ ପ୍ରସ୍ତାବକୁ ଅନୁଧ୍ୟାନ କୁ ନିଆଯାଇ ଚଳିତ ବର୍ଷ ପୁରୀ ଠାରୁ କୋଣାର୍କ ରେଳ ଲାଇନସର୍ଭେ କାର୍ଯ୍ୟ ପାଇଁ (୭୨୫-୭୮) କୋଟି ଟଙ୍କା ବ୍ୟବସ୍ଥା କରାଯାଇଛି ।ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଓ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଏ ନେଇ ପ୍ରାଚୀ ସାଂସ୍କୃତିକ ସମିତିର ସଭାପତି ଡ଼ଃ ଷଡ଼ଙ୍ଗୀ ପୁରୀଜିଲ୍ଲା ର ଅଞ୍ଚଳ ବାସୀଙ୍କ ତରଫରୁ ଆନ୍ତରିକ ଧନ୍ୟବାଦ ଦେଇଛନ୍ତି ।

## ନାଏବ ସରପଞ୍ଚ ନିର୍ବାଚନ ବେଳେ ଆତଙ୍କରାଜ: ୨ ଗିରଫ

ଛତ୍ରପୁର, (ଭାସ୍କର ନ୍ୟୁଜ୍) : ଛତ୍ରପୁର ଥାନା ଅଧୀନ ମହାନାଦପୁର ରେ ନାଏବ ସରପଞ୍ଚ ନିର୍ବାଚନ ବେଳେ ଆତଙ୍କରାଜ କରିଥିବା ନେଇ୨ ସମ୍ପୃକ୍ତ ଙ୍କୁ ପୋଲିସ ଗିରଫ କରିଛି । ଗିରଫ ଅଭିଯୁକ୍ତଦ୍ୱୟ ହେଲେ ସିଙ୍ଗିପୁର ଗାଁ ର ସଞ୍ଜୟ ବାରିକ ଓ ମହାନାଦପୁର ଗାଁ ର ଯୁଧିଷ୍ଠିର ଦାସ । ଏମାନଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ସତ୍ୟ ରଞ୍ଜନ ପ୍ରଧାନ ସୂଚନା ଦେଇଛନ୍ତି ।୧୧ ତାରିଖ ରେ ମହାନାଦପୁର ରେ ନାଏବ ସରପଞ୍ଚ ନିର୍ବାଚନ ବେଳେ ସଞ୍ଜୟ ଓ ଯୁଧିଷ୍ଠିର ଆତଙ୍କରାଜ ଚଳାଇବା ସହ କାଳିଆ ଦାସଙ୍କୁ ପିସ୍ତଲ ଦେଖାଇ ହତ୍ୟା ଉଦ୍ୟମ କରିଥିବା ଅଭିଯୋଗ ହୋଇଥିଲା । ସଞ୍ଜୟ ଠାରୁ ପିସ୍ତଲ ଜବତ କରିଥିଲେ ସଞ୍ଜୟ ନାଁ ରେ ବହୁ ମାମଲା ରହିଥିବା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି ।

## ଚିକିତ୍ସାରେ ବିଳମ୍ୱ ନେଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭଙ୍ଗାରୁଜା




ନିମାପଡ଼ା, (ଭାସ୍କର ନ୍ୟୁଜ) : ନିମାପଡା ଚାରିଛକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଦେଖିବାକୁ ମିଳିଛି ରୋଗୀ ସର୍ମ୍ପକୀୟଙ୍କ ଦବଙ୍ଗଗିରି । ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀଙ୍କୁ ସମ୍ପର୍କୀୟ କରିଛନ୍ତି ଭଙ୍ଗାରୁଜା । ମିଳିଥିବା ସୂଚନା ଅନୁଯାୟୀ ଦୁଇଦିନ ତଳେ ଜୁଣୁପୁର ଗ୍ରାମର ଜୈନିକ ଯୁବକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସିଥିଲେ । ଚିକିତ୍ସା ବିଳମ୍ୱ ହେବାରୁ ସଂପୃକ୍ତ ଯୁବକ କର୍ମଚାରୀକୁ ଆକ୍ରମଣ କରିବା ସହିତ ସ୍ୱାସ୍ଥ୍ୟକେନ୍ଦ୍ର ଆସବାବ ପତ୍ର ସହିତ ଭଙ୍ଗାରୁଜା କରିଥିଲେ । ଏ ସଂପର୍କରେ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଚାରିଛକ ଫାଣ୍ଡିରେ ଅଭିଯୋଗ ହୋଇଥିଲା । ଅଭିଯୋଗ ହେବା ୪୮ଘଣ୍ଟା ବିତି ଯାଇଥିବାବେଳେ ଅଭିଯୁକ୍ତଙ୍କ ବିରୋଧରେ ପୋଲିସ କୌଣସି ପଦକ୍ଷେପ ନେଇନାହିଁ । ସୂଚନାଯୋଗ୍ୟ ଯେ, ପୂର୍ବରୁ ଅନେକ କାର୍ଯ୍ୟକୁ ନେଇ ଏହି ସ୍ୱାସ୍ଥ୍ୟକେନ୍ଦ୍ରଟି ବିବାଦ ଘେରରେ ରହିଥିବା ବେଳେ ଜଣେ ଡାକ୍ତର ଲାଞ୍ଚ ନେଇ ଭିଜିଲାନସ ହାତରେ ଧରାପଡିବା ସ୍ୱାସ୍ଥ୍ୟକେନ୍ଦ୍ରର କର୍ମଚାରୀଙ୍କ କାର୍ଯ୍ୟଦକ୍ଷତା ପ୍ରତି ସନ୍ଦେହ ପ୍ରକଟ କରିଛି । ରାତି ଅଧରେ ନିରାମୟ ମେଡିସିନ୍ ପୋତିବା, ମୂଲ୍ୟବାନ ଗଛ କାଟି ବିକ୍ରିକୁ ସ୍ଥାନୀୟ ଜନସାଧାରଣ ବିରୋଧ କରିଥିଲେ । ଏହା ମଧ୍ୟ ଗଣମାଧ୍ୟମରେ ପ୍ରକାଶ ପାଇଥିଲା । ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ କେଉଁ କାରଣରୁ ଏହି ଘଟଣା ଉପରେ ଗୁରୁତ୍ୱ ଦେଇନାହାଁନ୍ତି, ଚିକିତ୍ସା ଅଧିକାରୀ କାର୍ଯ୍ୟଦକ୍ଷତା ସନ୍ଦେହ ଘେରରେ ରହିଅଛି । ତେବେ ସରକାରୀ ସମ୍ପତ୍ତି ନଷ୍ଟ ହୋଇଥିବା ବେଳେ କେଉଁ କାରଣରୁ ପୋଲିସ୍ ଓ ସ୍ୱାସ୍ଥ୍ୟ ଅଧିକାରୀ ନୀରବ ସାଜିଛନ୍ତି, ନା କୌଣସି ଅଦୃଶ୍ୟ ଚାପ ଏପରି କରାଉଛି ତାହା ତଦନ୍ତ ସାପେକ୍ଷ ବୋଲି ଜନମତ ପ୍ରକାଶ ପାଇଛି । ସ୍ୱାସ୍ୟକେନ୍ଦ୍ରର ସରକାରୀ ସମ୍ପତ୍ତିକୁ ନଷ୍ଟ କରିଥିବା ଯୁବକ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦାବୀ ହୋଇଛି ।

## କରଞ୍ଜିଆରେ ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିର

ବାଲେଶ୍ୱର, (ଭାସ୍କର ନ୍ୟୁଜ୍) : ସ୍ୱେଚ୍ଛାସେବୀ ସଙ୍ଗଠନ 'ଯୁବ ଓଡ଼ିଶା' ଓ ଅଟଳ ଯୁବଶକ୍ତିର ମିଳିତ ସହଯୋଗରେ ଏକ ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିର କରଞ୍ଜିଆ ପଞ୍ଚାୟତରେ ଅନୁଷ୍ଠିତ ହୋଇଯାଇଛି। ନିଗମ ମଲ୍ଟି ସ୍ପେଶାଲିଟି ହସପିଟାଲର ସହାୟତାରେ ଆୟୋଜିତ ଏହି ଶିବିରରେ ଅସ୍ଥିଶଲ୍ୟ, ଭେଷଜ, ପ୍ରସୂତି ଓ ସ୍ତ୍ରୀ ରୋଗ, ଶିଶୁରୋଗ ବିଶେଷଜ୍ଞମାନେ ଯୋଗଦେଇ ଶିବିରରେ ଉପସ୍ଥିତ କରଞ୍ଜିଆ ସମେତ ସମେତ ଆଖପାଖ ପଞ୍ଚାୟତର ରୋଗୀଙ୍କୁ ପରୀକ୍ଷା ସହ ଔଷଧ ଓ ପରାମର୍ଶ ପ୍ରଦାନ କରିଥିଲେ। ଆଗାମୀ ଦିନରେ ଏହିଭଳି ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିର ଜିଲାର ପ୍ରତ୍ୟେକ ପଞ୍ଚାୟତ ସମେତ ସମସ୍ତ ପୌରାଞ୍ଚଳରେ ଆୟୋଜନ ପାଇଁ ନିଷ୍ପତ୍ତି ନିଆଯାଇଥିବା ଯୁବ ଓଡ଼ିଶା ସଙ୍ଗଠନର ସଭାପତି ଉପେନ୍ଦ୍ର ଭଞ୍ଜ ସୂଚନା ଦେଇଛନ୍ତି। ବିକାଶ ପାଢ଼ୀ, ନିକୁଞ୍ଜ ଆଚାର୍ଯ୍ୟ, ସରୋଜ ନାୟକ, ଶେଖ ୟୁନୁସ, ଅରୂପ ଜେନା, ରଞ୍ଜନ ଦାସ, ଯୋଗେଶ୍ୱର ଭଞ୍ଜ, ରତିକାନ୍ତ ନାୟକ ପ୍ରମୁଖ ଏହି ଶିବିର ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ।

## ହକର ଅଭିରାମ ବିଶ୍ୱାଳଙ୍କ ଦେହାନ୍ତ

ରାଜନଗର, (ଭାସ୍କର ନ୍ୟୁଜ୍) : ରାଜନଗର ବ୍ଲକ ମଳିଆବୁଦା ଗ୍ରାମର ଅଭିରାମ ବିଶ୍ୱାଳ ଖବରକାଗଜ ବିକ୍ରେତା ଭାବେ ଦୀର୍ଘ ଦଶନ୍ଧିରୁ ଊର୍ଦ୍ଧ୍ୱକାଳ ସମଗ୍ର ବ୍ଲକ୍‌ରେ ନିଜର ପରିଚୟ ସୃଷ୍ଟି କରିଥିଲେ । ଅନ୍ନପୂର୍ଣ୍ଣା ଥିଏଟରର କଳାକାର ଭାବେ ତାଙ୍କର ସୁନାମ ଥିଲା । ଅନ୍ନପୂର୍ଣ୍ଣା ଥିଏଟର ଭାଙ୍ଗିଯିବା ପରେ ସେ ଘରକୁ ଚାଲି ଆସିଥିଲେ । କାମଧନ୍ଦା ନଥିବାରୁ ବିଭିନ୍ନ ଖବର କାଗଜ ବିକି ନିଜର ଗୁଜୁରାଣ ମେଣ୍ଟାଉଥିଲେ । ସେ ଘରେ ଶୋଇଥିବା ଅବସ୍ଥାରେ ରବିବାର ସକାଳୁ ମୃତ୍ୟୁବରଣ କରିଥିବା ଦେଖିବାକୁ ମିଳିଥିଲା ।

## ଜିଲ୍ଲାସ୍ତରୀୟ ଯୁବ ସଂସଦ କାର୍ଯ୍ୟକ୍ରମ




କୋଣାର୍କ,(ଭାସ୍କର ନ୍ୟୁଜ) : କୋଣାର୍କ ସ୍ଥିତ ଯାତ୍ରୀ ନିବାସ ପରିସରରେ ଥିବା ବାଙ୍କୁଏଟ ହଲ ପରିସରରେ ଭାରତ ସରକାରଙ୍କ କ୍ରୀଡା ଓ ଯୁବ ବ୍ୟାପାର ମନ୍ତ୍ରଣାଳୟ ଦ୍ୱାରା ପରିଚାଳିତ ନେହେରୁ ଯୁବ କେନ୍ଦ୍ର, ପୁରୀ ସହଯୋଗରେ ଅଗ୍ରଣୀ ସାମାଜିକ ସଂଗଠନ ଫ୍ରେଣ୍ଡସ କ୍ଲବ, ସଂପର୍କ ଏବଂ ସତ୍ୟସାଇ ଯୋଗ କେନ୍ଦ୍ରର ମିଳିତ ଆନୁକୂଲ୍ୟରେ ପୁରୀ ଜିଲ୍ଲା ସ୍ତରୀୟ ଯୁବ ସଂସଦ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଫ୍ରେଣ୍ଡସ କ୍ଲବର ସଭାପତି ରାମକୃଷ୍ଣ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବରେ ପୁରୀ ଜିଲ୍ଲା ପେସାଦାର ସାମ୍ବାଦିକ ସଂଘର ସଭାପତି ତ୍ରିବିକ୍ରମ ରାମକୃଷ୍ଣ ମହାପାତ୍ର, କୋଣାର୍କ ସାହିତ୍ୟ ସଂସଦର ସମ୍ପାଦକ ରବିନ୍ଦ୍ର ନାଥ ବାହିନୀପତି, ନମସ୍କାର ରେଡିଓର ପ୍ରତିଷ୍ଠାତା ନିର୍ଦ୍ଦେଶକ ଏନଶାହା ଅନସାରୀ, ପ୍ରାକ୍ତନ ପ୍ରାଧାପକ ଶରତ ଚନ୍ଦ୍ର ପ୍ରଧାନ, ନେହେରୁ ଯୁବ କେନ୍ଦ୍ରର ଯୁବ ସଂଯୋଜକ ଜୟଶଙ୍କର ଯୋଶୀ, ସମାଜସେବୀ ହୃଦାନନ୍ଦ ସେଠୀ, ଜବାହର ନବୋଦୟ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ବିଏନ ଚାଲା , କୋଣାର୍କ ଥାନା ଅଧିକାରୀ ରଞ୍ଜନ କୁମାର ମଲ୍ଲିକ୍, ସଂପର୍କର ସଂପାଦକ ଗଣେଶ ଚନ୍ଦ୍ର ସ୍ୱାଇଁ ପ୍ରମୁଖ ଯୋଗ ଦେଇ ଯୁବ ସଂସଦ କାର୍ଯ୍ୟକ୍ରମ ମାଧ୍ୟମରେ ଯୁବ ସମାଜ ମଧ୍ୟରେ ନେତୃତ୍ୱ ନେବାର ସୁପରିଚାଳନା, ସୁସ୍ଥ ଓ ଶୃଙ୍ଖଳିତ ରାଷ୍ଟ୍ର ଗଠନରେ ବ୍ରତୀ ହେବାକୁ ପରାମର୍ଶ ଦେଇଥିଲେ। ଏହି ପରିପ୍ରେକ୍ଷୀରେ ଉଲ୍ଲେଖନୀୟ ସଫଳତା ପାଇଁ ପୁରୀ ନେହେରୁ ଯୁବ କେନ୍ଦ୍ର ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମାଜସେବୀ ନିରଞ୍ଜନ ତ୍ରିପାଠୀ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ସ୍ୱେଚ୍ଛାସେବୀ ପ୍ରିୟ ରଂଜନ ରଥ, ଶୁଭ୍ରାଂଶୁ ସେଠୀ, କାହ୍ନୁଚରଣ ପାତ୍ର, କୁନାଲ ପାତ୍ର, ସୌଭାଗ୍ୟ ସ୍ୱାଇଁ, ଅନିଲ କୁମାର ସ୍ୱାଇଁ ଓ ସତ୍ୟଜିତ ସାହୁ ପ୍ରମୁଖ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ୫୦୦ରୁ ଊର୍ଦ୍ଧ୍ୱ ଯୁବ ସ୍ୱେଚ୍ଛାସେବୀ ଏଥିରେ ସାମିଲ ହୋଇଥିଲେ।

## ସୀମାନ୍ତରେ ଗୁଳିବିନିମୟ, ୨ ଯବାନ ଆହତ

ମାଲକାନଗିରି, (ଭାସ୍କର ନ୍ୟୁଜ) : ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡର ସୁକମା ଜିଲ୍ଲା ଅନ୍ତର୍ଗତ କେରଳାପାଲ ଅଞ୍ଚଳର ଚିଟୋରଗୁଡାରେ ସୁରକ୍ଷା ବାହିନୀ ଏବଂ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ । ଏହି ଗୁଳୁବୟନିମୟରେ ଦୁଇ ଜଣ ଡିଆରଜି ଯବାନ ଆହତ ହୋଇଥିବା ଜଣାପଡିଛି । ସୂଚନା ଅନୁଯାୟୀ ମାଲକାନଗିରି ଜିଲ୍ଲା ସୀମାନ୍ତ ରେ ଥିବା ଛାତିଶଗଡର ଚିଟୋରଗୁଡା ଜଙ୍ଗଲରେ ଆଜି ମାଓ ଦମନ ନେଇ ଡିଆରଜି ଯବାନ ମାନେ ଯାଇଥିବା ବେଳେ ଏହି ସମୟରେ ଜଙ୍ଗଲ ମଧ୍ୟରେ ଲୁଚି ରହିଥିବା ମାଓବାଦୀ ମାନେ ଯବାନଙ୍କ ଉପରକୁ ଗୁଳି ଚାଳନା କରିଥିଲେ । ତେବେ ଏହାର ପାଲଟା ଜବାବ ଦେଇଥିଲେ ଯବାନ ମାନେ । ଏହି ଗୁଳିବିନିମୟ ଦୀର୍ଘ ସମୟ ଧରି ଜାରି ରହିଥିବା ବେଳେ ଏଥିରେ ଦୁଇଜଣ ଯବାନ ଗୁରୁତ୍ତର ଆହତ ହୋଇଛନ୍ତି । ସେମାନଙ୍କୁ ଚିକିତ୍ସା ନିମନ୍ତେ ଜିଲ୍ଲା ଚିକିତ୍ସାଳୟକୁ ନିଆ ଯାଇଥିବା ବେଳେ ଯବାନଙ୍କ ଗୁଳିରେ ଅନେକ ମାଓବାଦୀ ମଧ୍ୟ ମୃତାହାତ ହୋଇଥିବା ଅନୁମାନ କରାଯାଉଛି। ତେବେ ବର୍ତ୍ତମାନ ମଧ୍ୟ ସମ୍ପୃକ୍ତ ଅଞ୍ଚଳରେ ମାଓବାଦୀ ମାନେ ଲୁଚି ରହିଥିବା ବେଳେ ଯବାନ ମାନେ ନିଜର ସର୍ଚ୍ଚ ଅପରେସନ ଜାରି ରଖିଛନ୍ତି ।

## ବିଧାୟକଙ୍କ ବର୍ବରତା ବିରୋଧରେ ପ୍ରତିବାଦ ସଭା

ଡେଲାଙ୍ଗ, (ଭାସ୍କର ନ୍ୟୁଜ୍) : କ୍ଷମତାର ନିଶାରେ ଅନ୍ଧ ହୋଇ ସାଧାରଣ ଲୋକଙ୍କୁ ଅଭଦ୍ରୋଚିତ ବ୍ୟବହାର ପ୍ରଦର୍ଶନ କରିବା ସହ ଧନଜୀବନ ହାନି କରିବା ଭଳି ଘଟଣା ଜଣେ ନିର୍ବାଚିତ ଜନ ପ୍ରତିନିଧିଙ୍କ ପାଖରେ ଆଦୌ ଶୋଭାପାଏନି ବୋଲି ଡେଲାଙ୍ଗ ଏସୟୁସିଆଇ(କମ୍ୟୁନିଷ୍ଟ)ପାର୍ଟି ପକ୍ଷରୁ ତୀବ୍ର ନିନ୍ଦା କରାଯାଇଛି। ତ୍ରିସ୍ତରୀୟ ନିର୍ବାଚନ ପରିପ୍ରେକ୍ଷୀରେ ବାଣପୁର ବ୍ଲକରେ ଅଧକ୍ଷ ନିର୍ବାଚନ ପାଇଁ ଶନିବାର ଶାନ୍ତିଶୃଙ୍ଖଳାର ସହ କାର୍ଯ୍ୟକ୍ରମ ଚାଲିଥିବାବେଳେ ସେଠାରେ ସମବେତ ଲୋକଙ୍କ ଉପରେ ଅମାନବୀୟ ଭାବେ ଗାଡି ଚଢାଇ ଲୋକଙ୍କୁ ଗୁରୁତର ଆହତ କରିଥିବା ଚିଲିକା ବିଧାୟକ ପ୍ରଶାନ୍ତ ଜଗଦ୍ଦେବଙ୍କ ବର୍ବରତା ଉତ୍ତରପ୍ରଦେଶର ଖେରିଠାରେ ବିଜେପି ମନ୍ତ୍ରୀ ଅଜୟ ମିଶ୍ରଙ୍କ ପୁଅ ଆଶିଷ ମିଶ୍ରଙ୍କ ଦ୍ୱାରା ଗାଡି ଚଢାଇ ୪ଜଣ ଚାଷୀଙ୍କୁ ଅତି ନିର୍ମମ ଭାବେ ହତ୍ୟା କରିବା ଘଟଣାଠାରୁ କୌଣସି ଗୁଣରେ କମ୍ ନୁହେଁ ବୋଲି ଏସୟୁସିଆଇ (କମ୍ୟୁନିଷ୍ଟ)ପକ୍ଷରୁ ଦାବି କରାଯାଇଛି। ଏହି ପ୍ରତିବାଦ ସଭାରେ ଅନ୍ୟମାନଙ୍କ ମଧ୍ୟରେ ପାର୍ଟିର ଡେଲାଙ୍ଗ ଆଞ୍ଚଳିକ କମିଟି ସମ୍ପାଦକ କମ୍ରେଡ଼ ଦୀନବନ୍ଧୁ ପରିଡ଼ା,ରାଜକିଶୋର ଆଲୁକ,ବଟକୃଷ୍ଣ ସ୍ୱାଇଁ,ତ୍ରିନାଥ ପ୍ରଧାନ,ଗଙ୍ଗାଧର ପ୍ରଧାନ, ପଦ୍ମଚରଣ ଜେନା ଓ ଗୋଲକ ବରାଳ ପ୍ରମୁଖ ଯୋଗଦେଇ ସମ୍ପ୍ରତି ରାଜ୍ୟରେ ହେଉଥିବା ଅପରାଧିକରଣ ରାଜନୀତି ବିରୁଦ୍ଧରେ ଆଗାମୀ ଦିନରେ ଲଢେଇ ଜାରି ରହିବ ବୋଲି ଆହ୍ୱାନ ଦେଇଥିଲେ।

## ଗୃହିଣୀରୁ ରାଜନୀତିରେ ପାଦ ଥାପିଲେ ଅର୍ଚ୍ଚନା ପୁହାଣ



ଢେଙ୍କାନାଳ, (ଭାସ୍କର ନ୍ୟୁଜ୍) : ଢେଙ୍କାନାଳ ଜିଲ୍ଲା ପରିଷଦ ସଭାପତି ପଦ ନିମନ୍ତେ ଆଜି ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ କକ୍ଷ ଠାରେ ନବ ନିର୍ବାଚିତ ସଦସ୍ୟ/ସଦସ୍ୟା ମାନଙ୍କୁ ନେଇ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ଜିଲ୍ଲାର ୨୭ଟି ଜୋନର ନବ ନିର୍ବାଚିତ ସଭ୍ୟ/ ସଭ୍ୟାମାନେ ଉପସ୍ଥିତ ରହି ଜିଲ୍ଲାର ୧୨ନଂ.ଜୋନ ତଥା ଗଁଦିଆ ବ୍ଲକର ୩ ନଂ.ଜୋନର ସଦସ୍ୟା ଅର୍ଚ୍ଚନା ପୁହାଣଙ୍କୁ ସଭାପତି ରୂପେ ନିର୍ବାଚିତ କରିଥିଲେ। ଏହି ଜିଲ୍ଲା ପରିଷଦ ଅଧ୍ୟକ୍ଷା ପଦ ପାଇଁ ଶ୍ରୀମତୀ ପୁହାଣ ଏକ ମାତ୍ର ପ୍ରାର୍ଥୀ ଭାବେ ନାମାଙ୍କନ ପତ୍ର ଦାଖଲ କରିଥିଲେ । ଫଳରେ ନିର୍ଦ୍ୱନ୍ଦରେ ଶ୍ରୀମତୀ ପୁହାଣ ଷଷ୍ଠ ଢେଙ୍କାନାଳ ଜିଲ୍ଲା ପରିଷଦର ସଭାପତି ତଥା ଅଧ୍ୟକ୍ଷା ଭାବେ ନିର୍ବାଚିତ ହୋଇଥିଲେ ।ଚଳିତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ବିଜୁ ଜନତା ଦଳ ଯଦିଓ ଏକକ ଦଳ ଭାବେ ୨୬ଟି ଆସନ ବିଜୟୀ ହୋଇ ସଭାପତି ପଦ ପାଇଁ ୨ ଜଣଙ୍କ ନାମକୁ ନେଇ ବିଭିନ୍ନ କଳ୍ପନା ଜଳ୍ପନା ପ୍ରକାଶ ପାଇଥିଲା । ସେଥିମଧ୍ୟରୁ ସଦର ବ୍ଲକର ଝରସ୍ମିତା ଦେହୁରୀ ଓ ଗଁଦିଆ ବ୍ଲକର ଅର୍ଚ୍ଚନା ପୁହାଣଙ୍କ ନାମ ଚର୍ଚ୍ଚାରେ ଆଗରେ ଥିଲା । ବିଧାୟକ ସୁଧୀର ସାମଲଙ୍କ ଚତୁର ଗୋଟି ଚାଳନା ପାଇଁ ଗଁଦିଆ ବ୍ଲକର ଅର୍ଚ୍ଚନା ପୁହାଣ ସଭାପତି ପଦ ଅଳଙ୍କୃତ କରିବାରେ ସକ୍ଷମ ହୋଇଥିଲେ । ସେ ଜଣେ ଶିକ୍ଷିତା ମହିଳା । ତାଙ୍କର ଏହି ବିଜୟରେ ସେ ଆତ୍ମ ବିଭୋର ହୋଇପଡିଥିଲେ । ନିର୍ବାଚନ ସରିବା ପରେ ଜିଲ୍ଲାପାଳ ସରୋଜ କୁମାର ସେଠୀଙ୍କ ଅଧକ୍ଷତାରେ ଷଷ୍ଠ ଜିଲ୍ଲା ପରିଷଦର ପ୍ରଥମ ବୈଠକ ଅନୁଷ୍ଠିତ ହୋଇଥିଲା । ନବ ନିର୍ବାଚିତ ସଭାପତି ଶ୍ରୀମତୀ ପୁହାଣଙ୍କୁ ଜିଲ୍ଲାପାଳ ଶ୍ରୀ ସେଠୀ ,ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ସାଫଲ୍ୟ ମଣ୍ଡିତ ପ୍ରଧାନ ଓ ଜିଲ୍ଲା ପଞ୍ଚାୟତ ଅଧିକାରୀ ଚନ୍ଦ୍ରଶେଖର ମହାରଣା ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ସମ୍ବର୍ଦ୍ଧନା କରିଥିଲେ । ପ୍ରାରମ୍ଭରେ ଜିଲ୍ଲା ପରିଷଦର ସମସ୍ତ ନବ ନିର୍ବାଚିତ ସଭ୍ୟ /ସଭ୍ୟା ମାନଙ୍କୁ ଜିଲ୍ଲାପାଳ ସାମ୍ବିଧାନିକ ଶପଥ ପାଠ କରାଇଥିଲେ । ସଭାପତି ପଦ ପାଇବା ପରେ ଶ୍ରୀମତୀ ପୁହାଣ ଜିଲ୍ଲାର ସାମଗ୍ରୀକ ବିକାଶ ନିମନ୍ତେ ସମସ୍ତଙ୍କ ସହଯୋଗ ନେଇ କାର୍ଯ୍ୟ କରିବାକୁ ଯତ୍ନବାନ ହେବେ ବୋଲି କହିଥିବା ବେଳେ ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

## ତିହିଡ଼ିରେ ଅଧ୍ୟକ୍ଷ ନିର୍ବାଚନ ପରବର୍ତ୍ତୀ ହିଂସା

## ବ୍ୟବସାୟିକ ପ୍ରତିଷ୍ଠାନ ଉପରକୁ ବୋମାମାଡ଼, ହୋଟେଲ ମାଲିକଙ୍କୁ ଆକ୍ରମଣ





ତିହିଡ଼ି, (ଭାସ୍କର ନ୍ୟୁଜ) : ତିହିଡ଼ି ପଞ୍ଚାୟତ ସମିତିର ଅଧ୍ୟକ୍ଷ ନିର୍ବାଚନ ହେବା ପରେ ତିହିଡ଼ିରେ କେତେକ ସ୍ଥାନରେ ହିଂସାକାଣ୍ଡ ଘଟିଥିବା ଜଣାଯାଇଛି। ରିପୋର୍ଟ ଲେଖା ହେବାବେଳକୁ ମଙ୍ଗରାଜପୁର ଗ୍ରାମରେ ମଧ୍ୟ ଗଣ୍ଡଗୋଳ ଚାଲିଥିବା ସୂଚନା ମିଳିଛି। ନିର୍ବାଚିତ ପଞ୍ଚାୟତ ସମିତି ଅଧ୍ୟକ୍ଷଙ୍କୁ ନେଇ ଏକ ଶୋଭାଯାତ୍ରା ତିହିଡ଼ି ବଜାରରେ ଯାଉଥିବା ସମୟରେ ତିହିଡ଼ି ମିର୍ଜାପୁର ଗ୍ରାମର ଦୁଇଜଣ ଯୁବକ ତିହିଡ଼ି ବଜାରରେ ଥିବା ଦ୍ୱାରିକା ବ୍ୟବସାୟ ପ୍ରତିଷ୍ଠାନ ଉପରକୁ ବୋମା ମାଡ଼ କରିଥିବା ଅଭିଯୋଗ ହୋଇଛି। ଫଳରେ ପ୍ରତିଷ୍ଠାନର ଆଗ କାଚ ଭାଙ୍ଗି ଚୁରୁମାର ହୋଇଯାଇଥିଲା। ଏହି ବୋମାମାଡ଼ରେ କେହି ଆହତ ହୋଇନଥିବା ଜଣାଯାଇଛି। ତେବେ ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ଅନୁଯାୟୀ ବୋମାରେ ନିଆଁ ଲଗାଇ ଗୋଡ଼ରେ ଦୋକାନ ଉପରକୁ ଛାଟିଦେଇଥିଲେ। ଏ ନେଇ ପ୍ରତିଷ୍ଠାନର ମାଲିକ ତିହିଡ଼ି ଗ୍ରାମର ସୀତାକାନ୍ତ ନାୟକ ତିହିଡ଼ି ଥାନାରେ ଏକ ଲିଖିତ ଅଭିଯୋଗ କରାଯାଇଛି। ସୂଚନାଯୋଗ୍ୟ ଯେ, ଏହି ଘଟଣାକୁ ବିଜେପି ପକ୍ଷରୁ ତୀବ୍ର ନିନ୍ଦା କରାଯାଇଛି। ଦୋଷୀମାନଙ୍କୁ ଗିରଫ କରାନଗଲେ ରାସ୍ତାରୋକ କରାଯିବ ବୋଲି ଅଭିଯୋଗ ପତ୍ରରେ କୁହାଯାଇଛି। ସେହିପରି ହୋଟେଲ ଭିତରେ ମଦ ପିଇବାକୁ ମନା କରିବାରୁ ତିହିଡ଼ି ବଜାର ସ୍ଥିତ 'ହୋଟେଲ ତିହିଡ଼ି'ର ମାଲିକଙ୍କୁ ମରଣାନ୍ତକ ଆକ୍ରମଣ କରାଯାଇଥିବା ଥାନାରେ ଅଭିଯୋଗ ହୋଇଛି। ହୋଟେଲ ମାଲିକ ସାବରଙ୍ଗ ଏରଡ଼ା ଗ୍ରାମର ପରେଶ କୁମାର ପାତ୍ର ଥାନାରେ କରିଥିବା ଅଭିଯୋଗରୁ ପ୍ରକାଶ ଯେ, ସେ ଦୀର୍ଘ ୧୦ବର୍ଷରୁ ଅଧିକ ହେବ ତିହିଡ଼ି ବଜାରରେ ହୋଟେଲ କରି ଗୁଜୁରାଣ ମେଣ୍ଟାଇ ଆନ୍ତି। ତେବେ ଆଜି ମଧ୍ୟାହ୍ନରେ ଜଣେ କାଁପଡ଼ା ଅଞ୍ଚଳର ଜନୈକ ବ୍ୟକ୍ତି ହୋଟେଲକୁ ମଦ ବୋତଲ ନେଇ ପିଇବାକୁ ଯାଇଥିଲେ। ତେବେ ମାଲିକ ପରେଶ ତାଙ୍କୁ ହୋଟେଲ ଭିତରେ ମଦ ପିଇବାକୁ ମନା କରିବାରୁ ସମ୍ପୃକ୍ତ ବ୍ୟକ୍ତି ଜଣକ ଉତ୍‌କ୍ଷିପ୍ତ ହୋଇ ତାଙ୍କୁ ମରଣାନ୍ତକ ଆକ୍ରମଣ କରିବା ସହ ପେଟ୍ରୋଲ ପକାଇ ଜାଳି ଦେବା ସହ ତାଙ୍କୁ ଜୀବନରୁ ମାରିଦେବାକୁ ଧମକ ଦେଇଥିବା ଅଭିଯୋଗରେ ଦର୍ଶାଯାଇଛି। ଏହି ଆକ୍ରମଣ ଗୁରୁତର ଆହତ ହୋଇଥିବା ହୋଟେଲ ମାଲିକ ତିହିଡ଼ି ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ଜଣାଯାଇଛି। ସେହିପରି ମଙ୍ଗରାଜପୁର ଗ୍ରାମରେ ଦୁଇ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ଆରମ୍ଭ ହୋଇଥିବା ବେଳେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଅବସ୍ଥାକୁ ନିୟନ୍ତ୍ରଣକୁ ଆଣିଛି। ଅପରପକ୍ଷେ ତିହିଡ଼ି ଗ୍ରାମର ମନୋରଞ୍ଜନ ବେହେରା ତିହିଡ଼ି ଥାନାରେ ଅଭିଯୋଗ କରିଛନ୍ତି ଯେ, ଶନିବାର ଅପରାହ୍ନରେ ସେ ଘରକୁ ଫେରୁଥିବା ବେଳେ ତିହିଡ଼ି-ମାଟିଆସାହି ମୁଖ୍ୟରାସ୍ତାରେ କିଛି ବିଜେପିର ସମର୍ଥକମାନେ ତାଙ୍କୁ ଗାଳିଗୁଲଜ କରି ଆକ୍ରମଣ କରି ଦୋକାନ ପୋଡ଼ିଦେବାକୁ ଉଦ୍ୟମ କରିଥିଲେ। ସେ ପ୍ରତିବାଦ କରିବାରୁ ତାଙ୍କୁ ମାଡ଼ ମାରି ତାଙ୍କ ପକେଟରୁ ୨ହଜାର ଟଙ୍କା ଛଡ଼ାଇ ନେଇ ଯାଇଥିବା ଅଭିଯୋଗରେ ଦର୍ଶା ଯାଇଛି। ଏହି ତିନିଟି ଘଟଣାରେ ପୁଲସ ଅଭିଯୋଗ ପାଇବା ପରେ ଘଟଣାର ତଦନ୍ତ କରୁଥିବା ଜଣାଯାଇଛି।

## ତ୍ରିଦିବସୀୟ ଜିଲ୍ଲାସ୍ତରୀୟ ଜାତୀୟ ସେବା ଶିବିର




ବାଲିପାଟଣା,(ଭାସ୍କର ନ୍ୟୁଜ) : ଶିଶୁ ଅନନ୍ତ ମହାବିଦ୍ୟାଳୟରେ ଜାତୀୟ ସେବା ଯୋଜନାର ଏକ ୩ ଦିନିଆ ଜିଲ୍ଲାସ୍ତରୀୟ ଶିବିର ଆଜିଠାରୁ ଆରମ୍ଭ ହୋଇଯାଇଅଛି। ଉକ୍ତ ଶିବିରରେ ୧୦୦ ଜଣ ସ୍ୱେଚ୍ଛାସେବୀ ଓ ୧୫ଜଣ ଯୋଜନା ଅଧିକାରୀ ଯୋଗଦାନ କରିଛନ୍ତି। ମହାବିଦ୍ୟାଳୟର ଅଧ୍ୟକ୍ଷ ଡଃ ବୈକୁଣ୍ଠ ନାରାୟଣ ଦାଶ ଶିବିରର ନିର୍ଦ୍ଦେଶକ ରୂପେ କାର୍ଯ୍ୟ କରିଛନ୍ତି। ଶିବିରର ଉଦ୍‌ଘାଟନୀ ଉତ୍ସବରେ ଅଧ୍ୟକ୍ଷ ଡଃ ଦାଶଙ୍କ ଅଧ୍ୟକ୍ଷତାରେ ପୂର୍ବାହ୍ନରେ ସହକାରୀ ଜିଲ୍ଲାପାଳ ଜୋତ୍ସାରାଣୀ ପାତ୍ର ମୁଖ୍ୟଅତିଥି ଭାବରେ ଯୋଗ ଦେଇ ସେବାର ଆଭିମୁଖ୍ୟ ବିଷୟରେ ଆଲୋକପାତ କରିଥିଲେ । ଉତ୍କଳ ବିଶ୍ୱବିଦ୍ୟାଳୟର କାର୍ଯ୍ୟକ୍ରମ ସଂଯୋଜକ ଡଃ ବ୍ରଜନାରାୟଣ ପାତ୍ର ସମ୍ମାନନୀୟ ଅତିଥି ଓ ବାଲିପାଟଣା ଅଗ୍ନି ନିର୍ବାପକ ଅଧିକାରୀ ଶ୍ରୀ ପ୍ରହ୍ଲାଦ ରାୟ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ । ଯୋଜନା ଅଧିକାରୀ ପ୍ରଧାପକ ସହଦେବ ମଲ୍ଲିକ୍ କାର୍ଯ୍ୟକ୍ରମର ମୁଖ୍ୟ ପରିଚାଳକ ଥିଲେ । ଅପରାହ୍ନରେ ଜାତୀୟ ଯୁବ ପ୍ରକଳ୍ପର ଆବାହକ ପ୍ରଫେସର ମଧୁସୁଦନ ଦାସ ସମ୍ମାନିତ ଅତିଥିଭାବେ ଯୋଗଦାନ କରିଥିଲେ । ଆଇ.ଏମ୍.ଏସ୍ ର ପ୍ରଫେସର ଶ୍ରୀ ରଘୁନାଥ ମଣ୍ଡଳ ଅନ୍ୟତମ ଅତିଥିଭାବେ ଯୋଗ ଦେଇଥିଲେ । ଏହା ସହ ଜିଲ୍ଲା ଜାତୀୟସେବା ଯୋଜନା ଅଧିକାରୀ ଜୟଶ୍ରୀବାଳା ମଲ୍ଲିକ୍ ମଧ୍ୟ ଯୋଗ ଦାନ କରିଥିଲେ। ମହାବିଦ୍ୟାଳୟର ଯୋଜନା ଅଧିକାରୀ ଅଧାପିକା ସୁଜାତା ଦାସ ଓ ଲିଜିନା ସାହୁ ସଭାକାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ । ଶିବିରର ସମସ୍ତ କାର୍ଯ୍ୟକୁ ସଫଳତାର ସହିତ ସମ୍ପର୍ଣ୍ଣ କରିବାପାଇଁ ମହାବିଦ୍ୟାଳୟର ସମସ୍ତ ଅଧାପକ ଓ କର୍ମଚାରୀ ଆକୁଣ୍ଠ ସହଯୋଗ କରୁଥିଲେ । ଆଜି ର ଶିବିରର ସଭାର ପରିଶେଷରେ ଆଧାପିକା ସୁଜାତା ଦାସ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ରାଶିଫଳ

### ସୋମବାର, ୧୪ ମାର୍ଚ୍ଚ ୨୦୨୨



**ମେଷ**-ପାରିବାରିକ ପରିବେଷରେ ଖୁସି ମିଳିବ, ପିଲାଙ୍କର ଚାକିରିର ସୁଯୋଗ ଆସିବ, କର୍ମ କ୍ଷେତ୍ର ସ୍ଥିତିରେ ସୁଧାର ଆସିବ, କୌଣସି ପ୍ରକାର ସହାୟତା ମିଳିବ, ଚାକିରି ବ୍ୟବସାୟରେ ଦାୟିତ୍ୱ ବୃଦ୍ଧି ହେବ, ପାରିବାରିକ ଏବଂ ବ୍ୟବସାୟିକ ସମ୍ପର୍କରେ ବୃଦ୍ଧି ଘଟିବ।



**ବୃଷ**- ଭାଗ୍ୟ ଆଜି ଆପଣଙ୍କର ସପକ୍ଷରେ ରହିବେ, ଆଶାତିତ ମାନ ସମ୍ମାନ, ଟଙ୍କାପଇସା, ନିଜର ପରିବାର ସାହିପଡିଶା ସହିତ ସୁସଂପର୍କ ବୃଦ୍ଧି ହେବ, ନିଜର ଆଶା ପୁରଣ ହେବ।



**ମିଥୁନ**- କର୍ମ ଏବଂ ଅର୍ଥ ଚିନ୍ତା ଦୁର ହେବ, ବ୍ୟବସାୟ, କଳକାରଖନା କର୍ମଜୀବି, ଔଷଧ ବ୍ୟବସାୟୀ ଅଧିକ ଲାଭ ପାଇବେ, ଭାଗ୍ୟ ସହାୟ ହେବେ, ଅଚାନକ ଖୁସିଖବର ମିଳିବ ଏବଂ ମନର ଆଶା ପୁରଣ ହେବ।



**କର୍କଟ**- ଅଶୁଭ ଗ୍ରହ ପ୍ରଭାବ ରହିବ ଫଳରେ କୌଣସି ପ୍ରକାରର ଧୋକା ମିଳିବ, ଆଜି ଲାଲ ମନ୍ଦାର ମଙ୍ଗଳା ମନ୍ଦିରରେ ଦିଅନ୍ତୁ, ଗଚ୍ଛିତ ଅର୍ଥବ୍ୟୟ ବଢିବ ଫଳରେ ମନ ଅଶାନ୍ତ ରହି ସଠିକ ନିଷ୍ପତି ନେଇ ନପାରି ମନ ଦୁଃଖ ହେବ।



**ସିଂହ**-କର୍ମ କ୍ଷେତ୍ରରେ ପରିବର୍ତ୍ତନ ହେବ, ନୂଆକିଛି ଯୋଜନା କରି ସଫଳ ହେବେ, କୌଣସି ପ୍ରକାର ଆର୍ଥିକ ଲାଭ କିମ୍ୱା ନୂଆ ସଂପର୍କ ଯୋଡି ହେବ, ସୁଖଶାନ୍ତି ଭରା ପରିବେଶ ମଧ୍ୟରେ ଦିନ କଟିବ।



**କନ୍ୟା**- ଟଙ୍କାପଇସାକୁ ନେଇ ଚିନ୍ତା କମିବ ଏବଂ କୌଣସି ଜାଗାରୁ ଅର୍ଥ ଓ କର୍ମ ପ୍ରାପ୍ତିର ସୂଚନା ମିଳିବ, ମନର ଯୋଜନା ମୁତାବକ ପ୍ରତ୍ୟେକ କାର୍ଯ୍ୟରେ ସଫଳ ହେବେ, କୌଣସି ପ୍ରକାରେ ଆଜି ଅର୍ଥ ଉପାର୍ଜନ ବଢିବ, ମନ ଉତ୍ସାହିତ ରହିବ।



**ତୁଳା**-କୌଣସି ବନ୍ଧୁ ଆଜି ସହଯୋଗ କରିବେ ଏବଂ ଯୋଜନା ମୁତାବକ ସଫଳ ହେବେ, ପାରିବାରିକ ଶାନ୍ତି ମିଳିବ, କୌଣସି ପାରିବାରିକ ପରିବେଷରେ ମତାନ୍ତର ରହିବ, ଅଯଥା କଥାରେ ମୁଣ୍ଡ ପୁରାଇ ହଇରାଣ ହେବେ।



**ବିଛା**-ଆଜି ମନର ଆଶା ପୁରଣ ହେବ ନାହିଁ ତେଣୁ ମାନସିକ ଅଶାନ୍ତି ବୃଦ୍ଧି ହେବ ମାତ୍ର ଚାକିରି ରେ ପ୍ରଶଂସିତ ହେବେ, ବ୍ୟବସାୟରେ ଲାଭ ବଢିବ ଏବଂ ପୁରୁଣା ରୋଗରୁ ଉପସମ ମିଳିବ, ନୂଆକରି ଆରମ୍ଭ କରିଥିବା ବ୍ୟବସାୟ କିମ୍ୱା ଚାକିରି ରେ ସଫଳତା ମିଳିବ।



**ଧନୁ**-ଆଜି ନିଜର ସଂପର୍କିୟ ଏବଂ ପରିବାର ସହିତ ସମୟ କାଟନ୍ତୁ, ଆଜି କିଛି ଜନହିତକର ବା ନିସ୍ୱାର୍ଥ କାମ କରି ପ୍ରଶଂସିତ ହେବେ, କିଛି ଖାଦ୍ୟ କୌଣସି ଭୋକିଲାକୁ ଦିଅନ୍ତୁ କଲ୍ୟାଣ ହେବ, ବନ୍ଧୁପରିଜନରେ ସାହାଯ୍ୟ ମିଳିବ, ଯାହା ଉଦ୍ୟମ କରିବେ ପୁରଣ ହେବ।



**ମକର**-ଆଜି କିଛି ଦୁର୍ବଳ ଅନୁଭବ କରିବେ, ଉଚ୍ଚ ରକ୍ତଚାପ, ସଂକ୍ରମିତ ରୋଗ କିଛି ହେବ, ମାତ୍ର ଚିନ୍ତା କରୁଥିବା ଏବଂ ଚେଷ୍ଟା କରୁଥିବା କାର୍ଯ୍ୟ ହାସଲ ହେବ, ନିଜର ରକ୍ତଦାନ କରନ୍ତୁ କଲ୍ୟାଣ ହେବ।



**କୁମ୍ଭ**-ଆଜି ଦିନଟି ଶୁଭରେ ଶୁଭରେ କଟିବ, ଆଶାଜନକ ସମସ୍ତ ପରିବେଷ ପରିସ୍ଥିତି ରହିବ, ଶୁଭ ଦିନଟିଏ ରହିବ ଏବଂ ଚେଷ୍ଟା ଅନୁଯାୟୀ ଫଳ ମିଳିବ, ଆଜି କିଛି ଚାଉଳ ପାରାଙ୍କୁ ଦିଅନ୍ତୁ ଅଟକିଥିବା କାମ ପୁରଣ ହେବ।



**ମୀନ**-ଯୋଜନା ମୁତାବକ ସଫଳତା ମିଳିବ, ଆୟ କରିବାର ସୁଯୋଗ ସୃଷ୍ଟି ହେବ ଏବଂ ବ୍ୟବସାୟରେ ଲାଭ ବଢିବ, ବିବାହଯୋଗ୍ୟ ପିଲାଙ୍କର ବିବାହ ସମ୍ଭାବନା ସୃଷ୍ଟି ହେବ, ଛାତ୍ରଛାତ୍ରୀଙ୍କର ପାଠପଢାରେ ଉର୍ଣ୍ଣତି ହେବ, ରାଜନୈତିକ ବ୍ୟକ୍ତି ଯୋଜନାରେ ସଫଳ ହେବେ।



ଜ୍ୟୋର୍ତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
(ଏମ୍ କମ୍, ଏମ୍.ବି.ଏ) ସେକ୍ଟର-୩/୩୦୯,
ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯



ମାଲକାନଗିରି, (ଭାସ୍କର ନ୍ୟୁଜ୍) : ମାଲକାନଗିରି ଜିଲ୍ଲା ପରିଷଦ ଅଧକ୍ଷ୍ୟା ଭାବେ ବିଜେଡି ପ୍ରାର୍ଥୀନି ସମାରି ଟାଙ୍ଗୁଲ ନିର୍ଦ୍ଵନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ସମାରି ଚିତ୍ରକୋଣ୍ଡା ସ୍ୱାଭିମାନ ଅଞ୍ଚଳ ଜୋନ-୨ ତଥା ଜିଲ୍ଲା ଜୋନ- ୮ର ଜିଲ୍ଲା ପରିଷଦ ବିଜେଡି ପ୍ରାର୍ଥୀନି ଭାବରେ ବିଜୟ ହୋଇଥିଲେ । ଏଠାରେ ପ୍ରଥମଥର ଜିଲ୍ଲା ପରିଷଦ ଅଧକ୍ଷ। ପାଇଁ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ପ୍ରଥମଥର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଚିତ୍ରକୋଣ୍ଡା ସ୍ୱାଭିମାନ ଅଞ୍ଚଳରୁ ମାଲକାନଗିରି ଜିଲ୍ଲା ପରିଷଦ ଅଧକ୍ଷ। ନିମନ୍ତେ ପ୍ରାର୍ଥୀନି ଦେଇ ମାଲକାନଗିରି ଜିଲ୍ଲା ବିକାଶ ତଥା ମୁଖ୍ୟତଃ ସ୍ୱାଭିମାନ ଅଞ୍ଚଳ ବିକାଶର ଆଉ ଏକ ଫର୍ଦ୍ଦ ଯୋଡି ଦେଇଛନ୍ତି। ସେଥିପାଇଁ ଚିତ୍ରକୋଣ୍ଡା ତଥା ସ୍ୱାଭିମାନ ଅଞ୍ଚଳବାସୀଙ୍କ ତରଫରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତଥା ରାଜ୍ୟ ସଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କୁ ସମାରି କୃତଜ୍ଞତା ଜଣାଇଛନ୍ତି।

### କେନ୍ଦୁପଦରରେ ନିର୍ବାଚନ ପରବର୍ତ୍ତୀ ହିଂସା

## ଗାଁ ଦାଣ୍ଡରେ ଗୋଡେଇ ଗୋଡେଇ ହାଣିଲେ: ଜଣେ ମୃତ , ୩ ଆହତ

ଭଞ୍ଜନଗର, (ଭାସ୍କର ନ୍ୟୁଜ୍) : ନିର୍ବାଚନ ପରବର୍ତ୍ତୀ ରାଜନୈତିକ ଆକ୍ରୋଶ କୁ କେନ୍ଦ୍ରକରି ହତ୍ୟାକାଣ୍ଡ ଅଭିଯୋଗ । ଏ ସଂକ୍ରାନ୍ତରେ ୨୧ ଜଣଙ୍କୁ ଥାନାରେ ଅଟକ ରଖିଛି ପୋଲିସ୍ । ଗଞ୍ଜାମ ଜିଲ୍ଲା ଗାଙ୍ଗପୁର ଥାନା ଅନ୍ତର୍ଗତ କେନ୍ଦୁପଦର ଗ୍ରାମରେ ଦୁଇ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ଘଟି ୩ ଗୁରୁତର ଆହତ ହୋଇଥିବାବେଳେ ଜଣେ ମୃତ୍ୟୁବରଣ କରିଛନ୍ତି। ମୃତକ ଜଣକ ହେଲେ କେନ୍ଦୁପଦର ଗ୍ରାମର ବୁଲୁ ସ୍ୱାଇଁ । ଗତ ପଞ୍ଚାୟତ ନିର୍ବାଚନ ରେ ସେ ୱାର୍ଡ ସଭ୍ୟ ପାଇଁ ପ୍ରାର୍ଥୀ ଥିଲେ । ଗତ ରାତିରେ ଗୋଟିଏ ଗୋଷ୍ଠୀର ପ୍ରାୟ ୨୦ ରୁ ଉର୍ଦ୍ଧ୍ୱ ଯୁବକ ମାରଣାସ୍ତ୍ର ଧରି ଆକ୍ରମଣ କରିବା ସହ ବୁଲୁଙ୍କୁ ଖଣ୍ଡା ଓ ଲୁହାଛଡ଼ରେ ଆକ୍ରମଣ କରି ହତ୍ୟା କରିଥିଲେ । ଅନ୍ୟ ୩ ଆହତଙ୍କ ମଧ୍ୟରୁ ଜଣକ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ବ୍ରହ୍ମପୁର ମେଡିକାଲ କୁ ସ୍ଥାନାନ୍ତର କରାଯାଇଛି । ଘଟଣା ସ୍ଥଳରେ ଗଞ୍ଜାମ ଅତିରିକ୍ତ ଏସପି ବିଜୟ କୁମାର ମଲ୍ଲିକ, ଭଞ୍ଜନଗର ଏସଡିପିଓ ଶୁଭ୍ରାଂଶୁ ଶେଖର ମିଶ୍ର, ଗାଙ୍ଗପୁର ଓ ବୁଗୁଡ଼ା ଥାନାଧିକାରୀଙ୍କ ସମେତ ସାଇଣ୍ଟିଫିକ୍ ଓ ସନ୍ଧାନୀ କୁକୁର ପହଞ୍ଚି , ଘଟଣାର ତଦନ୍ତ ଚଳାଇଛନ୍ତି । ଏଥିରେ ସଂପୃକ୍ତ ୨୧ ଜଣଙ୍କୁ ଥାନା ରେ ଅଟକ ରଖାଯାଇଥିବା କହିଛନ୍ତି ଅତିରିକ୍ତ ଏସପି ଶ୍ରୀ ମଲ୍ଲିକ । ଅନ୍ୟ ପକ୍ଷରେ ରାଜନୈତିକ ଉଦ୍ଦେଶ୍ୟ ରଖି ବୁଲୁ ଙ୍କୁ ହତ୍ୟା କରାଯାଉଥିବା ଅଭିଯୋଗ ଆଣିଛନ୍ତି ତାଙ୍କ ସ୍ତ୍ରୀ । ବୁଲୁ ଘରର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି ଥିବାବେଳେ ଦୁଇ ଛୋଟ ଝିଅଙ୍କ ଭବିଷ୍ୟତ କୁ ନେଇ ଚିନ୍ତାରେ ପଡ଼ିଛନ୍ତି । ଏହି ଘଟଣାରେ ସଂପୃକ୍ତ ଅଭିଯୁକ୍ତଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି ପରିବାର ଲୋକେ । ଏହି ହତ୍ୟାକାଣ୍ଡ ପରେ ଗାଁ ରେ ଶୋକାକୁଳ ପରିସ୍ଥିତି ସୃଷ୍ଟି ହୋଇଛି ।

## ଡମ୍ଫରକୁ ପିଟିଲା ବାଇକ୍: ଜଣେ ମୃତ

ପାଟଣାଗଡ଼, (ଭାସ୍କର ନ୍ୟୁଜ୍): ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ୪୨ ନମ୍ବର ରାଜ୍ୟ ରାଜପଥର ବଥର୍ଲା ଛକ ନିକଟରେ ରାସ୍ତାରେ ଛିଡା ହୋଇଥିବା ଏକ ଡମ୍ଫର ପଛପଟେ ଏକ ବାଇକ୍ ପିଟି ହୋଇଯିବା ଦ୍ୱାରା ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ୨ଜଣ ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ ଟିକପାଲିର ଗାଁର ଚୈତନ୍ୟ ବାରଲେଣ୍ଡିଆ। ଏହି ଦୁର୍ଘଟଣାରେ ଭାଟିଶାଳପଡାର ଗୁରୁବାରୁ ଠେଲା ଓ କାଦେପଡାର ତପନ ଷାଣ୍ଡ ଗୁରୁତର ଆହତ ହୋଇଛନ୍ତି। ଗତକାଲି ବିଳମ୍ବିତ ରାତିରେ ଏକ ବାଇକ୍‌ରେ ଚୈତନ୍ୟ, ଗୁରୁବାରୁ ଓ ତପନ ଯୁଗିମୁଣ୍ଡାରୁ ପାଟଣାଗଡ଼ ଯାଉଥିଲେ। ମାତ୍ର ବଥର୍ଲା ଛକ ନିକଟରେ ଛିଡା ହୋଇଥିବା ଏକ ଡମ୍ଫର ପଛରେ ବାଇକଟି ଜୋରରେ ଧକ୍କା ଦେଇଥିଲା। ଘଟଣା ସ୍ଥଳରେ ହିଁ ଚାଳକ ଚୈତନ୍ୟଙ୍କର ମୃତ୍ୟୁ ହୋଇଥିବା ବେଳେ ଗୁରୁବାରୁ ଓ ତପନ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ୩ ଜଣଙ୍କୁ ଉଦ୍ଧାର କରି ଡାକ୍ତରଖାନା ପଠାଇଥିବା ବେଳେ ସେଠାରେ ଡାକ୍ତର ଚୈତନ୍ୟଙ୍କୁ ମୃତ ଘୋଷଣା କରିଥିଲେ। ଅବସ୍ଥା ଗୁରୁତର ହେବାରୁ ଗୁରୁବାରୁ ଓ ତପନଙ୍କୁ ବଲାଙ୍ଗିର ଭୀମଭୋଇ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି।

### ହିଞ୍ଜିଳିକାଟୁରେ ପୌର ନିର୍ବାଚନ ତାତି

## ଜମୁଛି ବିଜେଡି ପ୍ରଚାର, ପଛରେ ବିଜେପି ଓ କଂଗ୍ରେସ



ହିଞ୍ଜିଳିକାଟୁ, (ଭାସ୍କର ନ୍ୟୁଜ): ପୌର ନିର୍ବାଚନ ପାଇଁ ଦିନ ଯେତିକି ପାଖେଇ ପାଖେଇ ଆସୁଛି ରାଜନୈତିକ ମହଲରେ ସେତିକି ଉଷ୍ମତା ବଢିଚାଲିଛି। ହିଞ୍ଜିଳିକାଟୁ ପୌରାଞ୍ଚଳରେ ବିଜେଡି ନିଜ ପ୍ରଚାର ପର୍ବ ଆରମ୍ଭ କରିସାରିଥିବା ବେଳେ କେଉଁଠି ନା କେଉଁଠି ବିଜେପି ଓ କଂଗ୍ରେସ ପଛରେ ପଡିଯାଇଥିବା ଦେଖିବାକୁ ମିଳୁଛି। ବିଜେଡି ପୌରାଧକ୍ଷ ପ୍ରାର୍ଥୀ ସୁବାସ ଚନ୍ଦ୍ର ପୋଲାଇ ଦୈନନ୍ଦୀନ ନିଜ ସମର୍ଥକ ଓ ସମ୍ପୃକ୍ତ ୱାର୍ଡର କାଉନସିଲର ପ୍ରାର୍ଥୀଙ୍କ ସହ ପୌରାଞ୍ଚଳର ବିଭିନ୍ନ ୱାର୍ଡରେ ପଦଯାତ୍ରା କରୁଥିବା ବେଳେ ବିଜେପି ଓ କଂଗ୍ରେସ ପ୍ରାର୍ଥୀ ମାନେ ଏଯାଏଁ ନିର୍ବାଚନୀ ମୈଦାନରେ ଦେଖା ହିଁ ଦେଇ ନାହାନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିଜ ନିର୍ବାଚନ ମଣ୍ଡଳୀ ହୋଇଥିବାରୁ ନିର୍ବାଚନ ଜିତିବା ବିଜୁ ଜନତା ଦଳ ପାଇଁ ସହଜ ହୋଇଥିଲେ ମଧ୍ୟ ଦଳୀୟ କର୍ମୀ ମାନେ ପ୍ରଚାରରେ ଆଗୁଆ ଥିବା ସହ ଅଧିକ ଭୋଟରଙ୍କୁ ଆକୃଷ୍ଟ କରିବା ପାଇଁ ଉଦ୍ୟମ ଜାରି ରଖିଛନ୍ତି। ବିଜୁ ଛାତ୍ର ଜନତା ଦଳର ସଭାପତି ସୌମ୍ୟରଞ୍ଜନ ପଟ୍ଟନାୟକଙ୍କ ନେତୃତ୍ୱରେ ଶତାଧିକ ଯୁବ ଓ ଛାତ୍ର ଗୋଷ୍ଠୀ ବିଜେଡିର ପ୍ରଚାର କାର୍ଯ୍ୟକ୍ରମରେ ସାମିଲ ହେଉଛନ୍ତି। ଯଦ୍ଦ୍ୱାରା ନୂଆ ଓ ଯୁବ ଭୋଟର ମାନେ ବିଜେଡି ପ୍ରତି ଆକୃଷ୍ଟ ହେଉଛନ୍ତି। ଶନିବାର ବିଜେଡି ପୌରାଧକ୍ଷ ପ୍ରାର୍ଥୀ ସୁବାସ ଚନ୍ଦ୍ର ପୋଲାଇ ହିଞ୍ଜିଳିକାଟୁ ପୌରାଞ୍ଚଳର ୧୬ନଂ ୱାର୍ଡ ଓ ରବିବାର ଦିନ ୧୭ନଂ ୱାର୍ଡରେ ପଦଯାତ୍ରା କରି ନିଜ ପାଇଁ ଏବଂ କାଉନସିଲର ପ୍ରାର୍ଥୀଙ୍କ ପାଇଁ ଭୋଟ ଭିକ୍ଷା କରିଥିଲେ। ଏହି ପଦଯାତ୍ରାରେ ନଗର ବିଜେଡି ସଭାପତି ଭୀମସେନ ବେହେରା, ପୂର୍ବତନ କାଉନସିଲର କିରଣ କୁମାର ପଟ୍ଟନାୟକ, ୧୭ନଂ ୱାର୍ଡର ବିଜେଡି କାଉନସିଲର ପ୍ରାର୍ଥୀ ଶ୍ୟାମଘନ ବେହେରା, ୧୬ନଂ ୱାର୍ଡର କାଉନସିଲର ପ୍ରାର୍ଥୀ ମଧୁସ୍ମିତା ବେହେରା, ବିଜୁ ଛାତ୍ର ଜନତା ଦଳର ସଭାପତି ସୌମ୍ୟରଞ୍ଜନ ପଟ୍ଟନାୟକ, ବସନ୍ତ କୁମାର ପାଢୀ, ବାଦଲ ପାଣିଗ୍ରାହୀ, ଧୀରେନ ବେହେରା, କେଶବ ମହାରଣା, ନିଶାନ୍ତ ମହାପାତ୍ର, ଭଗବାନ ପୃଷ୍ଟି ପ୍ରମୁଖ ସାମିଲ ହୋଇଥିଲେ।

## ପୂର୍ବତନ ସମବାୟ ସମିତି ସଂପାଦକଙ୍କ ତିରୋଧାନ

ବୋଲଗଡ଼, (ଭାସ୍କର ନ୍ୟୁଜ୍) : ବୋଲଗଡ ବ୍ଲକ ଅନ୍ତର୍ଗତ ମାଣିକା ଗୋଡା ଗ୍ରାମର ରବିନ୍ଦ୍ର ନାଥ ପାଳ ୭୧ ବର୍ଷ ବୟସରେ ହୃଦ୍ ଯନ୍ତ୍ର କ୍ରିୟା ବନ୍ଦ ହେବାରୁ ଗତ କାଲି ରାତିରେ ଦେହାନ୍ତ ହୋଇଯାଇଛି। ସେ ବହୁବର୍ଷ ଧରି ବୋଲଗଡ଼, ସଂପୁର, କଳାଙ୍ଗ, ମାଣିକାଗୋଡା ସେବା ସମବାୟ ସମିତିର ସଂପାଦକ ରୂପରେ ସୁଚାରୁ ରୂପେ କାର୍ଯ୍ୟ କରି ଅବସର ଗ୍ରହଣ କରିଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ସ୍ତ୍ରୀ, ଝିଅ, ଜ୍ୱାଇଁ, ନାତି ନାତୁଣୀ, ଆତ୍ମୀୟ ସ୍ୱଜନ ଉପସ୍ଥିତ ଥିଲେ। ଗ୍ରାମ୍ୟ ପରିକ୍ରମା ପରେ ନିକଟସ୍ଥ ଶ୍ମଶାନରେ ଶବ ସତ୍କାର କରାଯାଇଥିଲା। ତାଙ୍କ ମୃତ୍ୟୁ ଖବର ପାଇ ବୋଲଗଡ ଅଞ୍ଚଳ ରେ ଶୋକର ଛାୟା ଖେଳି ଯାଇଛି।

### ବିଜେଡ଼ି ଅକ୍ତିଆର୍‌ରେ ତିହିଡ଼ି ପଞ୍ଚାୟତ

## ଅବନ୍ତୀ ଦାସ ପଞ୍ଚାୟତ ସମିତି ଅଧକ୍ଷା

ତିହିଡ଼ି, (ଭାସ୍କର ନ୍ୟୁଜ) : ତିହିଡ଼ି ପଞ୍ଚାୟତ ସମିତିର ଅଧ୍ୟକ୍ଷା ଭାବେ କାଁପଡ଼ାର ବିଜେଡି ସମର୍ଥୀତ ସମିତି ସଭ୍ୟା ଶ୍ରୀମତୀ ଅବନ୍ତୀ ଦାସ ନିର୍ବାଚିତ ହୋଇଛନ୍ତି। ଶନିବାର ପଞ୍ଚାୟତ ସମିତି ଅଧକ୍ଷ ପଦ ପାଇଁ ହେଉଥିବା ନିର୍ବାଚନରେ ବିଜେଡି ସମର୍ଥିତ ପ୍ରାର୍ଥୀ ଭାବେ କାଁପଡ଼ା ସମିତିସଭ୍ୟା ଅବନ୍ତୀ ଦାସ ନାମାଙ୍କନ ପତ୍ର ଦାଖ କରିଥିବାବେଳେ ବିଜେପି ସମର୍ଥୀତ ପ୍ରାର୍ଥୀ ଭାବେ ପୂର୍ବତନ ଅଧ୍ୟକ୍ଷ ତଥା ମୁକୁନ୍ଦପୁର ସମିତିସଭ୍ୟ ଶୁକଦେବ ମଳିକ ନାମାଙ୍କନ ପତ୍ର ଦାଖଲ କରିଥିଲେ। ବ୍ଲକର ମୋଟ ୩୧ ଜଣ ସମିତି ସଭ୍ୟଙ୍କ ମଧ୍ୟରୁ ୧୬ ଖଣ୍ଡ ଭୋଟ ପାଇ ଅବନ୍ତୀ ତିହିଡ଼ି ପଞ୍ଚାୟତ ସମିତି ଅଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଛନ୍ତି। ମାତ୍ର ଖଣ୍ଡିଏ ଭୋଟରେ ବିଜେପି ସମର୍ଥିତ ପ୍ରାର୍ଥୀ ଶୁକଦେବ ପରାଜିତ ହୋଇଛନ୍ତି। ସୂଚନା ଯୋଗ୍ୟ, ପଞ୍ଚାୟତ ନିର୍ବାଚନରେ ବିଜେଡି ମୋଟ ୧୬ ଗୋଟି ସମିତି ସଭ୍ୟ ଆସନ ଦଖଲ କରିଥିବାବେଳେ ବିଜେପି ୧୩ ଗୋଟି, କଂଗ୍ରେସ ଗୋଟିଏ ଓ ବିକାଶ ମଞ୍ଚ ଗୋଟିଏ ଆସନ ଦଖଲ କରିଥିଲେ। ଫଳାଫଳ ଘୋଷିତ ହେବା ପରେ ବିଜେଡି ମହଲରେ ଆନନ୍ଦ ଖେଳିଯାଇଛି। ବିଜୟୀ ପ୍ରାର୍ଥୀ ଶ୍ରୀମତୀ ଦାସଙ୍କୁ ଏକ ଶୋଭାଯାତ୍ରାରେ ସମର୍ଥକମାନେ ତିହିଡ଼ି ବଜାର ପରିକ୍ରମା କରାଇ ବିଜେଡି କାର୍ଯ୍ୟାଳୟ ପର୍ଯ୍ୟନ୍ତ ନେଇଥିଲେ। ସେଠାରୁ ତାଙ୍କୁ ପୁଣି ଶୋଭାଯାତ୍ରାରେ ତାଙ୍କ ପଞ୍ଚାୟତ କାଁପଡ଼ାକୁ ନିଆଯାଇଥିଲା। ଭଦ୍ରକ ସାଂସଦ ମଞ୍ଜୁଲତା ମଣ୍ଡଳ, ଚାନ୍ଦବାଲି ବିଧାୟକ ବ୍ୟୋମକେଶ ରାୟ, ବାସୁଦେବପୁର ବିଧାୟକ ବିଷ୍ଣୁବ୍ରତ ରାଉତରାୟ, ପୂର୍ବତନ ବିଧାୟକ ବିଜୟ ନାୟକ, ମୁକ୍ତିକାନ୍ତ ମଣ୍ଡଳ, ରାଜେନ୍ଦ୍ର କୁମାର ଦାସ, ଜିଲାପରିଷଦ ସଭ୍ୟା ସୁଶ୍ରୀ ବିଦ୍ୟୁତଲତା ନାୟକ, ରୁଜାତା ପଣ୍ଡା, ସୁମତୀ ସେଠୀ, ଓ ଅମୂଲ୍ୟ ମାଝୀ, ରାଜ୍ୟ ବିଜେଡି ସମ୍ପାଦକ ଅଜୟ ନାୟକ, ବିଜେଡି ବ୍ଲକ ସଭାପତି ରଘୁନାଥ ପଣ୍ଡା, ବିଧାୟକ ପ୍ରତିନିଧି ବାପୁଜୀ ନାୟକ, ପୂର୍ବତନ ଜିଲାପରିଷଦ ସଭ୍ୟ କମଳାକାନ୍ତ ଦାସ ଓ ଶରତ ଦାସ, ଜିଲା ବିଜେଡି ଉପସଭାପତି ସୁରେନ୍ଦ୍ର କୁମାର ନାୟକ, ସାଂସଦ ପ୍ରତିନିଧି ମାନସ ପାଠୀ, ବିଜେଡି ଜିଲା ସମ୍ପାଦକ ଓ କୋଷାଧକ୍ଷ ପ୍ରଦୀପ ପଣ୍ଡା, ପୂର୍ବତନ ଉପାଧକ୍ଷା ଦେବକୀ ଦାସ, ବିଜେଡି ନେତା ହରିହର ସେନାପତି, ବସନ୍ତ ନାୟକ, ଶଶଧର ସାମଲ, ପ୍ରତାପ ଜେନା, ହରେକୃଷ୍ଣ ଜେନା, ସୁରେନ୍ଦ୍ର ପ୍ରସାଦ ନାୟକ ପ୍ରମୁଖ ନବନିର୍ବାଚିତ ଅଧକ୍ଷାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।



## ଲକ୍ଷ୍ମୀପ୍ରିୟା ଏରସମା ପଞ୍ଚାୟତ ସମିତି ଅଧକ୍ଷ ନିର୍ବାଚିତ

ଏରସମା, (ଭାସ୍କର ନ୍ୟୁଜ୍) : ଏରସମା ବ୍ଲକ ପଞ୍ଚାୟତ ସମିତି ଅଧକ୍ଷ ନିର୍ବାଚନରେ ବିଜେଡି ସମର୍ଥୀତ ପ୍ରାର୍ଥୀ ଲକ୍ଷ୍ମୀପ୍ରିୟା ମହାପାତ୍ର ବିଜୟୀ ହୋଇଛନ୍ତି । ଆଜି ବ୍ଲକ ସଭା ଗୃହରେ ୨୫ଗୋଟି ପଞ୍ଚାୟତ ସମିତି ସଭ୍ୟସଭ୍ୟା ମାନଙ୍କୁ ନେଇ ପଞ୍ଚାୟତ ସମିତି ଅଧକ୍ଷ ନିର୍ବାଚନ ହୋଇଥିଲା । ଏଥିରେ ବିଜେଡି ସମର୍ଥୀତ ପ୍ରାର୍ଥୀ କୃଷ୍ଣଚନ୍ଦ୍ରପୁର ପଞ୍ଚାୟତର ନବ ନିର୍ବାଚିତ ସମିତି ସଭ୍ୟା ଲକ୍ଷ୍ମୀପ୍ରିୟା ମହାପାତ୍ର ଅଧକ୍ଷ ପ୍ରାର୍ଥୀ ଭାବରେ ନାମାଙ୍କନ କରିଥିବା ବେଳେ କଂଗ୍ରେସ ସମର୍ଥୀତ ବଳେଇପୁର ପଞ୍ଚାୟତର ସମିତି ସଭ୍ୟା ସଂଗୀତା ପ୍ରୀୟଦର୍ଶିନୀ ନାୟକ ଅଧକ୍ଷ ପ୍ରାର୍ଥୀ ଭାବେ ନାମାଙ୍କମ ପତ୍ର ଦାଖଲ କରିଥିଲେ । ନିର୍ବାଚନରେ ବିଜେଡି ସମର୍ଥୀତ ସମିତି ସଭ୍ୟା ଲକ୍ଷ୍ମୀପ୍ରିୟା ମହାପାତ୍ର ୧୬ଖଣ୍ଡ ଭୋଟ ପାଇଥିବା ବେଳେ କଂଗ୍ରେସ ସମର୍ଥୀତ ଶ୍ରୀମତି ନାୟକ ୯ଖଣ୍ଡ ଭୋଟ ପାଇଥିଲେ । ନିର୍ବାଚନ ଅଧିକାରୀ ସ୍ଥାନୀୟ ତହସିଲଦାର ଚୌଧୁରୀ ପ୍ରଜ୍ଞାନନ୍ଦ ଦାସ ଲକ୍ଷ୍ମୀପ୍ରିୟା ମହାପାତ୍ର ବିଜୟୀ ହୋଇଥିବା ବିଦ୍ଧିବଧ ଭାବରେ ଘୋଷଣା କରିଥିଲେ । ନୁତନ ବ୍ଲକ ଅଧକ୍ଷା ହୋଇଥିବା ଶ୍ରୀମତି ମହାପାତ୍ରଙ୍କୁ ବ୍ଲକ ବିଡିଓ କୈଳାସ ଚନ୍ଦ୍ର ବେହେରା ପୁଷ୍ପ ଗଛ ଦେଇ ସ୍ୱାଗତ କରିବା ସହିତ ବ୍ଲକ ଅଧକ୍ଷର ଚୈକି ପ୍ରଦାନ କରିଥିଲେ । ପରେ ବ୍ଲକ ବିଜେଡି ସଭାପତି ପିତବାସ ଗଛାୟତ, ଯୁବ ବିଜେଡି ସଭାପତି ପାର୍ଥସାରଥି ରାଉତ, ଛାତ୍ର ବିଜେଡି ସଭାପତି ବରଦା ପ୍ରସାଦ ରାଉତ, ଜିଲା ଯୁବ ବିଜେଡି ଉପସଭାପତି ବୈଦନାଥ ବିଶ୍ୱାଳଙ୍କ ସହିତ ନବ ନିର୍ବାଚିତ ସମିତି ସଭ୍ୟସଭ୍ୟା, ନିର୍ବାଚିତ ପଞ୍ଚାୟତ ସରପଞ୍ଚ, ଯୁବ ବିଜେଡି କର୍ମକର୍ତାମାନେ ପୁଷ୍ପଗଛ ଦେଇ ସମ୍ବର୍ଦ୍ଧିତ କରିଥିଲେ । ଏହା ସହିତ ରାଜ୍ୟ ବିଜେଡି ସାଧାରଣ ସମ୍ପାଦକ ସାରଦା ପ୍ରସନ୍ନ ଜେନା, ପୂର୍ବତନ ବ୍ଲକ ଅଧକ୍ଷ ପ୍ରଣବ କୁମାର ସ୍ୱାଇଁ, ମାନସ ରଂଜନ ସେଠୀ, ପ୍ରଦିପ୍ତ କିଶୋର ପରିଡା, ସଂଗ୍ରାମ କେଶରୀ ସ୍ୱାଇଁ, ମହେନ୍ଦ୍ର ସେନାପତି, କେଶବ ପାତ୍ର, ଶିଶିର କୁମାର ବିଶ୍ୱାଳ ଓ ବିଭିନ୍ନ ପଞ୍ଚାୟତର କର୍ମକର୍ତାମାନେ ନୂତନ ବ୍ଲକ ଅଧକ୍ଷା ଶ୍ରୀମତି ମହାପାତ୍ରଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ଶ୍ରୀମତି ମହାପାତ୍ର ବ୍ଲକ ଅଧକ୍ଷା ବିଜୟୀ ହେବାପରେ ଏରସମା ବଜାରରେ ଥିବା ପ୍ରବାଦ ପୁରୁଷ ବିଜୁବାବୁ ଓ ମହାତ୍ମାଗାନ୍ଧିଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ ।



## ବିଜେଡିରୁ ନିଲମ୍ବିତ



କୁଜଙ୍ଗ, (ଭାସ୍କର ନ୍ୟୁଜ୍) : ବିଜେଡି ସମର୍ଥନରେ ପାରାଦ୍ୱୀପ ଗଡରୁ ସର୍ବାଧିକ ଭୋଟ ବ୍ୟବଧାନରେ ସମିତି ସଭ୍ୟା ରୂପେ ନିର୍ବାଚିତ ହୋଇଥିବା ଅରବିନ୍ଦା ତରାଇ ଆଜି କୁଜଙ୍ଗ ବ୍ଲକ ଅଧ୍ୟକ୍ଷ ପଦବୀ ପାଇଁ ନିର୍ବାଚନ ପାଇଁ ନିଜ ନାମାଙ୍କନ ଭରିଥିଲେ। ଫଳରେ ବିଜେଡି ପକ୍ଷରୁ ଓ ବିଧାୟକଙ୍କ ସୁପାରିଶରେ ଦଳର ପ୍ରାର୍ଥୀ ଅଗପାଳ ସମିତି ସଭ୍ୟା ନୀନାରାଣୀ ସାହୁଙ୍କ ନିର୍ବାଚନ ଲଢିବାକୁ ପଡିଥିଲା। ଏହି ମର୍ମରେ ଅରବିନ୍ଦାକୁ କଂଗ୍ରେସ ସମର୍ଥିତ ସମିତି ସଭ୍ୟଙ୍କ ସହ ମୋଟ ୯ଟି ଭୋଟ ମିଳିଥିବା ବେଳେ ନୀନାରାଣୀଙ୍କୁ ୧୯ ଟି ଭୋଟ ମିଳିଥିଲା। ନୀନାରାଣୀ ବିଜୟୀ ହୋଇଥିଲେ ମଧ୍ୟ ଅରବିନ୍ଦାଙ୍କ ଦଳ ବିରୋଧି କାର୍ଯ୍ୟ ଦର୍ଶାଇ ଆଜି ବ୍ଲକ ବିଜେଡି ସଭାପତି ନରେନ୍ଦ୍ର କୁମାର ପରିଡା ତାଙ୍କୁ ଦଳର ପ୍ରାଥମିକ ସଦସ୍ୟ ପଦରୁ ନିଲମ୍ବିତ କରିଛନ୍ତି। ଏହି ନେଇ ଏକ ପ୍ରେସ ବିଜ୍ଞପ୍ତିରେ ଦଳର ବ୍ଲକ ସଭାପତି ଜିଲ୍ଲା ସଭାପତି ଓ ପାରାଦ୍ୱୀପ ବିଧାୟକଙ୍କୁ ମଧ୍ୟ ଅବଗତ କରାଇଛନ୍ତି।

## ଚାଷୀଙ୍କୁ ରୋଗ ପୋକ ନିୟନ୍ତ୍ରଣ ଉପରେ ତାଲିମ ଦେଲେ କୃଷି ବିଜ୍ଞାନ ଛାତ୍ର

ଭଞ୍ଜନଗର, (ଭାସ୍କର ନ୍ୟୁଜ): ଚାଷୀଙ୍କୁ ରୋଗ ପୋକ ନିୟନ୍ତ୍ରଣ, ଜୈବିକ ପ୍ରଣାଳୀରେ ଚାଷ, ମଞ୍ଜି ବିଶୋଧନ, ପଞ୍ଚଗବ୍ୟ ପ୍ରସ୍ତୁତି ଓ ଆଜୋଲା ଚାଷ ସହ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ଲେମ୍ବୁ ସରବତ ପ୍ରସ୍ତୁତି ଓ ତାର ଦୀର୍ଘ ଦିନ ସଂରକ୍ଷଣ ଉପରେ ତାଲିମ ପ୍ରଦାନ କରୁଛନ୍ତି କୃଷି ବିଜ୍ଞାନ ୟୁନିଭରସିଟିର ଛାତ୍ରମାନେ। ମାସ ମାସ ଧରି ଏହି କୃଷି ବିଜ୍ଞାନ ଛାତ୍ରମାନେ ଚାଷୀଙ୍କୁ ଏଭଳି ତାଲିମ ପ୍ରଦାନ କରିବା ଦ୍ୱାରା ଚାଷୀଭାଇମାନେ ଏହାର ସୁଫଳ ପାଉଥିବା ଲକ୍ଷ୍ୟ କରାଯାଉଛି। ଭଞ୍ଜନଗର ବ୍ଲକର ବାହାଡାପଦର ଗ୍ରାମର କିଛି ଚାଷୀ ଓ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ମାଆମାନଙ୍କୁ ଏବେ ପାରଳାଖେମୁଣ୍ଡି ସେଞ୍ଚୁରିଆନ୍ ୟୁନିଭରସିଟିରେ କୃଷି ବିଜ୍ଞାନ ଛାତ୍ର ମୁକ୍ତିକାନ୍ତ ପ୍ରଧାନ, ଦେବାଶୀଷ ଷଡଙ୍ଗୀ, ବିବେକାନନ୍ଦ ପ୍ରମୁଖ ଦୀର୍ଘ ମାସାଧିକ କାଳ ସେହି ଗ୍ରାମକୁ ଯାଇ ପନି ପରିବା , ମୁଗ, ବିରି, ମକା ଆଦି ଫସଲରେ ରୋଗ ପୋକ କିପରି ନିୟନ୍ତ୍ରଣ କରାଯାଇପାରିବ ସେନେଇ ବିସ୍ତୃତଭାବେ ତାଲିମ ପ୍ରଦାନ କରିଛନ୍ତି। ସେହିପରି ଜୈବିକ ଚାଷ ପ୍ରଣାଳୀ ଦ୍ୱାରା ଚାଷୀ କିପରି ଉନ୍ନତମାନର ଫସଲ ଜମିରେ ଫଳାଇ ପାରିବେ ଓ ଜମିର ଉର୍ବରତା କିଭଳି ରକ୍ଷା ହୋଇପାରିବ ସେଥିନେଇ ମଧ୍ୟ ଏହି ଛାତ୍ରମାନେ ତାଲିମ ପ୍ରଦାନ କରିଛନ୍ତି। ବିଶେଷକରି କୀଟନାଶକ ପ୍ରୟୋଗର ବିଧି, ସୁରକ୍ଷିତ ପ୍ରୟୋଗ, ମଞ୍ଜି ବିଶୋଧନ, ପଞ୍ଚଗବ୍ୟ ଓ ଆଜୋଲା ଚାଷ ସମ୍ବନ୍ଧରେ ଚାଷୀଙ୍କୁ ଏହି ଛାତ୍ରମାନେ ତାଲିମ ପ୍ରଦାନ କରିଛନ୍ତି। ବିଶେଷକରି ଏସଏଚଜି ଗ୍ରୁପ୍ ମାଆମାନେ ହାତ ପାହାନ୍ତାରେ ମିଳୁଥିବା ଲେମ୍ବୁରୁ କିଭଳି ଦୀର୍ଘ ସଂରକ୍ଷଣ କାଳୀନ ଲେମ୍ବୁ ସରବତ ପ୍ରସ୍ତୁତ କରି ଏହାର ଉତ୍ତମ ବଜାର ସୃଷ୍ଟି କରିପାରିବେ ଓ ତାଦ୍ୱାରା ମାଆମାନେ କିଭଳି ଲାଭାନ୍ୱିତ ହୋଇପାରିବେ ସେଦିଗରେ ମଧ୍ୟ ମାଆମାନଙ୍କୁ ତାଲିମ ଦିଆଯାଇଥିବା କୃଷି ବିଜ୍ଞାନ ଛାତ୍ର ମୁକ୍ତିକାନ୍ତ ପ୍ରଧାନ ଉଲ୍ଲେଖ କରିଛନ୍ତି। କୃଷି ବିଜ୍ଞାନ କେନ୍ଦ୍ରର 'ରାୱେଏଫ୍' କାର୍ଯ୍ୟକ୍ରମ ଅନ୍ତର୍ଗତ ଏହି କାର୍ଯ୍ୟକ୍ରମରେ କୃଷିବିଜ୍ଞାନ ୟୁନିଭରସିଟିର ୪ର୍ଥ ବର୍ଷର ଛାତ୍ରମାନେ ଏବେ ଗ୍ରାମାଞ୍ଚଳରେ ଏଭଳି କାର୍ଯ୍ୟକ୍ରମ ମାସାଧିକ କାଳ କରୁଥିବା ଦେଖିବାକୁ ମିଳୁଛି।



## ରାଜ୍ୟ କାଜୁ ନିଗମ ଅଧକ୍ଷଙ୍କ ମାତୃ ବିୟୋଗ



ଜଗତସିଂହପୁର, (ଭାସ୍କର ନ୍ୟୁଜ୍) : ଓଡିଶା ରାଜ୍ୟ କାଜୁ ନିଗମ ଅଧକ୍ଷ ଅମରେନ୍ଦ୍ର ଦାସଙ୍କ ମାଆ ବନଲତା ଦାସଙ୍କର ଗତ ଗୁରୁବାର ରାତ୍ରରେ ଦିଲ୍ଲୀ ସ୍ଥିତ ତାଙ୍କ ପୁଅଙ୍କ ବାସଭବନରେ ପରଲୋକ ଘଟିଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୭୪ବର୍ଷ ବୟସ ହୋଇଥିଲା। ସେ ଜଣେ ଧର୍ମପରାୟଣ ସ୍ୱଷ୍ଟବାଦୀ, ସ୍ନେହୀ,ଦରଦୀ ହୃଦୟର ବ୍ୟକ୍ତି ବିଶେଷ ଥିଲେ।ସେ କିଛିଦିନ ହେବ ଦିଲ୍ଲୀରେ ବାସ କରୁଥିବା ପୁତ୍ର ଏବଂ ବଧୂ ଙ୍କ ନିକଟକୁ ଯାଇଥିଲେ।ସେଠାରେ ତାଙ୍କର ହୃଦଘାତରେ ବିୟୋଗ ଘଟିଥିବା ପରିବାର ସୂତ୍ରରୁ ପ୍ରକାଶ। ଏହାପରେ ତାଙ୍କର ମରଶରୀର କୁ ଦିଲ୍ଲୀରୁ ବିମାନ ଯୋଗେ ଭୁବନେଶ୍ୱର ଅଣାଯାଇଥିଲା। ଏହାପରେ ଜଗତସିଂହପୁର ସ୍ଥିତ ବାସଭବନକୁ ମରଶରୀର କୁ ଅଣାଯାଇଥିଲା। ତାଙ୍କର ପରଲୋକ ଖବର ପାଇ ପୂର୍ବତନ ପାରିଷଦ ହେମନ୍ତ କୁମାର ଲେଙ୍କା,ଜିଲ୍ଲା ବିଜେପି ସଭାପତି ସତ୍ୟବ୍ରତ ମହାପାତ୍ର,କାଳନ୍ଦୀ ମହାନ୍ତି, ଦୀପ୍ତି ଦାସ, ଆଇନଜୀବି ଦୋଳଗୋବିନ୍ଦ ଦାସ, ଅଧ୍ୟାପକ ପ୍ରଶାନ୍ତ ବେହେରା, ପୂର୍ବତନ ପୌରାଧକ୍ଷ ବିପ୍ଳବ ଚୌଧୁରୀ, ପୂର୍ବତନ ଜିଲ୍ଲା ପରିଷଦ ଅଧକ୍ଷ ଦେବୀଦତ୍ତ ମହାନ୍ତି, ସିଦ୍ଧାର୍ଥ ତ୍ରିପାଠୀ, ନଗର ବିଜେଡି ସଭାପତି ପ୍ରିୟବ୍ରତ ମହାପାତ୍ର, ଜିଲ୍ଲା ଛାତ୍ର ବିଜେଡି ସଭାପତି ସମିତି ଲେଙ୍କା ପୂର୍ବତନ ପାରିଷଦ ଦିଲ୍ଲୀପ ସିଂ, ପୂର୍ବତନ ପାରିଷଦ ସୁବାଷ ଚନ୍ଦ୍ର ସାହୁ ଅଳସୁଧା ସରପଞ୍ଚ ଭ୍ରମରବର ସ୍ୱାଇଁ, ଅଶୋକ ଭୋଇ, ସାରଙ୍ଗ ପାଇଟାଳ ପ୍ରମୁଖ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କର ଜଗତସିଂହପୁର ସ୍ଥିତ ବାସଭବନ ରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ପରେ ମରଶରୀର କୁ ନିଜ ଗ୍ରାମ ସୁଜଙ୍ଗ ନିଆଯାଇ ଗ୍ରାମ୍ୟ ସ୍ମଶାନ ରେ ଶେଷକୃତ୍ୟ ସମ୍ପର୍ଣ୍ଣ କରା ଯାଇଥିଲା। ପୁତ୍ର ଅମରେନ୍ଦ୍ର ଦାସ ମୁଖାଗ୍ନି ଦେଇଥିଲେ। ପ୍ରାରମ୍ଭରେ ଜଗତସିଂହପୁର ବିଧାୟକ ପ୍ରଶାନ୍ତ ମୁଦୁଲି, ଏବଂ ତିର୍ତ୍ତୋଲ ବିଧାୟକ ବିଜୟ ଶଙ୍କର ଦାସ ଭୁବନେଶ୍ୱର ଠାରେ ଶେଷ ଦର୍ଶନ କରିଥିଲେ।

## କୋଣାର୍କ ବାର୍ ଆସୋସିଏସନ୍‌ର ସମସ୍ତ ପ୍ରାର୍ଥୀ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ

କୋଣାର୍କ, (ଭାସ୍କର ନ୍ୟୁଜ୍): କୋଣାର୍କ ସଂଘର ସମସ୍ତ ପଦବୀ ପାଇଁ ପ୍ରାର୍ଥୀମାନେ ବିନା ପ୍ରତିଯୋଗିତାରେ ନିର୍ବାଚିତ ହୋଇଥିବା ଜଣାପଡିଛି। ଆଜି ଚୁଡାନ୍ତ ତାଲିକା ପ୍ରକାଶ ପାଇଛି ଓ ସଂଘର ସଭାପତି ଭାବେ ଶ୍ରୀଜୟ ବରାଳ ଚତୁର୍ଥ ଥର ପାଇଁ ବିନା ପ୍ରତିଦ୍ୱନ୍ଦିତାରେ ନିର୍ବାଚିତ ହୋଇଥିବା ବେଳେ ଅନ୍ୟ ସବୁ ପଦ ପଦବୀ ପାଇଁ ନୂତନ ମୁହଁ ଦେଖିବାକୁ ମିଳିଛି । ସାଧାରଣ ସଂପାଦକ ଭାବେ ଭାବଗ୍ରାହୀ ସ୍ୱାଇଁ ,ଉପ-ସଭାପତି ଭାବେ ବିଜୟଲକ୍ଷ୍ମୀ ବିଶ୍ୱାଳ ,ଯୁଗ୍ମ-ସମ୍ପାଦକ ଭାବେ ବିଜୟ କୁମାର ମହାନ୍ତି ଓ ସତ୍ୟଭାମା ରଥ, କୋଷାଦକ୍ଷ ଭାବେ ବନିତା ପାତ୍ର ନିର୍ବାଚିତ ହୋଇଥିବା ବେଳେ କାର୍ଯ୍ୟନିର୍ବାହୀ କମିଟି କୁ ଅଶୋକ କୁମାର ବିଶ୍ୱାଳ,ସବିତା ମିଶ୍ର ,ଗନ୍ଧର୍ବ ଦଲାଇ , ଭଗବାନ ମହାପାତ୍ର,ପ୍ରଷ୍ଫୁଜିତ ପରିଡା ,ବରୁଣ କୁମାର ନାୟକ ,ଅଖତରୁନ ନିଶା , ଅଜୟ କୁମାର ସେଠୀ ଓ ଲକ୍ଷ୍ମୀକାନ୍ତ ଖଟୋଇ ପ୍ରମୁଖ ନିର୍ବାଚିତ ହୋଇଥିବା ସୂଚନା ମିଳିଛି ।

## ସିଆର୍‌ପିଏଫ୍ ବାଟାଲିଆନ ପକ୍ଷରୁ ଜନସମ୍ପର୍କ ଶିବିର




ଝରିଗାଁ, (ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲା ଝରିଗାଁ ବ୍ଲକରେ ଥିବା ସିଆର୍‌ପିଏଫ୍ ଯବାନ ବାଟାଲିଆନ(୧୨) ତରଫରୁ ଝରିଗାଁ ସ୍ଥିତ ସିଆରପିଏଫ କ୍ୟାମ୍ପ ଠାରେ ଏକ ଜନ ସମ୍ପର୍କ ଶିବିର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଝରିଗାଁ ଅଞ୍ଚଳର ଦୂରଦୂରାନ୍ତରୁ ବହୁ ଜନସାଧାରଣ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମ ର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଜନ ସମ୍ପର୍କ ସୃଷ୍ଟି କରିବା ସହ ଯୁବ ଗୋଷ୍ଠୀଙ୍କୁ ମୁଖ୍ୟ ସ୍ରୋତରେ ସାମିଲ କରିବା । ତା ଛଡା ସାଧାରଣ ଜନତା ଏବଂ ପୋଲିସ ବିଭାଗ ମଧ୍ୟରେ ଥିବା ଦୂରତାକୁ କମେଇବା । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ନବରଙ୍ଗପୁର ଜିଲ୍ଲା ସିଆରପିଏଫ ମୁଖ୍ୟ ଏନ୍.ରତନ ସିଂ ତାଙ୍କ ଧର୍ମ ପତ୍ନୀ ଅଲିଭ୍ୟାଙ୍କସ ହ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ଜନସାଧାରଣଙ୍କ ସହଯୋଗ ବିନା ଉପାନ୍ତ ଅଞ୍ଚଳର ବିକାଶ ଅସମ୍ଭବ । ତେଣୁ ପୋଲିସ ଓ ସିଆରପିଏଫକୁ ସହଯୋଗ କରିବା ସହ ଯୋଗ୍ୟ ଯୁବକମାନେ ଦେଶ ସେବା ପାଇଁ ଆଗେଇ ଆସି ସିଆର୍‌ପିଏଫ୍‌ରେ ଯୋଗ ଦେବା ପାଇଁ ଶ୍ରୀ ସିଂ କହିଥିଲେ । ଲୋକଙ୍କୁ ପୋଲିସ ଓ ସିଆର୍‌ପିଏଫ୍ ସହ ସମ୍ପର୍କ ଦୃଢ଼ ରଖିବା ପାଇଁ ମତ ଦେଇଥିଲେ ଯାହା କି ଉପାନ୍ତ ଅଞ୍ଚଳ ଗୁଡ଼ି କରେ ମାଓ ଦମନ ଲାଗି ସହାୟକ ହୋଇପାରିବ । ତେବେ ଉକ୍ତ କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ସିଆରପିଏଫ ଇନ୍‌ସପେକ୍ଟର ଜୟସିଂ ନାୟକ, ଇନ୍‌ସପେକ୍ଟର ପ୍ରଦୀପ ପାଲ, ଉମରକୋଟ ଏସଡ଼ିପିଓ ଡ ଦିନେଶ ଚନ୍ଦ୍ର ନାୟକ, ଝରିଗାଁ ଥାନା ଅଧିକାରୀ ନଟବର ନନ୍ଦ,ଗୋଷ୍ଠୀ ଚିକିତ୍ସାଧିକାରୀ ପ୍ରକାଶ ଚନ୍ଦ୍ର ନାୟକ, ଝରିଗାଁ କଲେଜ ଅଧକ୍ଷ ଶିବ ପ୍ରସାଦ ପଟ୍ଟନାୟକ, ବ୍ଲକ୍ ଅଧକ୍ଷ ଦୁର୍ଗା ମାଝୀ,ସରପଞ୍ଚ ଜାଗେଶ୍ୱର ପୂଜାରୀ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଝରିଗାଁ ବ୍ଲକର ଭିଭିନ୍ନ ଉପାନ୍ତ ଅଂଚଳରେ ରହୁଥିବା ଜନ ସାଧାରଣଙ୍କୁ ମାଗଣାରେ ପ୍ଲାଷ୍ଟିକ ବାଲ୍ଟି,ରେଡ଼ିଓ,ସୌର ଚାଳିତ ଲାଇଟ,ଏବଂ ଛାତ୍ରଛାତ୍ରୀ ମାନଙ୍କ ପାଇଁ ସ୍କୁଲ ବ୍ୟାଗ ପ୍ରଦାନ କରିଥିଲେ।

## ନୀନାରାଣୀ କୁଜଙ୍ଗ ବ୍ଲକ ଅଧ୍ୟକ୍ଷା ନିର୍ବାଚିତ



କୁଜଙ୍ଗ, (ଭାସ୍କର ନ୍ୟୁଜ) : ଆଜି ବହୁ ପ୍ରତିକ୍ଷୀତ କୁଜଙ୍ଗ ବ୍ଲକ ଅଧ୍ୟକ୍ଷା ପଦବୀ ନେଇ ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଏହି ପଦବୀ ପାଇଁ ସଂଖ୍ୟାଧିକ ବିଜେଡି ଦଳ ସମର୍ଥୀତ ସମିତି ସଭ୍ୟ ଜିତିଥିବାରୁ ବିଜେଡି ହାତକୁ ଯିବ ବୋଲି ଯାହା ନିଶ୍ଚିତ ଥିଲା ତାହା ଶେଷରେ ବାସ୍ତବ ରୂପ ନେଇଛି। ମାତ୍ର ୨୮ଟି ପଞ୍ଚାୟତରୁ ୨୦ ଜଣ ସମିତି ସଭ୍ୟ ପାରାଦ୍ୱୀପ ବିଧାୟକ ସମ୍ବିତ ରାଉତରାୟଙ୍କ ପରାମର୍ଶ ପରେ ଉତ୍ତର ଓଡିଶାରେ ଗତ ୭ ଦିନ ହେଲା ରହିଆସୁଥିବା ବେଳେ ଆଜି ସକାଳୁ ମା' ଶାରଳାଙ୍କ ମନ୍ଦିର ଦର୍ଶନ ପରେ କୁଜଙ୍ଗ ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ପହଞ୍ଚିଥିଲେ। ବିଧାୟକଙ୍କ ସହ ବିଜେଡି ସମର୍ଥୀତ ୨୦ ଜଣ ସମିତି ସଭ୍ୟ ରହିଥିବାରୁ ବିନା ପ୍ରତିଦ୍ୱନ୍ଦିତାରେ ନିର୍ବାଚନ ହେବ ବୋଲି ଆଶା କରାଯାଉଥିବା ବେଳେ ଆଜି କିନ୍ତୁ ଏଥିପାଇଁ ଦୁଇଜଣ ନାମାଙ୍କନ କରି ଅଧ୍ୟାକ୍ଷା ପଦବିର ନିର୍ବାଚନକୁ ଅଧିକ ରୋଚକ କରିଥିଲେ। ବିଜେଡି ସମର୍ଥୀତ ପ୍ରାର୍ଥୀ ରୂପେ ଅଗପାଳର ସମିତି ସଭ୍ୟ ନୀନାରାଣୀ ସାହୁ ନାମାଙ୍କନ କରିଥିବା ବେଳେ କଂଗ୍ରେସ ସମର୍ଥନରେ ପାରାଦ୍ୱୀପ ଗଡ ସମିତି ସଭ୍ୟା ଅରବିନ୍ଦା ତରାଇ ନାମାଙ୍କନ କରିଥିଲେ। ଫଳରେ କୁଜଙ୍ଗ ବିଡିଓ ସୌମ୍ୟଶ୍ରୀ ପାଣିଗ୍ରାହୀଙ୍କ ପରିଚାଳନାରେ ଏହି ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଏଥିରେ ନୀନାରାଣୀ ୧୯ଟି ଭୋଟ ପାଇଥିବା ବେଳେ ଅରବିନ୍ଦା ମାତ୍ର ୯ଟି ଭୋଟ ପାଇଥିଲେ। ଫଳରେ ୧୦ ଟି ଭୋଟ ଅଧିକରେ ନୀନାରାଣୀଙ୍କୁ ନିର୍ବାଚିତ ଘୋଷଣା କରାଯାଇଥିଲା। ପ୍ରକାଶଯେ ନାରୀନେତ୍ରୀ ନୀନାରାଣୀ ଜଣାଶୁଣା ବିଜେଡି ନେତା ଅରୁଣ କୁମାର ବେହେରା(ଅଭି)ଙ୍କ ଧର୍ମପତ୍ନୀ। ଗତ ପଞ୍ଚାୟତ ନିର୍ବାଚନରେ ସେ ସରପଞ୍ଚ ପାଇଁ ପ୍ରତିଯୋଗୀତା କରି ଅଳ୍ପ ଭୋଟରେ ପରାଜୟ ବରଣ କରିଥିଲେ। ମାତ୍ର ଏହା ପରେ ସେ ବିଜେଡି ମହିଳା ଶାଖାର ବ୍ଲକ ସମ୍ପାଦିକା ହେବା ସହ ଗତ ସାଧାରଣ ନିର୍ବାଚନରେ ପାରାଦ୍ୱୀପ ବିଧାୟକଙ୍କ ନିର୍ବାଚନ ପ୍ରଚାରରେ ମହିଳା ସମାବେଶ କରାଇବାରେ ପ୍ରମୁଖ ଯୋଦ୍ଧା ସାଜିଥିଲେ। ଏହି ନାରୀନେତ୍ରୀ କୁଜଙ୍ଗ ପରି ଏକ ଗୁରୁତ୍ୱପୂର୍ଣ୍ଣ ବ୍ଲକର ଅଧ୍ୟକ୍ଷା ପଦବି ପାଇଁ ନିର୍ବାଚିତ ହୋଇଥିବା ବେଳେ ବ୍ଲକ ବିଜେଡି ସଭାପତି ନରେନ୍ଦ୍ର ପରିଡା, ବିଜେଡି ନେତା ରଘୁନାଥ ସାହୁ, କୁଜଙ୍ଗ ସରପଞ୍ଚ ବନ୍ଦୀତା ଦାସ, ଯୁବନେତା ପ୍ରଫୁଲ୍ଲ ପରିଡା, ଅରୂପ ପ୍ରସାଦ ମହାନ୍ତି, ଜିଲ୍ଲାପରିଷଦ ସଭ୍ୟା ପୁଷ୍ପଲତା ବେହେରା, ସାଂସଦଙ୍କ ପ୍ରତିନିଧି ସୁଜଳ କୁମାର ସ୍ୱାଇଁ, ନିତ୍ୟାନନ୍ଦ ମହାନ୍ତି, ବିଚିତ୍ରାନନ୍ଦ ପ୍ରଧାନଙ୍କ ସମେତ ଶହଶହ ବିଜେଡି ନେତା, ଦଳୀୟ ସରପଞ୍ଚ, ସମିତିସଭ୍ୟ ଓ ବିଭିନ୍ନ ସାମାଜିକ କର୍ମୀମାନେ ଶୁଭେଚ୍ଛା ଜଣାଇବା ସହ ସଫଳତା କାମନା କରିଛନ୍ତି। ଅପରାହ୍ନରେ ନବନିର୍ବାଚିତା ଅଧ୍ୟକ୍ଷାଙ୍କୁ ଏକ ଶୋଭାଯାତ୍ରାରେ କୁଜଙ୍ଗ ବଜାର ପରିକ୍ରମା କରାଯାଇଥିଲା। ପରେ ନୀନା ପାରାଦ୍ୱୀପ ବିଧାୟକ, ସମସ୍ତ ସମିତି ସଭ୍ୟ, ନିର୍ବାଚନ ଅଧିକାରୀଙ୍କୁ କୃତଜ୍ଞତା ଜଣାଇଛନ୍ତି। ଅନ୍ୟପକ୍ଷରେ ପାରାଦ୍ୱୀପ ବିଧାୟକଙ୍କ ଉପଯୁକ୍ତ ରଣକୌଶଳ ଯୋଗୁ କୁଜଙ୍ଗ ସମେତ ତିର୍ତ୍ତୋଲ ବ୍ଲକରେ ମଧ୍ୟ ତାଙ୍କ ସମର୍ଥକ ବ୍ଲକ ଅଧ୍ୟକ୍ଷ ପଦବୀ ହାତେଇବାରେ ସଫଳ ହୋଇଛନ୍ତି।



ନୂଆଦିଲ୍ଲୀ: ଦିନକୁ ଦିନ ଦୈନିକ ସଂକ୍ରମଣ ସଂଖ୍ୟା କ୍ରମଶଃ ହ୍ରାସ ପାଇ ୪ ହଜାରରୁ ଯଥେଷ୍ଟ ତଳକୁ ରହିଛି। ରବିବାର ସକାଳ ୮ଟା ସୁଦ୍ଧା ସମଗ୍ର ଦେଶରେ ୨୪ ଘଣ୍ଟା ମଧ୍ୟରେ ୩,୧୧୬ ଜଣ ନୂଆ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସେହିପରି ୪୭ ଜଣଙ୍କର କରୋନା ଜନିତ ମୃତ୍ୟୁ ରେକର୍ଡ କରାଯାଇଛି। ଚିହ୍ନଟ ହୋଇଥିବା ନୂଆ ଆକ୍ରାନ୍ତଙ୍କୁ ମିଶାଇ ଦେଶରେ ସମୁଦାୟ ସଂକ୍ରମିତଙ୍କ ସଂଖ୍ୟା ୪,୨୯,୯୦,୯୯୧ରେ ପହଞ୍ଚିଛି। ୪୭ ଜଣ ମୃତ୍ୟୁକୁ ମିଶାଇ ଭାରତରେ ସମୁଦାୟ କୋଭିଡ୍-୧୯ଜନିତ ମୃତ୍ୟୁସଂଖ୍ୟା ୫,୧୫,୮୫୦ରେ ପହଞ୍ଚିଛି। ସଂକ୍ରମଣରୁ ସୁସ୍ଥ ହୋଇଥିବା ୫,୫୫୯ଜଣ ଆକ୍ରାନ୍ତଙ୍କୁ ମିଶାଇ ସମ୍ପ୍ରତି ଦେଶରେ ସମୁଦାୟ ସୁସ୍ଥତା ସଂଖ୍ୟା ୪,୨୪,୩୭,୦୭୨ରେ ପହଞ୍ଚିଛି।



### ଟିଏମ୍‌ସି ଦେଲା ଟିକେଟ୍

## ଉପନିର୍ବାଚନ ଲଢ଼ିବେ ଶତ୍ରୁଘ୍ନ ଓ ବାବୁଲ





କୋଲକାତା: ପଶ୍ଚିମବଙ୍ଗର ଚଳିତ ଉପନିର୍ବାଚନରେ ପ୍ରତିଦ୍ୱନ୍ଦିତା କରିବେ ଶତ୍ରୁଘ୍ନ ସିହ୍ନା ଓ ବାବୁଲ୍ ସୁପ୍ରିୟୋ। ତୃଣମୂଳ କଂଗ୍ରେସ ଆସନସୋଲ ଆସନ ପାଇଁ ଅଭିନେତାରୁ ନେତା ପାଲଟିଥିବା ଶତ୍ରୁଘ୍ନ ସିହ୍ନାଙ୍କୁ ଟିକେଟ୍ ଦେଇଛି। ସେହିପରି ବାବଲୁ ସୁପ୍ରିଓ ବାଲିଗଂଜ ଆସନରୁ ବିଧାନସଭା ଉପନିର୍ବାଚନ ଲଢ଼ିବାକୁ ଟିକେଟ୍ ଦେଇଛ ଟିଏମସି। ଏନେଇ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ତଥା ତୃଣମୂଳ କଂଗ୍ରେସ ମୁଖ୍ୟ ମମତା ବାନାର୍ଜୀ ଖୋଦ୍ ଘୋଷଣା କରିଛନ୍ତି। ଉପନିର୍ବାଚନ ହେବାକୁ ଥିବା ପଶ୍ଚିମବଙ୍ଗର ୨ ଆସନ ଆସନସୋଲ ଏବଂ ବାଲିଗଞ୍ଜ ଲାଗି ଟିଏମ୍‌ସି ସୁପ୍ରିମୋ ପ୍ରାର୍ଥୀ ଭାବେ ଏହି ୨ ପୂର୍ବତନ କେନ୍ଦ୍ର ମନ୍ତ୍ରୀଙ୍କ ନାଁ ଘୋଷଣା କରିଛନ୍ତି। ସୂଚନା ମୁତାବକ, ପଶ୍ଚିମବଙ୍ଗର ଗୋଟିଏ ଲୋକସଭା ଓ ୪ଟି ବିଧାନସଭା ଆସନରେ ଆସନ୍ତା ଏପ୍ରିଲ ୧୨ ତାରିଖରେ ଉପନିର୍ବାଚନ ହେବ। ଏଥିରେ ପଶ୍ଚିମବଙ୍ଗର ଆସନସୋଲ ଲୋକସଭା ଆସନ ମଧ୍ୟ ସାମିଲ ଅଛନ୍ତି, ଯାହା ବାବୁଲ ସୁପ୍ରିଓଙ୍କ ଲାଗି ଖାଲି ପଡିଥିଲା। ଗତବର୍ଷ ବାବୁଲ ସୁପ୍ରିଓ ନିଜ ଲୋକସଭା କ୍ଷେତ୍ର ଆସନସୋଲ୍‌ରେ ଇସ୍ତଫା ଦେଇଥିଲେ। ଏହାପରେ ସେ ବିଜେପି ଛାଡି ଟିଏମ୍‌ସିରେ ମିଶିଥିଲେ। ବର୍ତ୍ତମାନ କୁହାଯାଉଛି ଯେ ମମତା ବାନାର୍ଜୀ ବିଧାନସଭାରେ ବାବୁଲ ସୁପ୍ରିଓଙ୍କୁ ଏକ ବଡ଼ ଦାୟିତ୍ୱ ଦେଇପାରନ୍ତି। ସେହିପରି କଂଗ୍ରେସରୁ ଟିକେଟ ପାଇ କ୍ରମାଗତ ପରାଜୟ ମିଳିବା ପରେ ଶତ୍ରୁଘ୍ନ ସିହ୍ନା ଟିଏମସିରେ ଯୋଗ ଦେଇଥିଲେ।

### ସତର୍କ କରାଇଲେ 'ନାଟୋ' ମୁଖ୍ୟ

## ରାସାୟନିକ ଅସ୍ତ୍ର ବ୍ୟବହାର କରିପାରେ ରୁଷ୍



ବର୍ଲିନ୍: ୟୁକ୍ରେନ୍ ଉପରେ ରୁଷ୍ କରିପାରେ ରାସାୟନିକ ଅସ୍ତ୍ର ପ୍ରୟୋଗ। ଯାହାକୁ ନେଇ ରବିବାର ସତର୍କ କରେଇ ଦେଇଛନ୍ତି 'ନାଟୋ' ମହାସଚିବ ଜେନ୍‌ସ୍ ଷ୍ଟୋଲ୍‌ଟେନ୍‌ବର୍ଗ। ଜର୍ମାନ୍ ସମ୍ବାଦପତ୍ର 'ୱେଲ୍‌ଟ୍ ଆମ୍ ସୋନ୍ ଟାଗ୍' ସହ ସାକ୍ଷାତ୍‌କାର ବେଳେ ଷ୍ଟୋଲ୍‌ଟେନ୍‌ବର୍ଗ କହିଛନ୍ତି, ଏବେ ଆମେ ରାସାୟନିକ ଏବଂ ଜୈବିକ ଅସ୍ତ୍ରଶସ୍ତ୍ର ପରୀକ୍ଷାଗାର ବିଷୟରେ କରାଯାଉଥିବା ଅବାନ୍ତର ଦାବି କଥା ଶୁଣୁଛନ୍ତି। ଯାହା ଯଥାର୍ଥ ନୁହେଁ ତାହାକୁ ଯଥାର୍ଥ ବୋଲି ପ୍ରମାଣ କରିବାକୁ କ୍ରେମ୍‌ଲିନ୍ ମିଥ୍ୟା ବାହାନା କରୁଛି। ମିଥ୍ୟା ଦାବି କରାଗଲାଣି ଯେତେବେଳେ ଆମକୁ ଜାଗ୍ରତ ରହିବାକୁ ପଡ଼ିବ। ହୋଇପାରେ, ମିଛ ବାହାନା କରି ରୁଷ୍ ରାସାୟନିକ ଅସ୍ତ୍ର ପ୍ରୟୋଗ କରିବା ପାଇଁ ଯୋଜନା କରୁଥାଇ ପାରେ। ଯଦି ସେମିତି ହୁଏ, ତେବେ ସେଇଟା ତ ଗୋଟାଏ ଯୁଦ୍ଧ ଅପରାଧ ହୋଇଯିବ। ଉଲ୍ଲେଖଯୋଗ୍ୟ, ୟୁକ୍ରେନ୍‌ରେ ଅତ୍ୟନ୍ତ ବିପଜ୍ଜନକ ଜୈବିକ ପରୀକ୍ଷା ଚାଲୁଥିବା ଅନ୍ୟୂନ ୩୦ଟି 'ବାୟୋଲୋଜିକାଲ୍ ଲାବ୍ରଟରି' ରହିଥିବାର ପ୍ରମାଣ ସମ୍ବଳିତ କାଗଜପତ୍ର ରୁଷୀୟ ପ୍ରତିରକ୍ଷା ମନ୍ତ୍ରାଳୟ ପାଖରେ ଅଛି। ଯୁକ୍ତରାଷ୍ଟ୍ର ଆମେରିକାର 'ଡିଫେନ୍‌ସ୍ ଥ୍ରେଟ୍ ରିଡକ୍ସନ୍ ଏଜେନ୍‌ସି' ଉକ୍ତ ପରୀକ୍ଷାଗାରଗୁଡ଼ିକୁ ପାଣ୍ଠି ଯୋଗାଇବା ସହ ସେଗୁଡ଼ିକର ପର୍ଯ୍ୟବେକ୍ଷଣ କରୁଛି।

### ମୋଦିଙ୍କ ଅଧ୍ୟକ୍ଷତାରେ ଉଚ୍ଚସ୍ତରୀୟ ବୈଠକ

## ରୁଷ୍-ୟୁକ୍ରେନ୍ ଯୁଦ୍ଧରେ ନିରାପତ୍ତା ନେଇ ଚିନ୍ତାରେ



ନୂଆଦିଲ୍ଲୀ: ଋଷ ଓ ୟୁକ୍ରେନ ମଧ୍ୟରେ ଚାଲିଥିବା ଯୁଦ୍ଧ ଚରମସୀମାକୁ ମୁହାଁଇଛି। ଏହାରି ମଧ୍ୟରେ ଇରାକରେ ଥିବା ଆମେରିକାର ଦୂତାବାସ ଉପରେ ଜୋରଦାର ଆକ୍ରମଣ ହୋଇଛି। ତେଣୁ ଭାରତର ସୁରକ୍ଷାକୁ ନେଇ ରବିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଛି। ଏହି ବୈଠକରେ ପ୍ରଧାନମନ୍ତ୍ରୀଙ୍କ ସମେତ ରକ୍ଷାମନ୍ତ୍ରୀ ରାଜନାଥ ସିଂ, ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ, ବୈଦେଶିକ ମନ୍ତ୍ରୀ ଏସ୍ ଜୟଶଂକର, ଜାତୀୟ ସୁରକ୍ଷା ପରିଷଦର ପରାମର୍ଶଦାତା ଅଜିତ ଡୋଭାଲଙ୍କ ସମେତ ଅନେକ ବରିଷ୍ଠ ଅଧିକାରୀମାନେ ମଧ୍ୟ ଏହି ବୈଠକରେ ଉପସ୍ଥିତ ଥିଲେ। ସୂଚନା ଥାଉକି ଋଷ ୟୁକ୍ରେନ ଯୁଦ୍ଧ ମଧ୍ୟରେ ଭାରତ ଉଭୟ ଦେଶ ସହ ଆଲୋଚନା କରି ୟୁକ୍ରେନରେ ଫଶିଥିବା ହଜାର ହଜାର ଭାରତୀୟଙ୍କୁ ଉଦ୍ଧାର କରିବାରେ ଭାରତ ସରକାର ସକ୍ଷମ ହୋଇଥିଲେ। ଅପରେସନ ଗଙ୍ଗା ନାମରେ ଏକ ଅଭିଯାନ ଆରମ୍ଭ କରି ଭାରତୀୟଙ୍କୁ କେନ୍ଦ୍ର ସରକାର ଉଦ୍ଧାର କରିଥିଲେ। ସେପଟେ ଋଷ ସେନା ଏବେ ୟୁକ୍ରେନରେ ଭୟଙ୍କର ଯୁଦ୍ଧ ଚଳାଇଛି। ଏହାକୁ ନେଇ ଭାରତ ସହ ଅନେକ ଦେଶ ଏବେ ଯୁଦ୍ଧ ବିରତି କରିବାକୁ ଋଷ ସରକାରଙ୍କୁ ପରାମର୍ଶ ଦେଉଛନ୍ତି। ଏହାସହ କିଛିଦେଶ ଋଷ ଉପରେ ବି କଡା ପ୍ରତିବନ୍ଧକ ଲଗାଇ ଋଷକୁ ବ୍ରେକ ଦେବାକୁ ଚେଷ୍ଟା କରୁଛନ୍ତି।

## ପେଟିଏମ୍ ସଂସ୍ଥାପକ ବିଜୟ ଶେଖର ଗିରଫ



ନୂଆଦିଲ୍ଲୀ: ପେଟିଏମର ସଂସ୍ଥାପକ ତଥା ଭାରତୀୟ ଯୁବ ଉଦ୍ୟୋଗୀ ବିଜୟ ଶେଖର ଶର୍ମାଙ୍କୁ ଦିଲ୍ଲୀ ପୋଲିସ ଗିରଫ କରିଛି। ଦିଲ୍ଲୀର ମାଲବିୟ ନଗରରେ ଥିବା ମଦର ଇଣ୍ଟରନ୍ୟାସନାଲ ସ୍କୁଲ ନିକଟରୁ ତାଙ୍କୁ ପୋଲିସ ଗିରଫ କରିଛି। ପୋଲିସ କହିଛି କି ଏକ ଗାଡିକୁ ଧକ୍କା ଦେଇ ବିଜୟ ଶେଖର ପଳାଇଯାଉଥିବା ବେଳେ ତାଙ୍କୁ ଗିରଫ କରାଯାଇଛି। ଏହି ଦୁର୍ଘଟଣା ଫେବୃଆରୀ ୨୨ ତାରିଖରେ ଘଟିଥିବା ବେଳେ ଦିଲ୍ଲୀ ପୋଲିସ ବିଜୟଙ୍କୁ ରବିବାର ଗିରଫ କରିଛି। ପୋଲିସର ସୂଚନା ମୁତାବକ ବିଜୟ ଶେଖରଙ୍କ ଜାଗୱାର ଲ୍ୟାଣ୍ଡ ରୋଭର ଗାଡି ଦକ୍ଷୀଣ ଦିଲ୍ଲୀର ଡିସିପିଙ୍କ ଗାଡିକୁ ଧକ୍କା ଦେଇଥିଲା। ଏହାପରେ ବିଜୟ ଶେଖର ଗାଡିସହ ଫେରାର ହୋଇଯାଇଥିଲେ। ଡିସିପିଙ୍କ ଗାଡି ନେଇ ତାଙ୍କ ଡ୍ରାଇଭର ତେଲ ପକାଇବାକୁ ଆସିଥିବା ବେଳେ ଏଭଳି ଦୁର୍ଘଟଣା ଘଟିଥିଲା। 'ପେଟିଏମ' ର ସଂସ୍ଥାପକ ବିଜୟ ଶେଖର ଶର୍ମା ୪୦ ବର୍ଷରୁ କମ ଭାରତୀୟ ଉଦ୍ୟୋଗପତିଙ୍କ ମଧ୍ୟରେ ଏକମାତ୍ର ଆରବପତି।

## ମୋଦିଙ୍କ ମୁକାବିଲା ପାଇଁ କଂଗ୍ରେସକୁ ଗୁରୁମନ୍ତ୍ର ଦେଇ ଅକଳରେ ପଡ଼ିଲେ ଦିଦି



କୋଲକାତା: ନିକଟରେ ଘୋଷଣା ହୋଇଥିବା ୫ ରାଜ୍ୟର ବିଧାନସଭା ନିର୍ବାଚନ ଫଳାଫଳ କଂଗ୍ରେସକୁ ଅତ୍ୟନ୍ତ ନିରାଶ କରିଛି। ନିଜ ଗଡ଼ ପଞ୍ଜାବରେ ମଧ୍ୟ ମାଟି କାମୁଡିଛି। ତେଣୁ ୨୦୨୪ ସାଧାରଣ ନିର୍ବାଚନରେ ମୋଦି ସରକାରଙ୍କୁ ବିରୋଧି ୱାକ୍ ଓଭର ଦେବେ ନା ଜୋରଦାର ଲଢ଼େଇ କରିବେ, ସେ ନେଇ ଏବେ ଚାଲିଛି ମାନସମନ୍ଥନ। ବିଭିନ୍ନ ରାଜନୈତିକ ସମୀକ୍ଷକ ଏବଂ ମିଡିଆ ରିପୋର୍ଟ ଅନୁଯାୟୀ କଂଗ୍ରେସ ଆଉ ବିଜେପି ସହ ମୁକାବିଲା କରିବା ସ୍ଥିତିରେ ନାହିଁ। ଏହାର ପ୍ରମୁଖ କାରଣ ଦଳ ଭିତରେ ଥିବା ଅନ୍ତଃକନ୍ଦଳ। ଏହାରି ମଧ୍ୟରେ ଟିଏମ୍‌ସି ସୁପ୍ରିମୋ ମମତା ବାନାର୍ଜୀ କିଭଳି ମୋଦି ସରକାରଙ୍କ ମୁକାବିଲା କରିହେବ ସେନେଇ ଗୁରୁମନ୍ତ୍ର ଦେଇଛନ୍ତି। ମମତା କହିଛନ୍ତି 'ମୁଁ ଭାବୁଛି ବିଜେପିକୁ ମୁକାବିଲା କରିବା ପାଇଁ ସବୁ ରାଜନୈତିକ ଦଳ ଏକାଠି ହୋଇ କାମ କରିବା ଉଚିତ। କଂଗ୍ରେସ ଉପରେ ନିର୍ଭର କରିବା ଦ୍ୱାରା କୌଣସି ଲାଭ ମିଳିବ ନାହିଁ। ବର୍ତ୍ତମାନ ସେ ଚାରିଆଡେ ହାରୁଛନ୍ତି। ସେ ବର୍ତ୍ତମାନ ଜିତିବାକୁ ଆଗ୍ରହୀ ନୁହଁନ୍ତି। ସେମାନଙ୍କର ବିଶ୍ୱସନୀୟତା ଚାଲିଯାଇଛି ଏବଂ ସେମାନଙ୍କ ଉପରେ ଆଉ ନିର୍ଭର କରିବାର କୌଣସି ଅର୍ଥ ନାହିଁ।' ଦିଦିଙ୍କ ଏହି ବୟାନ ସାମ୍ନାକୁ ଆସିବା ପରେ କଂଗ୍ରେସ ତାଙ୍କୁ ସମାଲୋଚନା କରିଛି। କଂଗ୍ରେସ ନେତା ଅଧିର ରଞ୍ଜନ ତାଙ୍କୁ ଟାର୍ଗେଟ କରିବା ସହ ମମତାଙ୍କୁ ବିଜେପିର ଜଣେ ଏଜେଣ୍ଟ ବୋଲି କହିଛନ୍ତି। ସମଗ୍ର ଭାରତରେ କଂଗ୍ରେସର ଉପସ୍ଥିତି ବିଷୟରେ ବର୍ଣ୍ଣନା କରି ସେ କହିଛନ୍ତି ଯେ ବିରୋଧୀ ଦଳର ମୋଟ ୨୦ପ୍ରତିଶତ ଭୋଟ କଂଗ୍ରେସ ପାଖରେ ଅଛି। ରାଜନୀତିରେ ମମତାଙ୍କ ଦଳର ଏବେ ସ୍ଥିତି କ'ଣ ବୋଲି ସେ ପ୍ରଶ୍ନ କରିଛନ୍ତି। ସମଗ୍ର ଭାରତରେ କଂଗ୍ରେସର ୭୦୦ ଜଣ ବିଧାୟକ ଅଛନ୍ତି। ଦିଦଙ୍କ ପାଖରେ ଏତେ ସଂଖ୍ୟକ ବିଧାୟକ ଅଛନ୍ତି କି ବିରୋଧୀ ଦଳର ମୋଟ ୨୦ପ୍ରତିଶତ ଭୋଟ କଂଗ୍ରେସ ପାଖରେ ଅଛି। ଏହା ତାଙ୍କ ଦଳ ପାଖରେ ଅଛି କି? ବିଜେପିକୁ ଖୁସି କରିବା ଏବଂ ଏହାର ଏଜେଣ୍ଟ ଭାବରେ କାର୍ଯ୍ୟ କରିବା ପାଇଁ ସେ(ଦିଦି) ଏହା କହୁଛନ୍ତି ବୋଲି କଂଗ୍ରେସ ନେତା କହିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କଂଗ୍ରେସ-ମୁକ୍ତ ଭାରତ ବିଷୟରେ କହୁଛନ୍ତି ଏବଂ ଦିଦି କଂଗ୍ରେସ ବିନା ବିରୋଧୀ ଦଳର ମେଣ୍ଟ କଥା କହୁଛନ୍ତି।

## ଲସ୍କର-ଇ-ତୋଏବା ଆତଙ୍କବାଦୀ ଗିରଫ

**ସୋପିଆନରେ ସିଆରପିଏଫ ଯବାନଙ୍କୁ ହତ୍ୟା ଘଟଣା**

ଶ୍ରୀନଗର: ଦକ୍ଷିଣ କାଶ୍ମୀରରେ ଶନିବାର ଡ୍ୟୁଟିରେ ନଥିବା ଜଣେ କେନ୍ଦ୍ରୀୟ ସଂରକ୍ଷିତ ପୋଲିସ ବାହିନୀ(ସିଆରପିଏଫ)ର ଯବାନଙ୍କୁ ହତ୍ୟା କରିବ। ଘଟଣାରେ ଜଣେ ଆତଙ୍କବାଦୀକୁ ଗିରଫ କରିଛି ପୋଲିସ। ଏନେଇ କଶ୍ମୀରର ପୋଲିସ ମହା ନିରିକ୍ଷକ (ଆଇଜିପି) ବିଜୟ କୁମାର ସୂଚନା ଦେଇଛନ୍ତି। ସେ କହିଛନ୍ତି ଅପରାଧରେ ବ୍ୟବହାର ହୋଇଥିବା ପିସ୍ତଲକୁ ମଧ୍ୟ ସନ୍ଦିଗ୍ଧ ଠାରୁ ପୋଲିସ ଜବତ କରି ଏକ ମାମଲା ରୁଜୁ କରାଯାଇଛି। କଶ୍ମୀରର ଆଇଜିପି କହିଛନ୍ତି ଅପରାଧ ସମୟରେ ଆତଙ୍କବାଦୀ ସହିତ ଯାଇଥିବା ଜଣେ ଓଭର ଗ୍ରାଉଣ୍ଡ ୱାର୍କରକୁ ମଧ୍ୟ ଗିରଫ କରାଯାଇଛି। ଲସ୍କର-ଇ-ତୋଏବାର କମାଣ୍ଡର ଆବିଦ ରମଜାନ ସେଖ୍ର ନିର୍ଦ୍ଦେଶରେ ଆତଙ୍କବାଦୀ ଏହି ଅପରାଧ ଘଟାଇଥିଲା ବୋଲି ପୋଲିସ କହିଛି।

# ବାଣିଜ୍ୟ



ମୁମ୍ବାଇ: ସାପ୍ତାହିକ ଭିତ୍ତିରେ, ସେନସେକ୍ସ ୧୨୧୭ ପଏଣ୍ଟ ଅର୍ଥାତ୍ ୨.୨୪ ପ୍ରତିଶତ ଲାଭ ରେକର୍ଡ କରିଛି। ଏହି ଅଭିବୃଦ୍ଧି ହେତୁ ସମସ୍ତ ବିଏସଇ ତାଲିକାଭୁକ୍ତ କମ୍ପାନୀଗୁଡିକର ମାର୍କେଟ କ୍ୟାପରେ ୬ ଲକ୍ଷ କୋଟି ଟଙ୍କା ବୃଦ୍ଧି ଘଟି ୨୫୨.୮୪ କୋଟି ଟଙ୍କାକୁ ବୃଦ୍ଧି ପାଇଛି। କେବଳ ସେନସେକ୍ସର ଟପ୍-୧୦ ରେ, ଏହି ସପ୍ତାହରେ ନଅଟି କମ୍ପାନୀର ବଜାର କ୍ୟାପ୍‌ରେ ୧ ଲକ୍ଷ ୯୧ ହଜାର ୪୩୪ କୋଟିକୁ ଡେଇଁଛି। ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍‌ର ମାର୍କେଟ୍ କ୍ୟାପ୍ ( ରିଲାଏନ୍ସ ମାର୍କେଟ୍ କ୍ୟାପ୍ ), ଇନଫୋସିସ୍ ଏବଂ ଟାଟା କନସଲଟାନ୍ସି ସର୍ଭିସେସ୍ ( ଟିସିଏସ୍ ମାର୍କେଟ୍ କ୍ୟାପ୍ ) ସର୍ବାଧିକ ବୃଦ୍ଧି ପାଇଥିବାବେଳେ ଆଇସିଆଇସିଆଇ ବ୍ୟାଙ୍କର ମାର୍କେଟ୍ କ୍ୟାପ୍ ହ୍ରାସ ପାଇଛି।

## ହାୟର୍ ଇଣ୍ଡିଆ ପକ୍ଷରୁ ନୂଆ ଓଏଲ୍‌ଇଡି ପ୍ରୋ ଟିଭିର ଶୁଭାରମ୍ଭ



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ହୋମ୍ ଆପ୍ଲାଏନ୍ସେସ୍ ଓ କଞ୍ଜ୍ୟୁମର ଇଲେକଟ୍ରୋନିକ୍ସ କ୍ଷେତ୍ରରେ ଗ୍ଲୋବାଲ ଲିଡର ଏବଂ କ୍ରମାଗତ ୧୩ ବର୍ଷ ହେବ ବୃହତ୍ ଆପ୍ଲାଏନ୍ସ କ୍ଷେତ୍ରରେ ବିଶ୍ୱର ଏକ ନମ୍ବର ବ୍ରାଣ୍ଡ ହାୟର୍ ପକ୍ଷରୁ ଭାରତରେ ଏହାର ନୂତନ ଅଲଟ୍ରା-ସ୍ଲିମ୍ ୪.୯ ଏମ୍‌ଏମ୍ ଓଏଲ୍‌ଇଡି ଟିଭିର ଶୁଭାରମ୍ଭ କରାଯାଇଛି। ଏହା ସହିତ ହାୟର୍‌ର ନୂଆ ଆଣ୍ଡ୍ରଏଡ୍-ପରିଚାଳିତ ଓଏଲଇଡି ଟିଭି ଉନ୍ନତ ହ୍ୟାଣ୍ଡ୍‌ସ-ଫ୍ରି କଣ୍ଟ୍ରୋଲ୍ ପାଇଁ ଫାର୍-ଫିଲ୍ଡ ଭଏସ୍ ଆସିଷ୍ଟାନ୍ସ ସହିତ ସୁସଜ୍ଜିତ ହୋଇଆସୁଛି। ଲକ୍ଷ ଲକ୍ଷ ସେଲ୍ଫ-ଇଲୁମିନିଟିଙ୍ଗ୍ ପିକ୍ସେଲ ଓ ୪କେ ରିଜୋଲ୍ୟୁଶନ ସହିତ, ହାୟର୍‌ର ନୂଆ ଓଏଲ୍‌ଇଡି ଟିଭିକୁ ଗଭୀରତମ ଶୁଦ୍ଧ କଳା ରଙ୍ଗ ସହିତ ଅତୁଳନୀୟ ଭାବେ ବାସ୍ତବ ପିକ୍‌ଚର ପ୍ରଦାନ କରିବା ପାଇଁ ଡିଜାଇନ୍ କରାଯାଇଛି। ହାୟର୍‌ର ନୂଆ ଆଣ୍ଡ୍ରଏଡ୍ ଓଏଲ୍‌ଇଡି ଟିଭି ଡଲ୍‌ବି ଅଟମୋସ୍, ଡଲ୍‌ବି ଭିଜନ ଓ ଫାର୍-ଫିଲ୍ଡ ଭଏସ୍ ଟେକ୍ନୋଲୋଜି ସହିତ ଆସୁଛି ଯାହା ଏକ ଚମତ୍କାର ଭାବେ ନିମଜ୍ଜିତ ଦୃଶ୍ୟତା ଅନୁଭୂତି ପ୍ରଦାନ କରୁଛି। ଭାରତୀୟ ବଜାରର ଆବଶ୍ୟକତାକୁ ଉନ୍ନତ ଭାବେ ପୂରଣ କରିବା ପାଇଁ ସମସ୍ତ ଉତ୍ପାଦ ରେଞ୍ଜ୍‌ରେ ଉତ୍କର୍ଷତା ଓ ଉପଭୋକ୍ତା ଅନୁପ୍ରାଣିତ ଉଦ୍ଭାବନ ପାଇଁ ଉଦ୍ୟମ ଜାରି ରଖିଛି ହାୟର୍। ଏହାବ୍ୟତୀତ, ନୂଆ ଓଏଲ୍‌ଇଡି ଟିଭିର ଆଣ୍ଡ୍ରଏଡ୍ ଅପରେଟିଂ ସିଷ୍ଟମ ଉପଭୋକ୍ତାଙ୍କୁ ନିଜ ପସନ୍ଦର ମୁଭି, ଶୋ', ସ୍ପୋର୍ଟ, ନ୍ୟୁଜ୍, ଗେମ୍ ଆଦିକୁ ଆକସେସ୍ କରିବା ପାଇଁ ଗୁଗଲ୍‌ପ୍ଲେ ଷ୍ଟୋର୍‌ର ସମସ୍ତ ଲୋକପ୍ରିୟ ମନୋରଞ୍ଜନ ଆପ୍‌ଗୁଡିକର ବିସ୍ତୃତ ଲାଇବ୍ରେରୀରେ ପ୍ରବେଶ କରିବାକୁ ଅନୁମତି ଦେଉଛି। ହାୟର୍‌ର ନୂଆ ଓଏଲ୍‌ଇଡି ଟିଭି ଶୀଘ୍ର ପ୍ରତିକ୍ରିୟାଶୀଳତା ଓ ଏକ ୧୨୦ଏଚଜେଡ୍ ସ୍କ୍ରିନ୍ ସହିତ ଗେମିଙ୍ଗ୍ ପାଇଁ ସାର୍ବୋତମ ଅଭିଜ୍ଞତା ଦେଉଛି ଯାହା ପ୍ରେତ୍ୟକ ଫ୍ରେମ୍‌କୁ ଅତୁଳନୀୟ ଭାବେ କ୍ରିସ୍ପ କରୁଛି।

## ମୁଦ୍ରାସ୍ଫୀତି ଏବଂ ଦରଦାମ୍ ଅଭିବୃଦ୍ଧି ପାଇଁ ଚିନ୍ତାରେ ବିଶ୍ୱର ବିଭିନ୍ନ କେନ୍ଦ୍ରୀୟ ବ୍ୟାଙ୍କ

ନୂଆଦିଲ୍ଲୀ: ମୁଦ୍ରାସ୍ଫୀତି ବୃଦ୍ଧି ଏବଂ ଦରଦାମ୍ ଅଭିବୃଦ୍ଧିକୁ ଦୃଷ୍ଟିରେ ରଖି ବିଶ୍ୱର କେନ୍ଦ୍ରୀୟ ବ୍ୟାଙ୍କଗୁଡିକ ଯେଉଁ ପୂର୍ବାନୁମାନ କରିଥିଲେ ତାହା ଏବେ ଦ୍ୱିଗୁଣିତ ହୋଇଛି। ବ୍ଲୁମବର୍ଗର ରିପୋର୍ଟ ଅନୁଯାୟୀ, ଋଷ ୟୁକ୍ରେନ ଉପରେ କରିଥିବା ଆକ୍ରମଣ ଯୋଗୁଁ ଏହି ଅବସ୍ଥା ଭୋଗିବାକୁ ପଡୁଛି। ରିପୋର୍ଟରେ କୁହାଯାଇଛି ଯେ, ୧୯୮୨ ପରଠାରୁ ଆମେରିକାରେ ସାମଗ୍ରୀର ମୂଲ୍ୟ ବାର୍ଷିକ ସର୍ବାଧିକ ବୃଦ୍ଧି ପାଇଛି। କ୍ରମାଗତ ଅଭିବୃଦ୍ଧ ମୁଦ୍ରାସ୍ଫୀତି ପରିବେଶକୁ ବିଶେଷ ପ୍ରତିଫଳିତ କରିଛି, ଯାହା ଫେଡେରାଲ ରିଜର୍ଭ ସୁଧ ହାର ବଢାଇପାରେ। ଏଥି ସହିତ, ତିଳ ମୂଲ୍ୟରେ ବୃଦ୍ଧି ମୁଦ୍ରାସ୍ଫୀତିରେ ଆହୁରି ବଢିପାରେ। ରୁଷ ଏବଂ ୟୁକ୍ରେନରୁ ଦ୍ରବ୍ୟ ଯୋଗାଣରେ ବିଶ୍ୱର ବିଭିନ୍ନ ଦେଶଗୁଡିକ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଯୁଦ୍ଧ ହେତୁ ଦୁଇ ଦେଶକୁ ଯୋଗାଯୋଗ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇଯାଇଛି। ବିଶ୍ୱ ବ୍ୟାଙ୍କର ମୁଖ୍ୟଙ୍କ କହିବାନୁସାରେ, ଉଭୟ ଦେଶ ଉତ୍ପାଦନ ଉପରେ ପ୍ରତିବନ୍ଧକ ହଟାଇବା ଉଚିତ୍। ଅନ୍ତତଃପକ୍ଷେ ଚାରିଟି କେନ୍ଦ୍ରୀୟ ବ୍ୟାଙ୍କ ଏହି ସପ୍ତାହରେ ସେମାନଙ୍କ ସୁଧ ହାର ବୃଦ୍ଧି କରିଛନ୍ତି। ଏଥିମଧ୍ୟରେ ପୋଲାଣ୍ଡ, ହଙ୍ଗେରୀ ଏବଂ ପେରୁ ସେମାନଙ୍କର ଅଭିବୃଦ୍ଧି ଚକ୍ର ଜାରି ରଖିଛନ୍ତି। ଏହି ସମୟରେ, ମରିସସ୍ ଏକ ଦଶନ୍ଧିରୁ ଅଧିକ ସମୟ ମଧ୍ୟରେ ଋଣ ହାର ବୃଦ୍ଧି କରିଛି।

## ୪୫୦୦ ମିଲିୟନ ଡ଼ଲାରକୁ ବୃଦ୍ଧି ପାଇଛି ସୁନା ଆମଦାନୀ



ନୂଆଦିଲ୍ଲୀ: ଚଳିତ ଆର୍ଥିକ ବର୍ଷର ପ୍ରଥମ ୧୧ ମାସ (ଏପ୍ରିଲ-ଫେବୃଆରୀ)ରେ ଦେଶର ସୁନା ଆମଦାନୀ ୭୩ ପ୍ରତିଶତ ବୃଦ୍ଧି ହୋଇ ୪୫.୧ ବିଲିୟନ ଡଲାରରେ ରହିଛି। ଅଧିକ ଚାହିଦା ହେତୁ ସୁନା ଆମଦାନୀ ବୃଦ୍ଧି ପାଇଛି। ଏହା ସହିତ ପୂର୍ବ ଆର୍ଥିକ ବର୍ଷର ସମାନ ଅବଧିରେ ସୁନା ଆମଦାନୀ ୨୬.୧୧ ବିଲିୟନ ଡଲାରରେ ପହଞ୍ଚିଛି। ବାଣିଜ୍ୟ ମନ୍ତ୍ରଣାଳୟର ତଥ୍ୟ ଅନୁଯାୟୀ, ଫେବୃଆରୀ ୨୦୨୨ ରେ ମୂଲ୍ୟବାନ ଧାତୁର ଆମଦାନୀ ୧୧.୪୫ ପ୍ରତିଶତ ହ୍ରାସ ହୋଇ ୪.୭ ବିଲିୟନ ଡଲାରରେ ପହଞ୍ଚିଛି। ଚଳିତ ଆର୍ଥିକ ବର୍ଷର ପ୍ରଥମ ୧୧ ମାସରେ ସୁନା ଆମଦାନୀରେ ବୃଦ୍ଧି ହେତୁ ଦେଶର ବାଣିଜ୍ୟ ନିଅଣ୍ଟ ମଧ୍ୟ ବୃଦ୍ଧି ପାଇଛି। ପୂର୍ବ ଆର୍ଥିକ ବର୍ଷର ସମାନ ଅବଧିରେ ୨୦୨୧-୨୨ ର ପ୍ରଥମ ୧୧ ମାସରେ ବାଣିଜ୍ୟ ନିଅଣ୍ଟ ୧୭୬ ବିଲିୟନ ଡ଼ଲାରକୁ ବୃଦ୍ଧି ପାଇଛି। ଚୀନ୍ ପରେ ଭାରତ ହେଉଛି ଦ୍ୱିତୀୟ ବୃହତ୍ତମ ସୁନା ଆମଦାନୀ କରୁଥିବା ଦେଶ। ଅଳଙ୍କାର ଶିଳ୍ପର ଆବଶ୍ୟକତା ପୂରଣ କରିବା ପାଇଁ ମୁଖ୍ୟତ ସୁନା ଆମଦାନୀ ହୋଇଥାଏ। ଚଳିତ ଆର୍ଥିକ ବର୍ଷର ଏପ୍ରିଲ-ଡିସେମ୍ବରର ପ୍ରଥମ ନଅ ମାସରେ ରତ୍ନ ଏବଂ ଅଳଙ୍କାର ରପ୍ତାନି ୫୭.୫ ପ୍ରତିଶତ ବୃଦ୍ଧି ହୋଇ ୩୫.୨୫ ବିଲିୟନ ଲାରରେ ପହଞ୍ଚିଛି। ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ଅନୁଯାୟୀ, ଚଳିତ ଆର୍ଥିକ ବର୍ଷର ସେପଟେମ୍ବର ତ୍ରୟ ମାସିକରେ ଦେଶର ବର୍ତ୍ତମାନର ଆକାଉଣ୍ଟ ନିଅଣ୍ଟ (ସିଏଡି) ୯.୬ ବିଲିୟନ ଡଲାର ଅର୍ଥାତ୍ ଜିଡିପିର ୧.୩ ପ୍ରତିଶତ ରହିଛି।

## ସୋନାଲିକା ପବ୍ଲିକେସନ ପକ୍ଷରୁ 'ଟେଲ୍‌ସ ଅଫ୍ ଡିଫେରଣ୍ଟ ଟେଲ୍‌ସ' ବୁକ୍ ସିରିଜ ଉନ୍ମୋଚିତ




ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ସୋନାଲିକା ପବ୍ଲିକେସନ ଦେଶର ପ୍ରତିଟି କୋଣ ଅନୁକୋଣରେ ପହଂଚିବାକୁ ସମାବେଶୀ ଶିକ୍ଷାକୁ ପ୍ରୋତ୍ସାହିତ କରିବା ଉପରେ ଧ୍ୟାନ ଦେଇଛି। ପାଠ୍ୟକ୍ରମଗୁଡ଼ିକୁ ଯଥା ସମ୍ଭବ ସରଳ ଏବଂ ସୁବିଧାଜନକ କରିବାକୁ ସେଗୁଡ଼ିକୁ ସରକଳୀକରଣ ଉପରେ ମଧ୍ୟ ଧ୍ୟାନ ଦେଇଛି। ଏହି ଦିଗରେ ସୋନାଲିକା ପବ୍ଲିକେସନ ଆଉ ଏକ ପଦକ୍ଷେପ ଗ୍ରହଣ କରିଛି ଏବଂ ଏହାର ପୁସ୍ତକଗୁଡ଼ିକୁ ଦ୍ୱିଭାଷୀ ଯଥା ଇଂରାଜୀ ଏବଂ ହିନ୍ଦୀରେ ଉପଲବ୍ଧ କରାଇଛି। ପରିବେଶର ସ୍ଥାୟୀତ୍ୱ ହେଉଛି ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଦିଗ ଯାହାକୁ ସୋନାଲିକା ପବ୍ଲିକେସନ ଅତ୍ୟଧିକ ଗୁରୁତ୍ୱଦେଇଥାଏ। ତେଣୁ ଏହାର ସମସ୍ତ ପୁସ୍ତକଗୁଡ଼ିକୁ ପୁନଃଚକ୍ରଣ ହୋଇଥିବା କାଗଜରୁ ପ୍ରସ୍ତୁତ କରାଯାଇଛି। ପ୍ରଥମ ପ୍ରକାଶନ ଠାରୁ ହିଁ ସୋନାଲିକା ପବ୍ଲିକେସନ ଯୁବା ପାଠକଙ୍କ ମନକୁ ଏଭଳି ଆକର୍ଷିତ କରିବା ସୁନିଶ୍ଚିତ କରିଛି ଯାହାକି ସେମାନଙ୍କୁ ଅନୁପ୍ରାଣିତ କରିବ। ତେଣୁ ଏହା 'ଟେଲ୍‌ସ ଅଫ୍ ଡିଫେରଂଟଟେଲ୍‌ସ' ନାମକ ଏକ ନୂଆ ସିରିଜ ସହିତ ପୁଣିଥରେ ଫେରି ଆସିଛି। ଦୈନନ୍ଦିନ ଜୀବନେର ପିଲାଙ୍କୁ ବନ୍ଧୁତ୍ୱର ମହତ୍ୱ ବୁଝାଇବା ହେଉଛି ଏହି ସିରିଜର ଲକ୍ଷ। ଟେଲସ ଅଫ ଡିଫେରଂଟ ଟେଲ୍‌ସ ସମ୍ପର୍କରେ ମତ ରଖିବାକୁ ଯାଇ ସୋନାଲିକା ଗ୍ରୁପ ସିଏସଆର ଡାଇରେକ୍ଟର ସୁର୍ଭି ମିତଲ କହିଛନ୍ତିଯେ, "ଆମେ ବିଶ୍ୱାସ କରୁ ଯେ ଆଜିର ଡିଜିଟାଲ ଯୁଗରେ ପୁସ୍ତକଗୁଡ଼ିକ ଆହୁରି ଅଧିକ ଗୁରୁତ୍ୱପୂର୍ଣ୍ଣ ଏବଂ ଶକ୍ତିଶାଳୀ ହୋଇପାରିଛି। କାରଣ ସେଗୁଡ଼ିକ ଆମ ସଂସ୍କୃତି, ନୈତିକ ମୂଲ୍ୟବୋଧ ଏବଂ ଶିକ୍ଷଣ ଆଧାରିତ କାହାଣୀ ବହନ କରନ୍ତି। କାହାଣୀ କହିବାର କଳା ଚରିତ୍ର ଏବଂ ପଶୁମାନଙ୍କ ମାଧ୍ୟମରେ ସର୍ବୋତମ ଭାବେ କରାଯାଇପାରିବ ଯାହାକୁ ପିଲାମାନେ ପସନ୍ଦ କରନ୍ତି ଏବ ଏହାସହ ଜଡ଼ିତ ମଧ୍ୟ ଥାନ୍ତି।

## ଡବ୍ଲୁଇ କାର୍ଯ୍ୟକ୍ରମର ଚତୁର୍ଥ ସଂସ୍କରଣ ଘୋଷଣା କଲା ଟ୍ୟାଲେଣ୍ଟସ୍ପ୍ରିଣ୍ଟ୍



ନୂଆଦିଲ୍ଲୀ: ବିଶ୍ୱସ୍ତରୀୟ ଏଡଟେକ କମ୍ପାନୀ ଏବଂ ରୂପାନ୍ତରଣକାରୀ ଡିପଟେକ୍ ଶିକ୍ଷା କାର୍ଯ୍ୟକ୍ରମ କ୍ଷେତ୍ରେର ବଜାରରେ ଅଗ୍ରଣୀ ସ୍ଥାନରେ ଥିବା ଟ୍ୟାଲେଣ୍ଟସ୍ପ୍ରିଣ୍ଟ୍ ତାହାର ଓମେନ ଇଞ୍ଜିନିୟର୍ସ (ଡବ୍ଲୁଇ) କାର୍ଯ୍ୟକ୍ରମର ଚତୁର୍ଥ ସଂସ୍କରଣ ସମ୍ପର୍କରେ ଘୋଷଣା କରିଛି। ଗୁଗଲ ତାହାର ନିର୍ଦ୍ଦିଷ୍ଟ ଦୃଷ୍ଟିବଦ୍ଧ ପ୍ରୟାସଗୁଡିକ ଜରିଆରେ ବହୁବିଧ ପ୍ରଯୁକ୍ତି କ୍ଷେତ୍ରେର ମହିଳାଙ୍କୁ ଉତ୍ସାହିତ, ସମର୍ଥ ଏବଂ ସଶକ୍ତ କରିବା ଦିଗରେ ନିଜର ପ୍ରତିବଦ୍ଧତା ଆଧାରରେ ଏହି କାର୍ଯ୍ୟକ୍ରମ ଆରମ୍ଭ ଦିନଠାରୁ ଏହାକୁ ସମଥର୍ନ ଦେଇଆସୁଛି। ଡବ୍ଲୁଇର ମୁଖ୍ୟ ଲକ୍ଷ ହେଉଛି ଔଦ୍ୟଗିକତାକୁ ସମର୍ଥ କରାଇବା ଏବଂ ବିବିଧ ସାମାଜିକ ଅର୍ଥନୈତିକ ପୃଷ୍ଠଭୂମିରୁ ଆସିଥିବା ଆକାଂକ୍ଷୀ ଛାତ୍ରୀମାନଙ୍କୁ ଉଚ୍ଚ ଅଭିବୃଦ୍ଧି ଭିତ୍ତିକ ବୈଷୟିକ କ୍ୟାରିୟର ପାଇଁ ପ୍ରସ୍ତୁତ କରିବା। ଚଳିତ ବର୍ଷର କାର୍ଯ୍ୟକ୍ରମ ୨୫୦ ଜଣ ପ୍ରଥମ ବର୍ଷର ଇଞ୍ଜିନିୟରିଂ ଛାତ୍ରୀଙ୍କୁ ଚିହ୍ନଟ କରି ସେମାନଙ୍କୁ ବିଶ୍ୱସ୍ତରରେ ପ୍ରତିଦ୍ୱନ୍ଦ୍ୱୀ ସଫ୍ଟୱେର ଇଞ୍ଜିନିୟର ଭାବରେ ପ୍ରସ୍ତୁତ କରିବାକୁ ଲକ୍ଷ ରଖିଛି। ଏହି କାର୍ଯକ୍ରମ ୧୦୦% ପୂର୍ଣ୍ଣ ମାତ୍ରାର ଟ୍ୟୁସନ ବୃତ୍ତି ଏବଂ ମନୋନୀତ ପ୍ରେତ୍ୟକ ଛାତ୍ରୀଙ୍କୁ ୧୦୦,୦୦୦ ଟଙ୍କାର ଷ୍ଟାଇପେଣ୍ଡ ଯୋଗାଇଦେବ। ବିଶ୍ୱ ପ୍ରଯୁକ୍ତି କ୍ଷେତ୍ରରେ ପର୍ଯ୍ୟାପ୍ତ ବିବିଧତା, ସମାନତା ଏବଂ ସମାବେଶୀ ବ୍ୟବସ୍ଥାର ଅଭାବ, ବିଶେଷକରି ମହିଳାମାନଙ୍କର କମ୍ ପ୍ରତିନିଧିତ୍ୱ ସଂପ୍ରତି ମୁଖ୍ୟ ଚିନ୍ତାର ବିଷୟ ହୋଇଛି। ଏହି ବିଷୟର ନିର୍ଦ୍ଦିଷ୍ଟ ଭାବରେ ସମାଧାନ ପାଇଁ ଟ୍ୟାଲେଣ୍ଟସ୍ପ୍ରିଣ୍ଟ୍ ପକ୍ଷରୁ ଚାରିବର୍ଷ ପୂର୍ବେ ଡବ୍ଲୁଇ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା। ପୂର୍ବ ତିନିଟି କାର୍ଯ୍ୟକ୍ରମ ଅତି ମାତ୍ରାରେ ସଫଳ ହୋଇଛି ଏବଂ ୫୦୦ ସ୍ଥାନ ପାଇଁ ୫୫,୦୦୦ରୁ ଅଧିକ ଆବେଦନକାରୀ ଆବେଦନ କରିଛନ୍ତି।



ୱେଲିଂଟନ: ଚଳିତ ଆଇସିସି ମହିଳା ଦିନିକିଆ କ୍ରିକେଟ ବିଶ୍ୱକପର ରବିବାର ଅନୁଷ୍ଠିତ ଲିଗ୍ ମ୍ୟାଚରେ ନ୍ୟୁଜିଲାଣ୍ଡକୁ ୧୪୧ ରନରେ ପରାସ୍ତ କରିଛି ଅଷ୍ଟ୍ରେଲିଆ। ଛଅଥର ଚାମ୍ପିଅନ ଅଷ୍ଟ୍ରେଲିଆ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୫୦ ଓଭରରେ ୮ ୱିକେଟ ହରାଇ କରିଥିଲା ୨୬୯ ରନ। ଦଳ ପକ୍ଷରୁ ଏଲିସେ ପେରୀ ସର୍ବାଧିକ ୬୮, ତାହିଲା ମ୍ୟାକଗ୍ରାଥ ୫୭, ବେଥ ମୁନେ ୩୦ ଓ ଆସଲେ ଗାର୍ଡନର ୧୮ ବଲରୁ ଅପରାଜିତ ୪୮ ରନ କରିଥିଲେ। ତବେ ପଛରେ ବ୍ୟାଟିଂ କରି ୩୧ ଓଭରରେ ୧୨୮ ରନରେ ଅଲଆଉଟ ହୋଇ ଯାଇଥିଲା। ଏହି ବିଜୟ ସହିତ ଅଷ୍ଟ୍ରେଲିଆ ପଏଣ୍ଟ ଟେବୁଲର ଶୀର୍ଷରେ ପହଞ୍ଚିଛି। ଅଷ୍ଟ୍ରେଲିଆ ଲଗାତର ତୃତୀୟ ବିଜୟ ହାସଲ କରିଥିବା ବେଳେ ନ୍ୟୁଜିଲାଣ୍ଡ ଚତୁର୍ଥ ସ୍ଥାନରେ ପହଞ୍ଚିବା ସହିତ ସେମିଫାଇନାଲ ଖେଳିବା ପାଇଁ ସଂଘର୍ଷ କରିବାକୁ ପଡିବ। ବର୍ତ୍ତମାନ ଲିଗ୍ ପର୍ଯ୍ୟାୟ ମ୍ୟାଚ୍ ଚାଲିଥିବା ବେଳେ ଆଗକୁ ନକ୍ଆଉଟ୍ ଓ ସେମିଫାଇନାଲ ପର୍ଯ୍ୟାୟ ମୁକାବିଲା ରହିଛି। ତେଣୁ ପରବର୍ତ୍ତୀ ସମୟରେ ଅନୁଷ୍ଠିତ ହେବାପାଇଁ ଥିବା ସମସ୍ତ ଲିଗ୍ ମ୍ୟାଚ୍ ସଂଘର୍ଷ ପୂର୍ଣ୍ଣ ହେବ।



## ମହିଳା ପ୍ରୋ ଲିଗ୍ ହକି: ପ୍ରଥମ ପରାଜୟର ଚରମ ପ୍ରତିଶୋଧ

# ଜର୍ମାନୀକୁ ସୁଟ୍ ଆଉଟ୍‌ରେ ପରାସ୍ତ କଲା ଭାରତ









ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଜର୍ମାନୀ ବିରୋଧରେ ପ୍ରଥମ ପରାଜୟର ଜବରଦସ୍ତ ପ୍ରତିଶୋଧ ନେଲା ଭାରତ। ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଶନିବାର ଦିନ ଅନୁଷ୍ଠିତ ପ୍ରୋ ଲିଗ ମହିଳା ହକି ମ୍ୟାଚରେ ଭାରତକୁ ୨-୧ ସୁଟଆଉଟ ଗୋଲରେ ଜର୍ମାନୀ ପରାସ୍ତ କରିଥିବା ବେଳେ ରବିବାର ଦିନ ଡବଲ ହେଡ ଦ୍ୱିତୀୟ ମ୍ୟାଚରେ ଜର୍ମରନୀକୁ ୩-୦ ସୁଟ ଆଉଟ ଗୋଲରେ ହରାଇଛି ଭାରତୀୟ ମହିଳା ଦଳ। ଗତକାଲି ପରି ରବିବାର ଦିନ ଅନୁଷ୍ଠିତ ଦ୍ୱିତୀୟ ମ୍ୟାଚରେ ସମାନ ପରିସ୍ଥିତି ସୃଷ୍ଟି ହୋଇ ଥିଲା। କଡା ସଂଘର୍ଷ ପୂର୍ଣ୍ଣ ଏହି ମ୍ୟାଚରେ ଉଭୟ ଦଳ ନିର୍ଦ୍ଧାରିତ ସମୟ ମଧ୍ୟରେ ୧-୧ ଗୋଲ ସ୍କୋର କରିବା ଫଳରେ ମ୍ୟାଚ ଡ୍ର ରହିଥିଲା। ତେଣୁ ଫଳାଫଳ ଫଇସଲା ପାଇଁ ଶେଷରେ ସୁଟ୍ ଆଉଟ ପନ୍ଥା ଅନୁସରଣ କରା ଯାଇଥିଲା। ଏଥିରେ ଭାରତୀୟ ମହିଳା ଦଳ ବିଶ୍ୱ ମରନ୍ୟତାର ୫ ନମ୍ବର ସ୍ଥାନରେ ଥିବା ଜର୍ମାନୀକୁ ଭାରତୀୟ ମହିଳା ଦଳ ୩-୦ରେ ପରାସ୍ତ କରିଛି। ଭାରତୀୟ ଦଳର ଗୋଲ ରକ୍ଷକ ସବିତା ପୁନିଆ ସୁଟ୍ ଆଉଟରେ ଜର୍ମାନୀର ତିନି ଖେଳାଳିଙ୍କ ଗୋଲ ସ୍କୋର ଉଦ୍ୟମକୁ ପଣ୍ଡ କରି ଦେଇଥିବା ବେଳେ ଭାରତ ପକ୍ଷରୁ ସଲିମା ଟେଟେ, ସଙ୍ଗୀତା ଓ ସୋନିକା ୩ ସୁଟ୍ ଆଉଟ ଗୋଲ ସ୍କୋର କରିବାରେ ସଫଳ ହୋଇ ଥିଲେ। ନିର୍ଦ୍ଧାରିତ ସମୟରେ ୧-୧ ଗୋଲ ସ୍କୋର କରି ମ୍ୟାଚ ଡ୍ର ରଖିବାରୁ ଉଭୟ ଦଳ ୧ ପଏଣ୍ଟ ଲେଖାଏଁ ପାଇଥିଲେ। ତେବେ ସୁଟ ଆଉଟରେ ଭାରତ ବିଜୟୀ ହେବା ଫଳରେ ଅଧିକ ବୋନସ ପଏଣ୍ଟ ପାଇଛି। ସୂଚନା ଯୋଗ୍ୟ ଯେ ଗତକାଲି ଅନୁଷ୍ଠିତ ମ୍ୟାଚରେ ମଧ୍ୟ ଉଭୟ ଦଳ ନିର୍ଦ୍ଧାରିତ ସମୟ ମଧ୍ୟରେ ୧-୧ ଗୋଲ ସ୍କୋର କରିବା ଫଳରେ ଶେଷରେ ସୁଟ ଆଉଟ ପନ୍ଥା ଅନୁସରଣ କରା ଯାଇଥିଲା। ଏଥିରେ ଜର୍ମାନୀ ୨-୧ରେ ବିଜୟୀ ହୋଇଥିଲା। ତେବେ ନିର୍ଦ୍ଧାରିତ ସମୟ ମଧ୍ୟରେ ଭାରତ ପକ୍ଷରୁ ନିଶା ଏକମାତ୍ର ଗୋଲ ସ୍କୋର କରିଥିଲେ। ତେବେ। ଗତକାଲି ପ୍ରଥମ ମ୍ୟାଚରେ ଭାରତ ପାଇଁ ଗୋଟିଏ ଗୋଲ ସ୍କୋର କରିଥିବା ନବନୀତ କୌର ଦ୍ୱିତୀୟ ମ୍ୟାଚରେ ଭଲ ପ୍ରଦର୍ଶନ କରିବା ଫଳରେ ତାଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କୃତ କରା ଯାଇଛି।

## ଭୁବନେଶ୍ୱରରେ ଆର୍ଜେଣ୍ଟିନା ପୁରୁଷ ଟିମ୍

**ଭାରତ ବିପକ୍ଷ ପ୍ରୋ ଲିଗ ହକି ମ୍ୟାଚ**

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଚଳିତ ମାର୍ଚ୍ଚ ମାସ ୧୯ ଓ ୨୦ ତାରିଖ ଦିନ ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ହେବ ଭାରତ-ଆର୍ଜେଣ୍ଟିନା ପ୍ରୋ ଲିଗ ହକି ମ୍ୟାଚ। ଚଳିତ ମାସ ୧୨ ଓ ୧୩ ତାରିଖ ଦିନ ଭାରତ-ଜର୍ମାନୀ ମଧ୍ୟରେ ପ୍ରୋ ଲିଗ ହକି ମ୍ୟାଚ ଅନୁଷ୍ଠିତ ହେବାର ଥିଲା। ମାତ୍ର ଜର୍ମାନୀ ଦଳର କେତେକ ଖେଳାଳି କରୋନାରେ ଆକ୍ରାନ୍ତ ହେବାରୁ ଏହି ମ୍ୟାଚ ସ୍ଥଗିତ ରହିଛି। ପରବର୍ତ୍ତୀ ସମୟରେ ଏହି ମ୍ୟାଚ ଆୟୋଜନ ନେଇ କାର୍ଯ୍ୟକ୍ରମ ସ୍ଥିର କରାଯିବ। ତେବେ ପୂର୍ବ କାର୍ଯ୍ୟକ୍ରମ ଅନୁଯାୟୀ ଆର୍ଜେଣ୍ଟିନା ଓ ଭାରତ ମଧ୍ୟରେପ୍ରୋ ଲିଗ ହକି ମ୍ୟାଚ ଅନୁଷ୍ଠିତ ହେବ। ତେଣୁ ଆର୍ଜେଣ୍ଟିନା ଦଳ ରବିବାର ଦିନ ଏଠାରେ ପହଞ୍ଚିଛନ୍ତି। ସୂଚନା ଯୋଗ୍ୟ ଆର୍ଜେଣ୍ଟିନା ଗତ ଫେବୃୟାରୀ ମାସରେ ଖେଳିଥିବା ବେଲଜିୟମ ବିପକ୍ଷ ଦୁଇ ମ୍ୟାଚରୁ ଗୋଟିଏ ବିଜୟ ହାସଲ କରିଥିବା ବେଳେ ଇଂଲଣ୍ଡ ବିପକ୍ଷ ଦୁଇ ମ୍ୟାଚରେ ବିଜୟୀ ହୋଇଛନ୍ତି। ଦଳର ମୁଖ୍ୟ କୋଚ ମୌଆନୋ ... କହିଛନ୍ତି ... ଯେ ... କଳିଙ୍ଗ ଷ୍ଟାଡିୟମରେ ଖେଳିବା ପାଇଁ ଆମେ ବହୁତ ଖୁସି। ତେବେ ଭାରତକୁ ଏହି ଷ୍ଟାଡିୟମରେ ମୁକାବିଲଶ କରିବା ଏକ ଭିନ୍ନ ଚାଲେଞ୍ଜ। ତଥାପି ଦୃଢ଼ ମନୋବଳ ନେଇ ଆମେ ଏହି ମ୍ୟାଚ ଖେଳିବା ପାଇଁ ମାନସିକ ସ୍ତରରେ ଜୋରଦାର ପ୍ରସ୍ତୁତି କରିଛୁ। ଗତ ଦୁଇ ମାସଧରି ଚାଲିଥିବା ତାଲିମ ଶିବିରରେ ଦଳର ସମସ୍ତ ଖେଳାଳି ଭଲ ସ୍ଥିତିରେ ଅଛନ୍ତି। ଏହା ସହିତ ଏହି ଷ୍ଟାଡିୟମରେ ଭାରତ ବିପକ୍ଷ ମ୍ୟାଚ ଖେଳିବା ପାଇଁ ସମସ୍ତେ ଅତ୍ୟନ୍ତ ଉତ୍ସାହିତ। ତେବେ ଭାରତୀୟ ଦଳ ଗତ କେତେ ବର୍ଷ ଧରି ସମସ୍ତ ଅନ୍ତର୍ଜାତୀୟ ଟୁର୍ଣ୍ଣାମେଣ୍ଟରେ ଭଲ ପ୍ରଦର୍ଶନ କରି ଆସୁଛନ୍ତି। କାରଣ ଦଳରେ ସଂଖ୍ୟାଧିକ ଦକ୍ଷ ଖେଳାଳି ଅଛନ୍ତି। ଅନ୍ୟ ପକ୍ଷରେ ପେନାଲ୍ଟି କର୍ଣ୍ଣରକୁ ଗୋଲରେ ପରିଣତ କରିବାରେ ଭାରତ ଏକ ସଫଳ ଦଳ ଭାବେ ପରିଚିତ। ତେଣୁ ଭାରତ ବିରୋଧରେ ଆମେ ସକରାତ୍ମକ ପ୍ରଦର୍ଶନ କରିବା ଲକ୍ଷ୍ୟ ରଖିଛୁ। ତେଣୁ ଭାରତ ଏହି ମ୍ୟାଚ୍ ପାଇଁ ଭଲ ପ୍ରସ୍ତୁତି କରିବା ଆବଶ୍ୟକ ରହିଛି। କାରଣ ଆର୍ଜେଣ୍ଟିନା ଏକ ଶକ୍ତିଶାଳୀ ଦଳ। ଅଲିମ୍ପିକ୍ସରେ ସ୍ୱର୍ଣ୍ଣ ପଦକ ପାଇଥିବା ବେଳେ ସବୁବେଳେ ଲଢୁଆ ଖେଳ ପ୍ରଦର୍ଶନ କରିଆସୁଛି।

### ସିକେ ନାଇଡୁ ଟ୍ରଫି କ୍ରିକେଟ୍

## ଓଡିଶା କ୍ରିକେଟ୍ ଦଳ ଘୋଷିତ




କଟକ(ଭାସ୍କର ନ୍ୟୁଜ): ଚଳିତ ମାର୍ଚ୍ଚ ମାସ ୧୭ ତାରିଖରୁ ତ୍ରିଭେନ୍ଦ୍ରମରେ ଅନୁଷ୍ଠିତ ହେବ ସମ୍ମାନଜନକ କର୍ଣ୍ଣେଲ ସିକେ ନାଇଡୁ ଟ୍ରଫି (ଏଲିଟ-ସି ଗ୍ରୁପ) କ୍ରିକେଟ ପ୍ରତିଯୋଗିତା। ଏଥିରେ ଭାଗ ନେବାକୁ ଥିବା ଓଡିଶା ୨୫ ବର୍ଷରୁ କମ ଓଡିଶା ଦଳର ନାମ ତାଲିକା ଘୋଷଣା କରିଛନ୍ତି ଓଡିଶା କ୍ରିକେଟ ଆସୋସିଏସନର ବରିଷ୍ଠ ଚୟନକମିଟି। ବିସିସିଆଇ କୋଭିଡ ପ୍ରୋଟୋକଲ ନିର୍ଦ୍ଦେଶ ଅନୁଯାୟୀ ଓଡିଶା ଦଳ ଆସନ୍ତା ୧୭ ତାରିଖ ଦିନ ତ୍ରିଭେନ୍ଦ୍ରମ ଅଭିମୁଖେ ଯାତ୍ରା କରିବେ। ସେଠାରେ ତିନି ଦିନ କ୍ୱାରେଣ୍ଟାଇନରେ ରହିବା ପରେ ଦୁଇ ଦିନ ଅଭ୍ୟାସ କରିବେ। ଆସନ୍ତା ୨୨ ତାରିଖ ଦିନ ଝାଡଖଣ୍ଡ ବିପକ୍ଷରେ ଓଡିଶା ଖେଳିବ ପ୍ରଥମ ମ୍ୟାଚ। ଆର ଶ୍ରୀକାନ୍ତ (ଡାଇରେକ୍ଟର ଅପରେସନ)ଓଡିଶା ଦଳର ପ୍ରମୁଖ ୍ୟକୋଚ ଭାବେ ଓଡିଶା ଦଳ ସହିତ ଯାତ୍ରା କରିବେ। ସେହିପରି ନଟରାଜ ବେହେରା ବ୍ୟାଟିଂ କୋଚ, ରାକେଶ ମହାନ୍ତି ବୋଲିଂ କୋଚ ଓ ସତବୀର ସିଂ ରିଆର ଟିମ ମ୍ୟାନେଜର ଭାବେ ଓଡିଶା ଦଳ ସହିତ ଯାତ୍ରା କରିବେ। ସୂଚନା ଯୋଗ୍ୟ ଯେ ଓଡିଶା ଦଳ ଆସନ୍ତା ୨୨ ତାରିଖ ଦିନ ଝାଡଖଣ୍ଡ ବିରୋଧରେ ପ୍ରଥମ ମ୍ୟାଚ ଖେଳିବା ପରେ ୨୯ ତାରିଖ ଦିନ ମଧ୍ୟପ୍ରଦେଶ ଓ ଏପ୍ରିଲ ୫ ତାରିଖ ଦିନ ହାଇଦ୍ରାବଦ ବିରୋଧରେ ପରବର୍ତ୍ତୀ ମ୍ୟାଚ ଖେଳିବା କାର୍ଯ୍ୟକ୍ରମ ରହିଛି। ଓଡିଶା କ୍ରିକେଟ ଆସୋସିଏସନର ସଭାବତି ପଙ୍କଜ ଲୋଚନ ମହାନ୍ତି,ସମ୍ପାଦକ ସଞ୍ଜୟ ବେହେରାଙ୍କ ସହିତ ଓଡିଶା କ୍ରିକେଟ ଆସୋସିଏସନର ଅନ୍ୟ ସମସ୍ତ କର୍ମକର୍ତ୍ତା ଏହି ଟୁର୍ଣ୍ଣାମେଣ୍ଟରେ ଓଡିଶା ଦଳର ସମସ୍ତ ଖେଳାଳି ଓ ସପୋର୍ଟ ଷ୍ଟାଫଙ୍କର ସଫଳତା କାମନା କରିଛନ୍ତି।

**ଓଡିଶା ଦଳ:** ରାଜେଶ ମହାନ୍ତି(ଅଧିନାୟକ), ଗୌରବ ଚୌଧୁରୀ, ମରୋଜୁ ପ୍ରଶାନ୍ତ, ରୋଶନ ପ୍ରସାଦ, ଦେବାଶୀଷ ସାମନ୍ତରାୟ, କାର୍ତ୍ତିକ ବିଶ୍ୱାଳ, ଅନିଲ ପରିଡା, ସୁଭମ ଶତ୍ରୁଜିତ, ଶୁଭଙ୍କର ବିଶ୍ୱାସ, ଆଶୀର୍ବଦ ସ୍ୱାଇଁ, କୃଷ୍ଣଚନ୍ଦ୍ର ବାରିକ (ୱିକେଟ କିପର), ସୌରଭ କୁମାର ଗୌଡ, କ୍ରିଷ୍ଣା ପଲେଇ, ସତ୍ୟମ ଭରଦ୍ୱାଜ, ରାଜକିଶାନ ପଟେଲ, ସୌରଭ କନୋଜିଆ, ତରଣୀ ଶା, ପ୍ରଶାନ୍ତ ରଣା, ତାପସ କୁମାର ଦାସ, ସୁନିଲ କୁମାର ରାଉଳ, ସୁଶିଲ କୁମାର ବାରିକ, ସୁକେଶ ହିରା।

### ଦିବାରାତ୍ର ଟେଷ୍ଟ: ଯଶପ୍ରୀତ ବୁମରାଙ୍କ ସଫଳ ବୋଲିଂ ପ୍ରଦର୍ଶନ

## ଶ୍ରୀଲଙ୍କା ପାଇଁ କଷ୍ଟସାଧ ଟାର୍ଗେଟ୍



ବାଙ୍ଗାଲୋର: ସ୍ଥାନୀୟ ଚିନ୍ନସ୍ୱାମୀ ଷ୍ଟାଡିମୟରେ ଚାଲିଥିବା ଦିବାରାତ୍ର ଟେଷ୍ଟ କ୍ରିକେଟ ମ୍ୟାଚରେ ଭାରତ ସମ୍ପୂର୍ଣ୍ଣ ଆଧିପତ୍ୟ ଜାହିର କରି ଚାଲିଥିବା ବେଳେ ଶ୍ରୀଲଙ୍କା ପାଇଁ ୪୪୭ ରନର ଏକ କଷ୍ଟସାଧ୍ୟ ଟାର୍ଗେଟ ଧାର୍ଯ୍ୟ କରିଛି। ଭାରତର ପ୍ରଥମ ଇନିଂସ ସ୍କୋର ୨୫୨ ରନ ଜବାବରେ ଶ୍ରୀଲଙ୍କା ୧୦୯ ରନ କରି ଅଲଆଉଟ ହୋଇ ଯାଇଥିଲା। ତେବେ ପ୍ରଥମ ଇନିଂସରେ ୧୪୩ ରନରେ ଅଗ୍ରଣୀ ହାସଲ କରିଥିବା ଭାରତ ଦ୍ୱିତୀୟ ଇନିଂସରେ ୯ ୱିକେଟ ହରାଇ ୩୦୩ ସଂଗ୍ରହ ସହିତ ପାଳି ସମାପ୍ତି ଘୋଷଣା କରିଥିଲା। ତେଣୁ ମୋଟ ୪୪୬ ରନରେ ଆଗୁଆ ହେବା ସହିତ ଶ୍ରୀଲଙ୍କା ପାଇଁ ଭାରତ ୪୪୭ ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରିଥିବା ବେଳେ ଶ୍ରୀଲଙ୍କା ପୁଣି ଦ୍ୱିତୀୟ ଇନିଂସ ଆରମ୍ଭ କରି ଦ୍ୱିତୀୟ ଦିନ ଖେଳ ଶେଷ ବେଳକୁ ଗୋଟିଏ ୱିକେଟ ହରାଇ ୨୮ ରନ କରିଛି। ଆଉ ୪୧୯ ରନ କଲେ ଶ୍ରୀଲଙ୍କା ଏହି ମ୍ୟାଚ ଜିତିବ। ତେବେ ଭାରତୀୟ ବୋଲିଂକୁ ମୁକାବିଲା କରି ଏହି ବୃହତ ଟାର୍ଗେଟକୁ ଅତିକ୍ରମ କରିବା ଶ୍ରୀଲଙ୍କା ପାଇଁ ନିଶ୍ଚିତ କଷ୍ଟକର ବ୍ୟାପାର। ସୂଚନା ଯୋଗ୍ୟ ଯେ ପ୍ରଥମ ଦିନ ଭାରତ ପ୍ରଥମ ଇନିଂସରେ ୨୫୨ ରନ କରି ଅଲଆଉଟ ହେବା ପରେ ଶ୍ରୀଲଙ୍କା ପ୍ରଥମ ଇନିଂସ ଆରମ୍ଭ କରି ୮୬ ରନରେ ୬ ୱିକେଟ ହରାଇ ଥିଲା। ତେବେ ଦ୍ୱିତୀୟ ଦିନ ଖେଳ ଆରମ୍ଭ କରି ଶ୍ରୀଲଙ୍କା ୧୦୯ରେ ଅଲ ଆଉଟ ହୋଇ ଯାଇଥିଲା। ଭାରତ ପକ୍ଷରୁ ସବୁଠାରୁ ସଫଳ ବୋଲର ଭାବେ ଯଶପ୍ରୀତ ବୁମରା ସର୍ବାଧିକ ୫ ୱିକେଟ ଦଖଲ କରିଥିଲେ। ସେହିପରି ଶ୍ରୀଲଙ୍କା ଦ୍ୱିତୀୟ ଇନିଂସରେ ହରାଇଥିବା ଗୋଟିଏ ୱିକେଟକୁ ମଧ୍ୟ ବୁମରା ହାସଲ କରିଛନ୍ତି। ଭାରତର ଦ୍ୱିତୀୟ ଇନିଂସରେ ରୋହିତ ଶର୍ମା ୪୬,ମୟଙ୍କ ଅଗ୍ରୱାଲ ୨୨,ହନୁମା ବିହାରୀ ୩୫, କୋହଲି ୧୩,ରିଷଭ ପନ୍ତ ୫୦,ଶ୍ରେୟସ ଆୟାର ୬୭,ରବିନ୍ଦ୍ର ଜାଡେଜା ୨୨,ଅଶ୍ୱିନ ୧୩ ରନ କରି ଆଉଟ ହୋଇ ଥିବା ବେଳେ ଶ୍ରୀଲଙ୍କା ପକ୍ଷରୁ ଏମ୍ବୁଦେନିୟା ୩ ଓ ଜୟବିକ୍ରମ ୪ ୱିକେଟ ଅକ୍ତିଆର କରିଥିଲେ।

## ଇଂଲଣ୍ଡ-ୱେଷ୍ଟଇଣ୍ଡିଜ ପ୍ରଥମ ଟେଷ୍ଟ ଡ୍ର

ଆଣ୍ଟିଗୁଆ: ଘରୋଇ ୱେଷ୍ଟଇଣ୍ଡିଜ ଓ ଇଂଲଣ୍ଡ ମଧ୍ୟରେ ଏଠାରେ ଅନୁଷ୍ଠିତ। ପ୍ରଥମ ଟେଷ୍ଟ କ୍ରିକେଟ ମ୍ୟାଚ ବିନା ଫଇସଲାରେ ସମାପ୍ତ ହୋଇଛି। ଇଂଲଣ୍ଡର ପ୍ରଥମ ଇନିଂସ ସ୍କୋର ୩୧୧ ରନ ଜବାବରେ ୱେଷ୍ଟଇଣ୍ଡିଜ ନିକୃମା ବୋନରଙ୍କ ୧୨୩ ରନ ବଳରେ ୩୭୫ ରନ କରି ଅଲଆଉଟ ହୋଇ ଯାଇଥିଲା।। ଇଂଲଣ୍ଡ ପୁଣି ଦ୍ୱିତୀୟ ଇନିଂସ ଆରମ୍ଭ କରି ଚତୁର୍ଥ ଦିନ ଖେଳ ଷ୍ଟମ୍ପ ଅପସାରଣ ବେଳକୁ ଗୋଟିଏ ୱିକେଟ ହରାଇ ୨୧୭ ରନ କରି ଥିବା ଇଂଲଣ୍ଡ ପଞ୍ଚମ ଦିନ ପ୍ରଥମ ପର୍ଯ୍ୟାୟ ଖେଳରେ ଜ୍ୟାକ କ୍ରଲେଙ୍କ ୧୨୧ ଓ ଅଧିନାୟକ ଜୋ ରୁଟଙ୍କ ୧୦୯ ରନ ବଳରେ ୩୪୬ ରନ କରି ପାଳି ସମାପ୍ତି ଘେଶଣା ସହିତ ୱେଷ୍ଟଇଣ୍ଡିଜ ପାଇଁ ୭୧ ଓଭରରେ ୨୮୬ ରନ ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରିଥିଲା। ।ତବେ ।ୱେଷ୍ଟଇଣ୍ଡିଜ ଦ୍ୱିତୀୟ ଇନିଂସରେ ଆକସ୍ମିକ ବ୍ୟରଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ କେବଳ ୮ ରନ ମଧ୍ୟରେ ୪ ୱିକେଟ ହରାଇ ସଙ୍କଟରେ ପଡିଥିବା ବେଳେ ଜାସୋନ ହୋଲଡର ଓ ପ୍ରଥମ ଇନିଂସା ଶତକ ହାସଲକାରୀ ନିକୃମା ବୋନ୍ନର ସାହସିକ ବ୍ୟାଟିଂ କରି ବିପଦ ମୁକ୍ତ କରିଥିଲେ। ।ପଞ୍ଚମ ତଥା ଶେଷ ଦିନ ଖେଳ ସମାପ୍ତ ବେଳକୁ ହୋଲଡର ୩୭ ଓ ବୋନ୍ନର ୩୮ ରନରେ ଅପରାଜିତ ରହିଥିବା ବେଳେ ୱେଷ୍ଟଇଣ୍ଡିଜ ୪ ୱିକେଟ ହରାଇ ୧୪୭ ରନ କରିଥିଲା। ତେଣୁ ଏହି ମ୍ୟାଚ ବିନି ଫଇସଲାରେ ସମାପ୍ତ ହୋଇଛି।

## ପ୍ରଥମ ଟେଷ୍ଟ: ଉସମାନ ଖାଓ୍ୱଜା ୧୬୦, ଆଲେକ୍ସ କେରେ ୯୩

## ୫୦୫/୮ ରନ୍‌ରେ ଅଷ୍ଟ୍ରେଲିଆର ପାଳି ସମାପ୍ତି ଘୋଷଣା

କରାଚି: ଉସମାନ ଖାଓ୍ୱଜାଙ୍କ ଶତକ ଓ ଷ୍ଟିଭେନ ସ୍ମିଥ ଏବଂ ୱିକେଟ କିପର ଆଲେକ୍ସ କେରେଙ୍କ ଅର୍ଦ୍ଧ ଶତକ ବଳରେ ଭ୍ରମଣକାରୀ ଅଷ୍ଟ୍ରେଲିଆ ଏଠାରେ ଚାଲିଥିବା ଚଳିତ ଟେଷ୍ଟ କିକେଟ ସିରିଜର ଦ୍ୱିତୀୟ ମ୍ୟାଚର ଦ୍ୱିତୀୟ ଦିନ ଖେଳ ଶେଷ ବେଳକୁ ପ୍ରଥମ ଇନିଂସରେ ୮ ୱିକେଟ ହରାଇ ୫୦୫ ରନ ସଂଗ୍ରହ ସହିତ ପାଳି ସମାପ୍ତି ଘୋଷଣା କରିଛି। ପ୍ରଥମ ଦିନ ୧୨୭ ରନ କରି ଅପରାଜିତ ଥିବା ଉସମାନ ଖାଓ୍ୱଜା ଦ୍ୱିତୀୟ ଦିନ ୧୬୦ ଓ ଆଲେକ୍ସ କେରେ ୯୩ ରନ କରି ଆଉଟ ହୋଇଥିବା ବେଳେ ଅଷ୍ଟ୍ରେଲିଆ ଏକ ବଡ ସ୍କୋର କରିବାରେ ସଫଳ ହୋଇଛି। ଗତକାଲି ପ୍ରଥମ ଦିନ ଖେଳରେ ଅଷ୍ଟ୍ରେଲିଆ ୩ ୱିକେଟ ହରାଇ ୨୫୧ ରନ କରିଥିବା ବେଳେ ପ୍ରଥମ ଇନିଂସରେ ଏକ ବଡ ସ୍କୋର କରି ପାରିବ ବୋଲି ଅନୁମାନ କରା ଯାଉଥିଲା। ତେବେ ଏହାକୁ ସତ୍ୟରେ ପରିଣତ କରି ଅଷ୍ଟ୍ରେଲିଆ ୫୦୫ ରନ କରିବା ଫଳରେ ଦୃଢ଼ ସ୍ଥିତିରେ ରହିଛି। ଏହି ମ୍ୟାଚରେ ବିଜୟୀ ହେବା ଲକ୍ଷ୍ୟ ରଖିଥିବା ଅଷ୍ଟ୍ରେଲିଆ ବୋଲର ଭାନେ ସଫଳ ହୋଇ ପାକସ୍ତାନକୁ ଛୋଟ ସ୍କୋରରେ କବଜା କରି ପାରିଲେ ବିଜୟ ସମ୍ଭାବନା ସୃଷ୍ଟି ପରି ପିବେ। ସୂଚନା ଯୋଗ୍ୟ ଯେ ତିନି ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜର ପ୍ରଥମ ମ୍ୟାଚ ବିନା ଫଇସଲାରେ ସମାପ୍ତ ହୋଇଥିଲା। ଏହି ମ୍ୟାଚରେ ବୋଲର ମାନେ ନିରାଶ ହୋଇ ଥିବାରୁ ରାଓ୍ୱଲପିଣ୍ଡି ପିଚକୁ ଆଇସିସି ନିମ୍ନମାନର ବୋଲି ଘୋଷଣା କରିଥିଲା।

## ଏକ ଦିବସୀୟ କ୍ରିକେଟ୍

ନିଶ୍ଚିନ୍ତକୋଇଲି, (ଭାସ୍କର ନ୍ୟୁଜ୍) : ନିଶ୍ଚିନ୍ତକୋଇଲି ବ୍ଲକ ବୁହାଲୋ ଦୁଧେଇ ମା କ୍ରିକେଟ କ୍ଲବ ଆନୁକୂଲ୍ୟରେ ଏକ ଦିବସୀୟ କ୍ରିକେଟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ଗ୍ରାମାଂଚଳର ୮ଟି ଦଳ ଅଂଶ ଗ୍ରହଣ କରିଥିଲେ। ଫାଇନାଲ ଖେଳ ଲୁଜର ଇଲେଭେନ ବୁହାଲୋ କ୍ରିକେଟ କ୍ଲବ ଓ କଂଟାପାରୀ କ୍ରିକେଟ କ୍ଲବ ମଧରେ ଅନୁଷ୍ଠିତ ହୋଇଥିଲା। ଲୁଜର କ୍ରିକେଟ ଟିମ ଟସ ଜିଣି ପ୍ରଥମେ ବ୍ୟାଟିଂ କରିବା ନିମନ୍ତେ ଆମନ୍ତ୍ରଣ କରିଥିଲେ। ଏହି ଦଳ ୪ ଓଭରରେ ୪ ୱିକେଟ ହରାଇ ୪୦ ରନ କରିଥିଲେ। ଜବାବରେ ଲୁଜର ଇଲେଭେନ କ୍ରିକେଟ କ୍ଲବ ନିର୍ଦ୍ଧାରିତ ଓଭରରେ ଆବଶ୍ୟକୀୟ ରନ ସଂଗ୍ରହ କରିପାରିନଥିଲା। ଫଳରେ କଂଟାପାରୀ କ୍ରିକେଟ କ୍ଲବ ଚମ୍ପିୟନ ଆଖ୍ୟା ଅର୍ଜନ କରିଥିଲା। ଏହି ଖେଳକୁ କାଳି ପ୍ରସାଦ ଶତପଥି,ହରିହର ହୋତା ପରିଚାଳନା କରିଥିବାବେଳେ ଏହି ଖେଳରେ ସୌମ୍ୟ ରଞ୍ଜନ ମହାନ୍ତି ମ୍ୟାନ ଅଫ ଦି ମ୍ୟାଚ ଓ ମକର ଚରଣ ସାହୁ ମ୍ୟାନ ଅଫ ଦି ସିରିଜ ବିବେଚିତ ଘୋଷଣା ହୋଇଥିଲା। ଏହି ଖେଳକୁ ରଞ୍ଜିତ ସାହୁ,ମଧୁସୂଦନ ସାହୁ,ଗଗନ କୁମାର ସାହୁ ପ୍ରମୁଖ ପରିଚାଳନା କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ବୁହାଲୋ ଗ୍ରାମପଂଚାୟର ନବ ନିର୍ବାଚିତ ସରପଂଚ ରମାକାନ୍ତ ମହାନ୍ତି ମୁଖ୍ୟ ଅତିଥିରୂପେ ଯୋଗଦାନ କରି ପୁରସ୍କାର ବିତରଣ କରିଥିଲେ।

### ଓଡିଶା-ନାଭାଲ ଟାଟା ହକି ପ୍ରତିଯୋଗିତା

## ଫାଇନାଲ୍ ପର୍ଯ୍ୟାୟରେ ଢେଙ୍କାନାଳ, ଅଲଣ୍ଡା, ମଝିପଡା ଓ କବଡୋଲ

ଢେଙ୍କାନାଳ, (ଭାସ୍କର ନ୍ୟୁଜ୍) : ଢେଙ୍କାନାଳ ଜିଲ୍ଲା ପ୍ରଶାସନ ଓ ଓଡିଶା ନାଭାଲ ଟାଟା ହକି ମିଳିତ ସହଯୋଗରେ ଆୟୋଜିତ କାର୍ଯ୍ୟକ୍ରମର ଶେଷ ତଥା ଅନ୍ତିମ ମ୍ୟାଚର ଫଳାଫଳ ଘୋଷିତ ହୋଇଥିଲା । ଏହି ଅନୁଯାୟୀ ବାଳିକା ବିଭାଗର ଖେଳର ଅନ୍ତିମ ପର୍ଯ୍ୟାୟ ଫଳାଫଳ ଘୋଷିତ ହୋଇଥିଲା । ଏହି ଘୋଷିତ ଫଳ ଅନୁସାରେ ଅଲଣ୍ଡା,ଢେଙ୍କାନାଳ ,ମଝିପଡା ଓ କବଡୋଳ ଦଳ କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ହେବାକୁ ଥିବା ଫାଇନାଲ ପର୍ଯ୍ୟାୟକୁ ଉନ୍ନିତ ହୋଇଛନ୍ତି । ଅନୁସାରେ ସର୍ବମୋଟ (ବାଳିକା)ଦଳ ମଧରେ ୨୧ଟି ମ୍ୟାଚ ଅନୁଷ୍ଠିତ ହୋଇଥିବା ବେଳେ ତାର ଫଳାଫଳ ଘୋଷଣା କରାଗଲା । ବାଳିକା ବିଭାଗର ଦଳର ନାମ ଏବଂ ପଏଣ୍ଟ ଅନୁଯାୟୀ ଅଲଣ୍ଡା(ସୁନ୍ଦରଗଡ) ୧୬ ପଏଣ୍ଟ, ମଝିପଡା (ସମ୍ବଲପୁର) ୧୧ ପଏଣ୍ଟ, କବଡୋଲ (ସୁନ୍ଦରଗଡ) ୦୯ ପଏଣ୍ଟ, ଢେଙ୍କାଳାଳ ଦଳ ୧୩ ପଏଣ୍ଟ, ଦନ୍ତରୀ (ସମ୍ବଲପୁର) ୦୭ ପଏଣ୍ଟ, ଛତ୍ରପୁର (ଗଞ୍ଜାମ) ୦୧ ପଏଣ୍ଟ ଏବଂ ରଣପୁର (ନୟାଗଡ) ୦୧ ପଏଣ୍ଟ ହାସଲ କରିଛନ୍ତି। ସେହିପରି ବାଳକ ବିଭାଗରେ ଅନ୍ତିମ ପର୍ଯ୍ୟାୟ ମ୍ୟାଚରେ ଫଳାଫଳ ଦଳର ନାମ ଓ ପଏଁଟ ଘୋଷଣା କରାଯାଇଥିଲା । ଅଲଣ୍ଡା(ସୁନ୍ଦରଗଡ) ୧୪ ପଏଁଟ, ମଝିପଡା (ସମ୍ବଲପୁର) ୧୬ ପଏଁଟ, କବଡୋଲ (ସୁନ୍ଦରଗଡ) ୧୩ ପଏଣ୍ଟ, ଢେଙ୍କାଳାଳ ଦଳ ୦୯ ପଏଣ୍ଟ ଦନ୍ତରୀ (ସମ୍ବଲପୁର) ୦୬ ପଏଣ୍ଟ, ଛତ୍ରପୁର (ଗଞ୍ଜାମ) ୦୩ ପଏଣ୍ଟ ଏବଂ ରଣପୁର (ନୟାଗଡ) ୦ ପଏଣ୍ଟହାସଲ କରିଛନ୍ତି ।ଉପରୋକ୍ତ ଦଳ ମାନଙ୍କ ମଧରୁ ଅଲଣ୍ଡା, ଢେଙ୍କାନାଳ, ମଝିପଡା ଓ କବଡୋଳ ଦଳ ପ୍ରଥମ ୪ର୍ଥ ସ୍ଥାନ ପାଇଁ କଳିଙ୍ଗ ଷ୍ଟାଡିୟମ ଠାରେ ଅନୁଷ୍ଠିତ ହେବାକୁ ଥିବା ଫାଇନାଲ ପର୍ଯ୍ୟାୟକୁ ଉନ୍ନୀତ ହୋଇଛନ୍ତି ।

## ବିଚ୍ ଭଲିବଲ ମ୍ୟାଚ୍‌ରେ ଇଂଲଣ୍ଡକୁ ପରାସ୍ତ କଲା ଓଡିଶା

ପୁରୀ (ଭାସ୍କର ନ୍ୟୁଜ୍) : ରବିବାର ଦିନ ଏଠାରେ ରାଜ୍ୟଗୋଷ୍ଠୀ ଦିବସ ୨୦୨୨ ପାଳିତ ହୋଇ ଯାଇଥିବା ବେଳେ ଏହି ଅବସରରେ ପୁରୀ ବେଳାଭୂମିରେ ଅନୁଷ୍ଠିତ ବିଚ ଭଲିବଲ ମ୍ୟାଚରେ ଇଂଲଣ୍ଡକୁ ପରାସ୍ତ କରିଛି ଓଡିଶା ସ୍ପୋର୍ଟ୍ସ ଟିମ। ଓଡିଶା କ୍ରୀଡା ଓ ଯୁବ ସେବା ବିଭାଗ, ଓଡିଶା ସରକାର ଓ ପୁରୀ ପ୍ରଶାସନଙ୍କ ମିଳିତ ସହଯୋଗରେ ଆୟୋଜିତ ଏହି ବନ୍ଧୁତ୍ୱପୂର୍ଣ୍ଣ ବିଚ ଭଲିବଲ ମ୍ୟାଚକୁ କୋଲକାତାରେ ଇଷ୍ଟ ଓ ନର୍ଥଇଷ୍ଟ ଇଣ୍ଡିଆ ପାଇଁ କୋଲକାତାରେ ଅବସ୍ଥାପିତ ବ୍ରିଟିଶ ଡେପୁଟୀ ହାଇ କମିଶନର ନିକ୍ ଲୋ ଓ ପୁରୀ ଜିଲ୍ଲାପାଳ ସମର୍ଥ ବର୍ମା, ଆଇଏସ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ବ୍ରିଟିଶ ଡେପୁଟୀ ହାଇ କମିଶନର ନିକ୍ ଲୋ କହିଛନ୍ତି ଯେ ଚଳିତ ବର୍ଷ ଇଂଲଣ୍ଡର ବର୍ମିଂହାମରେ ଅନୁଷ୍ଠିତ ହେବ ଅଗାମୀ ରାଜ୍ୟ ଗୋଷ୍ଠୀ କ୍ରୀଡା। ତେଣୁ ଗତ ଜାନୁୟାରୀ ମାସରେ ଓଡିଶା ରାଜ୍ୟଗୋଷ୍ଠୀ କ୍ରୀଡା କୁଇନ୍ସ ବାଟନ ରିଲେର ଆୟୋଜନ କରିବା ଅବସରରେ ମୁଁ ଏଠାକୁ ଆସି ଥିଲି। ସେହିପରି ନିକଟରେ ଓଡିଶା ସଫଳତାର ସହିତ ଜୁନିୟର ହକି ବିଶ୍ୱକପ ମଧ୍ୟ ଆୟେଜନ କରିଥିବା ବେଳେ ରବିବାର ଦିନ ରାଜ୍ୟଗୋଷ୍ଠୀ ଦିବସ ପାଳନ ପାଇଁ ମୁଁ ପୁଣି ଏଠାକୁ ଆସି ଅତି ଆନନ୍ଦ ଅନୁଭବ କରୁଛି। ତେଣୁ ଓଡିଶା ଓ ଇଂଲଣ୍ଡ ମଧ୍ୟରେ ଥିବା ପୁରୁଣା କ୍ରୀଡା ସମ୍ପର୍କକୁ ଏହି କାର୍ଯ୍ୟକ୍ରମ ଆଗାମୀ ଦିନରେ ଅରହୁରି ଅଧିକ ମଜଭୂତ କରି ପାରିବ। ରାଜ୍ୟ କ୍ରୀଡା ସଚିବ ତଥା କମିଶନର ଭିନିଲ କ୍ରିଷ୍ଣା କହିଛନ୍ତି ଯେ କୋଲକାତାରେ ଅବସ୍ଥାପିତ ବ୍ରିଟିଶ ଡେପୁଟୀ ହାଇ କମିଶନର ନିକ୍ ଲୋଙ୍କ ସହିତ ଏଠାରେ ରାଜ୍ୟଗୋଷ୍ଠୀ କ୍ରୀଡା ସ୍ପିରିଟ ପାଳନ କରିବା ସୁଯୋଗ ପାଇ ଆମେ ଅତ୍ୟନ୍ତ ଆନନ୍ଦ ଅନୁଭବ କରୁଛୁ। ସୂଚନା ଯୋଗ୍ୟ ଯେ ଆସନ୍ତା ୧୪ ତାରିଖ ଦିନ ରାଜ୍ୟଗୋଷ୍ଠୀ ଦିବସ ପାଳନ କରାଯିବ। ଇଂଲଣ୍ଡ ଏହାର ଅଧକ୍ଷ ରହିଛି।



ଘରେ ଅଧିକାଂଶ ସମୟରେ ପକୁଡ଼ି, ପୁରୀ ହେଉ ଅବା କୌଣସି ଛଣାଛଣି ଜିନିଷ, ଏସବୁ ତିଆରି କଲା ବେଳେ ସେଥିରୁ ବଳିଯାଉଥିବା ତେଲକୁ ସାଇତି କରି ରଖାଯାଏ। ତେଲ ନଷ୍ଟ ନକରିବାକୁ ଯାଇ ଏହି ତେଲକୁ ପୁଣି ଥରେ ଅନ୍ୟ ଖାଦ୍ୟ ତିଆରି କରିବାରେ ବ୍ୟବହାର କରାଯାଏ। ତେବେ ଛଣା ତେଲକୁ ଏଭଳି ବ୍ୟବହାର କରିବା ଆଦୌ ଠିକ୍ ନୁହେଁ। ଏହା ଆମ ସ୍ୱାସ୍ଥ୍ୟ ପାଇଁ ଘୋର ଭୟଙ୍କର। ରିୟୁଜ୍ ତେଲକୁ ପୁଣି ଥରେ ବ୍ୟବହାର କରିବା ଗୁରୁତର ରୋଗକୁ ଡାକି ଆଣିପାରେ। ଏକ ଅଧ୍ୟୟନ ଅନୁଯାୟୀ, ରନ୍ଧନ ତେଲକୁ ପୁଣି ଥରେ ଗରମ କରିବା ଦ୍ୱାରା ସେଥିରୁ ବିଷାକ୍ତ ପଦାର୍ଥ ବାହାରିଥାଏ। ଏହି ରିୟୁଜ୍ ତେଲକୁ ଖାଇବା ଫଳରେ ଶରୀରରେ ଫ୍ରିରେଡିକାଲ ବଢ଼ିଥାଏ। ରୋଗ ଆଶଙ୍କା ବଢ଼ିବା ସହ ଶରୀରର ଅନକ ଅଂଶରେ ଯନ୍ତ୍ରଣା ତଥା ହାତଗୋଡ ଫୁଲିବା ଭଳି ସମସ୍ୟା ମଧ୍ୟ ସୃଷ୍ଟି ହୋଇପାରେ। ଭାରତୀୟ ଖାଦ୍ୟ ନିରାପତ୍ତା ଏବଂ ମାନକ ପ୍ରାଧିକରଣର ନିର୍ଦ୍ଦେଶାବଳୀ ଅନୁଯାୟୀ, ଛଣା ତେଲକୁ ପୁନଃ ବ୍ୟବହାର କରିବା ଉଚିତ୍ ନୁହେଁ।



## ଶିବଙ୍କ ଭକ୍ତ, ଲଗାଇଛନ୍ତି ୧ଲକ୍ଷ ୧୮ହଜାର ବେଲ ଗଛ

ବାବା ଭୋଳାନାଥଙ୍କର ଅନେକ ଭକ୍ତ ଅଛନ୍ତି। ନାନା ଉପାୟରେ ଶ୍ରଦ୍ଧାଳୁମାନେ ତାଙ୍କର ଆରାଧନା କରନ୍ତି। ସେମିତି ଜଣେ ଭକ୍ତ ହେଲେ ଦୁର୍ଗା ପ୍ରସାଦ ପାଣ୍ଡେ। ଦିଲ୍ଲୀରେ ରହୁଥିବା ଦୁର୍ଗା ପ୍ରସାଦ ଏପର୍ଯ୍ୟନ୍ତ ୧ଲକ୍ଷ ୧୮ହଜାର ବେଲ ଗଛ ଲଗାଇ ସାରିଲେଣି। ଦୀର୍ଘ ୧୫ବର୍ଷ ହେବ ସେ ବେଲ ଗଛ ଲଗାଉଛନ୍ତି। ଗାଜିଆବାଦର ବସୁନ୍ଧରା ଅଞ୍ଚଳରେ ତାଙ୍କର ଏକ କୁଟିଆ ରହିଛି। ସେଠାରେ ତାଙ୍କର ବେଲ ଗଛ ବଗିଚା ରହିଛି। ଏହି ବେଲ ଗଛଗୁଡ଼ିକୁ ସେ ଅଭାବୀ ଲୋକଙ୍କ କାର୍ଯ୍ୟରେ ଲଗାଉଛନ୍ତି। ଏଥିସହ ସେ ଲୋକଙ୍କୁ ବେଲ ଗଛ ଲଗାଇବା ପାଇଁ ମଧ୍ୟ ପରାମର୍ଶ ଦେଉଛନ୍ତି। ବିବାହ, ଜନ୍ମଦିନରେ ଦୁର୍ଗା ପ୍ରସାଦ ଲୋକଙ୍କୁ ବେଲ ଗଛ ଉପହାର ଆକାରରେ ଦିଅନ୍ତି। ଆଗକୁ ଗଛ ପ୍ରତି ଲୋକଙ୍କ ମନରେ ଭଲ ପାଇବା ସୃଷ୍ଟି କରିବାକୁ ନିରନ୍ତର ଚେଷ୍ଟା କରୁଛନ୍ତି ଦୁର୍ଗା ପ୍ରସାଦ। ବେଲ ଗଛକୁ ନେଇ ଦୁର୍ଗା ପ୍ରସାଦ କୁହନ୍ତି, ମହାଦେବଙ୍କୁ ବେଲ ପତ୍ର ପସନ୍ଦ। ଏହା ଲୋକଙ୍କୁ ଶାନ୍ତି ପ୍ରଦାନ କରିଥାଏ। ଆଜିକାଲିର ବ୍ୟସ୍ତବହୁଳ ଜୀବନରେ ଶାନ୍ତିର ବହୁତ ଆବଶ୍ୟକତା। ବେଲ ଫଳ ଖାଇବା ଦ୍ୱାରା ମଧ୍ୟ ପେଟ ଜାତୀୟ ସମସ୍ୟା ଦୂର ହୋଇଥାଏ। ଅନେକ ରୋଗର ନିରାକରଣ ବେଲ ଦ୍ୱାରା ହୋଇଥାଏ। ତେଣୁ ସମସ୍ତେ ନିଜ ବାଡି ବଗିଚାରେ ବେଲ ଗଛ ଲଗାଇବା ଉଚିତ।



## ଅକ୍ଟୋବରରେ ରଣବୀର-ଆଲିଆଙ୍କ ବାହାଘର

ବଲିଉଡ୍ ଅଭିନେତା ରଣବୀର କପୁର ଓ ଅଭିନେତ୍ରୀ ଆଲିଆ ଭଟ୍ଟଙ୍କର ବିବାହ ଅକ୍ଟୋବରକୁ ଘୁଞ୍ଚି ଯାଇଛି। ପୂର୍ବରୁ ଶୁଣିବାକୁ ମିଳିଥିଲା ଯେ, ଦୁହିଁଙ୍କ ବିବାହ ଏପ୍ରିଲ୍ ମାସରେ ହେବାର ଥିଲା। ରଣବୀର ଓ ଆଲିଆଙ୍କୁ ପ୍ରଶଂସକ ଶ୍ରଦ୍ଧାରେ ରାଲିଆ କୁହନ୍ତି। ରାଲିଆକୁ ପସନ୍ଦ କରିଥିବା ପ୍ରଶଂସକଙ୍କ ପାଇଁ ଏକ ଏମିତି ଖବର ସାମନାକୁ ଆସିଛି, ଯାହା ସେମାନଙ୍କୁ ପସନ୍ଦ ଆସି ନାହିଁ। ରାଲିଆଙ୍କର ବିବାହ ଏବେ ଘୁଞ୍ଚିଯାଇଛି । ଯାହାକି ପ୍ରଥମେ ଅପ୍ରେଲରେ ହେବାକୁ ଥିଲା। ହେଲେ ରଣବୀର ଆଲିଆଙ୍କ ବିବାହ ଏବେବି ୨୦୨୨ରେ ହିଁ ହେବ। କିନ୍ତୁ ବିବାହର ମାସ ବଦଳି ଯାଇଛି । ସୂଚନା ଯେ, ଆଲିଆ ଭଟ୍ଟ ନିକଟରେ ରିଲିଜ୍ ହୋଇଥିବା ଫିଲ୍ମ ଗଙ୍ଗୁବାଇ କାଠିଆୱାଡ଼ିକୁ ନେଇ ଖୁବ୍ ବାଃ ବାଃ ନେଉଛନ୍ତି। ଗଙ୍ଗୁବାଇ ପରେ ମଧ୍ୟ ତାଙ୍କର ଅନେକ ପ୍ରୋଜେକ୍ଟ ଲାଇନ୍‌ରେ ରହିଛି । ଏହା ବ୍ୟତୀତ ରଣବୀର କପୁର ମଧ୍ୟ ନିଜକୁ ସୁଟିଂରେ ବ୍ୟସ୍ତ ଅଛନ୍ତି । ଗତବର୍ଷ ଏହି ଯୋଡ଼ି ବିବାହ ବନ୍ଧନରେ ବାନ୍ଧି ହେବାର ଥିଲା , ହେଲେ କୋଭିଡ୍ କାରଣରୁ ବିବାହ ଟଳି ଯାଇଥିଲା। ସେପଟେ ଏହା ପରେ ଖବର ସାମନାକୁ ଆସିଥିଲା କି ଦମ୍ପତି ୨୦୨୨ ଅପ୍ରେଲରେ ବିବାହ କରିବେ। ଏବେ ଏମିତି କୁହାଯାଉଛି କି ଏପ୍ରିଲରେ ମଧ୍ୟ ଏହି ଦମ୍ପତି ବିବାହ ବନ୍ଧନରେ ବାନ୍ଧି ହେବେ ନାହିଁ। ଏକ ରିପୋର୍ଟ ମୁତାବିକ, ଏବେ କପଲ ଅକ୍ଟୋବର ୨୦୨୨ରେ ବିବାହ କରିବେ। ହେଲେ କପଲଙ୍କ ପକ୍ଷରୁ ବିବାହକୁ ନେଇ ଏବେ ସୁଦ୍ଧା କୌଣସି ଅଫିସିଆଲି ଆନାଉନ୍ସମେଣ୍ଟ କରାଯାଇନାହିଁ । ଦୈନିକ ଭାସ୍କର ସୂତ୍ରାନୁସାରେ କୁହାଯାଇଛି କି ରଣବୀର – ଆଲିଆଙ୍କର ବିବାହ ତାରିଖ କାହିଁକି ଆଗପଛ ହେଉଛି। ଏହି ବିଷୟରେ କିଏ ଜାଣନ୍ତି ନାହିଁ। ସେପଟେ କପଲଙ୍କର ନୂଆ ଘର କୃଷ୍ଣା ରାଜ ଏବେସୁଦ୍ଧା ପ୍ରସ୍ତୁତ ହୋଇନାହିଁ। ଆଶା କରାଯାଉଛି କି ଘର ପାଖାପାଖି ୧୮ ମାସରେ ପ୍ରସ୍ତୁତ ହୋଇଯିବ।



**ରେଡ୍ ମିଟ୍:** ରେଡ୍ ମିଟ୍ ଏବଂ ଅଣ୍ଡାରେ ସବୁଠୁ ଅଧିକ ପ୍ରୋଟିନ ଥାଏ। କିନ୍ତୁ ଶୀତଦିନେ ଅଧିକ ପ୍ରୋଟିନ୍ ସେବନ କରିବା ଦ୍ୱାରା ଆପଣଙ୍କ ଛାତିରେ କଫ ସମସ୍ୟା ବଢ଼ିପାରେ। ମିଟ୍ ପରିବର୍ତ୍ତେ ଆପଣ ମାଛ ଖାଇପାରିବେ। ମାଛରେ ମଧ୍ୟ ପ୍ରୋଟିନ୍ ଥାଏ କିନ୍ତୁ ଏହା ଖାଇବା ଦ୍ୱାରା ସ୍ୱାସ୍ଥ୍ୟ ପ୍ରତି ସମସ୍ୟା ନଥାଏ।

**ଛଣାଛଣି ଖାଦ୍ୟ:** ଯେକୌଣସି ଋତୁରେ ଫ୍ରାଇଡ୍ ଫୁଡ୍ ନ ଖାଇବାକୁ ଅଧିକାଂଶ ଲୋକଙ୍କୁ ପରାମର୍ଶ ଦିଆଯାଇଥାଏ। କିନ୍ତୁ ଏପରି ଖାଇବାର ସବୁଠୁ କୁପ୍ରଭାବ ଶୀତଦିନେ ହୋଇଥାଏ। ଫ୍ରାଇଡ୍ ଫୁଡ୍‌ରେ ଅତ୍ୟଧିକ ଫ୍ୟାଟ୍ ରହିଥାଏ ଯାହା ନ କେବଳ ଇନ୍‌ଫ୍ଲାମେସନର କାରଣ ହୋଇଥାଏ ବରଂଛାତିରେ ଫ୍ଲୁଏଡ୍ ସମସ୍ୟା ମଧ୍ୟ ବଢ଼ାଇଥାଏ।

## ରୋଗରୁ ବର୍ତ୍ତିବା ପାଇଁ ଦୂରାନ୍ତୁ ଏହି ଖାଦ୍ୟ



**ଅଦିନିଆ ଫଳ:** ଅଦିନିଆ ଫଳ ଏବଂ ପରିବା ଖାଇବା ପ୍ରତି ବିଶେଷ ଧ୍ୟାନ ଦିଆଯାଇନଥାଏ। କିନ୍ତୁ ଏବେ କୁକ୍ ବୁକ୍‌ରେ ଏଥିପ୍ରତି ଧ୍ୟାନ ରଖାଯାଉଛି। ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତରେ ଆମକୁ ଅଦିନିଆ ଫଳ ଏବଂ ପରିବା ନ ଖାଇବା ଉଚିତ୍। କାରଣ ତଟକା ନ ହେବା କାରଣରୁ ଏପରି ଫଳ ଏବଂ ପରିବା ଆମ ସ୍ୱାସ୍ଥ୍ୟ ପାଇଁ ହାନିକାରକ ହୋଇପାରେ।

**ଷ୍ଟବେରୀ:** ଗ୍ରୀଷ୍ମ ଦିନ ତୁଳନାରେ ଶୀତଦିନେ ଷ୍ଟ୍ରବେରୀର ରଙ୍ଗରେ ଅଳ୍ପ ହଳଦିଆପଣ ଆସିଥାଏ। ଷ୍ଟ୍ରବେରୀର ରଙ୍ଗର ସିଧା କନେକ୍ସନ୍ ଏହାର ଫାଇଟୋନ୍ୟୁଟ୍ରିଏଂଟ୍‌ସ ତତ୍ତ୍ୱ ସହ ଥାଏ। ଅଧିକ ଗାଢ଼ ରଙ୍ଗର ଅର୍ଥ ଅଧିକ ନ୍ୟୁଟ୍ରିଏନ୍‌ଟସ୍। ଏଥିପାଇଁ ଏହାକୁ ଗ୍ରୀଷ୍ମଦିନେ ଖାଇବା ଅଧିକ ଭଲ ହୋଇଥାଏ।

**ରାଗ ଖାଦ୍ୟ:** ରାଗ ଖାଦ୍ୟ ଆପଣଙ୍କ ନାକ ବନ୍ଦ ଥିଲେ ଆପଣଙ୍କୁ ଆରାମ ଦେଇପାରେ। କିନ୍ତୁ ଏହା ଆପଣଙ୍କ ପେଟ ପାଇଁ ଅଧିକ କ୍ଷତିକାରକ ହୋଇପାରେ। ତେଣୁ ଶୀତଦିନେ ରାଗ ଜିନିଷ ଖାଆନ୍ତୁ ନାହିଁ।

**ପ୍ୟାକେଟ୍ ଯୁକ୍ତ ପରିବା:** ବଜାରରେ ମିଳୁଥିବା ପ୍ୟାକେଟ୍ ଯୁକ୍ତ କିମ୍ବା ପୂର୍ବରୁ କଟା ଯାଇଥିବା ପରିବା ଆପଣଙ୍କ କାମ କମ୍ କରିପାରେ କିନ୍ତୁ ଶୀତଦିନେ ଏହାର ସେବନ ସ୍ୱାସ୍ଥ୍ୟ ପାଇଁ କ୍ଷତିକାକ ସାବ୍ୟସ୍ତ ହୋଇପାରେ। ଏହି ସମୟରେ ପ୍ୟାକେଟ୍ ବନ୍ଦ ଖାଦ୍ୟ ଜମା କିଣନ୍ତୁ ନାହିଁ। ସଜ ପରିବା ଘରକୁ ଆଣି ଭଲ ଭାବେ ଧୋଇ କାଟି ରୋଷେଇ କରନ୍ତୁ।

## ବର ୭୫ କନ୍ୟା ୪୫

କଥାରେ ଅଛି ପ୍ରେମ ପାଇଁ କୌଣସି ବୟସ ସୀମା ନାହିଁ। କେତେବେଳ କେଉଁ ସମୟରେ କେଉଁ ବୟସରେ ପ୍ରେମ ହେବ ତାହା କହିହେବ ନାହିଁ। ଉତରପ୍ରଦେଶ ପ୍ରତାପଗଡ଼ରୁ ଏହିଭଳି ଏକ ମାମଲା ସାମ୍ନାକୁ ଆସିଛି। ପ୍ରତାପଗଡ଼ ଥାନା ଅନ୍ତର୍ଗତ ପାଟହଟିୟା ଗାଁରେ ଜଣେ ୭୫ ବର୍ଷ ବୟସ୍କ ବୃଦ୍ଧ ବିବାହ କରିଛନ୍ତି। ୭୫ ବର୍ଷ ବୟସ୍କ ଅବଧ ନାରାୟଣ ସୁବସା ଗାଁର ୪୫ ବର୍ଷ ବୟସ୍କା ରାମରତିଙ୍କ ସହ ବିବାହ କରିଛନ୍ତି। ବିବାହକୁ ନେଇ ସ୍ଥାନୀୟ ଅଞ୍ଚଳରେ ଖୁବ୍ ଚର୍ଚ୍ଚା ହେଉଛି। ସୂଚନା ଅନୁଯାୟୀ, ଉଭୟଙ୍କ ମଧ୍ୟରେ ଅନେକ ବର୍ଷ ହେଲା ପ୍ରେମ ସମ୍ପର୍କ ଥିଲା। ଏଥିପାଇଁ ଅବଧ ରାମରତିଙ୍କ ଘରକୁ ମଧ୍ୟ ଯିବା ଆସିବା କରୁଥିଲେ। ଏ ସମ୍ପର୍କରେ ଅବଧଙ୍କ ପରିବାର ଲୋକ ଜାଣିବା ପରେ ତାଙ୍କୁ ବିବାହ କରିବାକୁ କହିଥିଲେ। ସେ ବି ବିବାହ ପାଇଁ ରାଜି ହୋଇଯାଇଥିଲେ। ଏହାପରେ ପରିବାର ଲୋକ ବିବାହ ଆୟୋଜନ କରିଥିଲେ। ସମ୍ପୂର୍ଣ୍ଣ ରୀତିନୀତି ଅନୁସାରେ ଅକ୍ଟୋବର ୨୬ତାରିଖରେ ଧୂମ୍‌ଧାମ୍‌ରେ



ଉଭୟଙ୍କ ବିବାହ ସମ୍ପନ୍ନ ହୋଇଛି। ବାହାଘରରେ ଅବଧ ନାରାୟଣଙ୍କ ପୁଅବୋହୂ, ନାତି ନାତୁଣୀ ଓ ସମ୍ପର୍କୀୟ ମଧ୍ୟ ସାମିଲ ହୋଇଥିଲେ। ପ୍ରତାପଗଡ଼ର ବୁଢ଼ା ବରକୁ ଦେଖିବାକୁ ଗ୍ରାମବାସୀଙ୍କ ଭିଡ଼ ଜମିଥିଲା। ବିନା ନିମନ୍ତ୍ରଣରେ ବି ଅନେକ ଲୋକ ତାଙ୍କ ଘରକୁ ଆସିଥିଲେ। ବାହାଘର ପାଇଁ ନିମନ୍ତ୍ରଣ କାର୍ଡ ମଧ୍ୟ ଛପା ଯାଇଥିଲା। ବ୍ୟାଣ୍ଡ ବାଜା ସହ ଅବଧ ନାରାୟଣ ବରଯାତ୍ରୀ ନେଇ ଯାଇଥିଲେ। ଦ୍ୱାରା ବରଯାତ୍ରୀଙ୍କ ପାଇଁ କନ୍ୟା ପକ୍ଷ ଭଲ ଆୟୋଜନ ମଧ୍ୟ କରିଥିଲେ। ବୈଦିକ ମନ୍ତ୍ର ସହ ଅଗ୍ନିକୁ ସାକ୍ଷୀ ରଖି ଉଭୟ ପରସ୍ପରର ହାତ ଧରିଛନ୍ତି।

## ସ୍ୱାସ୍ଥ୍ୟ, ଚର୍ମ ଓ କେଶ ପାଇଁ ଲାଭଦାୟକ କଳା ଅଙ୍ଗୁର

ଶୀତଦିନେ ପନିପରିବା ଏବଂ ଫଳ ଖାଇବା ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ ହୋଇଥାଏ। ଏହା ଦିନେ କଳା ଅଙ୍ଗୁରକୁ ସବୁଠାରୁ ଅଧିକ ପସନ୍ଦ କରାଯାଇଥାଏ। ଅନେକ ସମୟରେ ମନରେ ପ୍ରଶ୍ନ ଆସେ କଳା ଅଙ୍ଗୁର ଏବଂ ସବୁଜ ଅଙ୍ଗୁର ମଧ୍ୟ କେଉଁ ଅଙ୍ଗୁର ସବୁଠାରୁ ଅଧିକ ଲାଭଦାୟକ ହୋଇଥାଏ। ଗୁଣ ଅନୁସାରେ ଦୁଇଟିଯାକ ଲାଭଦାୟକ କିନ୍ତୁ କଳା ଅଙ୍ଗୁର ସ୍ୱାସ୍ଥ୍ୟ ସହ ଚର୍ମ ପାଇଁ ମଧ୍ୟ ଉତ୍ତମ ହୋଇଥାଏ।



କଳା ଅଙ୍ଗୁରର ପୋଷକତତ୍ତ୍ୱ: ଅଙ୍ଗୁରରେ ଗ୍ଲୁକୋଜ୍, ମାଗ୍ନେସିୟମ୍ ଏବଂ ସାଇଟ୍ରିକ୍ ଏସିଡ୍ ଭଳି ପୋଷକ ତତ୍ତ୍ୱ ଭରପୁର ରହିଥାଏ। ଅନେକ ରୋଗରୁ ଉପଶମ ପାଇଁ ଅଙ୍ଗୁର ଖାଇବା ଲାଭଦାୟକ ହୋଇଥାଏ। ଟିବି, କ୍ୟାନ୍ସର ଏବଂ ରକ୍ତ ସଂକ୍ରମଣ ଭଳି ରୋଗ ପାଇଁ ଏହା ବିଶେଷ ସହାୟକ ହୋଇଥାଏ।

ଚର୍ମ, କେଶ ଓ ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ: କଳା ଅଙ୍ଗୁର ଖାଇବା ମଧୁମେହ ରୋଗ ଭଲ ହୋଇଥାଏ। ଏହି ଅଙ୍ଗୁରରେ ରେସଭେରାଟ୍ରଲ୍ ନାମକ ଏକ ପଦାର୍ଥ ରହିଥାଏ ଯାହା ରକ୍ତରେ ଇନ୍‌ସୁଲିନ୍ ବଢ଼ାଇଥାଏ। ଏହି ଉପାୟରେ ସୁଗାରର ସନ୍ତୁଳନ ଠିକ୍ ରହିଥାଏ। ଏହି ଶରୀରରେ ରକ୍ତ ପ୍ରବାହକୁ ବଢ଼ାଇଥାଏ। ଏଥିପାଇଁ ରକ୍ତଚାପ ସମସ୍ୟା ମଧ୍ୟ ରହିନଥାଏ। କଳା ଅଙ୍ଗୁରରେ ଥିବା ସାଇଟୋକେମିକାଲ୍ସ ହୃତ୍‌ପିଣ୍ଡକୁ ସୁସ୍ଥ ରଖିଥାଏ। ଏହା ଶରୀରରେ କୋଲେଷ୍ଟ୍ରଲର ମାତ୍ରା ମଧ୍ୟ ନିୟନ୍ତ୍ରଣରେ ରଖିଥାଏ। ରେସଭରାଟ୍ରଲ ତତ୍ତ୍ୱ ବ୍ୟାକ୍ଟେରିଆ ଏବଂ ଫଙ୍ଗସ୍‌କୁ ନଷ୍ଟ କରିଥାଏ। ଯାହାକି ଶରୀରରେ କୌଣସି ପ୍ରକାରର ସଂକ୍ରମଣ ସୃଷ୍ଟି କରିପାରେ। ଏହା ପୋଲିଓ ଓ ହର୍ପ୍ସ ଭଳି ରୋଗ ସହ ଲଢ଼ିବାରେ ସାହାର୍ଯ୍ୟ କରିଥାଏ କାରଣ କଳା ଅଙ୍ଗୁରରେ ଭାଇରସ୍ ସହ ଲଢ଼ିବାର କ୍ଷମତା ରହିଥାଏ।

କଳା ଅଙ୍ଗୁର ଚର୍ମକୁ ଲୋଚାକୋଚା ହେବାରୁ ଦୂରରେ ରଖିଥାଏ ଚର୍ମକୁ ଉଜ୍ଜ୍ୱଳ ରଖିଥାଏ। ଏହାକୁ କ୍ରମାଗତ ଭାବରେଖାଇବା ଦ୍ୱାର ତ୍ୱଚା ଉଜ୍ଜ୍ୱଳ ରହିଥାଏ। ଏଥିରେ ଥିବା ଭିଟାମିନ୍ ସି ଚର୍ମ ସେଲ୍‌କୁ ସୁସ୍ଥ ରଖିଥାଏ। ଏଥିରେ ଥିବା ଭିଟାମିନ୍-ଇ ରୁପି, କେଶ ଝଡ଼ିବା ବା ଧଳା ହେବାର ସମସ୍ୟା ଦୂରକରିଥାଏ। ମସ୍ତିଷ୍କର ଚର୍ମ ଶକ୍ତ ହୋଇଥାଏ ଯାହାଫଳରେ କେଶ ଘନ, ନରମ ଏବଂ ମଜଭୁତ୍ ହୋଇଥାଏ। ମାଇଗ୍ରେନ୍ ସମସ୍ୟା ଥିବା ଲୋକ କଳା ଅଙ୍ଗୁର ରସ ପିଇବା ଅତ୍ୟନ୍ତ ଲାଭଦାୟକ ହୋଇଥାଏ। କିଛି ଦିନ କଳା ଅଙ୍ଗୁର ରଶ ପିଇବା ଦ୍ୱାରା ଏହି ସମସ୍ୟାରୁ ମୁକ୍ତି ମିଳିଥାଏ।

## ଶାହରୁଖଙ୍କ ଜୀବନର ସବୁଠୁ ବଡ଼ ଭୟ

ଆପଣ ଜାଣନ୍ତି ବଲିଉଡର ବାଦଶାହ, ସୁପରଷ୍ଟାର ଶାହାରୁଖ ଖାନ୍ କେଉଁ ଜିନିଷକୁ ଡ଼ରନ୍ତି ? ଏହାପରେ ବି ତାଙ୍କର ଯଶ ଖ୍ୟାତି ଆକାଶ ଛୁଆଁ। ଯାହାଙ୍କ ପାଖରେ ନିଜର ପ୍ରଡକ୍ସନ ହାଉସ୍ ଅଛି ଏବଂ ବିଦେଶରେ ବି ତାଙ୍କର କୋଟି କୋଟି ପ୍ରଶଂସକ ଅଛନ୍ତି। ଆପଣଙ୍କୁ କଣ ଏହି ପ୍ରଶ୍ନର ଉତ୍ତର ଜଣା କି ? ଯଦି ନାହିଁ ତ ଆପଣଙ୍କୁ ଏହି କଥା କହି ଦେଉଛୁ କି , ଏକ ରିୟଲିଟି ଶୋ'ରେ ନିଜର ସବୁଠୁ ଅଧିକ ଡ଼ର ବିଷୟରେ କହିଥିଲେ । ଶାହାରୁଖ ଖାନ୍‌ଙ୍କ ସବୁଠୁ ବଡ଼ ଡ଼ର ତାଙ୍କର ଯଶ ଖ୍ୟାତି ଚାଲିଯିବା ନୁହେଁ , ତାଙ୍କୁ ଡ଼ର କିଏ ତାଙ୍କର ହାତ କାଟି ଦେବ, ଆଉ ତାଙ୍କର ହାତ ରହିବ ନାହିଁ । ସାଜିଦ୍ ଖାନ୍ ଓ ରିତେଶ ଦେଶମୁଖ ମିଶି ଏକ ରିୟଲିଟି ଟିଭି ଶୋ'ରେ ଗେମ୍ ଖେଳୁଥିଲେ, ଯେଉଁଥିରେ ଅନୁଷ୍କା ଶର୍ମା ମଧ୍ୟ ଉପସ୍ଥିତ ଥିଲେ। ଏହି ଶୋ'ରେ ସାଜିଦ୍ ଖାନ୍ ସବୁ ଷ୍ଟାରଙ୍କୁ ଏକ ନୋଟବୁକ୍ ଦେଲେ ଏବଂ ତାଙ୍କ ବିନା ପରସ୍ପର ସହ କଥା ହୋଇ ପେପରରେ ଶାହାରୁଖ ଖାନଙ୍କର ସବୁଠୁ ବଡ଼ ଡ଼ର ଲେଖିବାକୁ କହିଥିଲେ। ଅନୁଷ୍କା ଶର୍ମା ଏଥିରେ କନଫ୍ୟୁଜ୍ ନଜର ଆସିଥିଲେ, ଯାହା ଉପରେ ଶାହରୁଖ ଖାନ କହିଥିଲେ କି, ତମେ ଏହାର ପାଖାପାଖି ବି ଏକ ଶବ୍ଦ ଲେଖିଦିଅ , ଚଳିବ। ଶାହରୁଖ ଖାନ୍ ଏହି ଶୋ'ରେ କହିଥିଲେ କି, ତାଙ୍କର ସବୁଠୁ ବଡ଼ ଡ଼ର ଏହା କି କିଏ ତାଙ୍କର ହାତ କାଟି ଦେବ। ଶାହରୁଖ ଖାନ୍‌ଙ୍କର ଜବାବ ଦେଖି ଅନୁଷ୍କା ଶର୍ମା ତାଙ୍କୁ କହିଥିଲେ ଏହା କି ବେକାର କଥା। ଏହା କେମିତିକା ଡ଼ର ହୋଇଥାଏ। ଏହାର ଉତ୍ତରରେ ଶାହରୁଖ କହିଥିଲେ ଏହା ହିଁ ତାଙ୍କର ସବୁଠୁ ବଡ଼ ଡ଼ର। ପ୍ରଥମେ ତ ଷ୍ଟେଜ୍‌ରେ ଉପସ୍ଥିତ ଥିବା ସବୁ ଲୋକ ଆଶ୍ଚର୍ଯ୍ୟ ହୋଇଥିବାର ନଜର ଆସିଥିଲେ, ହେଲେ ପରେ ଶାହରୁଖ ଖାନ ତାଙ୍କୁ କହିଥିଲେ କି, ସେ ପୂରା ସିରିୟସ ହୋଇ ଏହି କଥା କହୁଛନ୍ତି ।



ସୁନାମିର ତାଣ୍ଡବ ସବୁକିଛି ଧ୍ୱଂସ ବିଧ୍ୱଂସ କରିଦେଇଥିଲା। ଛାଇଯାଇଥିଲା ହତାସ ଆଉ ହାହା କାର ପରିବେଶ। କିଏ ଘର ହରେଇଥିଲା ତ କିଏ ପରିବାର। କିଏ ବାପା ମାଆଙ୍କୁ ହରେଇଥିଲା ତ କିଏ ପ୍ରିୟଜନଙ୍କୁ। ଲୁହର ନୀରବତା, କୋହର ଚିତ୍କାର ଭିତରୁ ଶୁଭୁଥିଲା ୫ବର୍ଷର ଝିଅ ସୌମ୍ୟାର ସ୍ୱର। ସୁନାମିରେ ବାପା ମାଆଙ୍କୁ ହରାଇଥିଲା ସୌମ୍ୟା। ଭଙ୍ଗା ଘର କଡରେ ବସି କାନ୍ଦୁଥିଲା। ସେ ସମୟରେ ତାଙ୍କୁ ଉଦ୍ଧାର କରିବାକୁ ପହଞ୍ଚିଥିଲେ ଆଇଏଏସ୍ ଅଫିସର ଡକ୍ଟର.ଜେ ରାଧାକ୍ରିଷ୍ଣନ୍। କୁନି ଝିଅ ସୌମ୍ୟା। ସୁନାମି କ୍ଷତିଗ୍ରସ୍ତ ତାମିଲନାଡୁର ନାଗାପଟ୍ଟିନମ୍ ଜିଲ୍ଲାରେ ଘଟିଥିବା ସୁନାମିର ସାମ୍ନା କରିଥିଲା ସେ। ବାପା ମାଆଙ୍କୁ ହରାଇ ଅନାଥ ହୋଇଯାଇଥିବା ସୌମ୍ୟାଙ୍କୁ ନେଇ ରାଜ୍ୟ ସରକାରଙ୍କ କେୟାର ହୋମ୍‌ରେ ରଖିଥିଲେ ରାଧାକ୍ରିଷ୍ଣନ୍। ସେତେବେଳେ ସେହି କେୟାର ହୋମ୍‌ର ଦାୟିତ୍ୱ ରାଧାକ୍ରିଷ୍ଣନ୍ ନେଉଥିଲେ। ସେଠାରେ ସେ ସୌମ୍ୟାଙ୍କୁ ରଖି ତାଙ୍କର ଯତ୍ନ ନେଲେ ଏବଂ ପାଠ ପଢାଇଲେ। ବଡ ହେଲେ ସୌମ୍ୟା। ଅନାଥ ଝିଅରୁ ସୁନା ଝିଅ।ନିକଟରେ ସୌମ୍ୟାଙ୍କର ବିବାହ ହୋଇଛି। ରାଧାକ୍ରିଷ୍ଣନ ସୌମ୍ୟାଙ୍କ ବିବାହ ବଡ ଧୁମ୍ ଧାମ୍‌ରେ କରିଛନ୍ତି। ସୌମ୍ୟାଙ୍କ ବିବାହକୁ ନେଇ ରାଧାକ୍ରିଷ୍ଣନ୍ କୁହନ୍ତି, ସୌମ୍ୟା କେବେଳ ମୋ ଝିଅ ନୁହେଁ, ନାଗାପଟ୍ଟିନମ୍‌ର ଝିଅ। ଆଜି ତାକୁ ବିବାହ କରୁଥିବା ଦେଖି ମୁଁ ବହୁତ ଖୁସି। ତାଙ୍କ ଆଖିରେ ଖୁସିର ଲୁହ। ରାଧାକ୍ରିଷ୍ଣନ୍ ସୌମ୍ୟାଙ୍କୁ ବିବାହ କରାଉଥିବାର ଫଟୋ ସୋସିଆଲ ମିଡିଆରେ ଭାଇରାଲ୍ ହେବାରେ ଲାଗିଛି। ଲୋକେ ତାଙ୍କର ମହତ କାର୍ଯ୍ୟ ପାଇଁ ଭୂରି ଭୂରି ପ୍ରଶଂସା କରିଛନ୍ତି।

## ଅନାଥ ଝିଅର ବିବାହ କରାଇଲେ ଆଇଏଏସ୍





Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com

ମୁଖ୍ୟ ସମ୍ପାଦକ: **ପ୍ରଦୋଷ ପଟ୍ଟନାୟକ**
Chief Editor: Pradosh Pattanaik



ଧାମନଗର, (ଭାସ୍କର ନ୍ୟୁଜ) : ଧାମନଗର ଫିଡ଼ର ପ୍ରାଥମିକ ବିଦ୍ୟାଳୟ ପରିସରରେ ଧାମନଗର ବରିଷ୍ଠ ନାଗରିକ ପରିଷଦ ଓ ଜାରକା ସ୍ଥିତ ଭୂମିକା ଚକ୍ଷୁ ଚିକିତ୍ସାଳୟ ପକ୍ଷରୁ ମାଗଣା ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଛି। ପରିଷଦର ସଭାପତି ଘନେଶ୍ୱର ସାହୁଙ୍କ ଅଧ୍ୟକ୍ଷତାରେ ସାଧାରଣ ସମ୍ପାଦକ ଶଶିକାନ୍ତ ପଣ୍ଡାଙ୍କ ସଂଯୋଜନାରେ ମୁଖ୍ୟଅତିଥି ବରିଷ୍ଠନାଗରିକ ମହାସଂଘର ସଭାପତି ଲଲାଟେନ୍ଦୁ ମହାନ୍ତି ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହି ଶିବିରରେ ୨୦୫ଜଣ ରୋଗୀ ଚକ୍ଷୁ ପରୀକ୍ଷା କରାଇଥିଲେ। ଏହି କାର୍ଯ୍ୟକ୍ରମକୁ ବରିଷ୍ଠ ନାଗରିକ ପରିଷଦର ଅନିଲ କୁମାର ବାରିକ, ନିରାକାର ଧଳ, ରାମଚନ୍ଦ୍ର ସାହୁ, ସୁରଥଚନ୍ଦ୍ର ସେଠୀ, ଦଶରଥଦାସ, ନିରାକାର ମହାନ୍ତି, ଅଭିମନ୍ୟୁ ମଲ୍ଲିକ, ଯୁଧିଷ୍ଠିର ପଣ୍ଡା, ଭିକାରୀ ବେହେରା, ବିଦ୍ୟାଧର ରାଉତ, ପ୍ରମୋଦ ନାୟକ, ପ୍ରିୟରଂଜନ ସାମଲ, ମହେଶ୍ୱର ସ୍ୱାଇଁ, ନାରାୟଣଚନ୍ଦ୍ର ଜେନା, ସେକ୍ ଅବଦୁଲ ହାକିମ୍, ପୀତବାସ ପାଣି, କୈଳାଶଚନ୍ଦ୍ର ଗୁପ୍ତା, ହାଡ଼ିବନ୍ଧୁ ଦାସ, ଭରତ ମଲ୍ଲିକ, ପ୍ରଧାନ ଶିକ୍ଷକ ମନୋଜ କୁମାର ସିଂହ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲା। ଜ୍ଞାନରଂଜନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଆବଶ୍ୟକତା ଠାରୁ ଅଧିକ ଭାର ଯୋଗୁ ବନ୍ଦ ହେଲା ଲିଫ୍ଟ

## ଗଣମାଧ୍ୟମ ପ୍ରତିନିଧିଙ୍କୁ ଉଦ୍ଧାର କଲେ ଏମ୍ସ ଭୁବନେଶ୍ୱର ସୁରକ୍ଷା କର୍ମଚାରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରବିବାର ଖବର ସଂଗ୍ରହ କରିବା ପାଇଁ ଏକାଧିକ ଗଣମାଧ୍ୟମ ପ୍ରତିନିଧି ଏମ୍ସ ଭୁବନେଶ୍ୱରକୁ ଆସିଥିଲେ। ଖବର ସଂଗ୍ରହ କରିସାରି ଲିଫ୍ଟ ସାହାଯ୍ୟରେ ଉପରୁ ତଳକୁ ଆସିବା ବେଳେ ଲିଫ୍ଟଟି ଆବଶ୍ୟକତା ଠାରୁ ଅଧିକ ଭାର ଯୋଗୁ ବନ୍ଦ ହୋଇଯାଇଥିଲା। ଲିଫ୍ଟରେ କେବଳ ଗଣମାଧ୍ୟମ ବନ୍ଧୁମାନେ ହିଁ ଥିଲେ। ନର୍ଦ୍ଧାରିତ କ୍ଷମତାରୁ ଲିଫ୍ଟରେ ଯଥେଷ୍ଟ ଅଧିକ ଲୋକ ଥିଲେ। ତେଣୁ ଏହା କିଛି ସମୟ ପରେ ବନ୍ଦ ହୋଇଯାଇଥିଲା। ତେବେ ଏହି ଖବର ପାଇ ତୁରନ୍ତ ଏମ୍ସ ଭୁବନେଶ୍ୱର ସୁରକ୍ଷା କର୍ମଚାରୀମାନେ ଦାୟିତ୍ୱପୂର୍ଣ୍ଣ ଭାବେ ଗଣମାଧ୍ୟମ ପ୍ରତିନିଧିଙ୍କୁ ଉଦ୍ଧାର କରିଥିଲେ। ଏହି ଘଟଣାରେ ଜଣେ ମହିଳା ଗଣମାଧ୍ୟମ ପ୍ରତିନିଧିଙ୍କୁ ସାମାନ୍ୟ ଆଘାତ ଲାଗିଥିଲା। ଯାହାକି କୌଣସି ବିପଦ ନାହିଁ ବୋଲି ଚିକିତ୍ସା ପରେ ଜଣାପଡିଛି । ଏମ୍ସ ଭୁବନେଶ୍ୱର ପିଆର୍ ସେଲ ମୁଖ୍ୟ ଅତିରିକ୍ତ ପ୍ରଫେସର ଡ଼ ପ୍ରଭାସ ରଞ୍ଜନ ତ୍ରିପାଠୀ ଘଟଣାସ୍ଥଳରେ ଉପସ୍ଥିତ ରହିଥିଲେ। ତେବେ ଲିଫ୍ଟ ବ୍ୟବହାର ବେଳେ ନିର୍ଦ୍ଧାରିତ କ୍ଷମତାରୁ ଅଧିକ ବ୍ୟକ୍ତି ନଚଢ଼ିବାକୁ ଡ଼ ତ୍ରିପାଠୀ ପରାମର୍ଶ ଦେଇଛନ୍ତି।

## ଓଡିଶା ଡ୍ରାଇଭର ମହାସଂଘର ବନ୍ଧୁ ମିଳନ




ବାଲିପାଟଣା (ଭାସ୍କର ନ୍ୟୁଜ୍): ଓଡିଶା ଡ୍ରାଇଭର ମହାସଙ୍ଘ ର ଏକ ବନ୍ଧୁ ମିଳନ ଉତ୍ସବ ଆଜି ବାଲିପାଟଣା ମା ଗିରିଙ୍ଗେଶ୍ୱରୀଙ୍କ ପୀଠରେ ଅନୁଷ୍ଠିତ ହୋଇଯାଇଛି।ଆଜିର ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ବାଲିପାଟଣା ଥାନା ଅଧିକାରୀ କୃପାସିନ୍ଧୁ ବରାଡ଼ ତାଙ୍କର ଅଭିଭାଷଣରେ ଗାଡିଚାଳନା ସମୟରେ ଡ୍ରାଇଭର ଭାଇ ମାନେ ନିଶା ସେବନ ଠାରୁ ଦୂରେଇ ରହିବାକୁ ପରାମର୍ଶ ଦେବା ସହିତ ମିଳିତ ଭାବେ ସାମାଜିକ କାର୍ଯ୍ୟକ୍ରମ ଯଥା ରକ୍ତଦାନ,ବୃକ୍ଷ ରୋପଣ ପରି କାମ କରିବା ଉଚିତ ବୋଲି ମତ ଦେଇଥିଲେ।ଆଜିର ଉତ୍ସବ ରେ ସଭାପତିତ୍ୱ କରିଥିଲେ ଓଡିଶା ଡ୍ରାଇଭର ମହାସଙ୍ଘ ରାଜ୍ୟ ଅଡିଟର ତଥା ଜିଲ୍ଲା ସଭାପତି ପ୍ରକାଶ ଚନ୍ଦ୍ର ମହାରଣା।ଅନ୍ୟ ମାନଙ୍କ ମଧ୍ୟରେ ସମ୍ମାନିତ ଅତିଥି ଭାବରେ ଅଠାନ୍ତର ପଞ୍ଚାୟତ ର ସରପଞ୍ଚ ଅଜିତ୍ ମହାନ୍ତି ,ଏଏସଆଇ ହାଡ଼ିବନ୍ଧୁ ଦାଶ,ଭୁବନେଶ୍ୱର ଡ୍ରାଇଭର ସଙ୍ଘ ସଭାପତି ବୁଲୁ ମହାନ୍ତି,ଜିଲ୍ଲା ସମ୍ପାଦକ ଚିନ୍ମୟ ସାହୁ, ସହ ସମ୍ପାଦକ ଦୁର୍ଯ୍ୟୋଧନ ମଲ୍ଲିକ ପ୍ରମୁଖ ଉପସ୍ଥିତ ରହି ନିଜ ନିଜର ମତ ଦେଇଥିଲେ।ଏହି ଅବସରରେ ବାଲିପାଟଣା ବ୍ଲକ ସ୍ତରୀୟ ସଂଘ ର କର୍ମକର୍ତ୍ତା ଚୟନ କରାଯାଇଥିଲା।ସ୍ୱର୍ବସମ୍ମତି କ୍ରମେ ସଭାପତି ରୂପେ ମୁନା ମଲ୍ଲିକ,ଉପ ସଭାପତି ବୃନ୍ଦାବନ ଜେନା,ସମ୍ପାଦକ ସରୋଜ ପାଗଡ଼, ସହ ସମ୍ପାଦକ ଦୁଷ୍ମନ୍ତ ବାରିକ,ପ୍ରମୁଖ ଚୟନ କରାଯାଇ ସମସ୍ତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଆଗାମୀ ଦିନରେ ଡ୍ରାଇଭର ମାନେ ଦୈନନ୍ଦିନ ଜୀବନରେ ସାମ୍ନା କରୁଥିବା ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯାଇ ତାର ସମାଧାନ ଦିଗରେ ମିଳିତ ଉଦ୍ୟମ ଜାରି ରହିବ ବୋଲି ସ୍ଥିର ହୋଇଥିଲା।

# ବିକାଶ ନାମରେ ହରିଲୁଟ୍





ଜଗତସିଂହପୁର(ଭାସ୍କର ନ୍ୟୁଜ) : ଜଗତସିଂହପୁର ପୌର ପରିଷଦର ୫ନଂ ୱାର୍ଡ଼ ଅନ୍ତର୍ଗତ ଧଡ଼ାସାହି ଠାରେ ବିକାଶର ନଗ୍ନ ଚିତ୍ର ଦେଖିବାକୁ ମିଳିଛି। ବିକାଶ ଏଠାରେ ଏକରକମ ସ୍ୱପ୍ନ ପାଲଟିଛି। ୱାର୍ଡ଼ର ବିକାଶ ନିମନ୍ତେ ଆସୁଥିବା ଅର୍ଥକୁ ଖର୍ଚ୍ଚ କରାନଯାଇ ବାଟମାରଣା ହୋଇଥିବାର ଅଭିଯୋଗ କରିଛନ୍ତି ସ୍ଥାନୀୟ ଲୋକେ। ସୂଚନା ମୁତାବକ, ଜଗତସିଂହପୁର ପୋ ?ର ପରିଷଦ ୫ନଂ ୱାର୍ଡ଼ ର ଧଡ଼ାସାହି ଠାରେ ଥିବା ଗ୍ରାମ ଦେବତୀ ମନ୍ଦିର, ମା ନିମଦେଇ ଥାନପତି ମନ୍ଦିର ନିକଟରେ ୟୁବିଏସ ସ୍କିମ ମାଧ୍ୟମରେ ଏକ ନୂତନ କମ୍ୟୁନିଟି ସେଣ୍ଟର ତଥା କୋଠ ଘର ନିର୍ମାଣ ନିମନ୍ତେ ୩୦ଲକ୍ଷ ଟଙ୍କା ବ୍ୟୟ ବରାଦରେ ଗତ ତିନିବର୍ଷ ତଳେ କାର୍ଯ୍ୟ ଆରମ୍ଭ କରାଯାଇ ଥିଲା। କିନ୍ତୁ କାର୍ଯ୍ୟକୁ ୩ବର୍ଷରୁ ଉର୍ଦ୍ଧ୍ୱ ସମୟ ବିତି ଯାଇଥିଲେ ମଧ୍ୟ ଏହି କାର୍ଯ୍ୟ ପୂର୍ଣାଙ୍ଗ ହୋଇନପାରିଥିବା ସ୍ଥଳେ ଏହାର ସମ୍ପୂର୍ଣ୍ଣ ବିଲ କରାଯାଇ ଆସିଥିବା ଅର୍ଥକୁ ସମ୍ପୂର୍ଣ୍ଣ ଲୁଟ ତଥା ତୋଷାରପାତ କରାଯାଇଥିବା ଅଭିଯୋଗ କରିଛନ୍ତି ସ୍ଥାନୀୟ ବାସିନ୍ଦା। ଏପରିକି ଦୀର୍ଘବର୍ଷ ଧରି ସମ୍ପୂର୍ଣ୍ଣ ତଥା କାର୍ଯ୍ୟକ୍ଷମ ହୋଇ ରହିଥିବା ଗୋଷ୍ଠୀ ଶୌଚାଳୟଟିକୁ ମଧ୍ୟ ଆଜି ପର୍ଯ୍ୟନ୍ତ ଲୋକାର୍ପିତ କରାନଯାଇ, ତାଲା ପକାଇ ରଖା ଯାଇଛି । ତେଣୁ ଏହା ପୋ ?ର ପ୍ରଶାସନ ଏବଂ ପୂର୍ବରୁ ନିର୍ବାଚିତ ପ୍ରତିନିଧିମାନଙ୍କ ମଧ୍ୟରେ ବୁଝାମଣା ହୋଇ ଏଭଳି ହରିଲୁଟ ହୋଇଥିବା ନିଜ ପ୍ରତିକ୍ରିୟାରେ ପ୍ରକାଶ କରିବା ସହ କାହା ସ୍ୱାର୍ଥରେ ଏଭଳି ଘୃଣ୍ୟ କାର୍ଯ୍ୟ କରାଯାଉଛି ବୋଲି ପ୍ରଶ୍ନ କରିଛନ୍ତି କିଛି ସ୍ଥାନୀୟ ବାସିନ୍ଦା। ଆବାସ ଯୋଜନା ମାଧ୍ୟମରେ ସରକାର ଯୋଗ୍ୟ ହିତାଧିକାରୀ ଙ୍କୁ ଘର ପ୍ରଦାନ କରୁଥିବାବେଳେ ଏହି ସାହିର ବହୁ ଯୋଗ୍ୟ ହିତାଧିକାରୀ ଆଜି ବି ଏହି ସୁବିଧାରୁ ବଞ୍ଚିତ ହୋଇ ଭଙ୍ଗା ଚାଳ ତଥା ଜରି ପାଲ ତଳେ ଜୀବନ ବିତାଉଥିବାର ମଧ୍ୟ ଦେଖାଦେଉଛି। କେବଳ ନିର୍ବାଚନ ସମୟରେ ହିଁ ନେତାମାନେ ଆସି ଏହି ସମସ୍ୟାର ଆଶୁ ସମାଧାନ କରାଯିବାର ମିଥ୍ୟା ପ୍ରତିଶ୍ରୁତି ଦେଇ ଭୋଟ ହାତେଇବା ପରେ ଆଉ ଧରାଛୁଆଁ ଦେଉ ନ ଥିବା ମଧ୍ୟ ଅଭିଯୋଗ କରିଛନ୍ତି ସ୍ଥାନୀୟ ବାସିନ୍ଦା। ତେଣୁ ଯଥାଶୀଘ୍ର ଜିଲ୍ଲା ପ୍ରଶାସନ ତଥା ବିଭାଗୀୟ ଉଚ୍ଚ ପଦସ୍ଥ ଅଧିକାରୀମାନେ ଘଟଣାସ୍ଥଳକୁ ଆସି ଘଟଣାର ନିରପେକ୍ଷ ତଦନ୍ତ କରିବା ସହ ଏଥିରେ ସମ୍ପୃକ୍ତ ରହିଥିବା କର୍ମଚାରୀ ଏବଂ ବ୍ୟକ୍ତି ବିଶେଷ ଙ୍କ ଉପରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସାଧାରଣରେ ଦାବି ହେଉଛି।

## ବିଘ୍ନ କିର୍ଷାନୀ ନୂତନ ବ୍ଲକ୍ ଅଧ୍ୟକ୍ଷ



ଖଇରପୁଟ (ଭାସ୍କର ନ୍ୟୁଜ) : ଖଇରପୁଟ ର ନୂତନ ବ୍ଲକ ଅଧ୍ୟକ୍ଷ ଭାବେ ବିଘ୍ନ କିର୍ଷାନୀ ନିର୍ଦ୍ୱନ୍ଦ ରେ ମନୋନୀତ ହୋଇଛନ୍ତି । ଆଜି ସମୟ ୧୧ ଘଣ୍ଟିକା ରେ ଖଇରପୁଟ ବ୍ଲକ କାର୍ଯ୍ୟାଳୟ ପରିସରରେ ଥିବା ବୈଠକ ଗୃହରେ ର ସମସ୍ତ ୧୦ ଜଣ ସମିତି ସଦସ୍ୟ ଉପସ୍ଥିତ ହୋଇଥିଲେ ଓ ଏକ ସ୍ୱରରେ ବିଘ୍ନ କିର୍ଷାନୀଙ୍କୁ ବ୍ଲକ ଅଧ୍ୟକ୍ଷ ଭାବେ ମନୋନୀତ ପାଇଁ ନିଜ ନିଜର ମତ ପୋଷଣ କରିଥିଲେ । ନିର୍ଦ୍ଧାରିତ ସମୟ ମଧ୍ୟରେ ବିଘ୍ନଙ୍କ ବ୍ୟତୀତ ଆଉ କେହି ନାମାଙ୍କନ ପତ୍ର ଦାଖଲ କରିନଥିବାରୁ ନିର୍ବାଚନ ଅଧିକାରୀ ଶେଷରେ ବିଘ୍ନ କିର୍ଷାନୀଙ୍କୁ ନିର୍ଦ୍ୱନ୍ଦ ରେ ମନୋନୀତ ବ୍ଲକ ଅଧ୍ୟକ୍ଷ ଭାବେ ଘୋଷଣା କରିଥିଲେ । ମୁଖ୍ୟ ସମର୍ଥକଙ୍କ ମଧ୍ୟରେ ଖଇରପୁଟ ଜୋନ ଜିଲ୍ଲା ପରିଷଦ ସଭ୍ୟ ବଳି ମାଝୀ, ସାଂସଦ ପ୍ରତିନିଧି ଜଗନ୍ନାଥ ମାଝୀ, ବିଧାୟକ ପ୍ରତିନିଧି ସାଧୁ ହନ୍ତାଳ, ଗୋବିନ୍ଦପାଲୀ ସରପଞ୍ଚ ଶ୍ରୀନିଭାଷ ମୁଦୁଲି, କୁଡୁମୁଲୁଗୁମ୍ମା ସରପଞ୍ଚ ମଙ୍ଗଳା ମାଢୀ, ହେମନ୍ତ କୁମାର ଦାସ, ଭଗବାନ ସାହୁ, ଗୋପୀ ପାଙ୍ଗୀ ଓ ରଞ୍ଜନ ପାଙ୍ଗୀ ପ୍ରମୁଖ ଉପସ୍ଥିତ ରହି ସମସ୍ତ ସଦସ୍ୟଙ୍କ ମନୋବଳ ବୃଦ୍ଧି କରିଛନ୍ତି । ନୂତନ ବ୍ଲକ ଅଧ୍ୟକ୍ଷ ବିଘ୍ନ କିର୍ଷାନୀ କହିଛନ୍ତି ଯେ ଓଡିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିଭିନ୍ନ ଜନମଙ୍ଗଳ ଯୋଜନା ଓ ବିକାଶ ଧାରାର କାର୍ଯ୍ୟକୁ ଲୋକଙ୍କ ପାଖରେ ପହଁଚେଇବା ପାଇଁ ପ୍ରାଥମିକତା ଦେବେ ।

# ଦୁର୍ନିତୀ ବିରୁଦ୍ଧରେ କଂଗ୍ରେସକୁ ବିଜୟୀ କରାନ୍ତୁ: ନରସିଂହ



ବଲାଙ୍ଗିର (ଭାସ୍କର ନ୍ୟୁଜ୍) : ବର୍ଷ ଲଗାତାର ବିଜୁ ଜନତା ଦଳର ଶାସନ ଅଧିନରେ ଅଛି ବଲାଙ୍ଗିର ପୌର ପରିଷଦ ଲୋକେ କଣ ପାଇଛନ୍ତି ସେହି ୧୫ ବର୍ଷରୁ ଦୁର୍ନିତିର ଚେର ଘରିଆଡେ ଲମ୍ବି ଲଗାଣି । ସହର ଆବର୍ଜନା କୁଣ୍ଡରେ ପରିଣତ ହେଇଛି। ଲୋକେ ଏହା ବୁଝିବା ଦରକାର। ମୁଁ ସ୍ପଷ୍ଟ ଭାବରେ କହିପାରିବି ନିର୍ବାଚନରେ ଆଗାମୀ ୫ ବର୍ଷ ପାଇଁ କଂଗ୍ରେସକୁ ଭୋଟ ଦିଅନ୍ତୁ । ଦୁର୍ନିତି ବିରୁଦ୍ଧରେ କଂଗ୍ରେସ କୁ ବିଜୟୀ କରାନ୍ତୁ। ଦେଖିବେ ଆପଣମାନେ ସ୍ୱଚ୍ଛ ଓ ନିର୍ମଳ ପୌର ପରିଷଦ କଂଗ୍ରେସ ପ୍ରଦାନ କରିବ । ଆଜି ବଲାଙ୍ଗିର ବିଧାୟକ ନରସିଂହ ମିଶ୍ର ବଲାଙ୍ଗିର ପୌରାଧକ୍ଷା ପ୍ରାର୍ଥିନୀ ମିଳନୀ ସାହୁ, ୱାର୍ଡ ନଂ.୧୮ ଓ ୱାର୍ଡ ନଂ.୧୦ ର କାଉନସିଲର ପ୍ରାର୍ଥୀ ସୁରେନ୍ଦ୍ର ଅଶ୍ୱପାଳ, ସୀତାରାମ କୁମ୍ଭାର ପାଇଁ ନିର୍ବାଚନ ପ୍ରଚାର ବେଳେ ଶ୍ରୀ ମିଶ୍ର ନିଜ ବକ୍ତବ୍ୟରେ କହିଛନ୍ତି । ଏହି ମର୍ମରେ ଆହୁରି ମଧ୍ୟ କହିଛନ୍ତି ପୌର ପରିଷଦ ପ୍ରକୃତ କାମ ଯାହା ସେଥିରୁ ସେମାନେ ବିରତ ରହିଛନ୍ତି । ପୌର ପରିଷଦ ଯେଉଁ ଯେଉଁ ସୁବିଧା ବଲାଙ୍ଗିର ଜନସାଧାରଣଙ୍କୁ ପହଞ୍ଚାଇବା କଥା ରାସ୍ତାଘାଟ ସଫା କରିବା, ପାନୀୟ ଜଳ ଯୋଗାଣ କରିବା, ବିଭିନ୍ନ ସରକାରୀ ଯୋଜନାରେ ଉଚିତ ହିତାଧିକାରୀ ମାନଙ୍କୁ ପହଞ୍ଚାଇବା, ବର୍ଜ୍ୟବସ୍ତୁ ପରିଚାଳନା କରିବାରେ ସେମାନେ ଫେଲ ମାରିଛନ୍ତି । ଏପରି କି ବ୍ଲିଚିଂ ପାଉଡର ଏବଂ ଫିନାଇଲ ଛିଞ୍ଚନ କରିବାରେ ମଧ୍ୟ ଅନେକ ଅର୍ଥ ବାଟ ମାରଣ କରିଛନ୍ତି। ତେଣୁ ଆପଣମାନେ ସୁଚିନ୍ତିତ ଭାବରେ ଏ ବର୍ଷ ମତଦାନ କରନ୍ତୁ କଂଗ୍ରେସ ଦଳର ପ୍ରାର୍ଥୀଙ୍କୁ ଥରେ ଭୋଟ ଦେଇ ଦେଖନ୍ତୁ ଆପଣମାନେ ପରଖି ଥିଲେ ୨୦୧୪ ମସିହାରେ ବଲାଙ୍ଗିର ର ନିଶ୍ଚିତ ବିକାଶ ହୋଇଛି ବୋଲି ଆପଣମାନେ ହୃଦୟଙ୍ଗମ କରୁଥିଲେ । ମୁଁ ଦୃଢ ପ୍ରତିଶୃତି ଦେଉଛି । ଏ ବର୍ଷ ଯଦି ଆପଣମାନେ କଂଗ୍ରେସ କାଉନସିଲର ପ୍ରାର୍ଥୀ ଏବଂ ଚେୟାରମେନ ପ୍ରାର୍ଥିନୀ ମିଳନୀ ସାହୁଙ୍କୁ ହାତ ଚିହ୍ନରେ ଭୋଟ ଦେଇ ବିଜୟୀ କରାଇବେ ଦେଖିବେ ଆଗାମୀ ଦିନରେ ବଲାଙ୍ଗିର ସହରର ପ୍ରତ୍ୟେକ ରାସ୍ତାଘାଟ, ନାଳନର୍ଦ୍ଦମା, ସଫେଇ କାର୍ଯ୍ୟକ୍ରମ ଏକ୍‌ଦମ ସୁଚାରୁ ରୂପେ ଆପଣଙ୍କ ଆଶା ମୁତାବକ ହେଇ ପାରିବ। ଆଜି ୱାର୍ଡ ନଂ.୧୮ ର ହରିଜନ ପଡା, କଲୋନି ପଡା, ନୁଆପଡା, ରାଜିବ ନଗର, ୱାର୍ଡ ନଂ.୧୦ ର ସୁଦପଡା, ଗେଟସରୋବରପଡା ପ୍ରମୁଖରେ ଶ୍ରୀ ମିଶ୍ର ନିର୍ବାଚନ ପ୍ରଚାର କରିଥିଲେ । ଏହି ଅବସରେ ଚେୟାରମେନ ପ୍ରାର୍ଥିନୀ ମିଳନୀ ସାହୁ ନିଜ ବକ୍ତବ୍ୟରେ ନରସିଂହ ମିଶ୍ରଙ୍କ ହାତମୁଠାକୁ ଟାଣ କରିବାକୁ ହେଲେ ଏକ ସୁସ୍ଥ ଏବଂ ସୁଦୃଢ ପୌର ସଂସ୍ଥା ନିତାନ୍ତ ଦରକାର ସେଥି ପାଇଁ ସେ କଂଗ୍ରେସ ଦଳକୁ ବିପୁଳ ପରିମାଣରେ ଭୋଟ ଦେଇ ଜୟଯୁକ୍ତ କରିବା ପାଇଁ ନିବେଦନ କରିଥିଲେ । ଆଜିର ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଟାଉନ ସଭାପତି ବୁଲୁ ଦାନି, ଓମ୍ ପ୍ରକାଶ କୁମ୍ଭାର, ସାନନ୍ଦ ମିଶ୍ର, ଛାତ୍ର ସଭାପତି ଅଙ୍କିତ ସାହୁ, ସଂଜୟ ମିଶ୍ର, ପବିତ୍ର ବେହେରା, ଲୋପନ ମିଶ୍ର, ରୋସନ ମିଶ୍ର, ସୁରେନ୍ଦ୍ର ଜଟି, ପ୍ରବୋଦ ପାଣିଗ୍ରାହୀ, ଅନନ୍ତ ମଛଖଣ୍ଡ ପ୍ରମୁଖ ଉପସ୍ଥିତ ଥିଲେ ।

## ଭୀମଭୋଇ ସାମର୍ଥ୍ୟ ଅଭିଯାନ ଅନୁଷ୍ଠିତ

ଜଗତସିଂହପୁର(ଭାସ୍କର ନ୍ୟୁଜ) : ଜଗତସିଂହପୁର ଜିଲ୍ଲା ପ୍ରଶାସନ, ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଓ ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗ ମିଳିତ ଆନୁକୂଲ୍ୟରେ ଭୀମଭୋଇ ସାମର୍ଥ୍ୟ ଅଭିଯାନ ଶିବିର ଅନୁଷ୍ଠିତ ହେବ। ଏହି ସାମର୍ଥ୍ୟ ଶିବିର ଜିଲ୍ଲାର ବିଭିନ୍ନ ବ୍ଲକ ନିମନ୍ତେ ୧୪ ମାର୍ଚ୍ଚ ଠାରୁ ଆରମ୍ଭ ହୋଇ ଏପ୍ରିଲ ୨ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ଭିନ୍ନକ୍ଷମ ସାମର୍ଥ୍ୟ ଶିବିରରେ ସ୍ୱାସ୍ଥ୍ୟ ବିଭାଗର ଅର୍ଥପେଡ଼ିକ, ଇ.ଏନ.ଟି, ମେଡ଼ିସିନ, ପେଡ଼ିଆଟ୍ରିକ, ସାଇକିଆଟ୍ରିଷ୍ଟ, ଅପଥାଲ ମୋଲୋଜିଷ୍ଟ, ନିଉରୋ ଲୋଜିଷ୍ଟ ବିଶେଷଜ୍ଞମାନେ ଉପସ୍ଥିତ ରହି ଭିନ୍ନକ୍ଷମ ବ୍ୟକ୍ତି ମାନଙ୍କୁ ଚିହ୍ନଟ କରି ପ୍ରମାଣପତ୍ର ପ୍ରଦାନ କରିବେ। ଏହି ଶିବିରରେ ଦୃଷ୍ଟିବାଧିତ, ଶ୍ରବଣବାଧିତ, ଅସ୍ଥିଶଲ୍ୟ, ମାନସିକ ଅନଗ୍ରସର ବ୍ୟକ୍ତିଙ୍କୁ ଚିହ୍ନଟ କରାଯିବ। ଭିନ୍ନକ୍ଷମ ବ୍ୟକ୍ତି ମାନଙ୍କୁ ସରକାରଙ୍କ ବିଭିନ୍ନ ଯୋଜନାରେ ସହାୟତା ପ୍ରଦାନ କରାଯିବ। ଭିନ୍ନକ୍ଷମ ଭତ୍ତା, ଭିନ୍ନକ୍ଷମ ପିଲାମାନଙ୍କ ନିମନ୍ତେ ସ୍କଲାରସିପ, ଟ୍ରାଇ ସାଇକେଲ, ହ୍ୱିଲଚେୟାର, ଆଶାବାଡି, ଶ୍ରବଣ ଯନ୍ତ୍ର, ଚାକିରୀରେ ସଂରକ୍ଷଣ ସୁବିଧା, ରାସନ ଆଦି ସୁବିଧା ରାଜ୍ୟ ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯାଉଛି।ମାର୍ଚ୍ଚ ୧୪ ତାରିଖରେ ତିର୍ତ୍ତୋଲ ବ୍ଲକ ପାଇଁ ଆଦିକବି ଶାରଳା ଦାସ ମହାବିଦ୍ୟାଳୟ ତିର୍ତ୍ତୋଲ, ମାର୍ଚ୍ଚ ୧୭ତାରିଖରେ ଏରସମା ବ୍ଲକ ପାଇଁ ଏରସମା ବ୍ଲକ କ୍ୟାମ୍ପସ, ମାର୍ଚ୍ଚ ୨୧ ତାରିଖରେ ରଘୁନାଥପୁର ବ୍ଲକ ପାଇଁ ପୂର୍ଣଚନ୍ଦ୍ର ବିଦ୍ୟା ମନ୍ଦିର ରଘୁନାଥପୁର, ମାର୍ଚ୍ଚ ୨୩ ତାରିଖରେ ବିରିଡ଼ି ବ୍ଲକ ପାଇଁ ଧ୍ୟାନଚାନ୍ଦ କଲେଜ ହାଜିପୁର, ମାର୍ଚ୍ଚ ୨୫ତାରିଖରେ ନାଉଗାଁ ବ୍ଲକ ପାଇଁ ନାଉଗାଁ ବ୍ଲକ କ୍ୟାମ୍ପସ, ମାର୍ଚ୍ଚ ୨୮ତାରିଖରେ ବାଲିକୁଦା ବ୍ଲକ ପାଇଁ ଆମ୍ବଶାଳ ହାଇସ୍କୁଲ, ମାର୍ଚ୍ଚ ୩୦ ତାରିଖରେ କୁଜଙ୍ଗ ବ୍ଲକ ଏବଂ ପାରାଦ୍ୱୀପ ମ୍ୟୁନିସିପାଲିଟି ପାଇଁ କୁଜଙ୍ଗ କଲେଜ ଏବଂ ଏପ୍ରିଲ ୦୨ତାରିଖରେ ଜଗତସିଂହପୁର ବ୍ଲକ ଓ ମ୍ୟୁନିସିପାଲିଟି ପାଇଁ ଶ୍ରୀକୃଷ୍ଣ ଏକାଡେମୀ, ଜଗତସିଂହପୁର ଠାରେ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହେବ। ଜିଲ୍ଲାର ଭିନ୍ନକ୍ଷମ ବ୍ୟକ୍ତି ମାନେ ବିଭିନ୍ନ ବ୍ଲକରେ ଆୟୋଜିତ ହେଉଥିବା ଏହି ଶିବିରରେ ଉପସ୍ଥିତ ରହି ଏହାର ସୁଯୋଗ ନେବାପାଇଁ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପବିତ୍ର କୁମାର ଦାସ ସୂଚନା ପ୍ରଦାନ କରିଛନ୍ତି।

## ସର୍ବଭାରତୀୟ ଉଠାଦୋକାନୀ ସମ୍ମିଳନୀରେ ଓଡ଼ିଶାରୁ ଯୋଗଦେଲେ ପ୍ରତାପ ସାହୁ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ତିନିଦିନ ଧରି ଗୁଜୁରାଟ ପର୍ଯ୍ୟଟନ ବିଭାଗ ଅଧିନସ୍ଥ ନାରାୟଣ ସରୋବର କଚ୍ ଠାରେ ଚାଲିଥିବା ଜାତୀୟ ଉଠାଦୋକାନୀ ସମ୍ମିଳନୀରେ ଓଡ଼ିଶାରୁ ଉଠାଦୋକାନୀ ମହାସଂଘର ପ୍ରତିଷ୍ଠାତା ସଭାପତି ପ୍ରତାପ ସାହୁ, ଜୟନ୍ତ ଦାସଙ୍କ ସମେତ ଅନୁଜ ପ୍ରଧାନ, ଅନୁ ମିଶ୍ର, ଅଳକାନାଥ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ଏହି ସମ୍ମିଳନୀକୁ ସର୍ବଭାରତୀୟ ଉଠାଦୋକାନୀ ମହାସଂଘର ସଭାପତି କୋଲିନ୍ ଗୋନ୍‌ସାଲ୍ ଭେସ୍ ଯୋଗଦେଇ ଉଦ୍‌ଘାଟନ କରି କହିଲେ ଯେ, ସୁପ୍ରିମ କୋର୍ଟ ବହୁ ରାଜ୍ୟକୁ ଉଠାଦୋକାନୀମାନଙ୍କୁ ଥଇଥାନ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି ଏହାକୁ କାର୍ଯ୍ୟକାରୀ କରିବା ଆବଶ୍ୟକ। ଏଥିସହିତ ସୋଧନ ସିଂ ମାମଲା ଉପରେ ମଧ୍ୟ ସେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମକୁ ସର୍ବଭାରତୀୟ ଉଠାଦୋକାନୀ ମହାସଂଘ ସାଧାରଣ ସମ୍ପାଦକ ଶକ୍ତିମାନ ଘୋଷ ପରିଚାଳନା କରି ଉଠାଦୋକାନୀ ଆଇନ ୨୦୧୪ ସାରା ଦେଶରେ ଲାଗୁ କରିବା, ପ୍ରଧାନମନ୍ତ୍ରୀ ସ୍ୱରୋଜଗାର ଯୋଜନା, ଦେଶରେ ଉଠାଦୋକାନୀମାନଙ୍କ ସମସ୍ୟା, ଟାଉନ ଭେଣ୍ଡିଂ କମିଟି ସମସ୍ୟା, ସୁପ୍ରିମକୋର୍ଟ ଓ ପ୍ରତ୍ୟେକ ରାଜ୍ୟର ହାଇକୋର୍ଟ ଦେଇଥିବା ନିର୍ଦ୍ଦେଶ କିଭଳି ଭାବରେ କାର୍ଯ୍ୟକାରୀ କରାଯିବ ସେ ଦିଗରେ ବହୁ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ଆଇ.ଜି.ଏସ୍.ଏସ୍.ର ଅର୍ବାନ ଟିମ୍ ଲିଡ଼ର ଅରବିନ୍ଦ ଉନେ ଯୋଗଦେଇ କହିଲେ ଯେ, ଉଠାଦୋକାନୀମାନଙ୍କ ପାଇଁ ମାଷ୍ଟର ପ୍ଲାନ, ସିଟି ପ୍ଲାନ ଓ ଲୋକାଲ ପ୍ଲାନରେ ଉଠାଦୋକାନୀଙ୍କ ପାଇଁ ୨.୫ ପ୍ରତିଶତ ସ୍ଥାନ ସଂରକ୍ଷଣ କରାଯିବା ଦରକାର। ଏହି ସର୍ବଭାରତୀୟ ସମ୍ମିଳନୀରେ ୨୮ଟି ରାଜ୍ୟରୁ ପାଖାପାଖି ୨୦୦ ପ୍ରତିନିଧି ଯୋଗ ଦେଇଥିଲେ।

## ସର୍ବଭାରତୀୟ ବିଜ୍ଞାନ ସେମିନାର୍ ପ୍ରତିଯୋଗୀତା ଛାତ୍ରୀଙ୍କ ସଫଳତା



ବ୍ରହ୍ମପୁର (ଭାସ୍କର ନ୍ୟୁଜ୍) : ବିଦ୍ୟାଭାରତୀ, ଅଖିଳ ଭାରତୀୟ ଶିକ୍ଷା ସଂସ୍ଥାନ, ଲକ୍ଷ୍ନୌ ତରଫରୁ ଅନୁଷ୍ଠିତ ସର୍ବଭାରତୀୟ ବିଜ୍ଞାନ ସେମିନାର ପ୍ରତିଯୋଗୀତାରେ ନୀଳକଣ୍ଠନଗର ସରସ୍ୱତୀ ବିଦ୍ୟାମନ୍ଦିର, ବ୍ରହ୍ମପୁରର ଦ୍ୱାଦଶଶ୍ରେଣୀ ଛାତ୍ରୀ ସୁଶ୍ରୀ ମହାପାତ୍ର ସର୍ବଭାରତୀୟ ସ୍ତରେର ପ୍ରଥମ ସ୍ଥାନ ଅଧିକାର କରି ଅନୁଷ୍ଠାନ ତଥା ନିଜ ପାଇଁ ଅପୂର୍ବ ଗୌରବ ଆଣିଛନ୍ତି । ଏହି ପ୍ରତିଯୋଗୀତାରେ କ୍ଷେତ୍ରୀୟ ସ୍ତରେର ପ୍ରଥମ ସ୍ଥାନ ହାସଲ କରି ନଅଟି ରାଜ୍ୟର ୧୧ ଜଣ ପ୍ରତିଯୋଗୀ ଦିଲ୍ଲୀସ୍ଥିତ ଶିଶୁମନ୍ଦିର କେନ୍ଦ୍ରରୁ ଭାରଚୁଆଲ୍ ମାଧ୍ୟମେର ପ୍ରତିଯୋଗୀତାରେ ଅଂଶ ଗ୍ରହଣ କରିଥିଲେ। ସେହିପରି କ୍ଷେତ୍ରୀୟ ସ୍ତରେର ନଅଟି ରାଜ୍ୟ ହରିୟାନା, ଉ□ର ପ୍ରଦେଶ, ଓଡ଼ିଶା, ଆସାମ, ରାଜସ୍ଥାନ, ଝାଡ଼ଖଣ୍ଡ ଓ ଦିଲ୍ଲୀର ୧୧ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ ଏହି ସର୍ବଭାରତୀୟ ସ୍ତର ପ୍ରତିଯୋଗିତାରେ ୧୧ ଜଣ ପ୍ରତିଯୋଗୀ ମଧ୍ୟରୁ ଆମ୍ଭ ବିଦ୍ୟାଳୟର ୧୨ଦଶ ଶ୍ରେଣୀ ଛାତ୍ରୀ ସୁଶ୍ରୀ ମହାପାତ୍ର ସର୍ବୋଚ୍ଚ ୧୪୯ ମାର୍କ ରଖି ପ୍ରଥମ ସ୍ଥାନ ରଖିଥିବା ବେଳ ହରିୟାନା ରାଜ୍ୟର ଦୁଇଜଣ ପ୍ରତିଯୋଗୀ ଯଥାକ୍ରେମ ୧୨୮ ଓ ୧୨୨ ମାର୍କ ରଖି ଦ୍ୱିତୀୟ ଓ ତୃତୀୟସ୍ଥାନ ହାସଲ କରିଛନ୍ତି । ଏହି ବିଷୟବସ୍ତୁ ପ୍ରସ୍ତୁତିରେ +୨ ଉଦ୍ଭିଦବିଜ୍ଞାନ ବିଭାଗ ଅଧ୍ୟାପିକା ଶ୍ରୀମତୀ ସୁନୀତା ପଟ୍ଟନାୟକ, ପରିଚାଳନା ସମିତିର କୋଷାଧ୍ୟକ୍ଷ ତଥା ଶୈକ୍ଷିକ ପରାମର୍ଶଦାତା ରବୀନ୍ଦ୍ର ନାଥ ଜେନା ଓ ବିଦ୍ୟାମନ୍ଦିର ବିଭାଗ ବିଜ୍ଞାନ ଗୁରୁଜୀ ବାହାନ କୁମାର ମହାରଣା ମାର୍ଗଦର୍ଶକ ରହିଥିଲେ। +୨ ଅଧ୍ୟକ୍ଷ ଏସ୍. ମୋହନ ରାଓ ତଥା ପ୍ରଧାନାଚାର୍ଯ୍ୟ ଉମାଧବ ମହାନ୍ତି ପ୍ରତିଯୋଗୀତାରେ ପ୍ରତକ୍ଷ୍ୟ ପରାମର୍ଶ ଦେଇଥିଲେ ।

## ସରୋଜିନୀ ହେଲେ ବ୍ଲକ୍ ଅଧ୍ୟକ୍ଷା



କରଞ୍ଜିଆ (ଭାସ୍କର ନ୍ୟୁଜ୍) : ବ୍ଲକରେ ସରୋଜିନୀ ହେଲେ ବ୍ଲକ ଅଧ୍ୟକ୍ଷା। ଯେଉଁ ମାନଙ୍କୁ କରଞ୍ଜିଆ ବିଧାୟିକା ଅଣଦେଖା କରି ଆସୁଥିଲେ କେବେ ଗୁରୁତ୍ୱ ଦେଉନଥିଲେ ଶେଷରେ ବିଧାୟିକାଙ୍କୁ ବାଦ ଦେଇ ସେମାନେ ହିଁ ଗଢିଲେ ପଞ୍ଚାୟତ ସମିତି କ୍ଷ ପୂର୍ବତନ ବ୍ଲକ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ବେହେରା, ପୂର୍ବତନ ବିଧାୟକ ବିଜୟ ନାଏକ, ସ୍ଥାନୀୟ ବିଜେଡି ନେତା ଅଞ୍ଜନ ମହାନ୍ତ, ଗତିକୃଷ୍ଣ ପଣ୍ଡାଙ୍କ ନେତୃତ୍ୱରେ କର୍ମୀ ମାନେ ଏକାଠି ହୋଇ ସରୋଜିନୀଙ୍କୁ ଅଧ୍ୟକ୍ଷା ପଦରେ ବସାଇଥିବା ଦେଖିବାକୁ ମିଳିଛି କ୍ଷ ଅସନ୍ତୁଷ୍ଟ ଗୋଷ୍ଠୀଙ୍କୁ ବିଜେପି କର୍ମୀ ମଧ୍ୟ ସହାୟତା ଯୋଗାଇ ଦେଇଥିଲା କ୍ଷ ଅନ୍ୟପଟରେ ବିଧାୟିକାଙ୍କ ଅନୁଗତ ଭାବେ ଦୀପକ କୁମାର ନାୟକଙ୍କ ନେତୃତ୍ୱରେ ୮ ଜଣ ସଭ୍ୟ ସଭ୍ୟା ଥିବା ସତ୍ତ୍ୱେ ଦ୍ରୌପଦୀ ବାନରାଙ୍କୁ ପ୍ରାର୍ଥୀ କରିଥିଲେ କ୍ଷ ଆଶା କରିଥିଲେ କୌଣସି ପ୍ରକାରେ ଭୋଟ ନାକଚ ହେଲେ ଅନ୍ତତଃ ଟସ ହେବ କ୍ଷ ମାତ୍ର ସେମିତି କିଛି ହେଲାନାହିଁ କ୍ଷ ବିଧାୟିକା ଅସନ୍ତୁଷ୍ଟ ସାଥୀ ହୋଇ ଶ୍ରୀମତୀ ସରୋଜିନୀ ମୁଣ୍ଡାଙ୍କୁ ପ୍ରାର୍ଥୀ କରି ଜିତାଇଥିଲେ କ୍ଷ ତାଙ୍କ ସପକ୍ଷରେ ୧୦ ଟି ଭୋଟ ପଡିଥିବା ବେଳେ ଦ୍ରୌପଦୀଙ୍କୁ ୮ ଟି ଭୋଟ ମିଳିଥିଲା କ୍ଷ ନିର୍ବାଚନ ଅଧିକାରୀ ସରୋଜିନୀଙ୍କୁ ବିଜୟୀ ଘୋଷଣା କରିଥିଲେ। କିଛି ବ୍ଲକ ଅଧିକାରୀ ଙ୍କୁ ହାତରେ ରଖି ସମସ୍ତ ସାମ୍ବିଧାନିକ ସଂସ୍ଥା ଙ୍କୁ ଅଣଦେଖା କରି ବିଧାୟିକା ଯେପରି ନିଜର ଏକ ପୋଷା କଣ୍ଟ୍ରାକ୍ଟରଙ୍କ ମାଧ୍ୟମରେ ଇଂରେଜ ଶାସନ ଚଳାଇଥିଲେ ତାର ଅନ୍ତ ଘଟିବା ସହ ଲୋକ ପ୍ରତିନିଧି ମାନେ ପ୍ରକୃତ ସମ୍ମାନ ପାଇବେ ବୋଲି ଚର୍ଚ୍ଚା ଆଜି ଜୋର ଧରିଛି କ୍ଷ ତେବେ ଏହି ଗୋଷ୍ଠୀ ପଛରେ ବିଜେଡି ରାଜ୍ୟ ସାଙ୍ଗଠନିକ ସମ୍ପାଦକଙ୍କ ଆଶୀର୍ବାଦ ରହିଥିବା ନେଇ ଚର୍ଚ୍ଚା ମଧ୍ୟ ହେଉଛି ।

# ଜିଲ୍ଲା ପରିଷଦ ଅଧ୍ୟକ୍ଷ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ



ଭଦ୍ରକ (ଭାସ୍କର ନ୍ୟୁଜ୍) : ରାଜ୍ୟ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶ ମତେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ପଦ ପାଇଁ ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ ଭଦ୍ରକ ଜିଲ୍ଲା ପରିଷଦ ଅଧ୍ୟକ୍ଷ ପଦ ପାଇଁ ଡ଼ି.ଆର.ଡ଼ି.ଏ ସମ୍ମିଳନୀ କକ୍ଷରେ ନିର୍ବାଚନ ଅଧିକାରୀ ରୂପେ ନିଯୁକ୍ତ ଅତିରିକ୍ତ ଜିଲ୍ଲାପାଳ ଅରୁଣ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ନିର୍ବାଚନ କାର୍ଯ୍ୟ ସମ୍ପାଦନ କରାଯାଇଥିଲା । ଆୟୋଗ ଦ୍ୱାରା ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ଦିବା ୧୦.୩୦ମି ରେ ନିର୍ବାଚନ ଅଧିକାରୀ ନାମାଙ୍କନ ପତ୍ର ଦାଖଲ ପାଇଁ ଘୋଷଣା କରିବା ସହ ଫର୍ମ ପ୍ରଦାନ କରିଥିଲେ । ବିଜେଡି ଦଳ ପକ୍ଷରୁ ଜିଲ୍ଲା ପରିଷଦ ଅଧ୍ୟକ୍ଷ ନିର୍ବାଚନ ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତ ଧର୍ମଶାଳା ବିଧାୟକ ବଳବନ୍ତ ରାୟ ନବ ନିର୍ବାଚିତ ସମସ୍ତ ପ୍ରାର୍ଥୀଙ୍କ ସମ୍ମୁଖରେ ଅଧ୍ୟକ୍ଷ ପଦ ପାଇଁ ଦଳ ପକ୍ଷରୁ ପ୍ରଦାନ କରାଯାଇଥିବା ନାମ ଘୋଷଣା କରିଥିଲେ । ବନ୍ତର ୧୫ ନଂ ଜୋନ୍‌ର ଜିଲ୍ଲା ପରିଷଦ ସଭ୍ୟ ପ୍ରଫୁଲ ଜେନା ନାମାଙ୍କନ ପତ୍ର ଦାଖଲ କରିଥିଲେ । ଭଦ୍ରକର ୨୭ ନଂ ଜୋନ୍‌ର ସଦସ୍ୟ ମଳୟ କୁମାର ଜେନା ଶ୍ରୀ ଜେନାଙ୍କ ପାଇଁ ପ୍ରସ୍ତାବକ ଓ ତିହିଡ଼ିର ୭ ନଂ ଜୋନ୍‌ର ବିଦ୍ୟୁତ୍‌ଲତା ନାୟକ ସମର୍ଥକ ଭାବେ ସ୍ୱାକ୍ଷର କରିଥିଲେ । ନିର୍ବାଚନ ଅଧିକାରୀ ଦ୍ୱାରା ଯା ପରେ ଦାଖଲ ହୋଇଥିବା ଏକମାତ୍ର ନାମାଙ୍କନ ପତ୍ର କାଏମ୍ ରହିଥିବା ନିର୍ବାଚନ ଅଧିକାରୀ ଘୋଷଣା କରିଥିଲେ । ୨୮ଟି ଯାକ ଜୋନ୍ ଜିଲ୍ଲାପରିଷଦ ସଦସ୍ୟ ସଦସ୍ୟାମାନେ ବୈଠକରେ ଉପସ୍ଥିତ ଥିଲେ । ସେମାନଙ୍କ ମଧ୍ୟରେ ୧୪ ଜଣ ମହିଳା ସଦସ୍ୟା ଥିଲା ବେଳେ ୧୪ ଜଣ ପୁରୁଷ ସଦସ୍ୟ ଥିଲେ । ସମ୍ମିଳନୀ କକ୍ଷରେ ଭୋଟବାକ୍ସ, ଭୋଟଦାନ କକ୍ଷ ପ୍ରସ୍ତୁତ କରାଯାଇଥିଲେ ବି ଏକମାତ୍ର ନାମାଙ୍କନ ପତ୍ର ଦାଖଲ ଯୋଗୁଁ ଭୋଟଦାନର ଆବଶ୍ୟକ ପଡ଼ିନଥିଲା । ନିର୍ଦ୍ଧାରିତ ସମୟ ଅପରାହ୍ନ ୧ ଘ. ପରେ ନିର୍ବାଚନ ଅଧିକାରୀ, ଶ୍ରୀ ଜେନା ଭଦ୍ରକ ଜିଲ୍ଲା ପରିଷଦର ଅଧ୍ୟକ୍ଷ ଭାବେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ବୋଲି ଘୋଷଣା କରିଥିଲେ । ଜିଲ୍ଲାପାଳ ତ୍ରିଲୋଚନ ମାଝୀ ସେଠାରେ ପହଞ୍ଚି ନବ ଗଠିତ ଜିଲ୍ଲା ପରିଷଦର ନୂତନ ଅଧ୍ୟକ୍ଷ ଶ୍ରୀ ଜେନାଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିବା ସହିତ ସମସ୍ତ ନବ ନିର୍ବାଚିତ ସଭ୍ୟ ସଭ୍ୟାଙ୍କୁ ଅଭିନନ୍ଦନ ଜଣାଇଥିଲେ । ପ୍ରକଳ୍ପ ନିର୍ଦ୍ଦେଶକ ଇନ୍ଦ୍ରମଣି ନାୟକ, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ମହାପାତ୍ର ମଧ୍ୟ ପୁଷ୍ପଗୁଚ୍ଛ ଦେଇ ଶ୍ରୀ ଜେନାଙ୍କୁ ସ୍ୱାଗତ କରିଥିଲେ । ପରେ ଶ୍ରୀ ଜେନା ନିଜ ପ୍ରକୋଷ୍ଠକୁ ଯାଇ ଆସନ ଗ୍ରହଣ କରିଥିଲେ । ସାଂସଦ ମଞ୍ଜୁଲତା ମଣ୍ଡଳ, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ବିଜେଡ଼ି ଜିଲ୍ଲା ସଭାପତି ଜଗନ୍ନାଥ ସ୍ୱାଇଁ, ଜିଲ୍ଲା ପରିଷଦ ପ୍ରାର୍ଥୀ ଓ ଅନ୍ୟ କର୍ମକର୍ତ୍ତାଗଣ ପୁଷ୍ପଗୁଚ୍ଛ ଦେଇ ନୂତନ ଜିଲ୍ଲା ପରିଷଦ ଅଧ୍ୟକ୍ଷଙ୍କୁ ସ୍ୱାଗତ କରିଥିଲେ।

## ନବମ କରଞ୍ଜିଆ ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ

କରଞ୍ଜିଆ (ଭାସ୍କର ନ୍ୟୁଜ୍) : ନବମ କରଞ୍ଜିଆ ମହୋତ୍ସବ ପାଇଁ ଏକ ପୂର୍ବ ପ୍ରସ୍ତୁତି ବୈଠକ ମହୋତ୍ସବ କମିଟି ର କାର୍ଯ୍ୟକାରୀ ସଭାପତି ଆଇନଜୀବି ଦିବ୍ୟ ପ୍ରସାଦ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି ।ପ୍ରଥମେ ମହୋତ୍ସବ କମିଟିର କୋଷାଧ୍ୟକ୍ଷ ସାମ୍ବାଦିକ କର୍ଣ୍ଣଜୁନ ସାହା ପୂର୍ବ ବର୍ଷିକ ବିବରଣୀ ପାଠ କରିଥିଲେ। ପରେ ସଭାପତିଙ୍କ ଅନୁମତି କ୍ରମେ ଚଳିତ ବର୍ଷ ମହୋତ୍ସବ ଏପ୍ରିଲ ମାସ ପ୍ରଥମ ସପ୍ତାହ ରୁ ଆରମ୍ଭ ହେବାର ନିଷ୍ପତ୍ତି ନେଇଥିଲେ ।ଗତବର୍ଷ କରୋନା କଟକଣା ଯୋଗୁଁ ମହୋତ୍ସବ ହୋଇପାରିନଥିଲା ତେଣୁ ଏ ବର୍ଷ ମହୋତ୍ସବ ୫ ଦିନ ପରିବର୍ତ୍ତେ ୩ ଦିନ ହେବାର ସଭାପତି ପ୍ରସ୍ତାବ ଦେଇଥିଲେ ଏହାକୁ ସ୍ୱର୍ବ ସମ୍ମତି କ୍ରମେ ଗୃହୀତ ହୋଇଥିଲା ।ମହୋତ୍ସବ ର ବାର୍ଷିକ ମୁଖପତ୍ର ମାଟିର ମହକ ଉତ୍ସବରେ ଉନ୍ମୋଚିତ ହେବାକୁ ନିଷ୍ପତ୍ତି ନିଆଯାଇଥିଲା । ମହୋତ୍ସବରେ ସ୍ଥାନୀୟ କଳା, ସଂସ୍କୃତି ସ୍ଥାନ ପାଇବା ସହିତ ମନୋରଂଜନ ପାଇଁ ସିନେକଳାକାର, ପଡୋଶୀ ରାଜ୍ୟର କଳା ସଂସ୍କୃତି ବି ସ୍ଥାନ ପାଇବାକୁ ବି ନିଷ୍ପତ୍ତି ନିଆଯାଇଥିଲା ।ଏହି ବୈଠକ ରେ କାର୍ଯ୍ୟକାରୀ ସଭାପତି ଦିବ୍ୟ ପ୍ରସାଦ ସାହୁଙ୍କ ସହିତ,କର୍ଣ୍ଣାର୍ଜୁନ ସାହା,ସଂଜୟ କୁମାର ଅଗ୍ରୱାଲ, କବିତା ମହାନ୍ତ, ରୋହିତ କୁମାର ପୃଷ୍ଟି, ସମୀର ଓଡ଼। ଶିବୁ ପେରିୱାଲା, ଆଇନ ଜୀବୀ ଯଗମୋହନ ମହାନ୍ତ ପ୍ରମୁଖ ଯୋଗ ଦେଇ ବିଭିନ୍ନ ପ୍ରସ୍ତାବ ମାନ ଆଗତ କରିଥିଲେ ।ଶେଷରେ ସଭାପତି ଶ୍ରୀସାହୁ ସମସ୍ତ ଙ୍କୁ ଧନ୍ୟବାଦ ଦେଇ ସଭା ସାଙ୍ଗ କରିଥିଲେ ।